

ଫିସ୍ ବଢ଼ାଇଲେ ରଶ୍ମିକା

▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-337 ◆FRIDAY ◆5 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୭ ◆ଶୁକ୍ରବାର ◆୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# କେରଳମ୍ ଛୁଇଁଲା ମୌସୁମୀ

## ଜୁନ୍ ତୃତୀୟ ସପ୍ତାହରେ ଓଡ଼ିଶା ପ୍ରବେଶ

■ ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଦେଶବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ସମଗ୍ର ଭାରତର କୃଷି ଓ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର କେରଳ ସ୍ପର୍ଶ କରିଛି। ସ୍ୱାଭାବିକ ସମୟସୀମା ଜୁନ ୧ ତାରିଖଠାରୁ ମାତ୍ର ଚାରି ଦିନ ବିଳମ୍ବରେ ଆସିଛି। ଭାରତୀୟ ପାଣିପାଗ ବିଭାଗ ଏହି ସୂଚନା ଦେବା ସହ କେରଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ବର୍ଷା ଆରମ୍ଭ ହୋଇଯାଇଥିବା ପ୍ରକାଶ କରିଛି। ମୌସୁମୀ ଆଗମନ ପାଇଁ ଆବଶ୍ୟକ ସମସ୍ତ ପାଣିପାଗ ସ୍ଥିତି ଅନୁକୂଳ ରହିଥିବାରୁ ଏହି ଆନୁଷ୍ଠାନିକ ଘୋଷଣା କରାଯାଇଛି। ତେବେ ଚଳିତ ମାସ ତୃତୀୟ ସପ୍ତାହ ଆଡ଼କୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି।

ପୂର୍ବରୁ ପାଣିପାଗ ବିଭାଗ ମେ ୨୬ ତାରିଖ ସୁଦ୍ଧା ମୌସୁମୀ ଆସିବ ବୋଲି ଆକଳନ କରିଥିଲା, ମାତ୍ର ବାୟୁମଣ୍ଡଳୀୟ ପରିବର୍ତ୍ତନ ଯୋଗୁଁ ଏହାର ଗତି ମନ୍ଥର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜୁନ ୪ ତାରିଖର ସଂଶୋଧିତ ପୂର୍ବାନୁମାନ ଅନୁଯାୟୀ ମୌସୁମୀ ବାୟୁ ଠିକ ସମୟରେ କେରଳ ଉପକୂଳରେ ପହଞ୍ଚିଛି। ଗତ ଦୁଇ ଦିନ ଧରି ଦକ୍ଷିଣ-ପୂର୍ବ ଆରବ ସାଗରରେ ବାଦଲ ସଂଖ୍ୟା ବଢ଼ିବା ସହ ପଶ୍ଚିମା ବାୟୁର ପ୍ରବାହ ଶକ୍ତିଶାଳୀ ହୋଇଛି, ଯାହା ମୌସୁମୀକୁ ସକ୍ରିୟ କରିବାରେ ସାହାଯ୍ୟ କରିଛି। ଏହାର ପ୍ରଭାବରେ କେରଳର ଅଧିକାଂଶ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ପ୍ରବେଶ ଯୋଗୁଁ କେରଳର ଅଲପୁଜା, କୋଟାୟାମ ଏବଂ ଏରନାକୁଲମ ଭଳି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ସୂଚନା ବା ଜରୁରୀକାଳୀନ ସତର୍କତା ଜାରି କରାଯାଇଛି। ଏହି ଅଞ୍ଚଳଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଏବଂ ଘଣ୍ଟାପ୍ରତି ପ୍ରାୟ ୪୦ କିଲୋମିଟର ବେଗରେ ପବନ ▶ପୃଷ୍ଠା-୭



# ଚିନ୍ତାରେ ବ୍ୟାଙ୍କ: ଜମାକୁ ଟପିଲାଣି ଋଣ

### ୮ ମାସ ହେବ ବଢୁଛି ଋଣ ■ ବିପଦରେ ସଞ୍ଚୟ ଖାତା ■ ସଙ୍କୁଚିତ ହେଉଛି ବ୍ୟାଙ୍କ ଲାଭ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଭାରତୀୟ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ଏକ ଘଡିସନ୍ଧୀ ମୁହୂର୍ତ୍ତ ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ବ୍ୟାଙ୍କର କ୍ରେଡିଟ୍ ବା ଋଣ ରେକର୍ଡ ଭାଙ୍ଗୁଥିବାବେଳେ, ଅନ୍ୟପଟେ ଜମା ଅଭିବୃଦ୍ଧି ପଛରେ ପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସଦ୍ୟତମ ତଥ୍ୟ ଅନୁଯାୟୀ, ମେ' ୧୫ ପର୍ଯ୍ୟନ୍ତ ବର୍ଷକ ମଧ୍ୟରେ ବ୍ୟାଙ୍କ ଋଣ ୧୬.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ। ଏହି ସମୟରେ କ୍ରମାଗତ ଭାବେ ୮ମ ମାସ ପାଇଁ ଋଣ ଚାହିଦା ଜମା ଅଭିବୃଦ୍ଧିକୁ ପଛରେ ପକାଇଦେଇଛି। ଋଣ ଏବଂ ଜମା ଅଭିବୃଦ୍ଧି ମଧ୍ୟରେ ବ୍ୟବଧାନ ପ୍ରାୟ ୪୦୦ ବେସିସ୍ ପଏଣ୍ଟକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ଦୁଇ ବର୍ଷ ମଧ୍ୟରେ କେବେ ବି ଦେଖାଯାଇ ନ ଥିଲା। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଋଣ ଚାହିଦା ଦୃଢ଼ ରହେ ଏବଂ ଜମା ଅଭିବୃଦ୍ଧି ତୁଳନାତ୍ମକ ଭାବରେ ମନ୍ଥର ରହେ, ତେବେ ଆଗାମୀ ମାସଗୁଡ଼ିକରେ ମୁଦ୍ରା ବଜାର ଏବଂ ଖୋଦ୍ ବ୍ୟାଙ୍କଗୁଡିକର ଋଣ ଉଚ୍ଚ ସ୍ତରରେ ପହଞ୍ଚିବର ସମ୍ଭାବନା ରହିଛି।





**ମାର୍ଚ୍ଚରେ ଆକାଉଣ୍ଟରୁ ୨୦ ହଜାର କୋଟି ଉଠାଇନେଲେ ବିଦେଶୀ ନିବେଶକ**

ଆର୍‌ବିଆଇ ଶୁକ୍ରବାର ଏହାର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ରିପୋର୍ଟ ପ୍ରକାଶ କରିବାକୁ ଯାଉଛି। ଆର୍‌ବିଆଇ ପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଧୀରେ ଧୀରେ ବ୍ୟାଙ୍କ ସଞ୍ଚୟ ଖାତା ଉପରୁ ଲୋକଙ୍କ ନିର୍ଭରଶୀଳତା ହ୍ରାସ ପାଇବାରେ ଲାଗିଛି। ଲୋକମାନେ ଏବେ ଦ୍ରୁତ ଗତିରେ ସେମାନଙ୍କ ସଞ୍ଚୟ ଖାତାରୁ ପାଣ୍ଠି ଉଠାଣ କରୁଛନ୍ତି ଏବଂ ସେଗୁଡ଼ିକୁ ସ୍ଥାୟୀ ଜମା (ଏଫ୍‌ଡି) ଭଳି ମିଆଦୀ ଜମାରେ ପରିଚାଳିତ କରୁଛନ୍ତି। ୨୦୨୨ ମାର୍ଚ୍ଚ ରେ ସଞ୍ଚୟ ଖାତାଗୁଡ଼ିକରେ ମୋଟ ବ୍ୟାଙ୍କ ଜମାର ୩୪.୬% ରହିଥିଲା; ୨୦୨୬ ମାର୍ଚ୍ଚ ସୁଦ୍ଧା ଏହି ଅଂଶ ମାତ୍ର ୨୮.୭% କୁ ହ୍ରାସ ପାଇଛି। ବିପରୀତ ଭାବରେ, ସେହି ସମୟ ମଧ୍ୟରେ ସ୍ଥାୟୀ ଜମାର ଅଂଶ ୫୫.୨% ରୁ ୬୧.୬% କୁ ବୃଦ୍ଧି ପାଇଛି।

ବ୍ୟାଙ୍କଗୁଡ଼ିକର ବର୍ଦ୍ଧିତ ପାଣ୍ଠି ଆବଶ୍ୟକତାର ପ୍ରଭାବ ମୁଦ୍ରା ବଜାରରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ସାମ୍ପ୍ରତିକ ସପ୍ତାହଗୁଡ଼ିକରେ, ରାତାରାତି ଋଣ ଖର୍ଚ୍ଚ ଏବଂ ସ୍ୱଳ୍ପକାଳୀନ ବଣ୍ଡ ଇଲ୍ଡରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହା ସୂଚିତ କରେ ଯେ ବ୍ୟାଙ୍କଗୁଡ଼ିକ ପର୍ଯ୍ୟାପ୍ତ ଜମା ସଂଗ୍ରହ କରିବାରେ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିବେଶକମାନେ ପାରମ୍ପରିକ ବ୍ୟାଙ୍କ ଜମାରୁ ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ବଜାର ଏବଂ ଅନ୍ୟାନ୍ୟ ନିବେଶ ପଥ ଆଡ଼କୁ ସେମାନଙ୍କର ଧ୍ୟାନ କେନ୍ଦ୍ରୀତ କରୁଛନ୍ତି, ଯାହା ଫଳରେ ବ୍ୟାଙ୍କଗୁଡ଼ିକ ପାଇଁ କମ୍ ମୂଲ୍ୟର ପୁଞ୍ଜି ସଂଗ୍ରହ କରିବା ଆହ୍ୱାନ ପାଲଟିଛି। ଫଳସ୍ୱରୂପ, କମ୍ପାନୀଗୁଡ଼ିକ ବ୍ୟାଙ୍କଗୁଡ଼ିକରୁ ଶସ୍ତା ଋଣ ପାଇବା ▶ପୃଷ୍ଠା-୭

# ଟିଏମ୍‌ସିରେ ସଙ୍କଟ: ବିଜେପି ସମ୍ପର୍କରେ ୨୦ ସାଂସଦ !

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବା ଟିଏମ୍‌ସିରେ ଯେଉଁ ବିଦ୍ରୋହ ଆରମ୍ଭ ହୋଇଥିଲା, ତାହା ଏବେ ଦିଲ୍ଲୀରେ ପହଞ୍ଚିଛି। ଗତକାଲି ୫୮ ବିଧାୟକ ମମତାଙ୍କ ବିରୋଧରେ ବିଦ୍ରୋହ କରି ପୃଥକ ଗୋଷ୍ଠୀ ଗଠନ କରିଥିବା ବେଳେ ଦଳର ଅତିକମରେ ୨୦ ସାଂସଦ ବିଜେପି ଆଡ଼କୁ ଢ଼ଳୁଥିବାର ଖବର ମିଳିଛି। ଏହି ସାଂସଦ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ସେମାନେ ନିଜର ଆନୁଗତ୍ୟ ବଦଳାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ନେଇ ରାଜ୍ୟ ତଥା ଜାତୀୟ ରାଜନୀତିରେ ଏକ ବଡ଼ ହଲଚଲ ସୃଷ୍ଟି କରିଛି।



ସଂସଦର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାରେ ତୃଣମୂଳ କଂଗ୍ରେସର ମୋଟ ୪୧ ଜଣ ସାଂସଦ ଅଛନ୍ତି। ସେଥିମଧ୍ୟରୁ ୨୮ ଜଣ ଲୋକସଭାରେ ଏବଂ ୧୩ ଜଣ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ସୂଚନା ମିଳିଛି ଯେ, ଶୀର୍ଷ ସ୍ତରରେ ଏହି ସାଂସଦମାନଙ୍କ ସହ ଆଲୋଚନା ଚାଲିଛି। ଯଦି ଏହି ସାଂସଦମାନେ ଦଳ ଛାଡ଼ନ୍ତି, ତେବେ ଏହା ମମତା ବାନାର୍ଜୀଙ୍କ ▶ପୃଷ୍ଠା-୭

## ବିଦ୍ରୋହୀ ଗୋଷ୍ଠୀରେ ଫାଟ

■ କଲକାତା, ୪।୬ (ଏଜେନ୍ସି): ଗତକାଲି ୫୮ ଜଣ ବିଧାୟକଙ୍କୁ ନେଇ ଗଠିତ ଟିଏମ୍‌ସି ବିଦ୍ରୋହୀ ଗୋଷ୍ଠୀରେ ଫାଟ ସୃଷ୍ଟି ହୋଇଛି। ଆଜି ଏହି ଗୋଷ୍ଠୀର ବୈଠକରେ ଦଳୀୟ ମୁଖ୍ୟ ମମତା ବାନାର୍ଜୀଙ୍କ ଭୂମିକା ଉପରେ ଚର୍ଚ୍ଚା ହୋଇଥିଲା। ମମତା ମୁଖ୍ୟ ଉପଦେଷ୍ଟା ଭାବେ କାମ କରିବେ ବୋଲି ବିଦ୍ରୋହୀ ଗୋଷ୍ଠୀର ନେତା ରତବ୍ରତ ବାନାର୍ଜୀ କହିବାରୁ ଏହାକୁ ଅଧିକାଂଶ ବିଧାୟକ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ ମମତା ପୂର୍ବଭଳି ସୁପ୍ରିମୋ ହୋଇ ରହିବେ। ଏଥିରେ କୌଣସି ପରିବର୍ତ୍ତନ କରାଗଲେ ସେମାନେ ଗୋଷ୍ଠୀ ଛାଡ଼ିବା ଉପରେ ବିଚାର କରିବେ। ସେମାନେ ସ୍ପଷ୍ଟ କରିଥିଲେ ଅସନ୍ତୋଷ ଅଭିଷେକଙ୍କ ବିରୋଧରେ ରହିଛି; ମାତ୍ର ମମତାଙ୍କ ନେତୃତ୍ୱକୁ ଚାଲେଞ୍ଜ କରାଯିବାର ପ୍ରଶ୍ନ ଉଠୁନାହିଁ।

**'ମମତା ସୁପ୍ରିମୋ ନ ରହିଲେ ଗୋଷ୍ଠୀ ଛାଡ଼ିବୁ'**

ଇତିମଧ୍ୟରେ ଟିଏମସିରୁ ବିତାଡ଼ିତ ନେତା ହୁମାୟୁନ କବିର ରେଜିନଗର ବିଧାନସଭା ଆସନରୁ ଲଢ଼ିବା ପାଇଁ ମମତାଙ୍କୁ ପ୍ରସ୍ତାବ ଦେଇଛନ୍ତି। ଗତ ନିର୍ବାଚନରେ ନାଓ୍ୱଡ଼ା ଏବଂ ରେଜିନଗର ଆସନରୁ ବିଜୟୀ ହୋଇଥିଲେ କବିର। ମମତା ରୋଜିନଗରରେ ପ୍ରାର୍ଥୀ ହେଲେ ତାଙ୍କର ବିଜୟକୁ ସେ ସୁନିଶ୍ଚିତ କରିବେ ବୋଲି କହିଛନ୍ତି କବିର। ଅନ୍ୟପକ୍ଷରେ ମମତାଙ୍କ ଘନିଷ୍ଠ ରୂପେ ପରିଚିତ କୃଷ୍ଣା ଚକ୍ରବର୍ତ୍ତୀ ବିଧାନନଗର ମହାନଗର ନିଗମର ମେୟର ପଦବରୁ ଇସ୍ତଫା ଦେଇଛନ୍ତି।

# ବିଶ୍ୱକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ





**ପୁରୀ ବ୍ରିକ୍ସ ସମ୍ମିଳନୀରେ 'ଶୂନ୍ୟମୃତ୍ୟୁ' ମଡେଲକୁ ପ୍ରଶଂସା**

■ ପୁରୀ, ୪।୬ (ସମିସ): ବିପର୍ଯ୍ୟୟ ପରିଚାଳନାରେ ଆମର ଦକ୍ଷତା ଓ ଅଭିଜ୍ଞତା ରହିଛି। ଉପକୂଳ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଅନେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିଛି ଓଡ଼ିଶା। ବ୍ରିକ୍ସ ବୈଠକରୁ ଅନେକ ସଫଳତା ମିଳିବ। ବିପର୍ଯ୍ୟୟ ହ୍ରାସ ଦିଗରେ ୧୧ଟି ଦେଶ ପରସ୍ପରକୁ ସହଯୋଗ କରିବେ। ଶ୍ରେଷ୍ଠ ପରିଚାଳନା ପଦ୍ଧତିକୁ ବିପର୍ଯ୍ୟୟ ପରିଚାଳନା ପାଇଁ ବିନିଯୋଗ ହେବ। ଆଗୁଆ ସତର୍କ ସୂଚନା, ସ୍ଥାନାନ୍ତର, ଶୂନ୍ୟମୃତ୍ୟୁ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପୁରୀରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ଅଧିବେଶନକୁ ଉଦ୍‌ଘାଟନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ମୁଖ୍ୟମନ୍ତ୍ରୀ ଅପରିହାର୍ଯ୍ୟ ବୋଲି କହିବା ସହ ବ୍ରିକ୍ସ ସଦସ୍ୟ ଦେଶଙ୍କ ପ୍ରତିନିଧି ଓ ବିଶେଷଜ୍ଞଙ୍କ ଉପସ୍ଥିତିରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଓ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ▶ପୃଷ୍ଠା-୭

### ଆମେରିକା ସଂସଦରେ ଟ୍ରମ୍ପଙ୍କୁ ଝଟ୍‌କା

# ଯୁଦ୍ଧ ବନ୍ଦ ପ୍ରସ୍ତାବ ପାରିତ

■ ୱାସିଂଟନ, ୪।୬ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ନେଇ ଆମେରିକାରେ ବିରୋଧର ସ୍ୱର ତୀବ୍ର ହେବାରେ ଲାଗିଛି। ଇରାନ ସହିତ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ରାଷ୍ଟ୍ରପତିଙ୍କ ସାମରିକ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଆମେରିକାର ନିମ୍ନ ସଦନ ପ୍ରତିନିଧି ସଭା (ହାଉସ ଅଫ୍ ରିପ୍ରେଜେନଟେଟିଭ୍) ।।ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଶାସକ ଦଳର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଟ୍ରମ୍ପଙ୍କ ନିଜ ଦଳର ଚାରି ଜଣ ସାଂସଦ ବିରୋଧୀ ଦଳ ସହ ହାତ ମିଳାଇ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି, ଯାହା ରାଷ୍ଟ୍ରପତିଙ୍କ ପାଇଁ ଏକ ବଡ଼ ଝଟକା ହୋଇଛି। ଯୁଦ୍ଧ ସମ୍ପର୍କିତ ପ୍ରସ୍ତାବ ଉପରେ ଜୋରଦାର ଆଲୋଚନା ହେବା ପରେ ମତଦାନ ହୋଇଥିଲା। ଏଥିରେ ପ୍ରସ୍ତାବ ସପକ୍ଷରେ ୨୧୫ଟି ଭୋଟ ପଡ଼ିଥିବା ବେଳେ ବିରୋଧରେ ୨୦୮ ଟି ଭୋଟ ପଡ଼ିଥିଲା। ବିରୋଧୀ ଦଳର ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିବା ବେଳେ ଶାସକ ଦଳର ଚାରି ଜଣ ପ୍ରମୁଖ ସାଂସଦ ଟମ୍ ବାରେଟ୍, ୱାରେନ୍ ଡେଭିଡସନ୍, ବ୍ରାଏନ୍ ଫିଟ୍ଜପାଟ୍ରିକ୍ ଏବଂ ଥୋମାସ୍ ମାସି ଦଳୀୟ ଆଦେଶକୁ ଅମାନ୍ୟ କରି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ▶ପୃଷ୍ଠା-୭

**ସମର୍ଥନ ଦେଲେ ଶାସକ ଦଳର ୪ ସାଂସଦ**





# ୧୭ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

### ବାଦ୍ ପଡ଼ିପାରନ୍ତି ଡଜନେ ମନ୍ତ୍ରୀ; ବଦଳିବ ୧୫ ମନ୍ତ୍ରୀଙ୍କ ବିଭାଗ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଆସନ୍ତା ୧୭ ତାରିଖରେ ବଦଳିବ କେନ୍ଦ୍ରରେ ମୋଦୀ ସରକାରଙ୍କ କ୍ୟାବିନେଟ୍ ଚେହେରା। ମନ୍ତ୍ରିମଣ୍ଡଳରୁ ପ୍ରାୟ ଏକ ଡ଼ଜନରୁ ଊର୍ଦ୍ଧ୍ୱ ମନ୍ତ୍ରୀଙ୍କୁ ଅପସାରଣ କରାଯିବ ଓ ୧୫ରୁ ଊର୍ଦ୍ଧ୍ୱ ବିଭାଗର ମନ୍ତ୍ରୀମାନଙ୍କର ବିଭାଗ ପରିବର୍ତ୍ତନ ହେବ। ଏନ୍‌ଡ଼ିଏର ପ୍ରମୁଖ ସହଯୋଗୀ ଜେଡ଼ିୟୁ, ଟିଡ଼ିପି, ଶିବସେନା (ସିନ୍ଦେ)କୁ ଗୋଟିଏ ଲେଖାଏଁ କ୍ୟାବିନେଟ ପାହ୍ୟା ସହ ମୋଟ ୫ରୁ ୬ଟି ମନ୍ତ୍ରୀପଦ ମିଳିବ। ଏହା ସହ ୨୦୨୭ରେ ବିଧାନସଭା ନିର୍ବାଚନ ହେବାକୁଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁର, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ ଆଦି ରାଜ୍ୟକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୁରୁଷୋତ୍ତମ ମାସ ଅର୍ଥାତ୍ ମଳମାସ ୧୫ ତାରିଖରେ ଶେଷ ହେବ ଓ ୧୬ ତାରିଖରେ ପ୍ରତିପଦ। ତେଣୁ ୧୭ ଓ ୧୮ ତାରିଖରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହେବାର ସମ୍ଭାବନା ରହିଛି। ବିଜେପିର ରାଶି ନକ୍ଷତ୍ର ଅନୁସାରେ ୧୭ ତାରିଖ ଅଧିକ ଶୁଝୁଥିବାରୁ ଏହିଦିନ ପ୍ରଧାନମନ୍ତ୍ରୀ ସରକାରର ପୁନର୍ବିନ୍ୟାସ କରିପାରନ୍ତି। ଏହି ଅଦଳବଦଳରେ ବିଜେପିର ଅନ୍ୟୁନ ୩ କ୍ୟାବିନେଟ ଓ ୩ ରାଷ୍ଟ୍ରମନ୍ତ୍ରୀଙ୍କ ସହ ମୋଟ ଡ଼ଜନେରୁ ଊର୍ଦ୍ଧ୍ୱ ମନ୍ତ୍ରୀ ବାଦ ପଡ଼ିପାରନ୍ତି। ଅନୁରୂପ ଭାବରେ କୃଷି, ଆଇନ, ପରିବେଶ, ଜଳଶକ୍ତି, ରେଳ, ଅର୍ଥ, କର୍ପୋରେଟ୍ ବ୍ୟାପାର, କୋଇଲା, ବୟନଶିଳ୍ପ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ଗ୍ରାମୀଣ ବିକାଶ, ସାର ଓ ରସାୟନ, ସହକାରୀତା, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ମନ୍ତ୍ରୀମାନଙ୍କ ବିଭାଗ ପରିବର୍ତ୍ତନ ହୋଇପାରେ। ଏହାସହ ଅତିରିକ୍ତ ଦାୟିତ୍ୱରେ ପରିଚାଳିତ ହେଉଥିବା ଦୁଇ ତିନୋଟି ବିଭାଗ ପାଇଁ ପୃଥକ କ୍ୟାବିନେଟ୍ ମନ୍ତ୍ରୀ ନିଯୁକ୍ତ ହୋଇପାରନ୍ତି।

**ଟିଡିପି, ଜେଡିୟୁ ଶିବସେନା (ସିନ୍ଦେ)କୁ ମିଳିପାରେ ୫ ମନ୍ତ୍ରୀ ପଦ**

**ନିର୍ବାଚନ ହେବାକୁ ଥିବା ୭ ରାଜ୍ୟକୁ ଗୁରୁତ୍ୱ**

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଜେପିର କିଛି ବରିଷ୍ଠ ନେତାଙ୍କୁ ସରକାରରୁ ପ୍ରତ୍ୟାହାର କରି ସଂଗଠନ ଦାୟିତ୍ୱ ଅର୍ପଣ କରାଯାଇପାରେ। ଜଣେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦକ୍ଷିଣ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପିର ସଂଗଠନିକ ଦାୟିତ୍ୱ ଦିଆଯାଇପାରେ ଓ ଜଣେ ନେତାଙ୍କୁ ରାଜ୍ୟପାଳ ଭଳି ସାମ୍ବିଧାନିକ ▶ପୃଷ୍ଠା-୭

## ଶିମିଳିପାଳରେ କଳାବାଘ ଜେନେଟିକ୍ ପରିବର୍ତ୍ତନ ଓ ବାଘସଂଖ୍ୟା ବୃଦ୍ଧି ଯୋଜନା ଫଳପ୍ରଦ

# ୪ ଶାବକର ମାଆ ଜିନ୍ନତ ପରେ ଯମୁନା ଉପରେ ନଜର

**ବାରିପଦା, ୪।୬(ସମିସ)**

ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରୁ ଏକ ବଡ଼ ଖୁସି ଖବର ଏବେ ଚର୍ଚ୍ଚାରେ। ଶିମିଳିପାଳରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ମହାବଳ ବାଘୁଣୀ ମଧ୍ୟରୁ ଜିନ୍ନତ କୋଳରେ ଏବେ ୪ଟି ସୁସ୍ଥ ଶାବକ। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୨ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନ୍ନତ ୪ଟି ଶାବକ ଜନ୍ମ ଦେଇଛି। ଯାହାକୁ ନେଇ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କଳାବାଘ ଫଟୋକୁ ସୋସିଆଲ ମିଡିଆ ଏକ୍ସ ଯୋଗେ ସେୟାର କରିଛନ୍ତି। ଏହି ଖବର ଶିମିଳିପାଳ ଓ ରାଜ୍ୟବାସୀଙ୍କ ମଧ୍ୟରେ ଖୁସି ଆଣିଦେଇଛି।

ଏହି ବଡ଼ ସଫଳତା ସମ୍ପର୍କରେ ସୂଚନା ଦେଇ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି, ୨୦୨୪ରେ ବାଘୁଣୀ ଜିନ୍ନତକୁ ଶିମିଳିପାଳର କୋର୍ ଏରିଆରେ ଛଡ଼ାଯାଇଥିଲା। ବାଘୁଣୀର ଗତିବିଧି ଉପରେ ଜିପିଏସ୍ ସାଟେଲାଇଟ୍ କଲାର, ଭିଏଚ୍‌ଏଫ୍ ଓ କ୍ୟାମେରା ଟ୍ରାପ୍ ମାଧ୍ୟମରେ କ୍ରମାଗତ ନଜର ରଖାଯାଉଥିଲା। ୨୦୨୪ ଡିସେମ୍ବର ୮ ତାରିଖ ରାତିରେ ଜିନ୍ନତ ଶିମିଳିପାଳ ଛାଡ଼ିବା ସହ ଓଡ଼ିଶା ସୀମା ଡେଇଁ ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ଜଙ୍ଗଲକୁ ଚାଲିଯାଇଥିଲା। ଫଳରେ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ତିନୋଟି ରାଜ୍ୟର



ବନ ବିଭାଗ ଓ ସରକାରଙ୍କ ନିଦ ହଜିଯାଇଥିଲା। ଦୀର୍ଘ ୨୨ ଦିନ ପରେ ଡିସେମ୍ବର ୨୯ ତାରିଖରେ ଜିନତକୁ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ଗୋସାଇଁଡିହି ଗ୍ରାମ୍ୟ ଜଙ୍ଗଲରେ ଟ୍ରାଙ୍କୁଲାଇଜ୍ କରି ଉଦ୍ଧାର ପୂର୍ବକ ପୁନର୍ବାର ଶିମିଳିପାଳ ଅଣାଯାଇଥିଲା। ଏହାପରେ ଜିନତ କ୍ରମଶଃ ଶିମିଳିପାଳ ପରିବେଶରେ ନିଜକୁ ପରିବର୍ତ୍ତନ କରିଥିଲା ଓ ଅନ୍ୟ ବାଘଙ୍କ ସହ ମିଶାମିଶି ଆରମ୍ଭ କରିଥିଲା। ପରେ ଶିମିଳିପାଳ ବାଘବଂଶ ବୃଦ୍ଧିରେ ବଡ଼ ଆଶା ସୃଷ୍ଟି ହୋଇଥିଲା। ମେ ୨୮ ତାରିଖରେ ମିଳିଥିବା କ୍ୟାମେରା ଟ୍ରାପ୍ ଚିତ୍ରରୁ ଜଣାପଡ଼ିଛି ଯେ ବାଘୁଣୀ ଜିନତ ୪ଟି ଶାବକ ଜନ୍ମ କରିଛି ଓ ସମସ୍ତଙ୍କୁ ପାଟିରେ ଜାକି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଉଛି। ଶାବକଙ୍କ ବୟସ ପ୍ରାୟ ୩ରୁ ୪ ସପ୍ତାହ ହେବ ଓ ସେମାନେ ମେ' ମାସର ପ୍ରଥମ ସପ୍ତାହ ଆଡ଼କୁ ଜନ୍ମ ହୋଇଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ସମସ୍ତେ ନିଜେ ଚାଲିବା ସ୍ଥିତିରେ ନାହାନ୍ତି। ସୁରକ୍ଷା ଦୃଷ୍ଟିରୁ ସାଧାରଣତଃ ମା' ବାଘୁଣୀ ଶିକାରୀ ଓ ଅନ୍ୟ ଜନ୍ତୁଙ୍କଠାରୁ ଦୂରେଇ ରଖିବା ପାଇଁ ସ୍ଥାନ ପରିବର୍ତ୍ତନ କରୁଛି। ଡ. ଗୋଗିନେନୀ

### ବର୍ଷକରେ ଶିମିଳିପାଳରେ ୧୨ ଶାବକ

ଆହୁରି ମଧ୍ୟ କହିଛନ୍ତି, ଶାବକଗୁଡ଼ିକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା, କଳା ବାଘ ସହିତ ଜିନତର ମିଳନ ହୋଇଥିଲେ ମଧ୍ୟ ଶାବକଗୁଡ଼ିକ ସାଧାରଣ ମହାବଳ ରଙ୍ଗର ହୋଇଛନ୍ତି। କାରଣ ବାଘୁଣୀର ଜିନ୍ ଡମିନାଣ୍ଟ (ପ୍ରଭାବଶାଳୀ) ଅଟେ। ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ସେମାନଙ୍କର ଅତି ନିକଟକୁ ଯାଉନାହିଁ। ହେଲେ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି।

ଶିମିଳିପାଳ ଅଭୟାରଣ୍ୟ ରୟାଲ ବେଙ୍ଗଲ ଟାଇଗର ପାଇଁ ବିଶ୍ୱ ପ୍ରସିଦ୍ଧ ଲାଭ କରିଛି। ଉତ୍ତମ ଜଳବାୟୁ, ସୁରକ୍ଷିତ ବାସସ୍ଥାନ ଓ ଖାଦ୍ୟଶୃଙ୍ଖଳ ପାଇଁ ମହାବଳ ବାଘ ବଂଶ ବୃଦ୍ଧି ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ ଭାବେ ନ୍ୟାସନାଲ ଟାଇଗର କନର୍ଜଭେସନ ଅଥରିଟି ପକ୍ଷରୁ ସବୁଜ ସଙ୍କେତ ମିଳିଛି। ଏପରି ସ୍ଥଳେ ଶିମିଳିପାଳରେ ବିରଳ ପ୍ରଜାତିର କଳାବାଘ ରହୁଥିବାବେଳେ ଏହାର ଜେନେଟିକ୍‌ରେ ପରିବର୍ତ୍ତନ ପାଇଁ ବାହାର ରାଜ୍ୟରୁ ବାଘ ଅଣାଯାଇଛି। ବର୍ତ୍ତମାନ ଶିମିଳିପାଳରେ ଜିନତ ଓ ଯମୁନାକୁ ମିଶାଇ ମୋଟ ବାଘ ସଂଖ୍ୟା ୪୧ରେ ପହଞ୍ଚିଛି। ସେଥିମଧ୍ୟରୁ ୨୯ଟି ମହାବଳ ଓ ୧୨ଟି ଶାବକ ରହିଛନ୍ତି। ଜିନତର ୪ ଶାବକ ଜନ୍ମ ଖବରକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ପାଇଁ ଏକ ବଡ଼ ସଫଳତା। ଶିମିଳିପାଳରେ ବାଘ ସଂଖ୍ୟା ସୀମିତ ଥିବାରୁ ଓ ବାହାର ବାଘଙ୍କ ସହ ସମ୍ପର୍କ ନ ଥିବାରୁ 'ଇନବ୍ରିଡିଂ' ଯୋଗୁଁ କଳା ବାଘ ସଂଖ୍ୟା ବଢୁଥିଲା। ଯାହା ଏକ ଆନୁବଂଶିକ ସମସ୍ୟା ଥିଲା। ଆମ ମନରେ ଏକ ଆଶଙ୍କା ଥିଲା ଯେ ଜିନତ ପାଖରୁ ସାଧାରଣ ଶାବକ ଜନ୍ମ ହେବ ନା ପୁଣି ମେଲାନିଷ୍ଟିକ ଶାବକ ହେବେ। କିନ୍ତୁ ଜିନତ ୪ଟି ସାଧାରଣ ଓ ସୁସ୍ଥ ଶାବକ ଜନ୍ମ କରି ଶିମିଳିପାଳକୁ ବଡ଼ ଉପହାର ଦେଇଛି। ଏହାଦ୍ୱାରା ଶିମିଳିପାଳରେ ଜେନେଟିକ୍ ବିବିଧତା ବୃଦ୍ଧି ପାଇଛି। ବର୍ତ୍ତମାନ ଆମକୁ ବାଘଙ୍କ ଚଲାପଥ ବା କରିଡରକୁ ସୁରକ୍ଷିତ ଓ ସୁଗମ କରିବାକୁ ହେବ। ଯେପରି ବାହାର ଜିଲ୍ଲା ବା ରାଜ୍ୟର ବାଘ ଏଠାକୁ ଆସିପାରିବେ ଓ ଏଠାକାର ବାଘ ବାହାରକୁ ଯାଇପାରିବେ। ଏହା ହେଲେ ଶିମିଳିପାଳର ବାଘ ବଂଶର ଭବିଷ୍ୟତ ଅଧିକ ଉଜ୍ଜ୍ୱଳ ହେବ। ତେବେ ଜିନତ କୋଳରୁ ୪ଟି ନୂଆ ଶାବକଙ୍କ ଆଗମନ ପରେ ଏବେ ବାଘୁଣୀ ଯମୁନା ଉପରେ ରହିଛି ସମସ୍ତଙ୍କ ନଜର। ଏ ନେଇ ଶିମିଳିପାଳ କର୍ତ୍ତୃପକ୍ଷ କୋର୍ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଥିବା ନେଇ ସୂଚନା ଦେଇଛନ୍ତି।

## ଜରାଳି ସରାଳି ନଦୀ ପାର୍ଶ୍ୱ ବାସିନ୍ଦାଙ୍କ ପାଇଁ ଜେଏମ୍‌ଏମ୍‌ର ଦାବିପତ୍ର



**ବାରିପଦା, ୪।୬(ସମିସ):** ଗୁରୁବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରିପଦା ତହସିଲଦାରଙ୍କୁ ଭେଟି ସହର ମଧ୍ୟରେ ଥିବା ଜରାଳି ସରାଳି ନଦୀ ପାଖରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ୧୦ ଓ ୧୫ନଂ ୱାର୍ଡର ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଜରାଳି ସରାଳି ନଦୀ ପାଖରେ ମୟୂରଭଞ୍ଜ ଜଳସେଚନ ବିଭାଗ ଦ୍ୱାରା ବନ୍ୟା ପ୍ରତିରୋଧ ପ୍ରାଚୀର ନିର୍ମିତ ହୋଇସାରିଛି। ସେହି ପାଖରେ ବର୍ଷ ବର୍ଷ ଗରିବ ଶ୍ରେଣୀ ଲୋକ ଜୀବନସାରାର ସଞ୍ଚୟ ପୁଞ୍ଜି ଖଟାଇ ମୁଣ୍ଡ ଗୁଞ୍ଜିବା ପାଇଁ ଘର କରିଛନ୍ତି। ବର୍ତ୍ତମାନ ତହସିଲ ପକ୍ଷରୁ ନୂତନ ଯୋଜନା ପାଇଁ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯିବ ବୋଲି ଶୁଣିବାକୁ ମିଳୁଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ମୁଖ୍ୟମନ୍ତ୍ରୀ ନିକଟରେ ଦାବି କରିଛି ଯେ, ଗରିବ ଲୋକଙ୍କ ଘରକୁ ବାଦ ଦେଇ ଯୋଜନା ପ୍ରସ୍ତୁତ କଲେ ସେମାନେ ଉପକୃତ ହୋଇଥା'ନ୍ତେ। କାରଣ, ଅଳ୍ପ ଜମିରେ ସେମାନେ ଘରଟିଏ କରିଛନ୍ତି। ଜିଲ୍ଲା ସଭାପତି କହିଛନ୍ତି, ସରକାର ଗରିବୀ ହଟାନ୍ତୁ ଗରିବକୁ ନୁହେଁ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସହର ସଭାପତି ତରେନ ସେନାପତି, ଅଭିଷେକ ଦଣ୍ଡପାଟ, ସୁନୀଲ ହେମ୍ବ୍ରମ, ପଦ୍ମଲୋଚନ ପାଳ, ସୁକାନ୍ତ ପ୍ରଧାନ, ଗିରିଶ ମହାନ୍ତି ଓ ଅବନୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ହୋ' ସମାଜ ପାଇଁ ଗୌରବ ଆଣିଲେ ବିକ୍ରମ ବିରୁଲି

**ବାରିପଦା/ଶରତ, ୪।୬(ସମିସ):** ଓଡ଼ିଶା ତଥା ସମଗ୍ର ହୋ' ଜନଜାତି ସମାଜ ପାଇଁ ଗୌରବ ଆଣିଛନ୍ତି କିସ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଣ୍ଡିଜିନସ୍ ନଲେଜ୍, ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଧୀନ କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା କିସ୍ ଡିମ୍‌ଡ ୟୁନିଭରସିଟିରୁ ପିଏଚଡି ଉପାଧିପ୍ରାପ୍ତ ଡ. ବିକ୍ରମ ବିରୁଲି। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ 'ବିର୍ସା ଲାଇଭ୍ସ ଇନ୍ ନ୍ୟୁ ଭାରତ ୱିକ'ରେ ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଓ ଗବେଷକ ଅଂଶଗ୍ରହଣ କରିଥିଲେ। ଏହି ଐତିହାସିକ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଆମନ୍ତ୍ରିତ ୧୬୭ ଜଣ ପ୍ରତିଭାବାନ ପ୍ରାର୍ଥୀଙ୍କ ମଧ୍ୟରୁ ଡ଼ ବିକ୍ରମ ବିରୁଲି (୨୯) ହୋ ଜନଜାତି ସମୁଦାୟର ଏକମାତ୍ର ପ୍ରତିନିଧି ଭାବେ ଯୋଗଦେଇଥିଲେ। ସେହିପରି କିସ୍ ବିଶ୍ୱବିଦ୍ୟାଳୟରୁ ମନୋନୀତ ୪ ଜଣ ପ୍ରତିନିଧିଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନଜାତି ଛାତ୍ରଛାତ୍ରୀ ଓ ଗବେଷକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏ ଅବସରରେ ସେ କହିଥିଲେ, ପ୍ରତିଭାର କୌଣସି ଅଭାବ ନାହିଁ, କେବଳ ତାହାକୁ ଉଚିତ ସୁଯୋଗ, ସଠିକ୍ ମାର୍ଗଦର୍ଶନ ଓ ଏକ ଉପଯୁକ୍ତ ମଞ୍ଚ ମିଳିବା ଆବଶ୍ୟକ। ରାଷ୍ଟ୍ରପତିଙ୍କ ଏହି ପ୍ରେରଣାଦାୟକ ବାର୍ତ୍ତା ଜନଜାତି ଯୁବପିଢ଼ିଙ୍କ ପାଇଁ ନୂତନ ଉତ୍ସାହ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଡ ବିରୁଲି ତାଙ୍କ ଉଚ୍ଚଶିକ୍ଷା, ଗବେଷଣା ଓ ଜନଜାତି ଭାଷା ସଂରକ୍ଷଣ କ୍ଷେତ୍ରରେ ଅବଦାନ ପାଇଁ ଜାତୀୟ ସ୍ତରରେ ପରିଚିତ। ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ହୋ ଭାଷାର ସଂରକ୍ଷଣ, ଡିଜିଟାଲ୍ ଡକ୍ୟୁମେଣ୍ଟେସନ୍ ଓ ଭାଷା ପ୍ରଯୁକ୍ତି ବିକାଶ ଦିଗରେ ଗବେଷଣା କରୁଛନ୍ତି। ଡ ବିରୁଲି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଅଞ୍ଚଳର ନୋଟ ପଞ୍ଚାୟତ ମାଟକାମସାହି ପୁରୁଷୋତ୍ତମ ବିରୁଲି, ବିରେଙ୍ଗ ବିରୁଲି ପୁଅ। ତାଙ୍କର ଏହି ସଫଳତା କେବଳ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ସମଗ୍ର ହୋ ସମାଜ, ଓଡ଼ିଶା ଓ କିସ୍ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗର୍ବର ବିଷୟ। ଜନଜାତି ସମାଜର ଯୁବପିଢ଼ିଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ଉଦାହରଣ ଭାବେ ପରିଗଣିତ ହେଉଛି। ରାଷ୍ଟ୍ରପତି ଭବନରେ ହୋ ସମାଜର ଏକମାତ୍ର ପ୍ରତିନିଧି ଭାବେ ଡ ବିକ୍ରମ ବିରୁଲିଙ୍କ ଉପସ୍ଥିତି ହୋ' ଜନଜାତିର ଶିକ୍ଷାଗତ ଉନ୍ନତି ଓ ଜାତୀୟ ସ୍ତରରେ ବୃଦ୍ଧି ପାଉଥିବା ପରିଚୟର ଏକ ଉଜ୍ଜ୍ୱଳ ନିଦର୍ଶନ ବୋଲି କୁହାଯାଉଛି।



## ଜମ୍ବିରା ଡ୍ୟାମରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ଶୁଳିଆପଦା, ୪।୬(ସମିସ):** ଶୁଳିଆପଦା ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଲକ୍ଷ୍ମୀସାଗର ମାଝୀଙ୍କ ନେତୃତ୍ୱରେ ଝାଲିଆମରା ପଞ୍ଚାୟତର ଜମ୍ବିରା ଡ୍ୟାମଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଡି ଧର୍ମାନନ୍ଦ ବେହେରା, ଏପିଡି ଶାନ୍ତନୁ କୁମାର ନାୟକ, ଡିଏସସି ସଂଯୁକ୍ତା ସାହୁ, ଡିଆରଡିଏର ଚନ୍ଦନ ଗୋରେଇ, ବଳୟକୁମାର ସେନ, ତହସିଲଦାର ନାରାନ ହେମ୍ବ୍ରମ, ଏମ୍‌ଆଇ ଅନମାଲ ସାହୁ, ଡବ୍ଲୁଓ ସୁମିତ ବିକ୍ରମ ନାଏକ, ଝାଲିଆମରା ପଞ୍ଚାୟତର ସରପଞ୍ଚ ସୁନୀଲ ଟୁଡ୍ଡୁ, ପିଇଓ ମମିତା ପତି, ଚନ୍ଦନ ବେହେରାଙ୍କ ସମେତ ସମସ୍ତ ପିଇଓ, ଜେଇ ଅଂଶଗ୍ରହଣ କରିଥିଲେ। ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ସମାଜସେବୀ ଅନ୍ତର୍ଯ୍ୟାମୀ କାନୁନଗୋ ଉପସ୍ଥିତ ରହି ଡ୍ୟାମରେ ପଡ଼ିଥିବା ଆବର୍ଜନା ସଫା କରିବା ସହିତ ପ୍ରଥମ ଦିବସରେ ୨୫ଟି ଗଛ ଲଗାଯାଇଥିଲା। ପର୍ଯ୍ୟାୟକ୍ରମେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି।

### ବେତନଟୀ ରେଳ ଷ୍ଟେସନ ପାର୍ଶ୍ୱ ରାସ୍ତା ଅନ୍ଧାର

## ସୁରକ୍ଷାକୁ ନେଇ ଯାତ୍ରୀଙ୍କ ମନରେ ଆଶଙ୍କା




**ବେତନଟୀ, ୪।୬(ସମିସ):** ଅମୃତ ଭାରତ ଯୋଜନା ଅନ୍ତର୍ଗତ ପନ୍ଦର କୋଟି ଟଙ୍କା ବ୍ୟୟରେ ନବୀକରଣ ହେଉଥିବା ବେତନଟୀ ରେଳ ଷ୍ଟେସନ କଡ଼ ରାସ୍ତା (ଆପ୍ରୋଚ୍ ରୋଡ୍) ଦୁଇ ପାଖରେ ଷ୍ଟ୍ରିଟ୍‌ଲାଇଟ୍ ଜଳୁ ନ ଥିବାରୁ ଯାତ୍ରୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ପରେ ଷ୍ଟେସନ୍ ପ୍ଲାଟଫର୍ମରୁ ୧୬ ନମ୍ବର ରେଳ ଫାଟକ ଆଡକୁ ଯାତାୟାତ କରିବା ସମୟରେ ଅନ୍ଧାର ଯୋଗୁଁ ସୁରକ୍ଷା ନେଇ ଯାତ୍ରୀଙ୍କ ମନରେ ଆଶଙ୍କା ଦେଖାଦେଉଛି।

ଷ୍ଟେସନ୍‌ର ୧ ଓ ୨ ନମ୍ବର ପ୍ଲାଟଫର୍ମରୁ ୧୬ ନମ୍ବର ରେଳ ଫାଟକ ପର୍ଯ୍ୟନ୍ତ ନିର୍ମିତ ଦୁଇ ପାଖ ଆପ୍ରୋଚ୍‌ରୋଡ୍ ସମ୍ପୂର୍ଣ୍ଣ ଭାବେ ଅନ୍ଧାର ରହୁଛି। ଯାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ନବୀକରଣ କାର୍ଯ୍ୟ ପ୍ରାୟ ସମାପ୍ତ ହେବା ସତ୍ତ୍ୱେ ମୌଳିକ ସୁବିଧା ରାସ୍ତା ଆଲୋକୀକରଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଖାସ୍ କରି ମହିଳା ଓ ବୟସ୍କ ଯାତ୍ରୀଙ୍କୁ ଏହି ସମସ୍ୟା ଅଧିକ ପ୍ରଭାବିତ କରୁଛି। ଖଡଗପୁର ରେଳ ଡିଭିଜନର ଡିଆରଏମ୍ ଓ ଅନ୍ୟ ଉଚ୍ଚ ଅଧିକାରୀ ବେତନଟୀ ଷ୍ଟେସନ୍ ପରିଦର୍ଶନକୁ ଆସିଥିଲେ ମଧ୍ୟ ଏହି ଆପ୍ରୋଚ୍ ରୋଡ୍‌ର ଅନ୍ଧାର ସମସ୍ୟା ପ୍ରତି ଦୃଷ୍ଟି ଦେଇନାହାନ୍ତି। ବେତନଟୀ ରେଳବାଇ ପାସେଞ୍ଜର ଫୋରମ୍ ପକ୍ଷରୁ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନଥିବାରୁ ପ୍ରଶ୍ନ ଉଠିଛି। ଫୋରମ୍ କେବଳ ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ବେଳେ ଫୁଲମାଳ ଓ ଫଟୋ ସେସନ୍ ମଧ୍ୟରେ ସୀମିତ ରହୁଥିବା ଅଭିଯୋଗ ହୋଇଛି। ଷ୍ଟେସନ୍ ମାଷ୍ଟରଙ୍କ ପକ୍ଷରୁ ମଧ୍ୟ ଲାଇଟିଂ ବ୍ୟବସ୍ଥା ପାଇଁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିବା ଜଣାପଡ଼ିଛି। ଏଥିସହିତ ସ୍ଥାନୀୟ ଲୋକେ ଅନ୍ୟାନ୍ୟ ମୌଳିକ ସମସ୍ୟା ଯଥା ବାଙ୍ଗିରିପୋଷି-ବାଲେଶ୍ୱର ଡିଏମୟୁ ଟ୍ରେନ୍ ସେବାକୁ ପୂର୍ବ ଭଳି ଦୁଇଥର ଚଳାଚଳ କରିବା, ରୁପସା-ଭଞ୍ଜପୁର ମଧ୍ୟରେ ରାତ୍ରି ସମୟରେ ଡିଏମୟୁ ସେବାର ସମୟ ସାରଣୀ ସଠିକ୍ ଭାବେ ପରିବର୍ତ୍ତନ କରିବା ଆଦି ଦାବି କରିଆସୁଛନ୍ତି। ଏସବୁ ସତ୍ତ୍ୱେ ଖଡଗପୁର ଡିଭିଜନ୍ ସ୍ତରରେ ଯଥେଷ୍ଟ ପଦକ୍ଷେପ ନ ହେବାରୁ ଅଞ୍ଚଳର ରେଳ ଯାତ୍ରୀ ସେବା ପ୍ରଭାବିତ ହେଉଛି। ସ୍ଥାନୀୟ ଅଧିବାସୀ ଓ ଯାତ୍ରୀଙ୍କ ମତରେ, ନବୀକରଣ କାର୍ଯ୍ୟ କେବଳ ଭୌତିକ ଢାଞ୍ଚା ଉପରେ ସୀମିତ ନ ରହି ଯାତ୍ରୀଙ୍କ ଦୈନନ୍ଦିନ ସୁବିଧା ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍। ଖଡଗପୁର ରେଳ ଡିଭିଜନ୍ ତଥା ସମ୍ପୃକ୍ତ ଅଧିକାରୀ ଏହି ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବାକୁ ଦାବି ଉଠିଛି।

## ୧୨ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**କରଞ୍ଜିଆ, ୪।୬(ସମିସ):** ଗତ ମାର୍ଚ୍ଚ ୧୫ ତାରିଖରେ କରଞ୍ଜିଆ ବ୍ଲକର ତିନୋଟି ପଞ୍ଚାୟତ ଅନ୍ତର୍ଗତ ଆଠଟି ଗ୍ରାମରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଏ ପର୍ଯ୍ୟନ୍ତ ପୀଡ଼ିତ ଉଚିତ ସହାୟତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଡାଟ ଆଞ୍ଚଳିକ ସଂଗ୍ରାମ ସମିତି ପକ୍ଷରୁ ବୁଧବାର କରଞ୍ଜିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଦଫା ଦାବିକୁ ନେଇ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ଆରମ୍ଭ କରାଯାଇଛି। ଘୂର୍ଣ୍ଣିଝଡ଼ରେ କିଆ, ପାଣପୋଷି, କଙ୍କଡା, ପୁରୁଣାପାଣି, ମେଣ୍ଢାସିଂଘା ସମେତ ଅନେକ ଗ୍ରାମର ଘର ଭାଙ୍ଗିଥିବାବେଳେ ଫସଲ ପ୍ରଭାବିତ ହୋଇଥିଲା। ତେବେ କ୍ଷତିଗ୍ରସ୍ତ ଅଞ୍ଚଳରେ ସଠିକ୍ ସର୍ଭେ ଓ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା ଅଭିଯୋଗ କରି ଡାଟ ଆଞ୍ଚଳିକ ସଂଗ୍ରାମ ସମିତି ପକ୍ଷରୁ ପୂର୍ବରୁ ବିଡିଓ, ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଏକାଧିକ ଥର ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିବାରୁ ଆନ୍ଦୋଳନର ପଥ ବାଛିବାକୁ ବାଧ୍ୟ ହୋଇଥିବା ସମିତି ପକ୍ଷରୁ କୁହାଯାଇଛି। ବୁଧବାର ଆରମ୍ଭ ହୋଇଥିବା ଏହି ଗଣଧାରଣାରେ ୩୦୦ରୁ ଅଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ପୁନଃସର୍ଭେ, ରିଲିଫ୍ ସହାୟତା ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଏହି ଗଣଧାରଣାକୁ ସମର୍ଥନ ଜଣାଇ ଯଶିପୁରର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ପୀଡିତଙ୍କ ଦାବି ପ୍ରତି ପ୍ରଶାସନ ସମ୍ବେଦନଶୀଳ ହୋଇ ତୁରନ୍ତ ପଦକ୍ଷେପ ନେବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ସେହିପରି ଡାଟ ଆଞ୍ଚଳିକ ସଂଗ୍ରାମ ସମିତି ସମ୍ପାଦକ ଲଳିତ ମହାନ୍ତ କହିଥିଲେ, ଘୂର୍ଣ୍ଣିବାତ୍ୟା ପରେ ପୀଡିତ ନ୍ୟାୟ ପାଇଁ ଦୀର୍ଘଦିନ ଧରି ଅପେକ୍ଷା କରୁଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ଯୋଗୁଁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଛନ୍ତି।




## ଗ୍ରାହକଙ୍କ ଟଙ୍କା ଆତ୍ମସାତ୍ ବ୍ୟାଙ୍କ କର୍ମଚାରୀ ନାମରେ ମ୍ୟାନେଜରଙ୍କ ଅଭିଯୋଗ

**ରାଇରଙ୍ଗପୁର/କରଞ୍ଜିଆ, ୪।୬(ସମିସ):** କରଞ୍ଜିଆସ୍ଥ ଏକ୍ସିସ ବ୍ୟାଙ୍କର ଋଣ ଗ୍ରାହକଙ୍କ ଟଙ୍କା ବ୍ୟାଙ୍କ କର୍ମଚାରୀ ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବ୍ୟାଙ୍କ କର୍ମଚାରୀ ଦୀପ୍ତିମୟୀ ଦାସଙ୍କ ନାମରେ କରଞ୍ଜିଆ ଥାନାରେ ମ୍ୟାନେଜର ଅଭିଯୋଗ କରିଛନ୍ତି। ଦୀପ୍ତିମୟୀ ବ୍ୟାଙ୍କର ରିଲେସନସିପ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ବ୍ୟାଙ୍କରୁ ଋଣ ନେଇଥିବା ଋଣ ଗୃହିତାଙ୍କ ମାସିକ ଇଏମଆଇ ଟଙ୍କା ସେ ସଂଗ୍ରହ କରିଥିବାବେଳେ ତାହାକୁ ବ୍ୟାଙ୍କରେ ଜମା କରିନାହାନ୍ତି। ବ୍ୟାଙ୍କରେ ଟଙ୍କା ଜମା ନ ହେବାରୁ ଗ୍ରାହକଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଜାଣିବାକୁ ପାଇଥିଲେ। ସେ ୩୯ ଜଣ ଋଣ ଗ୍ରାହକଙ୍କ ୧, ୪୨, ୧୩୯ ଟଙ୍କା ସଂଗ୍ରହ କରିଥିବାବେଳେ ତାହାକୁ ବ୍ୟାଙ୍କରେ ଜମା ନ କରି ଆତ୍ମସାତ କରିଥିଲେ। ଟଙ୍କା ଜମା କରିବାକୁ କହିବା ପରେ ମଧ୍ୟ ସେ ବ୍ୟାଙ୍କରେ ଜମା କରି ନ ଥିଲେ। ଯାହାକୁ ନେଇ ବ୍ୟାଙ୍କ ମ୍ୟାନେଜର କରଞ୍ଜିଆ ଥାନାରେ ଟଙ୍କା ଆତ୍ମସାତ କରିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବୋହୂ ମାଡ଼ରେ ଶାଶୂ ମୃତ

**ରାଇରଙ୍ଗପୁର, ୪।୬(ସମିସ):** ବୋହୂ ମାଡ଼ରେ ଶାଶୂର ମୃତ୍ୟୁ ହୋଇଛି। ମୃତ ଶାଶୂ ଜଣକ ହେଲେ ରରୁଆଁ ଥାନା ଅନ୍ତର୍ଗତ ସାରୁବିଲ ଗ୍ରାମର ସୀତା ମହାରଣା। ତାଙ୍କର ସମ୍ପର୍କୀୟ ବୋହୂ ମାଳତୀ ମହାରଣା ସହ ଜମିଜମା ଘଟଣା ନେଇ ପୂର୍ବରୁ ଗଣ୍ଡଗୋଳ ଲାଗି ରହିଥିଲା। ତେବେ ଉକ୍ତ ଘଟଣା ବୃଦ୍ଧି ପାଇବାରୁ ମାଳତୀ ଓ ତାଙ୍କ ସ୍ୱାମୀ ମିଶି ସୀତାଙ୍କ ସହ ଯୁକ୍ତିତର୍କ କରିଥିଲେ। କଥା କଟାକଟି ହେବାରୁ ବୋହୂ ମାଳତୀ ଉତକ୍ଷିପ୍ତ ହୋଇ ଶାଶୂ ସୀତାଙ୍କ ଛାତିକୁ ଜୋରରେ ପ୍ରହାର କରିଥିଲେ। ଫଳରେ ସୀତା ସେଠାରେ ହିଁ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେବା ବେଳକୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ହସ୍ପିଟାଲରେ ଭର୍ତ୍ତି କରିବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧା ବୟସରେ ଛାତିରେ ଜୋର ପ୍ରହାର ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରରୁଆଁ ଥାନାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳ ପ୍ରକଳ୍ପର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**ବାରିପଦା, ୪।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି-ଗୋରୁମହିଷାଣୀ (୮୫.୬୦ କିମି) ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ରେଳ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ବୈଠକ ଜିଲ୍ଲାପାଳ ତଥା ମୟୂରଭଞ୍ଜ ଜମି ଅଧିଗ୍ରହଣ ଅଧିକାରୀ ହେମକାନ୍ତ ସଏଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା, ସାଂସଦ ନବଚରଣ ମାଝିଙ୍କ ପ୍ରତିନିଧି ସଞ୍ଜୀବ ମହାନ୍ତି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ପ୍ରତିନିଧି ସୁଗୁଦା ମୁର୍ମୁ ପ୍ରମୁଖଙ୍କ ସହ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ ଓ ପଞ୍ଚାୟତ ସମିତି ସଦସ୍ୟ, ସରକାରୀ ଅଧିକାରୀ ଓ ଖଡ଼ଗପୁର ଦକ୍ଷିଣ-ପୂର୍ବ ରେଳ ବିଭାଗର ଡେପୁଟି ସିଇଓ (ନିର୍ମାଣ- ୨) ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ବ୍ରାହ୍ମଣଗାଁ ପଞ୍ଚାୟତ ଅଧୀନ ବାଉତିଆ, ତାଳବନ୍ଧ, ସରବଣିଆ, ଘାଟକୁଆଁରୀ, ମୋହନପୁର, ବାଲିଆଡିପା ଓ ମଝିଗାଁ ଆଦି ଗ୍ରାମବାସୀଙ୍କ ପକ୍ଷରୁ ମିଳିଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ଏହି ବୈଠକରେ କୌଣସି ଚୂଡ଼ାନ୍ତ ନିଷ୍କର୍ଷ ମିଳିପାରି ନ ଥିବା ଜଣାପଡ଼ିଛି।



### ବିଭାଗୀୟ ଉଦାସୀନତା, ହେଉନି କାର୍ଯ୍ୟକ୍ଷମ

## ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ଶୁଳିଆପଦା, ୪।୬(ସମିସ)**

ଶୁଳିଆପଦା ଅଞ୍ଚଳରେ ଉଦ୍ୟାନ କୃଷିର ଉନ୍ନତି ପାଇଁ ୨୦୧୫ରେ ଶୁଳିଆପଦା ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୧ କିମି ଦୂର ଭାଲିଆଶୋଲ ୩୩/୧୧ କେଭି ବିଦ୍ୟୁତ୍ ଷ୍ଟ୍ରକଚର ପାଖକୁ ଲାଗି ତତ୍କାଳୀନ ସରକାରଙ୍କ ପକ୍ଷରୁ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲା। କାର୍ଯ୍ୟାଳୟ ପାଇଁ ବ୍ୟକ୍ତିଗତ ଟ୍ରାନ୍ସଫର୍ମର ଲାଗି ବିଦ୍ୟୁତ୍ ସଂଯୋଗ ହେବା ସହିତ ବିଦ୍ୟୁତ୍ ୱାରିଙ୍ଗ, ପାଣି ବ୍ୟବସ୍ଥା ପାଇଁ ପମ୍ପ ସହିତ ଛାତ ଉପରେ ଟାଙ୍କି ଲଗାଯାଇ ଗୋଟିଏ କାର୍ଯ୍ୟାଳୟ ଚାଲୁ ହେବାକୁ ସମସ୍ତ ସୁବିଧା କରାଯାଇଥିଲା। ମାତ୍ର ବିଭାଗୀୟ ଅଧିକାରୀ ଓ ପ୍ରଶାସନର ବୈମାତୃକ ମନୋଭାବ ପାଇଁ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଉକ୍ତ ଘରଟି ଜଙ୍ଗଲକୁ ଲାଗି ରହିଥିବାରୁ ଏହା ଅସାମାଜିକ ଲୋକଙ୍କ ପାଇଁ ଆଡ୍ଡା ସ୍ଥଳ ପାଲଟିଥିବାବେଳେ କାର୍ଯ୍ୟାଳୟରୁ ଧିରେ ଧିରେ ବିଦ୍ୟୁତ୍ ତାର, ପଙ୍ଖା, ବୈଦ୍ୟୁତିକ ଉପକରଣ, ପାଣି ଟାଙ୍କି, ଭିତରେ ଲାଗିଥିବା କବାଟ, ସିଡ଼ିରେ ଲାଗିଥିବା ସୁରକ୍ଷା ବାଡ, ସମରସିବଲ୍ ପମ୍ପ ଇତ୍ୟାଦି ଚୋରି ହୋଇଯାଇଛି।

ତେବେ ନୂତନ ସରକାର ଆସିବା ପରେ ୨ ମହଲା ବିଶିଷ୍ଟ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଟଙ୍କାରେ ପାଚେରି ନିର୍ମାଣ କରାଯାଇ ପୁଣି ଚୋରି ହୋଇଥିବା ସମସ୍ତ ସାମଗ୍ରୀ ନୂତନ ଭାବେ ଲଗାଯାଇ ପୁଣି କାର୍ଯ୍ୟକ୍ଷମ ଉପଯୋଗୀ ହେବା ପରେ ମଧ୍ୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନ ହେବା ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପୂର୍ବରୁ କାର୍ଯ୍ୟାଳୟ ସମ୍ମୁଖ ଭାଗ ଖୋଲା ରହିଥିଲା। ଏବେ ପାଚେରି ନିର୍ମାଣ ହେବାରୁ ମଦ୍ୟପଙ୍କ ପାଇଁ ଉକ୍ତ ସ୍ଥାନଟି ବେଶ୍ ସୁହାଉଥିବାରୁ ଏବେ ଏହି ସ୍ଥାନ ମଦୁଆ ଓ ଅସାମାଜିକ ଲୋକଙ୍କ ପାଇଁ ଭୂସ୍ୱର୍ଗ ପାଲଟି ଥିବାବେଳେ ଏହା ସରକାରଙ୍କ ତରଫରୁ ଠିକାଦାର ପୋଷିବା ନୀତି ବୋଲି ଲୋକେ ଆଲୋଚନା କରୁଛନ୍ତି। ତୁରନ୍ତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।



# ଜଳ ପରିଚାଳନା କ୍ଷେତ୍ରରେ ପଡୁଆ ପଞ୍ଚାୟତକୁ ଜାତୀୟ ପୁରସ୍କାର




ଚମ୍ପୁଆ, ୪।୬(ସମିସ): ଚଳିତ ବର୍ଷ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତକୁ ପର୍ଯ୍ୟାପ୍ତ ଜଳ ଲକ୍ଷ୍ୟ ପଞ୍ଚାୟତ ବର୍ଗ ଅଧୀନରେ ରାଜ୍ୟରେ ପ୍ରଥମ ଏବଂ ଦେଶରେ ୩ୟ ସ୍ଥାନାରେ ପୁରସ୍କୃତ କରାଯାଇଛି; ଯାହା ସମଗ୍ର ଜିଲ୍ଲା ଓ ରାଜ୍ୟରେ ଗୌରବ ଆଣିଦେଇଛି। ସୂଚନା ଥାଉ କି, ଭାରତ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଦ୍ୱାରା ୨୦୨୫ ବର୍ଷ ପାଇଁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର ଏବଂ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ଏହି ଜାତୀୟ ପୁରସ୍କାର ଚମ୍ପୁଆ ବ୍ଲକର ବିଡିଓ ସ୍ମୃତିରଞ୍ଜନ ସାହୁ, ସରପଞ୍ଚ ମନୋଜ ନାଏକ ଏବଂ ପିଇଓ ଗଣେଶ୍ୱର ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରକାଶ ଥାଉ କି, ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତର ୭ଟି ଗାଁର ୧୧ଟି ୱାର୍ଡର ୯୬୮ଟି ଘରକୁ ତିନୋଟି ଓଭରହେଡ୍ ପାଣି ଟାଙ୍କି ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯାଉଛି। ବସୁଧା ଯୋଜନାରେ ୨ଟି ଏବଂ ମେଗା ପାନୀୟଜଳ ଯୋଗାଣ ଯୋଜନାରେ ଗୋଟିଏ ପାଣି ଟାଙ୍କି ନିର୍ମାଣ କରାଯାଇ ସମୁଦାୟ ୫୦୧୬ ଜଣ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି। ବିଭାଗ ଓ ପ୍ରଶାସନର ଏହା ଏକ ବଡ ଉପଲବ୍ଧି। ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତ କେବଳ ଜିଲ୍ଲାରେ ନୁହେଁ ବରଂ ସମଗ୍ର ରାଜ୍ୟରେ ଏକ ମାନକ ସୃଷ୍ଟି କରି ଇତିହାସ ରଚିଛି। ବିଭାଗ, ଜିଲ୍ଲା ଓ ବ୍ଲକ ପ୍ରଶାସନର ସମ୍ମିଳିତ ଉଦ୍ୟମ ଯୋଗୁଁ ସରକାରଙ୍କ ଗ୍ରାମୀଣ ବିକାଶ ଯେଜନାର ସଫଳ ରୂପାୟନ ହୋଇପାରିଛି। ଏଥିପାଇଁ ଅଞ୍ଚଳବାସୀ ଏହି ସଫଳତାରେ ସମ୍ପୃକ୍ତ ଥିବା ସମସ୍ତ ବିଭାଗକୁ କୃତଜ୍ଞତା ଅର୍ପଣ କରିଛନ୍ତି।

## ଏସ୍ଆଇଆର୍ କାର୍ଯ୍ୟରେ ନିୟୋଜିତ ବିଏଲ୍ଓ ଅଟକ

# ତ୍ରୁଟିପୂର୍ଣ୍ଣ ଭୋଟର ଲିଷ୍ଟକୁ ନେଇ ତାତିଲେ ଗ୍ରାମବାସୀ

ତୁରୁମୁଙ୍ଗା, ୪।୬(ସମିସ)



କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ସିଲିପଦା ପଞ୍ଚାୟତ ବେଗନା ଗାଁରେ ଭୋଟର କାର୍ଡ ଠିକଣା ସଂଶୋଧନକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଛି। ଏସ୍ଆଇଆର୍ କାର୍ଯ୍ୟରେ ଯାଇଥିବା ବିଏଲ୍ଓ ସଦାନନ୍ଦ ସେଠୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ବେଗନା ଗ୍ରାମର ୩୦୦ରୁ ଅଧିକ ଲୋକଙ୍କ ନାମ ସରସ୍ୱତୀ ପଡା ଗାଁର ଭୋଟର ତାଲିକାରେ ରହିଛି। ଏହାକୁ ନେଇ ଗ୍ରାମବାସୀ ଆପତ୍ତି ଜଣାଇବା ତୁରନ୍ତ ଠିକଣା ସଂଶୋଧନ ଦାବି କରି ବିଏଲ୍ଓ ଶ୍ରୀ ସେଠୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଘଟଣାସ୍ଥଳରେ ସାହାରପଡା ଅତିରିକ୍ତ ତହସିଲଦାର ଚରଣ ନାଏକଙ୍କ ସହ ପାଟଣା ପୁଲିସ ପହଞ୍ଚି ବିଏଲଓଙ୍କୁ ଉଦ୍ଧାର କରିଥ ଘଟଣା ତଦନ୍ତ କରିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମର ୭୦ ପ୍ରତିଶତ ଲୋକଙ୍କ ଭୋଟର ଲିଷ୍ଟରେ ଠିକଣା ସରସ୍ୱତୀ ପଡା ଗ୍ରାମର ଲିଷ୍ଟରେ ରହିଛି। ଏଥିସହ ଠିକଣାରେ ପାଟଣା ଥାନା ବଦଳରେ ତୁରୁମୁଙ୍ଗା ଥାନା ରହିଛି। ସମସ୍ୟା ନେଇ ୧୫ ବର୍ଷ ପୂର୍ବରୁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ତ୍ରୁଟିପୂର୍ଣ୍ଣ ଲିଷ୍ଟ ଏବଂ ଠିକଣା ଯୋଗୁଁ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା ସହ ବାସସ୍ଥାନ ପ୍ରମାଣପତ୍ର ମିଳିପାରୁନି। ଏପରିକି ବ୍ୟାଙ୍କରେ ମଧ୍ୟ ଜମାଖାତା ଖୋଲି ହେଉନାହିଁ। ଯାହାକୁ ନେଇ ଗ୍ରାମବାସୀ ତାତିବା ସହ ଏସଆଇଆର କାର୍ଯ୍ୟରେ ଆସିଥିବା ବେଗନା ବୁଥ ନମ୍ବର ୧୭୬ର ବିଏଲଓ ସଦାନନ୍ଦ ସେଠୀଙ୍କୁ ଅଟକ ରଖି ଠେଲାପେଲା କରିବା ସହ ଦୁର୍ବ୍ୟବହାର କରିଥିଲେ।

# ଏସ୍ଟି-ଏସ୍ସି ବର୍ଗରେ ଏଆର୍ଆଇ ଓ ଅମିନ ପଦୋନ୍ନତିରୁ ବଞ୍ଚିତ



କେନ୍ଦୁଝର, ୪।୬(ସମିସ): କେନ୍ଦୁଝର ଜିଲ୍ଲାର ଏସଟି-ଏସସି ବର୍ଗର ଏଆରଆଇ ଓ ଅମିନ କ୍ୟାଡର କର୍ମଚାରୀଙ୍କ ପଦୋନ୍ନତିରେ ବିଳମ୍ବ ହେଉଛି। ଏନେଇ ଆଜି ସମ୍ପୃକ୍ତ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ପୂର୍ବରୁ କୋର୍ଟ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆଦେଶ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ପଦୋନ୍ନତିରୁ ବଞ୍ଚିତ କରୁଥିବା ପ୍ରକାଶ କରିଛନ୍ତି। ନିଜର ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ଅଣସଂରକ୍ଷିତ ପଦରେ ରାଜସ୍ୱ ନୀରିକ୍ଷକ(ଆରଆଇ) ଭାବେ ପଦୋନ୍ନତି ଦେବା ପାଇଁ ଏକ ରିଭ୍ୟୁ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ଗଠନ କରିବାକୁ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ଆବେଦନକାରୀଙ୍କ ସୂଚନା ଅନୁଯାୟୀ, ସେମାନେ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଏବଂ ବିଭାଗୀୟ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି। ଓଡ଼ିଶା ଜିଲ୍ଲା ରାଜସ୍ୱ ସେବା ନିୟମାବଳୀ-୧୯୮୩ର ରୁଲ-୧୧ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଭିନ୍ନ ନିର୍ଦ୍ଦେଶ (ଡବ୍ଲ୍ୟୁଏ ନଂ ୧୭୭୯ ଅଫ୍ ୨୦୨୫ ଓ

**ଜିଲ୍ଲାପାଳଙ୍କୁ ଜଣାଇଲେ କର୍ମଚାରୀ**

ଆଇଏ ନଂ ୪୩୪୫ ଅଫ୍ ୨୦୨୫) ଅନୁସାରେ କୋର୍ଟ କୌଣସି ରିଭ୍ୟୁ ଡିପିସି ଉପରେ ରୋକ ଲଗାଇ ନାହାଁନ୍ତି। ଏଥିସହ ହାଇକୋର୍ଟ ଡବ୍ଲ୍ୟୁପି(ସି) ନଂ ୭୬୭୪/୨୦୨୫ରେ ସ୍ପଷ୍ଟ କରିଛନ୍ତି ଯେ ବରିଷ୍ଠ ଏସଟିଏସସି କର୍ମଚାରୀମାନଙ୍କୁ ଓଡିଶା ସିଭିଲ ସର୍ଭିସେସ ରୁଲ-୩-ଏ(ସଂଶୋଧନ ନିୟମାବଳୀ-୨୦୨୨) ଏବଂ ଭାରତୀୟ ସମ୍ବିଧାନର ଧାରା ୧୬ (୪-ଏ) ଅନୁଯାୟୀ ନିଜ ଯୋଗ୍ୟତା ବଳରେ ଅଣ ସଂରକ୍ଷିତ ପଦ ପାଇଁ ବିଚାର କରାଯାଇପାରିବ। ଆବେଦନପତ୍ରରେ ଦର୍ଶାଯାଇଛି ଯେ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶକୁ ଆଧାର କରି ରାଜ୍ୟ ଜଳସମ୍ପଦ ବିଭାଗ ଏବଂ ସମ୍ବଲପୁର, ପୁରୀ ଭଳି ଜିଲ୍ଲାର ଜିଲ୍ଲାପାଳମାନେ ନିଜ ଯୋଗ୍ୟତା ଭିତ୍ତିରେ ବରିଷ୍ଠ କର୍ମଚାରୀମାନଙ୍କୁ ପଦୋନ୍ନତି ପ୍ରଦାନ କରିଥିବାବେଳେ କେନ୍ଦୁଝର ଜିଲ୍ଲାରେ ଏହି ବର୍ଗର କର୍ମଚାରୀମାନେ ବଞ୍ଚିତ ରହିଯାଇଛନ୍ତି। ଜିଲ୍ଲାର ଏଆର୍ଆଇ ଓ ଅମିନ କ୍ୟାଡରର କ୍ଷମାନିଧି ନାଏକ, ଭୋଳେଶ୍ୱର ପାତ୍ର, ନକୁଳ ସେଠୀ, ବୁଲୁ ମହାରଣା, ସୁଶାନ୍ତ କୁମାର ସେଠୀ, ବିକାଶ ସେଠୀ, ପ୍ରଶାନ୍ତ କୁମାର ସେଠୀ, ବିଜୟାନନ୍ଦ ଅମାନ୍ତ, ନିରଞ୍ଜନ ବେହେରା, ପିତାମ୍ବର ପାତ୍ର, ତପନ କୁମାର ଦେହୁରୀ, ରଞ୍ଜନ କୁମାର ନାୟକ, ବିଜୟ କୁମାର ହୋ, ରବିନାରାୟଣ ନାଏକ, ଦୀପକ କୁମାର ହେମ୍ବ୍ରମ, ସାଗରିକା ନାଏକ, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ସ୍ମାରକପତ୍ର ଦେଇ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏହାର ନକଲ ରାଜସ୍ୱ ବିଭାଗର ଉପସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିସନର, ସମ୍ବଲପୁରଙ୍କ ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦାନ କରିଛନ୍ତି।

## ଗୁଆଲିରେ ପୁଲିସ ଚଢ଼ଉ

# ମଦ ଜବତ; ଜଣେ ଗିରଫ



ଯୋଡ଼ା, ୪।୬(ସମିସ): ରୁଗୁଡ଼ି ଥାନାଞ୍ଚଳରେ ଅବୈଧ ମଦ କାରବାର ବିରୋଧରେ ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ବୁଧବାର ଗୁଆଲି ଅଞ୍ଚଳରୁ ବିପୁଳ ପରିମାଣର ବିୟର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଆଇଆଇସି ସମ୍ପଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଏହିକ୍ରମରେ ଗୁଆଲି ଅଞ୍ଚଳରୁ ୨୦୫ଟି ବିୟରବୋତଲ ଜବତ ହୋଇଛି। ଜବତ ବିୟରର ମୋଟ ପରିମାଣ ୧୩୩.୨୫ ଲିଟର ହୋଇଥିବାବେଳେ ଏକ ଡିପ୍ ଫ୍ରିଜ୍କୁ ମଧ୍ୟ ଜବତ କରାଯାଇଛି। ଏନେଇ ରୁଗୁଡ଼ି ଥାନାରେ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ହେଲା ଜଗବନ୍ଧୁ ଲୋହାର।

# ଲୋକତନ୍ତ୍ର ସେନାନୀ ଦୁର୍ଗାଚରଣଙ୍କ ସ୍ମୃତିସଭା




ଆନନ୍ଦପୁର, ୪।୬(ସମିସ): ସ୍ୱତନ୍ତ୍ର ସେନାନୀ ଓ ପୌର ପରିଷଦ ଉପାଧ୍ୟକ୍ଷ ସ୍ୱର୍ଗତ ଦୁର୍ଗାଚରଣ ଦଳେଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା ଆନନ୍ଦପୁର ଦଳେଇସାହିସ୍ଥିତ ବାସଭବନରେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ରତ୍ନାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଦିବଙ୍ଗତ ଆତ୍ମାଙ୍କର ବନ୍ଧୁ ସାହିତ୍ୟିକ, ପରିବାରବର୍ଗ ସହପାଠୀମାନେ ଯୋଗ ଦେଇଥିଲେ। ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଅଭିମନ୍ୟୁ ସେଠୀ, ବିଧାୟକ ଅରୁଣ ସାହୁ, ଆଶିଷ ଚକ୍ରବର୍ତ୍ତୀ, ରାକେଶ ରାମ, ଅମରେନ୍ଦ୍ର ଧଳ, ନବରଞ୍ଜନ ପଟ୍ଟନାୟକ, ରମାକାନ୍ତ ନାୟକ, ଅଶୋକ କୁମାର ସାହୁ, କୀର୍ତ୍ତନ ସାହୁ, କୀର୍ତ୍ତନ ବିହାରୀ ସାହୁ, ସତ୍ୟନାରାୟଣ ମହାନ୍ତି, ରାମଚନ୍ଦ୍ର ସୁର, ଉମାକାନ୍ତ ନାୟକ, ଗଗନ ଭଟ୍ଟାଚାର୍ଯ୍ୟ, ବିରଜା ନାୟକ, ମହେନ୍ଦ୍ର କୁମାର ମହାପାତ୍ର, ନବ ପଟ୍ଟନାୟକ, ସୁରେନ୍ଦ୍ର ପରିଡ଼ା, ଗଣେଶ ସାମଲ, ନିରାକାର ଦଳାଇ, ସଙ୍ଗିତା ଦଳେଇ, ରାମଚନ୍ଦ୍ର ଜେନା, ସାମ୍ବାଦିକ ମଦନ ପାଣୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ଚୋରିର ନୂଆ ଠିକଣା ଗୋଡ଼ଭଙ୍ଗା ଗେଟ୍ | ବୈତରଣୀ ବାଲି ମୟୂରଭଞ୍ଜ ସୀମାରେ



ଆନନ୍ଦପୁର, ୪।୬ (ସମିସ): ଲଘୁ ଖଣିଜ ସମ୍ପଦ ଚୋରି ରୋକିବା ପାଇଁ କେନ୍ଦୁଝର ଜିଲ୍ଲାରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇ 'ଅପରେସନ ବୈତରଣୀ' ପରେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ହେଉ ନଥିବା ପରିଲକ୍ଷିତ ହେଉଛି। ଏନେଇ ପ୍ରଶାସନକୁ ସାମୟିକ ସଫଳତା ମିଳିଥିବା ବେଳେ ଏବେ ବାଲି ଚୋରି କରିବାର ନୂଆ ତରିକା ଆପଣେଇଛନ୍ତି ମାଫିଆ। ମୟୂରଭଞ୍ଜ ସୀମାର ଗୋଡଭଙ୍ଗାଠାରେ ବାଲିଗଦା କରି ରାତିରେ ଚୋରା ଚାଲାଣ ହେଉଥିବା ସୂଚନା ମିଳିଛି। ଆନନ୍ଦପୁର ସ୍ଥାନରୁ ବେଧଡ଼କ ବାଲି ଚୋରି ହେଉଛି। ପୁଲିସ ଓ ପ୍ରଶାସନକୁ ଚକମା ଦେବା ପାଇଁ ଗଚ୍ଛିତ ଥିବା ଦେଖିବାକୁ ମିଳିଛି। ବୈତରଣୀ ନଦୀକୁ ମାଫିଆମାନେ ଅସ୍ଥାୟୀ ଭାବେ ରାସ୍ତା ନିର୍ମାଣ କରିଛନ୍ତି। ଦିନରାତି ବାଲି ଉତ୍ତୋଳନ କରି ଟ୍ରାକ୍ଟରରେ ବୋହୁଛନ୍ତି। ସରକାରୀ ଫାଟକ ନିକଟରେ ବାଲି ଗଚ୍ଛିତ ରଖାଯାଉଛି। ପରବର୍ତ୍ତୀ ସମୟରେ ହାଇୱାରେ କରଞ୍ଜିଆ ଆଦି ଅଞ୍ଚଳକୁ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ହୋଇଥିବା ଏହି ତରିକା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ହୋଇଛି। ଆନନ୍ଦପୁର ଉପଖଣ୍ଡର ଶେଷସୀମାରେ ଚୋରା ବାଲି ଡିପୋ ଗୋଡଭଙ୍ଗା ଜଙ୍ଗଲ ବିଭାଗ ତନଖି ଫାଟକଠାରେ ଦେଖାଯାଉଛି। ଏଠାରେ ଶହେ ଟ୍ରିପ୍ରୁ ଉର୍ଦ୍ଧ୍ୱ ବାଲି

# ଶଙ୍କରପୁରରେ ଚବିଶ ପ୍ରହରୀ ନାମଯଜ୍ଞ



ନାରଦପୁର,୪।୬(ସମିସ): ଯୋଡ଼ା ବ୍ଲକ୍ ଚମକପୁର ଗ୍ରାମପଞ୍ଚାୟତ ଶଙ୍କରପୁର ଗ୍ରାମରେ ପଞ୍ଚସଖା ଯଜ୍ଞ କମିଟି ପକ୍ଷରୁ ପଞ୍ଚମ ବାର୍ଷିକ ବିଶ୍ୱଶାନ୍ତି ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଜମୁଛି। ଏହି ନାମଯଜ୍ଞ ଗତ ୧ ତାରିଖଠାରୁ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ଦିଘାରୀ ଅସ୍ତିଆ (ବାରିପଦା) କମାରଡିହି (ବାରିପଦା) କୁସୁମବନ୍ଧ (ବାଙ୍ଗିରିପଶି) ପଞ୍ଚସଖା (ଶଙ୍କରପୁର) ଲୁଣିଆ (ମୟୂରଭଞ୍ଜ) ରାଇବାଣୀ (ଝିଅ ଦଳ) (ବମ୍ବେ ଛକ) ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହାକୁ ଦେଖିବାକୁ ଆଖପାଖ ବାସୁଦେବପୁର, ରଘୁଆଳସାହି, ନାରଦପୁର, ଜଗନ୍ନାଥପୁର, ବଳଭଦ୍ରପୁର, କଣ୍ଡରାରୁ ଶତାଧିକ ଲୋକଙ୍କ ଭିଡ଼ ଜମୁଛି। ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଝିଅ ଦଳରେ ଗାୟିକା ଭାବରେ ସୁମତି ଦାସ କଣ୍ଠଦାନ କରି ଲୋକଙ୍କ ମନ ଜିଣୁଛନ୍ତି। ଏହି ନାମଯଜ୍ଞକୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଥିବ ବେଳେ ଶୁକ୍ରବାର ଅପରାହ୍ନ ସମୟରେ ପୂର୍ଣ୍ଣାହୁତି ନଗର କୀର୍ତ୍ତନ ଓ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଯୁବ ଶିକ୍ଷକ ହରିହର ସାହୁଙ୍କ ପରଲୋକ



ଆନନ୍ଦପୁର, ୪।୬(ସମିସ): ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡ଼ା ଗ୍ରାମର ଶିକ୍ଷକ ହରିହର ସାହୁ (୩୩)ଙ୍କ ଗତକାଲି ରାତିରେ ହୃଦଘାତରେ ପରଲୋକ ଘଟିଛି। ଶ୍ରୀ ସାହୁ ଘସିପୁରାସ୍ଥିତ ଭଡ଼ା ଘରେ ସପରିବାର ରହୁଥିଲେ। ରାତି ଦୁଇଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଆଜି ଗ୍ରାମ ଶ୍ମଶାନରେ ତାଙ୍କ ମରଶରୀର ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ମେଳାପୀ, ଆଦର୍ଶ ଶିକ୍ଷକ ଭାବେ ପ୍ରାୟ ୧୧ ବର୍ଷ ଶିକ୍ଷକତା କରିଥିଲେ। ଯାଜପୁର ଜିଲ୍ଲା ଦାନଗଦିସ୍ଥିତ ଚିତ୍ରୀ ନୂଆଗାଁ ବିଦ୍ୟାଳୟରେ ଶିକ୍ଷକ ଥିଲେ। ତାଙ୍କ ଅକାଳ ବିୟୋଗରେ ପରିବାର ବର୍ଗ ଓ ସାଙ୍ଗସାଥୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଜଅଁରାରେ ଗ୍ରିଲ ତାଡ଼ି ଡକାୟତି ଅଭିଯୋଗ



ଆନନ୍ଦପୁର, ୪।୬(ସମିସ): ଘଷିପୁରା ଥାନା ଅନ୍ତର୍ଗତ ଜଅଁରାରେ ରହୁଥିବା ଘନଶ୍ୟାମ ନାୟକଙ୍କ ଘରେ କେହି ନଥିବା ସୁଯୋଗ ନେଇ ଚୋରମାନେ ଗ୍ରିଲ୍ କାଟି ଘରେ ଥିବା ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି। ବିଳମ୍ବିତ ରାତିରେ ଏହି ଚୋରି ହୋଇଥିବାରୁ ପଡ଼ିଶା ଘରର ଲୋକେ ଚୋରି ସମ୍ପର୍କରେ କୌଣସି ସୂଚନା ପାଇନାହାନ୍ତି। ତେବେ, ଏହି ଘଟଣା ସିସିଟିଭି ଫୁଟେଜ୍ କଏଦ ରହିଥିବାରୁ ତାକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ ହୋଇଛି। ପୁରୀରେ ଥିବା ଶ୍ରୀ ନାୟକଙ୍କ ପରିବାର ଆସିବା ପରେ ଘଷିପୁରା ପୁଲିସ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଆନନ୍ଦପୁରର ପୂର୍ବତନ ସୈନିକ ମୁରଲୀଧର ମିଶ୍ର ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଚକ୍ରଙ୍କ ଘରୁ ଚୋରି ଘଟଣାରେ ପୁଲିସର ହାତ ଶୂନ ରହିଥିବା ବେଳେ ଘନ ଘନ ଚୋରି, ଡକାୟତି ଭଳି ଘଟଣା ଘଟୁଥିବାରୁ ଅଞ୍ଚଳବାସୀ ଅସୁରକ୍ଷିତ ଅନୁଭବ କରୁଛନ୍ତି।

# ସିଏମ୍ ଟ୍ରଫି ଖୋ ଖୋ ପ୍ରତିଯୋଗିତା | କେନ୍ଦୁଝର ଦଳ ସୁନ୍ଦରଗଡ଼ରେ

କେନ୍ଦୁଝର, ୪।୬(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗ ସିଏମ ଟ୍ରଫି ଆନ୍ତଃଜିଲ୍ଲା ଖୋ ଖୋ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଯୋଗଦେବା ପାଇଁ ଆଜି ରାତିରେ କେନ୍ଦୁଝର ଜିଲ୍ଲା ଦଳ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା କରୁଥିବାର ଜଣାଯାଇଛି। ରାଜେଶ ଦେହୁରୀଙ୍କ ନେତୃତ୍ୱରେ ୧୫ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଆଲୋକ ଦେହୁରୀ, ଆଦର୍ଶ ନାଏକ, ପ୍ରେମାନନ୍ଦ ଫାଦକର, ସୁକାନ ବୁରୁତିରିଆ (ଉପଅଧିନାୟକ) ଓମଶ୍ରୀ ମହାନ୍ତ, ପ୍ରକାଶ କୋଣ୍ଡାଙ୍କଲ, ତୀର୍ଥେଶ୍ୱର ଗିରି, ଯୋଗେଶ୍ୱର ମହାନ୍ତ, ଆଦିତ୍ୟରାଜ ବାରିକ, ଅଜିତ ଗିରି, ବାବୁଲ ପ୍ରଧାନ, ସ୍ନେହାଶିଷ ସେନାପତି, ଅମର ଗିରି ଏବଂ ଅମ୍ରିତ କୁମାର ଗୋପ, ସୁମିତ ଦେହୁରୀ, ଆଶିଷ ଜଏସ୍ୱାଲ, ସିପୁନ ମାଝୀ, ଜୀବନଜିତ ନାଏକ। ମ୍ୟାନେଜର ଭାବେ ଯୁଜି ସରକାରୀ ଉଚ୍ଚବିଦ୍ୟାଳୟର କାର୍ତ୍ତିକ ଜେନା ଏବଂ କୋଚ ଭାବେ ସୁମନ୍ତ କୁମାର ମହାନ୍ତ



ଦଳ ସହ ଯାତ୍ରା କରୁଛନ୍ତି। ସେହିପରି ସ୍ୱାତି ନାଏକଙ୍କ ନେତୃତ୍ୱରେ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ, ଲକ୍ଷ୍ମୀପ୍ରିୟା ନାଏକ (ଉପଅଧିନାୟକ), ଶ୍ରୀୟା ନାଏକ, ଏଞ୍ଜାଲ ମୁଣ୍ଡା, ପ୍ରିୟଦର୍ଶିନୀ ନାଏକ, ଆଶାଲତା ନାଏକ, ପ୍ରତିମା ନାଏକ, ଦୀପି ନାଏକ, ଲକ୍ଷ୍ମୀ ମୁଣ୍ଡା, କୈକେଇ ନାଏକ, ନିହାରିକା ନାଏକ, କଳ୍ପନା ମୁଣ୍ଡା, ବି. ଈଶାନି, ପୂଜା ନାଏକ ଏବଂ ସାବିତ୍ରୀ ମହାକୁଡ଼। ମ୍ୟାନେଜର ଭାବେ ଚମ୍ପୁଆ କେରଳା ଇଂଲିଶ ମିଡ଼ିଅମ ସ୍କୁଲର ନମିତା ଗିରି ଓ କୋଚ ଭାବେ କାଳୀଦାସ ସୋରେନ ଦଳ ସହ ଯାତ୍ରା କରୁଛନ୍ତି। କେନ୍ଦୁଝର ଦଳ ଆସନ୍ତା ୬ ତାରିଖ ପୂର୍ବାହ୍ନରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ପ୍ରଥମ ଖେଳରେ କଳାହାଣ୍ଡି ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କଠାରୁ ପ୍ରକାଶ।

# ସ୍ଥାୟୀ ସରକାରୀ ନିଯୁକ୍ତି ଓ କମ୍ପ୍ୟୁଟର ପରୀକ୍ଷା କେନ୍ଦ୍ର ସ୍ଥାପନ ଦାବି | ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଆନନ୍ଦପୁର, ୪।୬ (ସମିସ): ଆନନ୍ଦପୁର ଉପଖଣ୍ଡରେ ସ୍ଥାୟୀ ସରକାରୀ ନିଯୁକ୍ତି ପରୀକ୍ଷା ସିବିଟି (କମ୍ପ୍ୟୁଟର ଆଧାରିତ ପରୀକ୍ଷା) କେନ୍ଦ୍ର ସ୍ଥାପନ ଦାବିରେ ଆଜି ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିୟନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାରକପତ୍ର ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୂନାଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆନନ୍ଦପୁର ଉପଖଣ୍ଡ କେନ୍ଦୁଝର ଜିଲ୍ଲାର ଏକ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ପରିଚିତ। ଏହି ଉପଖଣ୍ଡରେ ୨୧ରୁ ଅଧିକ ଉଚ୍ଚ ମାଧ୍ୟମିକ (+୨) ମହାବିଦ୍ୟାଳୟ, ୧୦ରୁ ଅଧିକ ସ୍ନାତକ (+୩) ମହାବିଦ୍ୟାଳୟ ଏବଂ ବିଭିନ୍ନ ବୈଷୟିକ ଓ ଆଇଟିଆଇ ଅନୁଷ୍ଠାନ କାର୍ଯ୍ୟରତ ରହିଛି। ପ୍ରତିବର୍ଷ ପ୍ରାୟ ୫,୭୨୪ ଜଣ ଛାତ୍ରଛାତ୍ରୀ +୨ ଶିକ୍ଷା ସମାପ୍ତ କରୁଥିବା ବେଳେ ୩,୨୫୬ରୁ ଅଧିକ ଛାତ୍ରଛାତ୍ରୀ ସ୍ନାତକ ସ୍ତରର ଶିକ୍ଷା ସମାପ୍ତ କରୁଛନ୍ତି। ସେହିପରି ଶତାଧିକ ଯୁବକ ଓ ଯୁବତୀ ଆଇଟିଆଇ ଓ ବୈଷୟିକ ଶିକ୍ଷା ଗ୍ରହଣ କରି ନିଯୁକ୍ତି କ୍ଷେତ୍ରକୁ ପ୍ରବେଶ କରୁଛନ୍ତି। ଏହି ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଶିକ୍ଷା ସମାପ୍ତ କରିବା ପରେ ଏହି ଯୁବକ ଓ ଯୁବତୀମାନେ ରେଳବାଇ, ବ୍ୟାଙ୍କିଙ୍ଗ, ପୁଲିସ, ସେନାବାହିନୀ ଏବଂ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯୋଗଦେବା ପାଇଁ ଆବେଦନ କରୁଛନ୍ତି। ତେବେ, ଆନନ୍ଦପୁର ଉପଖଣ୍ଡରେ କୌଣସି ସ୍ଥାୟୀ ସିବିଟି ପରୀକ୍ଷା



କେନ୍ଦ୍ର ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା ଓ ଅନ୍ୟାନ୍ୟ ଦୂରସ୍ଥ ସହରକୁ ଯାଇ ପରୀକ୍ଷା ଦେବାକୁ ପଡୁଛି। ଅନେକ ସମୟରେ ପରୀକ୍ଷା କେନ୍ଦ୍ର ଅନ୍ୟ ଜିଲ୍ଲା କିମ୍ବା ରାଜ୍ୟରେ ପଡୁଥିବାରୁ ପରୀକ୍ଷାର୍ଥୀମାନେ ଅସହ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୂର ସ୍ଥାନକୁ ଯାତ୍ରା କରିବା ପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଛି। ଯାତାୟାତ, ରହଣି, ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ଅନେକ ଦରିଦ୍ର ପରିବାର ପକ୍ଷରେ ସମ୍ଭବ ହେଉନାହିଁ। ଫଳସ୍ୱରୂପ ଅନେକ ମେଧାବୀ ଓ ଯୋଗ୍ୟ ପ୍ରାର୍ଥୀ କେବଳ ଆର୍ଥିକ ଅସମର୍ଥତା କାରଣରୁ ପରୀକ୍ଷାରେ ଯୋଗଦେବାରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ମହିଳା ପରୀକ୍ଷାର୍ଥୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୂରସ୍ଥ ସହରକୁ ଏକାକୀ ଯାତ୍ରା କରିବା, ରହିବା ବ୍ୟବସ୍ଥା ଏବଂ ସୁରକ୍ଷା ଜନିତ ଚିନ୍ତା କାରଣରୁ ଅନେକ ପରିବାର ନିଜ ଝିଅମାନଙ୍କୁ ପରୀକ୍ଷା ଦେବାକୁ ପଠାଇବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ସରକାର ଇଚ୍ଛା କଲେ ଏହି ଭିତ୍ତିଭୂମିର ଉନ୍ନତି କରି ଖୁବ ଶୀଘ୍ର ଏକ ସ୍ଥାୟୀ ସିବିଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରିପାରିବେ। ସ୍ମାରକପତ୍ର ମାଧ୍ୟମରେ ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିୟନ ପକ୍ଷରୁ ସ୍ଥାୟୀ ସିବିଟି ପରୀକ୍ଷା କେନ୍ଦ୍ର ସ୍ଥାପନ, ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି, ଉଚ୍ଚଗତି ଇଣ୍ଟରନେଟ ଓ କମ୍ପ୍ୟୁଟର ଭିତ୍ତିଭୂମିର ବିକାଶ, ଆଦିବାସୀ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଏବଂ ମହିଳା ଓ ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଂଘର ସଭାପତି ପିଣ୍ଟୁ ହେମ୍ବ୍ରମ, ଉପସଭାପତି ଶ୍ୟାମସୁନ୍ଦର ହାଇବୁରୁ, ସୁନାରାମ ସାମାଡ଼, ନାରାୟଣ ହୋ, ନାଥ ହେମ୍ବ୍ରମ, ଗାଙ୍ଗୀ ତିଉ, କୌଶଲ୍ୟା ହେମ୍ବ୍ରମ, ଚାନ୍ଦୁ ହୋ, ଠାକୁର ସିଂ ତିରିଆ, ବାଗୁନ ବାର୍ଜ, ରଞ୍ଜିତ ହେମ୍ବ୍ରମ ଓ ତୁରମ ହୋ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ନ୍ୟାୟସଙ୍ଗତ ଦାବିକୁ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

# ଥାଇଲାଣ୍ଡରେ ଫସିଛନ୍ତି ଚାରି ଓଡ଼ିଆ ଶ୍ରମିକ

- ଚାରିମାସ ହେଲା ମିଳୁନି ଦରମା, ଭୋକ ଉପବାସରେ କଟୁଛି ଜୀବନ
- ଘରକୁ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ

କେନ୍ଦ୍ରାପଡ଼ା, ୪।୬(ସମିସ): ପରିବାରର ଆର୍ଥିକ ସ୍ଥିତି ସୁଧାରିବା ଓ ଦୁଇ ପଇସା ରୋଜଗାର ଆଶାରେ ବିଦେଶକୁ ଦାଦନ ଖଟିବାକୁ ଯାଇ ଏବେ ଥାଇଲାଣ୍ଡରେ ଅସହାୟ ଅବସ୍ଥାରେ ଫସି ରହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଚାରିଜଣ ଓଡ଼ିଆ ଶ୍ରମିକ। ଚାରି ମାସ ହେବ ଦରମା ମିଳୁ ନ ଥିବାବେଳେ ଭୋକ ଉପବାସରେ ଦିନ କାଟୁଥିବା ଏହି ଶ୍ରମିକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି। ସୂଚନା ମୁତାବକ, ରାଜକନିକା ବ୍ଲକ ଗୋବାଙ୍ଗ ଗ୍ରାମର କ୍ଷୀରୋଦ ଦାସ, ପୋଇଝାରିଆ ଗ୍ରାମର ମନୋଜ ମଲ୍ଲିକ, ନହୁଣୀ ଗ୍ରାମର କୈଳାସ ସେଠୀ ଓ ଆଳି ବ୍ଲକ ଅନ୍ତର୍ଗତ ମହୁରୀ ଗ୍ରାମର ନିତ୍ୟାନନ୍ଦ ମଲ୍ଲିକଙ୍କ ସମେତ ଉତ୍ତର ପ୍ରଦେଶର ଜଣେ ଶ୍ରମିକ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଥାଇଲାଣ୍ଡର କବିନ ବୁରୀ ଜିଲ୍ଲାସ୍ଥ ଏକ ପ୍ଲାଇବୋର୍ଡ କମ୍ପାନୀରେ କାମ କରୁଛନ୍ତି। ସେମାନଙ୍କୁ ଟୁରିଷ୍ଟ ଭିସାରେ ଥାଇଲାଣ୍ଡ ନିଆଯାଇଥିଲା। ପ୍ରଥମ ନଅ ମାସ ଯାଏଁ ନିୟମିତ ଭାବେ ଦରମା ପ୍ରଦାନ କରାଯାଉଥିଲେ ମଧ୍ୟ ଗତ ଚାରିମାସ ହେଲା ସେମାନଙ୍କୁ କୌଣସି ପାରିଶ୍ରମିକ ମିଳୁ ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଫଳରେ ଖାଦ୍ୟ ଅଭାବରେ ଦିନ କାଟୁଥିବାବେଳେ ଓଳିଏ ଖାଇଲେ ଓଳିଏ ଉପବାସରେ ରହିବାକୁ ପଡୁଛି। ଅସୁସ୍ଥ ହୋଇପଡ଼ିଥିବା କୈଳାସ ସେଠୀଙ୍କ ହାତ ଓ ଗୋଡ଼ ଫୁଲି ଯାଇଥିଲେ ମଧ୍ୟ ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିବା ସେମାନେ କହିଛନ୍ତି। ଏପରିକି ମନୋଜ ମଲ୍ଲିକଙ୍କ ଜେଜେମାଙ୍କ ମୃତ୍ୟୁ ହୋଇଥିବାରୁ ଘରକୁ ଫେରିବାକୁ ଚାହିଁଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ତାଙ୍କ ପାସପୋର୍ଟ ଓ ଭିସାର ମିଆଦ ସରିଯାଇଥିବା କୁହାଯାଇଛି। ଏଥିସହ ପୁଣି ଛାତ୍ର ଭିସା କରାଇବା ପାଇଁ ଟଙ୍କା ଦାବି କରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କାମକୁ ନ ଗଲେ ପୁଲିସ ହାତରେ ଧରାଇ ଦେବା ସହ ହତ୍ୟା ଧମକ ଦିଆଯାଉଥିବା ମଧ୍ୟ ସେମାନେ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଅସହାୟ ଅବସ୍ଥାରେ ବିଦେଶ ମାଟିରେ ଜୀବନ ବିତାଉଥିବା ଏହି ଓଡ଼ିଆ ଶ୍ରମିକମାନେ ତୁରନ୍ତ ସରକାରୀ ହସ୍ତକ୍ଷେପ ଜରିଆରେ ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିଜ ଘରକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି।

# ହାଇୱାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ, ୪।୬(ସମିସ): ଡୋର ବନ୍ଦ ଥିବା ହାଇୱା କ୍ୟାବିନ୍‌ରୁ ଆଜି ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହକୁ ଡେରାବିଶ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ନିକିରେଇ ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଚକରଘୁନାଥପୁର ଗ୍ରାମର ପ୍ରଫୁଲ୍ଲ ଜେନା। ଏ ନେଇ ପରିବାର ପକ୍ଷରୁ ଡେରାବିଶ ଥାନାରେ ଆଜି ସନ୍ଧ୍ୟାରେ ଅଭିଯୋଗ ହେବା ପରେ ପୁଲିସ୍ ପହଞ୍ଚି ହାଇୱା ଓ ପ୍ରଫୁଲ୍ଲଙ୍କ ମୃତଦେହକୁ ଜବତ କରିଛି। ୫୩ନଂ ଜାତୀୟ ରାଜପଥର ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଏକ ହାଇୱାର କ୍ୟାବିନ୍‌ର ଡୋର ସମ୍ପୂର୍ଣ୍ଣ ବନ୍ଦ ଥିଲା। ଦୀର୍ଘସମୟ ଧରି ଏହି ହାଇୱା କାହିଁକି ଏଠାରେ ରଖାଯାଇଛି, ସେ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ହେବାରୁ କ୍ୟାବିନ୍ ଭିତରେ ଏକ ଯୁବକ ଶୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପରେ ମୃତ ଯୁବକଙ୍କ ସମ୍ପର୍କୀୟ ତାଙ୍କୁ ଚିହ୍ନିବା ପରେ ମୃତକଙ୍କ ପରିବାରକୁ ଖବର ଦିଆଯାଇଥିଲା। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ପହଞ୍ଚି ମୃତ ପ୍ରଫୁଲ୍ଲଙ୍କ ଶବକୁ ଜବତ କରିବା ସହ ହାଇୱାକୁ ନିଜ ହେପାଜତକୁ ନେଇଛି। ପରିବାର ପକ୍ଷରୁ ଯୁବକଙ୍କ ମୃତ୍ୟୁ ସନ୍ଦେହଜନକ ହୋଇଥିବା ନେଇ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ମୃତ ପ୍ରଫୁଲ୍ଲଙ୍କ ସମ୍ପର୍କୀୟ ଭାଇ ନିହାର ଜେନାଙ୍କ ସୂଚନା ଅନୁଯାୟୀ ବୁଧବାର ପ୍ରଫୁଲ୍ଲ ଓ ତାଙ୍କର ଦୁଇଜଣ ସହଯୋଗୀ ଡ୍ରାଇଭରଙ୍କ ସହିତ ତିନୋଟି ହାଇୱା ଲକ୍ଷ୍ମୀନାରାୟଣପୁରଠାରେ ରଖି ଘରକୁ ଯାଇଥିଲେ। ଆଜି ସକାଳେ ପ୍ରଫୁଲ୍ଲ ଘରୁ ତାଙ୍କ ଗାଡ଼ି ନିକଟକୁ ଆସିଥିଲେ। ଅନ୍ୟ ଦୁଇ ଡ୍ରାଇଭର ସେମାନଙ୍କ ହାଇୱା ନେଇ ପାରାଦ୍ୱୀପ ଯାଇଥିବାବେଳେ ପ୍ରଫୁଲ୍ଲ ମୋତେ ନିଦ ଲାଗୁଛି କହି ଗାଡ଼ିର କ୍ୟାବିନ୍ ଭିତରେ ଶୋଇଥିଲେ। ଗୋପ ଛକ ନିକଟରୁ ସମ୍ପୃକ୍ତ ଦୁଇ ଡ୍ରାଇଭର ପ୍ରଫୁଲ୍ଲର ଗାଡ଼ି ଆସିବା ବିଳମ୍ବ ହେବା ଦେଖି ବାରମ୍ବାର ତାଙ୍କ ଫୋନ୍‌କୁ ଫୋନ୍ କରିଥିଲେ ମଧ୍ୟ ପ୍ରଫୁଲ୍ଲ୍ ଉଠାଇନଥିଲେ। ସେ ଦୁଇ ଡ୍ରାଇଭର ପାରାଦ୍ୱୀପରେ ସେମାନଙ୍କର ଗାଡ଼ିରେ ଥିବା ପଣ୍ୟଦ୍ରବ୍ୟ ଅନ୍‌ଲୋଡ୍ କରି ଫେରି ଆଜି ସନ୍ଧ୍ୟାରେ ପ୍ରଫୁଲ୍ଲଙ୍କ ହାଇୱା ପୂର୍ବପରି ସେହିଠାରେ ଛିଡ଼ା ହୋଇଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାବିନ୍‌ର ଡୋର ଖୋଲିଥିଲେ ଓ ପ୍ରଫୁଲ୍ଲଙ୍କ ମୃତଦେହକୁ ଦେଖି ତାଙ୍କ ପରିବାରକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ଚନ୍ଦନ ପୋଖରୀ ପଙ୍କୋଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୪।୬(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କ ଚନ୍ଦନ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର. ଆୟର। ଗୁରୁବାର ଅପରାହ୍ନ ପ୍ରାୟ ୫ଟା ସମୟରେ ସେ ପହଞ୍ଚି କାର୍ଯ୍ୟର ତଦାରଖ କରିବା ସହ ନିୟୋଜିତ ମିସ୍ତ୍ରିଙ୍କଠାରୁ ପଙ୍କ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପୋଖରୀରେ ପମ୍ପ ମେସିନ ସହାୟତାରେ ଚାଲିଥିବା ପଙ୍କ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳ ବିସ୍ତୃତ ସମୀକ୍ଷା କରିବା ସହ ଆସନ୍ତା ଦଶଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ କର୍ମଚାରୀ ଓ ମିସ୍ତ୍ରିମାନଙ୍କୁ ପରାମର୍ଶ ଦେଇଥିଲେ। ଚନ୍ଦନ ପୋଖରୀରୁ ଫେରିବା ପରେ ସେ ଶ୍ରୀ ବଳଦେବଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରି ଚାଲିଥିବା କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଟ୍ରଷ୍ଟ ବୋର୍ଡ ସଦସ୍ୟ ନୃସିଂହ ପ୍ରସାଦ ପତ୍ରୀ, ପୂର୍ବତନ ପୌରାଧ୍ୟକ୍ଷ ତଥା ବୋର୍ଡ ସଦସ୍ୟ ଧୀରେନ ସାହୁ ଓ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ଫୁଟ୍ ଲମ୍ବର ମୃତ କୁମ୍ଭୀର ଉଦ୍ଧାର

ରାଜନଗର, ୪।୬(ସମିସ): ରାଜନଗର ବନ ବିଭାଗ ପକ୍ଷରୁ ଅପରାହ୍ନରେ ରାଜନଗର ହଂସୁଆ ନଦୀ ନିକଟ ଘୋଡ଼ାପାରିଆ ନଦୀକୂଳରେ ମୃତ ୧୧ ଫୁଟ ୩ ଇଞ୍ଚ ଲମ୍ବର ଅଣ୍ଡିରା ବଉଳା କୁମ୍ଭୀରକୁ ଉଦ୍ଧାର କରାଯାଇଛି। ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ ପାତ୍ରଙ୍କ ସମେତ ବନ ବିଭାଗ କର୍ମଚାରୀ କୁମ୍ଭୀରକୁ ଉଦ୍ଧାର କରି ସଂସାରଫଳସ୍ଥ ବନ ବିଭାଗ କାର୍ଯ୍ୟାଳୟକୁ ଆଣିବା ପରେ ରାଜନଗର ପଶୁ ଚିକିତ୍ସା ଅଧିକାରୀ ପ୍ରକାଶ ଜେନା ବ୍ୟବଚ୍ଛେଦ କରିବା ପରେ ସେଠାରେ ପୋତା ହୋଇଛି।

## କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ପଦକ୍ଷେପ

# ତାଳଚୁଆ, ଜମ୍ବୁ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ହାଇଆଲର୍ଟ

ରାଜନଗର, ୪।୬(ସମିସ)



ପଶ୍ଚିମବଙ୍ଗରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ଅଭିଯାନ ଆରମ୍ଭ ହେବା ପରେ କେନ୍ଦ୍ରାପଡ଼ା ପ୍ରଶାସନ ପକ୍ଷରୁ ସୀମା ସୁରକ୍ଷା ନେଇ ତତ୍ପରତା ପ୍ରକାଶ ପାଇଛି। ତାଳଚୁଆ, ଜମ୍ବୁ, ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ଭାରତୀୟ ସମୁଦ୍ର ସୀମା ମଧ୍ୟରେ ପୁଲିସ ଘନଘନ ପାଟ୍ରୋଲିଂ ଚଳାଇଛି। ଡ୍ରୋନ ମାଧ୍ୟମରେ ପ୍ରତ୍ୟେକ ସନ୍ଦିଗ୍ଧ ଉପରେ ନଜର ରଖିଛି ମେରାଇନ ପୁଲିସ। ବର୍ଷ ବର୍ଷ ଧରି ପଶ୍ଚିମବଙ୍ଗରେ ପାଦ ଜମାଇ ସାରିଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଏବେ ସୀମା ମୁହାଁ ହୋଇଛନ୍ତି। ତେବେ କିଛି ଅନୁପ୍ରବେଶକାରୀ ଓଡ଼ିଶା ସୀମା ମଧ୍ୟକୁ ପଶି ଆସିବା ଆଶଙ୍କା କରି କେନ୍ଦ୍ରାପଡ଼ା ପୁଲିସ ପକ୍ଷରୁ ସୀମା ସୁରକ୍ଷା ନେଇ ତତ୍ପରତା ପ୍ରକାଶ ପାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଓ ରାଜନଗର ବ୍ଲକରେ ବିଶେଷ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶ ଓ ଥଇଥାନ ପାଇଁ ଭରପୁର ସୁଯୋଗ ରହିଛି। କାରଣ ଏହି ଦୁଇଟି ବ୍ଲକ ସମୁଦ୍ର ସୀମାକୁ ଲାଗି ରହିଛି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ, ଜମ୍ବୁ ଓ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସିଫ୍ଟ ଅନୁଯାୟୀ ପାଟ୍ରୋଲିଂ କରୁଛି ପୁଲିସ। କେନ୍ଦ୍ରାପଡ଼ା ଜିଲ୍ଲାର ୪୮ କିଲୋମିଟର ଅଞ୍ଚଳ ସମୁଦ୍ରକୁ ଲାଗି ରହିଛି। ରାଜନଗର ବ୍ଲକର ୫୫ ଓ ମହାକାଳପଡ଼ା ବ୍ଲକର ୪୧ଟି ଗାଁରେ ୫୦ ପ୍ରତିଶତରୁ ଅଧିକ ବଙ୍ଗ ଭାଷାଭାଷୀ ଲୋକେ ରହୁଛନ୍ତି। ୨୦୦୪ ଜନଗଣନା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୧୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମହାକାଳପଡ଼ାରୁ ୧୫୫୧, ରାଜନଗର ୩୦ ଓ ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରୁ ମୋଟ ୬୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିଲେ। ସେମାନଙ୍କୁ ନୋଟିସ କରି ଚୁପ୍ ବସିଥିଲା ପ୍ରଶାସନ। ବର୍ତ୍ତମାନ ଏହି ସଂଖ୍ୟା ତା'ଠାରୁ କେତେ ଗୁଣ ଅଧିକ ହେବ ତା'ର ହିସାବ କାହା ପାଖରେ ନାହିଁ। ତାଳଚୁଆ, ଜମ୍ବୁ, ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ଦିନରାତି ପୁଲିସ ପକ୍ଷରୁ ଜୋରଦାର ପାଟ୍ରୋଲିଂ କରାଯାଉଛି।

# ୫୧ ଲିଟର ବିଦେଶୀ ମଦ ଜବତ, ଦୁଇ ଗିରଫ

ରାଜକନିକା, ୪।୬(ସମିସ): ଆଜି ସକାଳ ୮ଟା ବେଳେ ରାଜକନିକା ଥାନା ଗଜରାଜପୁର ଛକ ଓ କାଟଣା ବଜାରରେ ଚଢ଼ଉ କରି ଅବକାରୀ ପୁଲିସ ୫୧ ଲିଟର ବିଦେଶୀମଦ ଜବତ କରି ଦୁଇ ଜଣକୁ ଗିରଫ କରିଥିବାବେଳେ ଜଣେ ଫେରାର ହୋଇଯାଇଛି। କାଟଣା ବଜାରରେ ଚୋରା ମଦ ବିକୁଥିବା ବିସ୍ମୟ ପ୍ରଧାନ ଓ ଗଜରାଜପୁର ଛକରେ ରାସନ ଦୋକାନ ଆଳରେ ମଦ ବିକୁଥିବା ଜଳଧର ମଲିକଙ୍କଠାରୁ ବିପୁଳ ପରିମାଣର ମଦ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା ଅବକାରୀ ପୁଲିସ। ଏହି ଦୁଇଜଣ ଧରା ପଡ଼ିବା ବେଳେ ମାଛ ଦୋକାନ କରିବା ଆଳରେ ମଦ ବିକୁଥିବା ଅନ୍ୟଜଣେ ଫେରାର ହୋଇଯାଇଛି। ଗଜରାଜପୁର ଛକର ଦୁଇ ବେପାରୀଙ୍କ ଦୋକାନ ଉପରେ ଅବକାରୀ ବିଭାଗର ବାରମ୍ବାର ଚଢ଼ଉ ହେବା ପରେ ବି କେମିତି ଓ କାହା ସାହସରେ ଏମାନେ ଏଠାରେ ଚୋରା ମଦ ବିକୁଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ଡିଏସପିଙ୍କୁ ପଚାରିବାରୁ ଆମ ଭ୍ରାମ୍ୟମାଣ ଟିମ ଆଜି ଯାହା ଚଢ଼ଉ କରିଥିଲା, ତାର ହିସାବ ଦେଇ ଉଭୟଙ୍କୁ ଜେଲ ପଠାଇଛୁ ବୋଲି କହିଥିଲେ।

## ଘରେ ରଖାଯାଇଥିବା ବାଣ ବିସ୍ଫୋରଣ

# ୩ ବଖରା ଘର ଭସ୍ମୀଭୂତ, ବୃଦ୍ଧା ଗୁରୁତର



କେନ୍ଦ୍ରାପଡ଼ା/ମହାକାଳପଡ଼ା, ୪।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେରଗାଁ ପଞ୍ଚାୟତର ଓସ୍ତର ଗ୍ରାମରେ ଗୁରୁବାର ଅପରାହ୍ନରେ ବେଆଇନ ଭାବେ ଘରେ ରଖାଯାଇଥିବା ବାଣ ବିସ୍ଫୋରଣ ଘଟି ଭୟାବହ ଅଗ୍ନିକାଣ୍ଡ ସୃଷ୍ଟି ହୋଇଛି। ତିନି ବଖରା ଛପର ଘର ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଥିବାବେଳେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ଏ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଆତଙ୍କ ଓ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ମୁତାବକ, ଓସ୍ତର ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ଲୁଚାଛପାରେ ବାଣ ତିଆରି କରି ନିଜ ଘରେ ମହଜୁଦ ରଖୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୨ରୁ ୪ଟା ମଧ୍ୟରେ ହଠାତ୍ ବାଣରେ ବିସ୍ଫୋରଣ ଘଟିବା ସହ ଘରେ ନିଆଁ ଲାଗିଯାଇଥିଲା। ମୁହୂର୍ତ୍ତକ ମଧ୍ୟରେ ଘର ଭିତରେ ଥିବା ଅନ୍ୟ ବାଣଗୁଡ଼ିକ ଏକ ପରେ ଏକ ବିସ୍ଫୋରିତ ହେବାରୁ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଗ୍ରାମବାସୀ ଭୟଭୀତ ହୋଇ ଘର ବାହାରକୁ ଦୌଡ଼ି ଆସିଥିଲେ। ଅଗ୍ନିକାଣ୍ଡ ସମୟରେ ଘର ଭିତରେ ଥିବା ୭୦ ବର୍ଷରୁ ଅଧିକ ବୟସର ବିଳାସୀ ମଲ୍ଲିକ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପ୍ରାଥମିକ ଚିକିତ୍ସା ପ୍ରଦାନ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଏଥିସହ ଅଗ୍ନିକାଣ୍ଡ ମଧ୍ୟରୁ ଏକ ବଳଦକୁ ମଧ୍ୟ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ମାର୍ଶାଘାଇ ଅଗ୍ନିଶମ ବାହିନୀ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲେ। ମାର୍ଶାଘାଇ ଥାନା ଅଧିକାରୀ ତପନ ନାୟକଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବେଆଇନ ଭାବେ ବାଣ ତିଆରି ଓ ଗଚ୍ଛିତ କରାଯାଉଥିଲା କି ନାହିଁ, ସେନେଇ ପୁଲିସ ପକ୍ଷରୁ ଖୋଳତାଡ଼ ଚାଲିଛି। ଗ୍ରାମବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ, ଉକ୍ତ ଗ୍ରାମରେ ଦୀର୍ଘଦିନ ଧରି ବେଆଇନ ଭାବେ ବାଣ ତିଆରି କାର୍ଯ୍ୟ ଚାଲୁଥିଲା। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଅବଗତ ଥିଲେ କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣାରେ ବ୍ୟାପକ ସମ୍ପତ୍ତି କ୍ଷୟକ୍ଷତି ଘଟିଥିବା ଅନୁମାନ କରାଯାଉଥିବାବେଳେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ଲୋକେ।

# କୁମ୍ଭୀର ସହ ୧୫ ମିନିଟ୍ ଲଢ଼ି ଜୀବନ ବଞ୍ଚାଇଲେ କ୍ଷମାନିଧି

ରାଜନଗର, ୪।୬(ସମିସ): ଆଜି ବାଥିଂ ଘାଟରେ ଗାଧୋଉଥିବାବେଳେ କ୍ଷମାନିଧିଙ୍କୁ କୁମ୍ଭୀର ଆକ୍ରମଣ କରିଛି। କୁମ୍ଭୀର ଆକ୍ରମଣରେ କ୍ଷମାନିଧିଙ୍କ ଦୁଇ ଗୋଡରେ ୪୦ରୁ ଅଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହି ସମୟରେ କ୍ଷମାନିଧିଙ୍କ ସହ ଗାଧୋଉଥିବା ୨୦ରୁ ଅଧିକ ଗ୍ରାମବାସୀ ମିଳିତ ଭାବେ ବାଉଁଶ ଯୋଗେ କୁମ୍ଭୀରକୁ ଆକ୍ରମଣ କରିବା ପରେ କ୍ଷମାନିଧିଙ୍କୁ କୁମ୍ଭୀର ଛାଡ଼ିଦେଇଥିଲା। ଦୀର୍ଘ ୧୫ ମିନିଟ କାଳ କୁମ୍ଭୀର ପାଟିରୁ ଜୀବନ ବଞ୍ଚାଇବା ପାଇଁ ଲଢେଇ କରିଥିଲେ କ୍ଷମାନିଧି। କ୍ଷମାନିଧିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାଥିଂ ଘାଟ ଭିତରେ କୁମ୍ଭୀର ଆକ୍ରମଣ କରିଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ବ୍ଲକ ରଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁର କ୍ଷମାନିଧି ଦାସ ଦିନମଜୁରିଆ ଭାବେ କାମ କରନ୍ତି। ଆଜି ଗାଁରେ ଶ୍ରମିକ ଭାବେ କାମ କରି ଫେରିବା ପରେ ଦିନ ପ୍ରାୟ ୧୨ଟା ସମୟରେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ବନ ବିଭାଗ ଦ୍ୱାରା କରାଯାଇଥିବା ବାଥିଂ ଘାଟରେ ୨୦/୨୫ ଜଣ ଗ୍ରାମବାସୀ ଗାଧୋଉଥିଲେ। ନଦୀରେ ଗାଧୋଇବା ସମୟରେ ଏକ ବିରାଟକାୟ କୁମ୍ଭୀର ତାଙ୍କ ଗୋଡକୁ ଆକ୍ରମଣ କରିଥିଲା। ଗୋଡକୁ ଧରି ଟାଣିନେବା ବେଳେ ତାର ଜାଲିକୁ ଧରି କ୍ଷମାନିଧି କୁମ୍ଭୀର କବଳରୁ ମୁକୁଳିବାକୁ ଉଦ୍ୟମ କରିଥିଲେ। ଅନ୍ୟ ଲୋକମାନେ ନଦୀ ନିକଟରେ ଥିବା ବାଡରୁ ବାଉଁଶ ଉପାଡି କୁମ୍ଭୀରକୁ ଆକ୍ରମଣ କରିଥିଲେ। ୨୦/୨୫ ଜଣ ଲୋକେ ମିଳିତ ଭାବେ କୁମ୍ଭୀରକୁ ଆକ୍ରମଣ କରିବାର ୧୫ ମିନିଟ ପରେ କୁମ୍ଭୀର କ୍ଷମାନିଧିଙ୍କୁ ଛାଡିଦେଇଥିବା ଜଣାପଡ଼ିଛି।

## ● ପଟ୍ଟାମୁଣ୍ଡାଇ ସମବାୟ ସମିତିରେ ଝୁଲୁଛି ତାଲା

# ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀ ସରକାରୀ ଯୋଜନାରୁ ବଞ୍ଚିତ

ପଟ୍ଟାମୁଣ୍ଡାଇ, ୪।୬(ସମିସ): ରାଜ୍ୟ ସରକାର ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ସଫଳ କରିବା ସହିତ ସମବାୟ ସମିତି ଜରିଆରେ ଚାଷୀଙ୍କୁ ସଶକ୍ତ କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। ମାତ୍ର କିଛି ଅସାଧୁ ସମବାୟ ବିଭାଗ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାରଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଫଳରେ ଚାଷୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୬ଟି ସମବାୟ ସମିତି ସହିତ ମିନି ବ୍ୟାଙ୍କ ରହିଛି। ସେଥିମଧ୍ୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଲୋକଙ୍କ ପାଇଁ ପଟ୍ଟାମୁଣ୍ଡାଇ ସମବାୟ ସମିତି ଅନ୍ୟତମ। ସମସ୍ତ ୧୬ଟି ସମବାୟ ସମିତି ମଧ୍ୟରେ ପଟ୍ଟାମୁଣ୍ଡାଇ ସମବାୟ ସମିତି ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ପଟ୍ଟାମୁଣ୍ଡାଇ ସମବାୟ ସମିତି ପରିଚାଳନା ବୋର୍ଡ ଗଠନ ପାଇଁ ବିଭିନ୍ନ ଆଳରେ ସମବାୟ ସମିତି ନିର୍ବାଚନ କରାଯାଉନାହିଁ ଓ ସମବାୟ ସମିତି ସଭ୍ୟସଭ୍ୟା ପରିଚାଳନା ବୋର୍ଡ ପାଇଁ ନିର୍ବାଚନ ହୋଇ ନ ଥିବାରୁ ସେମାନେ ନିର୍ବାଚନରେ ଭାଗ ନେଇ ପାରୁନାହାନ୍ତି। ବିଭିନ୍ନ ସମୟରେ ରାଜନୈତିକ ଲଢେଇ ଓ ବିଭିନ୍ନ ବିବାଦରେ ଛନ୍ଦି ହୋଇ ଦୀର୍ଘ ବର୍ଷର ସମବାୟ ସମିତିଟି ବସ୍ତୁତଃ ଅଚଳ ହୋଇପଡ଼ିଛି। ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହାଇପାରୁନାହିଁ। ଏହି ସମବାୟ ସମିତିରୁ ଋଣ ନେଇ ଚାଷ ଓ ବେପାର କରି ସଶକ୍ତ ହେବାକୁ ଆଶା ବାନ୍ଧିଥିବା ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀ ହତାଶ ହୋଇପଡ଼ିଛନ୍ତି। ଏଥିପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳର କୃଷକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ସମବାୟ ମନ୍ତ୍ରୀ ଓ ସମବାୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଟ୍ଟାମୁଣ୍ଡାଇ ସମବାୟ ସମିତିକୁ କାର୍ଯ୍ୟକ୍ଷମ କରିବାକୁ ବିଜେପି ନେତା ମିଟୁ ମନୋଜ ନାୟକ, ବ୍ରଜବନ୍ଧୁ ଦାଶ ଓ ଭ୍ରମରବର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଶ୍ରମ ଅଧିକାରୀଙ୍କୁ ଭେଟିଲେ ଶ୍ରମିକନେତା

ଡେରାବିଶ, ୪।୬(ସମିସ): ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟିଥିଲେ। ନିର୍ମାଣ ଶ୍ରମିକଙ୍କର ୫ଦଫା ଦାବି ପୂରଣ କରିବା ନିମନ୍ତେ ଶ୍ରୀ ତ୍ରିପାଠୀ ଶ୍ରମ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଶ୍ରମ ଅଧିକାରୀ ଏହି ଦାବିପତ୍ରଟିକୁ ଗ୍ରହଣ କରିବା ସହିତ ଏହାର ସମାଧାନ କରିବା ନିମନ୍ତେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ତ୍ରିପାଠୀଙ୍କ ସହିତ ସଂଘର ସଦସ୍ୟ ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ କୁମାର ସାମଲ ଓ ଜଗଦୀଶ କଟାଳ ପ୍ରମୁଖ ସାମିଲଥିଲେ।

## ● ଗୌରାଙ୍ଗ ସେଠୀ ନିଖୋଜ ଘଟଣାକୁ ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର

# ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର ନ ହେଲେ ଆଳି ଥାନା ଘେରଉ ଚେତାବନୀ

କେନ୍ଦ୍ରାପଡ଼ା, ୪।୬(ସମିସ): ଆଳି ଥାନା ଅନ୍ତର୍ଗତ ମହାଦେଇପାଟଣା ଗ୍ରାମର ନିଖୋଜ ଯୁବକ ଗୌରାଙ୍ଗ ସେଠୀଙ୍କ ନିଖୋଜ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ଗୁରୁବାର ମିଳିତ ଏସ୍‌ସି/ଏସ୍‌ଟି ସମନ୍ୱୟ କମିଟି ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନିଖୋଜ ଯୁବକଙ୍କୁ ଉଦ୍ଧାର କରା ନ ଗଲେ ୮ ତାରିଖରୁ ଆଳି ଥାନା ସମ୍ମୁଖରେ ଗଣଧାରଣା ଓ ଥାନା ଘେରଉ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ମିଳିତ ଏସ୍‌ସି/ଏସ୍‌ଟି ସମନ୍ୱୟ କମିଟିର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ଘଟଣାର ସମସ୍ତ ବିବରଣୀ ଅବଗତ କରାଇଥିଲେ। ପ୍ରତିନିଧି ଦଳ ସହ ନିଖୋଜ ଯୁବକଙ୍କ ପିତା ଅରୁଣ ସେଠୀ, ଆଡଭୋକେଟ୍ ଅପୂର୍ବ ରଞ୍ଜନ ସେଠୀ, ଦଶରଥ ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ଦିଲୀପ କୁମାର ମଲ୍ଲିକ, ଈଶ୍ୱର ଚନ୍ଦ୍ର ମଲ୍ଲିକ, ସୁପ୍ରଭା ମଲ୍ଲିକ, ରାଜକିଶୋର ମଲ୍ଲିକ, ପରୀକ୍ଷିତ ମଲ୍ଲିକ, କଳ୍ପତରୁ ମଲ୍ଲିକ, ବାରେଣୀ ସେଠୀ, ସୁହାନା ବେଗମ, ନିରଞ୍ଜନ ସେଠୀ, ବନମାଳୀ ଜେନା ଓ ଚୈତନ୍ୟ ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ। ସେହିପରି ଭୀମ ଆର୍ମୀ ସଭାପତି ନଗେନ୍ଦ୍ର ଜେନା ମଧ୍ୟ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଦାବୀପତ୍ର ଦେଇଛନ୍ତି। ଅନ୍ୟପକ୍ଷରେ ନିଖୋଜ ଯୁବକ ଗୌରାଙ୍ଗ ସେଠୀଙ୍କ ସନ୍ଧାନ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏସ୍‌ପି ସିଦ୍ଧାର୍ଥ କାଟାରିଆ ନିଜେ ତଦନ୍ତ ଉପରେ ନଜର ରଖିଥିବାବେଳେ ଘଟଣାର ଶୀଘ୍ର ସମାଧାନ ପାଇଁ ପୁଲିସ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି।

## ● କଲଭର୍ଟ ନିର୍ମାଣ ପାଇଁ ହୋଇଥିବା ରାସ୍ତା ବେହାଲ

# ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହୀନସ୍ତା

ରାଜକନିକା, ୪।୬(ସମିସ): ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଠିକାଦାର କରୁଥିବା କଲଭର୍ଟ କାମ ପାଇଁ ଅସ୍ଥାୟୀ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ଯୋଗୁଁ ଆଜି ପଶ୍ଚିମ କନିକାର ମୁଖ୍ୟ ରାସ୍ତା ଦେଇ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ରାଜକନିକା-ସିଂହପୁର ରାସ୍ତାର ନମତରାଠାରେ କଲଭର୍ଟ ନିର୍ମାଣ କାମ ପାଇଁ ଠିକାଦାର ରାସ୍ତା ତାଡି ଏକ ଅସ୍ଥାୟୀ ରାସ୍ତା କରିଛନ୍ତି। ତେବେ ଏକ ବ୍ୟସ୍ତବହୁଳ ରାସ୍ତାରେ ସଠିକ ଢଙ୍ଗରେ ରାସ୍ତା ହୋଇ ନ ଥିବାରୁ ଆଜି ମୋ ବସ୍ ସହ ରାଉରକେଲା, କୋଲକାତା, ଯାଜପୁରକୁ ଯିବା ଆସିବା କରୁଥିବା ବସ୍ ଚଳାଚଳ ବନ୍ଦ ରହିଛି। କାମରେ ସୂଚନାଫଳକ ନ ଥିବାବେଳେ କିଏ କେମିତି ଢଙ୍ଗରେ କେତେ ପରିମାଣରେ ସାମଗ୍ରୀ ବ୍ୟବହାର କରି କେଉଁ ଡିଜାଇନର କେତେ ଟଙ୍କା ବ୍ୟୟ ଅଟକଳରେ ଏହି କଲଭର୍ଟ କରାଯାଉଛି, ତାର କୌଣସି ସୂଚନା ନାହିଁ। ପୂର୍ତ୍ତ ବିଭାଗର ଏହି ରାସ୍ତାରେ ହଠାତ ଯାନବାହନ ଚଳାଚଳ ବନ୍ଦ ଥିବାରୁ ପଟ୍ଟାମୁଣ୍ଡାଇ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେଠାରେ ସାଇଡରେ ଜାଗା ନ ଥିବାରୁ ସମସ୍ୟା ହୋଇଛି। ଆଜି ତାହା ସଜଡ଼ା ଯିବ ବୋଲି କହିଛନ୍ତି। ଏକ ବ୍ୟସ୍ତବହୁଳ ରାସ୍ତାରେ କଲଭର୍ଟ ନିର୍ମାଣ ପାଇଁ ରାସ୍ତା ତାଡିବା ମାତ୍ରେ ବିକଳ୍ପ ରାସ୍ତା ତୁରନ୍ତ କରିବାର କଡ଼ା ନିୟମ ରହିଛି। ନିୟମ ପାଳନ କରାଯାଉଇ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ଏସବୁ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ● ଦୀର୍ଘ ୬ ବର୍ଷ ପରେ ସରିଲା ଆଦର୍ଶ ବିଦ୍ୟାଳୟ ବିଲଡିଂ ନିର୍ମାଣ

# ହେଲା ପୂଜାର୍ଚ୍ଚନା, ରଜ ପରେ ନୂଆ ବିଲ୍ଡିଂରେ ପାଠପଢ଼ା

ରାଜନଗର, ୪।୬(ସମିସ): ରାଜନଗର ଆଦର୍ଶ ବିଦ୍ୟାଳୟ ରାଜନଗର ଉଚ୍ଚବିଦ୍ୟାଳୟ ପରିସରରେ ୫ ବର୍ଷ ହେଲା ଅସ୍ଥାୟୀ ଭାବେ ଚାଲି ଆସୁଛି। ଚଳିତ ବର୍ଷ ଷଷ୍ଠ ଶ୍ରେଣୀ ନାମ ଲେଖାଇଥିବା ପିଲା କେଉଁଠି ବସି ପଢ଼ିବେ, ସେ ନେଇ ଚିନ୍ତାରେ ପଡ଼ିଥିଲେ କର୍ତ୍ତୃପକ୍ଷ। ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାମ ଦୀର୍ଘ ୬ ବର୍ଷ ହେଲା ମନ୍ଥର ଗତିରେ ଚାଲିଥିବାବେଳେ ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ୮୪ ଜଣ ଛାତ୍ର ଛାତ୍ରୀ କେଉଁଠି ବସି ପାଠ ସେ ନେଇ ବଡ ସମସ୍ୟା ସୃଷ୍ଟି ହୋଇଥିଲା। ଶେଷରେ ନୂତନ ବିଲଡିଂ ନିର୍ମାଣ ଶେଷ ହେବା ସହ ହସ୍ତାନ୍ତର କରାଯାଇଛି। ଆଜି ନୂତନ ଆଦର୍ଶ ବିଦ୍ୟାଳୟ ଗୃହକୁ ବିଦ୍ୟାଳୟ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ ସାର, ଶିକ୍ଷୟିତ୍ରୀ ଲୋପମୁଦ୍ରା, ଦୁର୍ଗାଶ୍ରୀ ଷଡ଼ଙ୍ଗୀଙ୍କ ସମେତ ନବମ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ରଜ ପରେ ବାଘତଇଲାଠାରେ ନିର୍ମାଣ ହୋଇଥିବା ବିଦ୍ୟାଳୟର ନୂତନ ବିଲଡିଂରେ ପାଠପଢ଼ା ହେବ ବୋଲି ଜଣାପଡ଼ିଛି। ଆଦର୍ଶ ବିଦ୍ୟାଳୟ ୨୦୨୨ରୁ ଅସ୍ଥାୟୀ ଭାବେ ରାଜନଗର ହାଇସ୍କୁଲ ପରିସରରେ ଚାଲିଛି।

# ଦିହୁଡିପୁରରେ ମୁଗ ମଣ୍ଡି ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ, ୪।୬(ସମିସ): ବଡ଼ପଡ଼ା, ବଡ଼ମୋହନପୁର, ସାନଜରିଆ, ଅରଡ଼ପଲ୍ଲୀ ଓ ଦିହୁଡିପୁର ସମେତ ବିଭିନ୍ନ ପଞ୍ଚାୟତର ଚାଷୀଙ୍କ କଲ୍ୟାଣ ପାଇଁ ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ଦିହୁଡିପୁର ପଞ୍ଚାୟତରେ ମୁଗ ମଣ୍ଡି ଖୋଲାଯାଇଛି। ଦିହୁଡିପୁର ସରପଞ୍ଚ ନରେଶ ମଲିକ, ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ନିର୍ଦ୍ଦେଶକ ଅବସରପ୍ରାପ୍ତ କ୍ୟାପଟେନ ବାଣୀଭୂଷଣ ନାୟକ, ପୂର୍ବତନ ନିରୀକ୍ଷକ ଶରତ ରାଉତ, ନିର୍ଦ୍ଦେଶକ ସୁକାନ୍ତ ରାଉତ, ତ୍ରିଲୋଚନ ସ୍ୱାଇଁ, ଗଣେଶ ନାୟକ, ବିଜୟ ଖଟୁଆ, ଶାନ୍ତନୁ ଦୁଲାଲ ଜେନା, ନିମାଇଁ ନାୟକ, ନରହରି ମହାପାତ୍ର, ଅନୁସୂୟା ସ୍ୱାଇଁ, ପୁଷ୍ପଲତା ଜେନାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ବାଣୀଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ରାଜନଗର, ୪।୬(ସମିସ): ରାଜନଗର ବ୍ଲକ ଉପାନ୍ତ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ସୌରେନ୍ଦ୍ରପୁର ଗାଁରେ ଜଣେ ମହିଳା ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ଶଙ୍କର ମଣ୍ଡଳଙ୍କ ପତ୍ନୀ ବନ୍ଦନା ମଣ୍ଡଳଙ୍କ ମୃତଦେହ ଆଜି ସକାଳେ ଘରଠାରୁ ୫୦୦ ମିଟର ଦୂରରେ ଏକ ଆକାଶି ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକ ଏ ନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ମହିଳାଙ୍କ ପାଦର କିଛି ଅଂଶ ତଳେ ଲାଗିଥିବାରୁ ଏହା ଆତ୍ମହତ୍ୟା ନା ଏହା ପଛରେ କିଛି ରହସ୍ୟ ରହିଛି ତାହାକୁ ନେଇ ଚର୍ଚ୍ଚା ବଢ଼ିଛି।

## ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା

# ଅବକାରୀ ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା

ରାଜନଗର, ୪।୬(ସମିସ)

କେନ୍ଦ୍ରପଡ଼ା ଜିଲ୍ଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ବାରଦିଆ ଗାଁ ଛକରେ ବେଧଡକ ଭାବେ ଚାଲିଥିବା ଚୋରାମଦ ବିକ୍ରିକୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଅବକାରୀ ବିଭାଗକୁ ବାରମ୍ବାର ଚିଠି ଲେଖିଥିବା ଯୁବକ ବିନୋଦ କୁମାର ଦାସ ଅବକାରୀ ପୁଲିସ ଦ୍ୱାରା ଥାର୍ଡ ଡିଗ୍ରୀର ଶିକାର ହୋଇଥିଲେ। ଏପରିକି ଯୁବକଙ୍କ ନାଁରେ ମିଛ ଅଭିଯୋଗ ଦେବାକୁ ପଛାଇ ନ ଥିଲେ। ଏହି ଘଟଣାରେ ବିଳମ୍ବରେ ହେଲେ ମଧ୍ୟ ଅବକାରୀ ଏସଆଇ, ଏଏସଆଇଙ୍କ ସମେତ ୬ ଜଣଙ୍କ ନାଁରେ ରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ପଟ୍ଟାମୁଣ୍ଡାଇ ସେକ୍ସନ ଅବକାରୀ ସବଜନ୍ସପେକ୍ଟର ଛାୟାକାନ୍ତ ନୟକ, ଜଣେ ଏଏସ୍‌ଆଇ, ଜଣେ ପୁରୁଷ କନଷ୍ଟେବଳ ଓ ଜଣେ ମହିଳା କନଷ୍ଟେବଳଙ୍କ ସମେତ ବାରଦିଆ ଗାଁର ଚୋରମଦ ବେପାରୀ ସୌମ୍ୟରଞ୍ଜନ ପାତ୍ର ସମେତ ୬ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଆଜି ପଟ୍ଟାମୁଣ୍ଡାଇ ସେକ୍ସନ ଅବକାରୀ ସବଇନ୍ସପେକ୍ଟର ଛାୟାକାନ୍ତ ନାୟକଙ୍କୁ ଜିଲ୍ଲା ହେଡକ୍ୱାଟର ଓ ଏଏସଆଇ ପ୍ରଦୀପ କୁମାର ମଲ୍ଲିକ ଓ କନଷ୍ଟେବଳ ରାମକୃଷ୍ଣ ଜେନାଙ୍କୁ ଆଳି ସେକ୍ସନକୁ ବଦଳି କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି।

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ବାରଦିଆ ଗାଁ ଛକରେ ଚେରାମଦ ବ୍ୟାପକ ପରିମାଣରେ ବିକ୍ରି ହେଉଥିବା ନେଇ ବିନୋଦ କୁମାର ଦାସ ବିରୋଧ କରିଆସୁଛନ୍ତି। ନିଜ ଗାଁ ଛକରେ ଚୋରାମଦ ବେପାରକୁ ରୋକିବା ପାଇଁ ସେ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରପଡ଼ା ଅବକାରୀ ବିଭାଗକୁ ଲିଖିତ ଭାବେ

### ଏସ୍‌ଆଇ, ଏଏସ୍‌ଆଇ ଓ କନଷ୍ଟେବଳଙ୍କ ବଦଳି

ଜଣାଇଛନ୍ତି। ଅବକାରୀ ବିଭାଗ ବାବୁମାନେ ମୁହେଁ ମୁହେଁ ରାଜନଗର ସାରା ଚୋରାମଦ ପାଇଁ ପଟ୍ଟା ଦେଇଛନ୍ତି। ବିନୋଦ ବାରମ୍ବାର ଚୋରାମଦ କାରବାର ନେଇ ଅଭିଯୋଗ କରିବାରୁ ଅବକାରୀ ବିଭାଗ ପାଇଁ ତାହା ଅଡୁଆ ସୃଷ୍ଟି କରିଥିଲା। ଗତ ୨୮ ତାରିଖ ଦିନ ବାରଦିଆ ଛକରେ ଚୋରାମଦ କାରବାର ସ୍ଥାନରେ ଅବକାରୀ ପୁଲିସ ଟିମ୍ ପହଞ୍ଚିଥିଲା ଓ ସେଠାରେ ପହଞ୍ଚି ବିନୋଦ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଚୋରା ମଦ କାରବାରର ଭିଡିଓ ଉତ୍ତୋଳନ ଅଡୁଆ ସୃଷ୍ଟି କରିବାରୁ ବୋନୋଦଙ୍କୁ ଧକ୍କା ମାରି ମାରି ଅବକାରୀ ବିଭାଗ ଗାଡିରେ ବସାଇଥିଲେ। ୩ କିଲୋମିଟର ଦୂରରେ ଥିବା ରାଜନଗର ଥାନାକୁ ନ ଆଣି ମଧୁପୁର, ବାଲିକଣା ଛକ, ମଦନପୁର ଦେଇ ପ୍ରାୟ ୧୩ କିଲୋମିଟର ରକ୍ଷା ଅତିକ୍ରମ କରି ରାଜନଗର ଥାନାକୁ ଆଣିଥିଲେ। ଗାଡ଼ି ଭିତରେ ଅବକରା ପୁଲିସଙ୍କ ସହ ଚୋରାମଦ ବେପାରୀ ନିର୍ମମ ପିଟିଥିଲେ। ଏପରିକି ରାଜନଗର ଥାନାକୁ ଆଣି ପ୍ରାୟ ୧୧ ଘଣ୍ଟା ଅଟକ ରଖିବା ସହ ଧମକଚମକ ଦେଇ ସଦା କାଗଜରେ ଦସ୍ତଖତ କରାଇ ଛାଡିଥିଲେ। ରାଜନଗର ଥାନାରେ ଅବକାରୀ ଏସଆଇଙ୍କ ଏତଲା ଆଧାରରେ ବିନୋଦଙ୍କ ନାଁରେ ମାମଲା ରୁଜୁ କରି ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଅଭିଯୋଗର ପରଦିନ ଅବକାରୀ ଏସଆଇ ମାମଲା ବଢ଼ାଇବାକୁ ଚାହୁଁ ନ ଥିବା ଥାନାକୁ ଲିଖିତ ଭାବେ ଜଣାଇଥିଲେ। ଏନେଇ ବିନୋଦ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ପୁଲିସ ଶେଷରେ ମାମଲା ରୁଜୁ କରିଛି। ରାଜନଗର ଥାନାରେ କେସ ନମ୍ବର ୨୨୬/୨୬, ଦଫା ୨୯୬(ଅଶାଳୀନ ଆଚରଣ), ୧୧୫-୬ (ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ), ୩୫୧-୨(ସମ୍ପତ୍ତି ନଷ୍ଟ ଧମକ), ୩-୫(ସାମୂହିକ ଉଦ୍ୟମ) ଦଫାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭାଗବତ ଟୁଙ୍ଗି ପାଇଁ ମହାଭାରତ

- ଠିକାଦାରୀ ଓ ପ୍ରକଳ୍ପ ସ୍ଥାନ ଚୟନକୁ ନେଇ ଗୋଷ୍ଠୀ ସଂଘର୍ଷ
- ବୋମାମାଡ଼ରେ ୪ ଗୁରୁତର; କଟକ ସ୍ଥାନାନ୍ତର





**ଯାଜପୁର, ୪।୬(ସମିସ)**

ଆସୁଛି ପଞ୍ଚାୟତ ନିର୍ବାଚନ। କିନ୍ତୁ ଏହା ପୂର୍ବରୁ ଗ୍ରାମାଞ୍ଚଳରେ ଠିକାଦାରୀକୁ କେନ୍ଦ୍ର କରି ଅଶାନ୍ତ ହେଉଛି ପରିବେଶ। ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ବୁଲାକିପୁର ଗ୍ରାମରେ ଘଟିଛି ଏଭଳି ଏକ ଘଟଣା। ଗାଁକୁ ଆସିଥିବା ଭାଗବତ ଟୁଙ୍ଗୀ ପ୍ରକଳ୍ପ ନିର୍ମାଣ ଏବଂ ସ୍ଥାନ ଚୟନକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଯୋଗୁଁ ଗତକାଲି ବିଳମ୍ବିତ ରାତ୍ରିରେ ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଏହି ବୋମାମାଡ଼ରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ବୁଲାକିପୁର ଗ୍ରାମରେ ଏକ ବିବାଦୀୟ ସ୍ଥାନରେ ସରକାରୀ ଅନୁଦାନରେ ଭାଗବତ ଟୁଙ୍ଗି ନିର୍ମାଣକୁ ନେଇ ପୂର୍ବରୁ ବିବାଦ ଲାଗିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଗ୍ରାମର କିଛି ଲୋକ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟ ପାଇଁ ଗାତ ଖୋଳୁଥିବାବେଳେ ଅପରପକ୍ଷର ଲୋକମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ପ୍ରଥମେ ବଚସା ଓ ପରେ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ନିର୍ମାଣ କାର୍ଯ୍ୟକୁ ସମର୍ଥନ କରୁଥିବା ଗୋଷ୍ଠୀ ମଧ୍ୟରୁ ବିରୋଧୀ ଗୋଷ୍ଠୀଙ୍କ ଉପରକୁ ବୋମା ମାଡ଼ ମଧ୍ୟ କରାଯାଇଥିଲା। ଫଳରେ ବିରୋଧୀ ଗୋଷ୍ଠୀର ମହେଶ୍ୱର ପ୍ରଧାନ (୬୫), ଧନେଶ୍ୱର ପ୍ରଧାନ (୬୨), ବିଷ୍ଣୁ ଚରଣ ପ୍ରଧାନ(୬୮), ବିକାଶ ପ୍ରଧାନ(୩୦), ଗୟାଧର କାଣ୍ଡି, ମୁନା ରାଉତ, ମକରଧ୍ୱଜ ବେହେରା, ବାବୁ ବେହେରା, ବିଜୟ କାଣ୍ଡି, ବବୁ କାଣ୍ଡି, ଧନେଶ୍ୱର ପ୍ରଧାନ ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷର ଆହତ ବ୍ୟକ୍ତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଥିମଧ୍ୟରୁ ମହେଶ୍ୱର ପ୍ରଧାନ ଓ ଧନେଶ୍ୱର ପ୍ରଧାନଙ୍କ ସମେତ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ ସଦର ଥାନାରେ ଉଭୟ ପକ୍ଷରୁ ପୃଥକ୍ ଭାବେ ଦୁଇଟି ଏତଲା ଦିଆଯାଇଛି।

ଅପରପକ୍ଷେ ସଦର ଥାନା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ହତ୍ୟା, ରାହାଜାନୀ, ମାଫିଆରାଜ, ଚୋରି, ଡକାୟତି, ଅସାମାଜିକ କାର୍ଯ୍ୟ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ବ୍ଲକ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ସଦର ଥାନାରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ଏକ ବର୍ଷ ମଧ୍ୟରେ ଦିନ ଦ୍ୱିପ୍ରହରରେ ଦୁଇ ଦୁଇଟି ହତ୍ୟାକାଣ୍ଡ ଘଟିଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆସାମୀ ମାନେ ଆଇନକୁ ଚ୍ୟାଲେଞ୍ଜ କରି ଖୁଲମ୍‌ଖୁଲା ବୁଲୁଥିବା ବେଳେ ସଦର ପୁଲିସ ନିରବଦ୍ରଷ୍ଟା ସାଜିଛି। ସଦର ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯାଜପୁର ବିଧାୟିକାଙ୍କ ବ୍ଲକ ପ୍ରତିନିଧି ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ଯାଜପୁର ବ୍ଲକ ବିଜୁ ଜନତା ଦଳର ସଭାପତି ପରେଶ୍ ରଞ୍ଜନ ବିଶ୍ୱାଳ, ସିମିଳିଆ ସରପଞ୍ଚ ଗୋଲାପ ମଲିକ, ବିଜୁ ଜନତା ଦଳର ବରିଷ୍ଠ ନେତା ବ୍ରଜକିଶୋର ପାଢ଼ୀ, କାଳନ୍ଦୀ ପତି, ଶେଖ୍ ରସୁଲ ବକ୍ସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ମହେଶ୍ୱରପୁର ସରପଞ୍ଚ ସୁଜିତ୍ ରାୟ, ଗୌରାଙ୍ଗ ସାମଲ, ଗଣେଶ ଚନ୍ଦ୍ର ମହାକୁଡ, କରୁଣାକର ବିଶ୍ୱାଳ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ସଦର ଥାନା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ସୁଧାର ଆଣିବା ପରିବର୍ତ୍ତେ ପୋଲିସ ଯଦି ପକ୍ଷପାତିତା ନୀତି ଅବଲମ୍ବନ କରେ ତେବେ ଆଗାମୀ ଦିନରେ ଆନ୍ଦୋଳନ।।କ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏ ନେଇ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି। ଏହି ଘଟଣାରେ କିଛି ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଥିଲେ। ବୋମା କେଉଁଠୁ ଆସିଲା ଏବଂ ଏହା ପଛରେ କେଉଁ ମାନଙ୍କ ହାତ ରହିଛି ସେ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରାଯାଉଛି ବୋଲି ଏସ୍‌ଡିପିଓ କହିଛନ୍ତି।

## ପୁଲିସର ପକ୍ଷପାତିତା ପ୍ରତିବାଦରେ ଥାନା ଘେରଉ



**କବାଟବନ୍ଧ, ୪।୬(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଲୋକଙ୍କ ଦ୍ୱାରା ଧାରଣା ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହି ଥାନା ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ଗ୍ରାମର ଲୋକଙ୍କ ସହିତ ଏକ ଘଟଣାରେ ପୁଲିସ ପକ୍ଷପାତିତା କରୁଥିବା ଅଭିଯୋଗ କରି ଏହି ଧାରଣା ଦେଇଥିଲେ। ଆନ୍ଦୋଳନକାରୀ ଶୋଭାଯାତ୍ରାରେ ଆସି ଥାନାରେ ପହଞ୍ଚିଥିଲେ। ପୁଲିସ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହିତ ନ୍ୟାୟ ଦାବି କରିଥିଲେ। ପ୍ରାୟ ୨ ଘଣ୍ଟା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଘଟଣାକ୍ରମେ ଗତ ମାସରେ ବ୍ଲାଷ୍ଟିଂ କାରଣରୁ ବଲାଙ୍ଗୀଆ ଗ୍ରାମରେ ପଥର ଖଣ୍ଡ ପଡ଼ିଥିଲା। ଏହାକୁ ବିରୋଧ କରି ଗ୍ରାମବାସୀ ଏବଂ ପଥର ପକାଇଥିବା ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁଁ ଥାନାରେ ମାମଲା ରୁଜୁ ହୋଇଥିଲା। ପଥର ପକାଉଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ବିରୋଧ କରୁଥିବା ଗ୍ରାମବାସୀଙ୍କ ନାମରେ ମିଥ୍ୟା କେସ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଭୀମ ଆର୍ମି ପକ୍ଷରୁ ଆଦିବାସୀଙ୍କୁ ନ୍ୟାୟ ଦାବି ନିମନ୍ତେ ରାଜ୍ୟ ଉପସଭାପତି ଅନୀଲ କୁମାର ମଲିକଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ଜେନାପୁର ଥାନାରେ ଧାରଣା ଦେଇଥିଲେ। ଏ ନେଇ ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲ୍ଲାରେ ୨୯ ପ୍ରତିଶତ ଏସ୍‌ଆଇଆର୍ ଫର୍ମ ବଣ୍ଟନ

**ଯାଜପୁର, ୪।୬ (ସମିସ):** ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମଇ ୩୦ ତାରିଖରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା। ଜିଲ୍ଲାରେ ନିୟୋଜିତ ଥିବା ବ୍ଲକସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଘରକୁ ଘର ପରିଦର୍ଶନ କରି ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଜନସାଧାରଣଙ୍କୁ ଫର୍ମ ପୂରଣରେ ବିଏଲଓମାନେ ସହଯୋଗ କରୁଛନ୍ତି। ଜିଲ୍ଲାରେ ମୋଟ



୧୫, ୩୭, ୧୦୧ ଜଣ ଭୋଟର ଅଛନ୍ତି। ଏହି ପରିପ୍ରେକ୍ଷୀରେ ୪ ଜୁନ୍ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମୋଟ ୪, ୫୨, ୩୬୨ ଟି ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏବେ ସୁଦ୍ଧା ୨୯.୪୩ ପ୍ରତିଶତ ମତଦାତାଙ୍କ ଫର୍ମ ପୂରଣ ହୋଇ ଏସଆଇଆର୍ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ବିଞ୍ଝାରପୁରରେ ୯୯୭୧୫, ବରୀରେ ୫୫୭୩୩, ବଡ଼ଚଣାରେ ୭୩୪୨୦, ଧର୍ମଶାଳାରେ ୫୬୦୧୦, ଯାଜପୁରରେ ୯୪୮୦୯, କୋରେଇରେ ୪୬୧୪୨, ସୁକିନ୍ଦାରେ ୨୬୫୩୩ ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି। ଜୁନ୍ ୨୮ ଯାଏଁ ଏହି ଫର୍ମ ପୂରଣ ପ୍ରକ୍ରିୟା ଚାଲିବ। ଏହା ପରେ ୫ ଜୁଲାଇ ୨୦୨୬ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ହେବ।

## ଗୋଚର ଜମିରୁ ଗଛ କାଟି ନେଲେ ଦୁର୍ବୃତ୍ତ

**ଦଶରଥପୁର, ୪।୬(ସମିସ):** ଦଶରଥପୁର ତହସିଲ ଅଧୀନ ଦଉପୁର ମୌଜାର ଗୋଚର ଜମିରେ ଥିବା ୫୦ରୁ ଅଧିକ ମୂଲ୍ୟବାନ ଗଛଗୁଡିକୁ ବେଆଇନ ଭାବେ କାଟି ନେଇଥିବା ଦଉପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁ ଦଶରଥପୁର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ମୁତାବକ ଦଉପୁର ମୌଜା ଖାତା ନଂ ୧୪୨୭/୨୦ ଓ ପ୍ଲଟ ନଂ ୪୨୨୯ ଏବଂ ୪୨୩୨ର ଗୋଚର କିସମ ଜମିରେ ଥିବା ୫୦ ରୁ ଅଧିକ ମୂଲ୍ୟବାନ ଚାକୁଣ୍ଡା, ଶାଳ ଓ ପିଆଶାଳ ଜାତିର ବଡ଼ ବଡ଼ ଗଛ ଗୁଡିକୁ ଗ୍ରାମର ଅନାଦି ମହାନ୍ତିଙ୍କ ସମେତ ତାଙ୍କ ୨ ପୁଅ ଯୁଧିଷ୍ଠିର ଓ କୈଳାସ ମହାନ୍ତି ବେଆଇନ ଭାବେ କାଟି ନେଇଥିଲେ। ଏହାକୁ ଗ୍ରାମବାସୀ ପ୍ରତିବାଦ କରିବାରୁ ଗଛ କାଟିଥିବା



ବ୍ୟକ୍ତି ଗ୍ରାମବାସୀଙ୍କୁ ଗାଳିଗୁଲଜ କରି ଧମକାଉଛନ୍ତି। ଯାହାକୁ ନେଇ ପୂର୍ବତନ ସମିତିସଭ୍ୟ ଅକ୍ଷୟ ଭୂୟାଁ ତହସିଲଦାର ଶୁଭ୍ରାଂଶୁ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାଯାଇଛି।

## ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ସମୀକ୍ଷା



**ଯାଜପୁର, ୪।୬(ସମିସ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆଜି 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ବ୍ଲକଓ୍ୱାରୀ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ' ବଣ୍ଟନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲାରେ ନୂତନ ଭାବେ ୩ ଲକ୍ଷ କାର୍ଡ ଯୋଡ଼ାଯିବା ପରେ ଜିଲ୍ଲାର ସଫଳତା ହାର ୭୧ପ୍ରତିଶତରୁ ହ୍ରାସ ପାଇ ୫୦ପ୍ରତିଶତ ହୋଇଯାଇଛି। ଅପରପକ୍ଷରେ, ଆୟୁଷ୍ମାନ ବୟୋ ବନ୍ଦନା କାର୍ଡର ସ୍ଥିତି ମାତ୍ର ୩୨ପ୍ରତିଶତ ରହିଛି। ଏହାକୁ ନେଇ ଜିଲ୍ଲାପାଳ କମନ୍ ସର୍ଭିସ୍ ସେଣ୍ଟରର ଜିଲ୍ଲା ପରିଚାଳକଙ୍କୁ ଭି.ଏଲ.ଇ ମାନଙ୍କ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଚାଳକ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ଜିଲ୍ଲାରେ ୭୪୯ ଜଣ ସକ୍ରିୟ ଭି.ଏଲ.ଇ କାର୍ଯ୍ୟ କରୁଛନ୍ତି ଏବଂ ଆସନ୍ତା ୧ ରୁ ୨ ଦିନ ମଧ୍ୟରେ ଆଉ ୨୫୦ ରୁ ୩୦୦ ନୂତନ ଭାବେ ପଞ୍ଜିକୃତ ହୋଇ ସେବା ଯୋଗାଇବେ।

ଜିଲ୍ଲାପାଳ ଆସନ୍ତା ୧୦ ରୁ ୧୫ ଦିନ ମଧ୍ୟରେ ଅବଶିଷ୍ଟ ପ୍ରାୟ ୫, ୭୭, ୬୨୯ ଟି କାର୍ଡ ବଣ୍ଟନ କରି ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଭି.ଏଲ.ଇମାନେ ଏହି କାର୍ଯ୍ୟରେ ସହଯୋଗ କରୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାମ ସୁପାରିଶ କରିବାକୁ ସେ କହିଛନ୍ତି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀମାନେ କାର୍ଡ ବଣ୍ଟନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବେ। ଡିପିଏମ୍ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ କାର୍ଡ ବଣ୍ଟନର ଅଗ୍ରଗତି ଏବଂ ବିପିଏମ୍‌ମାନଙ୍କ ପ୍ରଦର୍ଶନ ବାବଦରେ ରିପୋର୍ଟ ପ୍ରଦାନ କରିବେ। ସେକ୍ଟରସ୍ତରୀୟ ସୁପରଭାଇଜରମାନେ ଦୈନିକ ଭିତ୍ତିରେ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିବେ ଏବଂ ପ୍ରତିଦିନ ଅତିକମ୍‌ରେ ୫ ରୁ ୬ ଟି କମନ୍ ସର୍ଭିସ୍ ସେଣ୍ଟର ପରିଦର୍ଶନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଦାୟିତ୍ୱ ଆଶା ମ୍ୟାନେଜରଙ୍କୁ ଆଶା କର୍ମୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ କୁହାଯାଇଛି। ପ୍ରତ୍ୟେକ ଆଶା କର୍ମୀ ଗ୍ରାମାଞ୍ଚଳର ଲୋକମାନଙ୍କୁ ସିଏସ୍‌ସି କେନ୍ଦ୍ରକୁ ଆଣିବା ପାଇଁ ସଚେତନ କରିବେ। ଏହା ସହିତ ସିଏଚ୍‌ଓ ଏବଂ ଏଏନ୍‌ଏମ୍‌ମାନଙ୍କୁ ଘରକୁ ଘର ବୁଲି ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା କାର୍ଯ୍ୟକ୍ରମ ଅଧୀନରେ ବୟସ୍କ ନାଗରିକଙ୍କ କାର୍ଡ ଜେନେରେଟ୍ କରିବା ପାଇଁ ବ୍ୟକ୍ତିଗତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାସହ ବିପିଏମ୍‌ମାନେ ପଞ୍ଚାୟତସ୍ତରୀୟ ମାଇକ୍ରୋପ୍ଲାନ ପ୍ରସ୍ତୁତ କରି ସୁପରଭାଇଜରଙ୍କୁ ପ୍ରଦାନ କରିବେ, ଯଦ୍ୱାରା ଅଧିକ କାର୍ଯ୍ୟଭାର ଥିବା ଏବଂ କମ୍ ପ୍ରଦର୍ଶନ କରୁଥିବା କେନ୍ଦ୍ରଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇପାରିବ। ଆସନ୍ତା ସୋମବାର ଅପରାହ୍ଣରେ ଏହି ଅଗ୍ରଗତିର ପୁନଃ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବ। ପ୍ରତି ବ୍ଲକ ପାଇଁ ନିୟୋଜିତ ହୋଇଥିବା ବ୍ଲକ ନୋଡାଲ ଅଧିକାରୀମାନଙ୍କ ସହାୟତାରେ ସମଗ୍ର ପ୍ରକ୍ରିୟାର ତଦାରଖ ଓ ଲକ୍ଷ୍ୟ ହାସଲ କରିବା ପାଇଁ ସିଡିଏମଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ବିଜୟ କୁମାର ମିଶ୍ର, ଡିପିଏମ୍ ଜାତୀୟ ସ୍ୱାସ୍ଥ୍ୟ ମିଶନ, ସହକାରୀ ପରିଚାଳକ କମ୍ୟୁନିଟି ପ୍ରୋସେସ୍, ଏସଏଚଏଏସ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଏବଂ କମନ୍ ସର୍ଭିସ୍ ସେଣ୍ଟରର ଜିଲ୍ଲା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ।

**୧୫ ଦିନ ମଧ୍ୟରେ ଶତପ୍ରତିଶତ କାର୍ଡ ବଣ୍ଟନ ପାଇଁ ନିର୍ଦ୍ଦେଶ**

## ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

**ଦାନଗଦି, ୪।୬(ସମିସ):** କଳିଙ୍ଗନଗର ଥାନା ବାରଗାଡ଼ିଆ ଗ୍ରାମର ଏକ ଭଡ଼ାଘରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୁଲିସ ଆଜି ଅପରାହ୍ଣରେ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଗୋବିନ୍ଦପୁର ଗ୍ରାମର ରଞ୍ଜିତ କୁମାର ମିଶ୍ର (୨୨)। ସେ କଳିଙ୍ଗନଗର ବିଆର୍‌ପିଏଲ୍ ଛକ ନିକଟରେ ଥିବା ଜିଞ୍ଜର ହୋଟେଲରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିଲେ। ବାରଗାଡ଼ିଆ ଗାଁର ଅମୀୟ ବାରିକଙ୍କ ଘରେ ଭଡ଼ାରେ ରହୁଥିବାବେଳେ ଆଜି ଘରେ ଥିବା ଫ୍ୟାନରେ ବେଡ୍‌ସିଟ୍ ଲଗାଇ ଝୁଲିପଡ଼ିଥିଲେ। ପାଖପଡ଼ୋଶୀ ଏ ସମ୍ପର୍କରେ ଜାଣିବା ପରେ କଳିଙ୍ଗନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ରଞ୍ଜିତଙ୍କ ବାପା ତାଙ୍କ ପୁଅକୁ କେହି ମାରି ଟାଙ୍ଗି ଦେଇଥିବାର ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ୧୫୫/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଯାତ୍ରୀବାହୀ ବସ୍‌ରେ ଲାଗିଲା ନିଆଁ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ପାଣିକୋଇଲି, ୪।୬(ସମିସ):** ପାଣିକୋଇଲି କଟକ ବସଷ୍ଟାଣ୍ଡ ହାଇସ୍କୁଲ ସମ୍ମୁଖରେ ଆଜି ଅପରାହ୍ଣରେ ଏକ ଯାତ୍ରୀବାହୀ ବସ୍ ଅଟକିଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏହା ଦେଖି ଖଲାସୀ ଉପସ୍ଥିତ ବୁଦ୍ଧି ଖଟାଇ ପାଣି ଢାଳି ନିଆଁକୁ ଆୟତ କରିଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ମିଳିଛି। ପ୍ରକାଶ ଯେ ବାସନ୍ତୀ ଦୁର୍ଗା ନାମକ ଏକ ଯାତ୍ରୀବାହୀ ବସ୍ (ଓଡି୨୨ଓ୍ୱାଇ ୬୧୭୯) ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପାଣିକୋଇଲିରେ ଅଟକିଥିଲା। ଏହି ସମୟରେ ହଠାତ ନିଆଁ ଲାଗିଯାଇଥିଲା। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଗାଡ଼ି ନ ଯିବାରୁ ଅନ୍ୟ ବସରେ ଯାତ୍ରୀମାନଙ୍କୁ ଭୁବନେଶ୍ୱର ପଠାଯାଇଥିଲା।




## ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳୁନି

**ଦଶରଥପୁର, ୪।୬(ସମିସ):** ମଙ୍ଗଳପୁର ଥାନା ଅଧୀନ ବିମ୍ବାଧରପୁର ଗ୍ରାମର ନିତ୍ୟାନନ୍ଦ ମଲ୍ଲିକ(୪୫) ଓରଫ ଟୁକୁନା ୨ଦିନ ହେବ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ନିତ୍ୟାନନ୍ଦ ଗତ ୨ତାରିଖ ସକାଳେ ଘରୁ କିଛି କାର୍ଯ୍ୟରେ ବାହାରକୁ ଯାଉଛନ୍ତି କହି ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ପରିବାର ଲୋକେ ନିତ୍ୟାନନ୍ଦଙ୍କୁ ବନ୍ଧୁ ପରିଜନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ତାଙ୍କ ପୁଅ ହରିହର ମଲ୍ଲିକ ଆଜି ମଙ୍ଗଳପୁର ଥାନରେ ଲିଖିତ ଅଭିଯୋଗ କରି ନିତ୍ୟାନନ୍ଦଙ୍କୁ ଠାବ କରିବାକୁ ଗୁହାରି କରିଥିବା ଜଣାଯାଇଛି।

## ଜିଲ୍ଲା କଂଗ୍ରେସ କିଷାନ ସେଲ୍‌ର ସାଂଗଠନିକ ବୈଠକ



**କୁଆଖିଆ, ୪।୬(ସମିସ):** ରସୁଲପୁର ବ୍ଲକ ନିକଟସ୍ଥ ରାହାସ ବିହାରୀ ମଠରେ ଜିଲ୍ଲା କଂଗ୍ରେସ କିଷାନ ସେଲ୍‌ଫର ଏକ ସାଂଗଠନିକ ବୈଠକ ଶ୍ରୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ କିଷାନ ସେଲ୍‌ଫ ସଭାପତି ଅଭୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସିସମ୍ପାଦକ ଅଧିର କୁମାର ଜେନା, କିଶାନ ସେଲ୍‌ଫ ରାଜ୍ୟ ଉପାଧ୍ୟକ୍ଷ କାର୍ତ୍ତିକ ବରାଳ, ରାଜ୍ୟ ସଂଯୋଜକ ନିରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଦ୍ୱାରା ଅନୁମୋଦିତ ଜିଲ୍ଲା କଂଗ୍ରେସ କିଶାନ ସେଲ୍‌ଫର ସଭାପତି ଓ ସମସ୍ତ ବ୍ଲକ ଏବଂ ପୌରାଞ୍ଚଳର ସଭାପତି ମାନଙ୍କ ନାମ ଘୋଷଣା କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ଶ୍ରୀକାନ୍ତ ମହାନ୍ତିଙ୍କୁ ନୂତନ ଦାୟିତ୍ୱ ମିଳିଥିଲା। ଆଗାମୀ ଦିନରେ ବୁଥ୍ ସ୍ତରରୁ କୃଷକମାନଙ୍କୁ ସଂଗଠିତ କରି କିଷାନ କଂଗ୍ରେସ ସେମାନଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ। ମଣ୍ଡିରେ ଧାନ ବିକ୍ରି ସମସ୍ୟା, ବିହନ ଦୁର୍ନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବାକୁ ପ୍ରାଥମିକତା ଦିଆଯିବା ସହିତ ଅଭାବୀ ବିକ୍ରି, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଅଚଳ ହୋଇଥିବା ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ସଚଳ କରି ଜମିକୁ ଜଳ ଯୋଗାଣ କରିବାକୁ ଦାବି କରାଯିବ ବୋଲି କହିଥିଲେ। ଅଜୟ କୁମାର ସାମଲ-ଧର୍ମଶାଳା, ବଳରାମ ମହାପାତ୍ର-ବଡ଼ଚଣା, କୁଳମଣି ନାୟକ-ରସୁଲପୁର, ବିଜୟ ପ୍ରଧାନ-ଯାଜପୁର, ମହେନ୍ଦ୍ର ମହାପାତ୍ର-କୋରେଇ, ଗଣେଶ ସେଠୀ-ଦଶରଥପୁର, ରବୀନ୍ଦ୍ର ଧନେଶ୍ୱର ସାମଲ-ବିଂଝାରପୁର, ଦାସ-ଦାନଗଦୀ, ଦେବବ୍ରତ ଦାସ-ବରୀ ବ୍ଲକ କିଶାନ ସେଲ ସଭାପତି ଭାବେ ନିଯୁକ୍ତ ହୋଇଥିବା ବେଳେ ନଗେନ୍ଦ୍ରନାଥ ପତି-ଯାଜପୁର ଓ ପଦ୍ମନାଭ ନାୟକ-ବ୍ୟାସନଗର ପୌରାଞ୍ଚଳ ପାଇଁ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ଆଗାମୀ ଦିନରେ ବ୍ଲକ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ନାମ ଘୋଷଣା ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

**ଜିଲ୍ଲାପାଳଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନଙ୍କ ଚିଠି**

## 'ଖଣି ଓ ଶିଳ୍ପରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦିଅ'

**ଯାଜପୁର୪।୬(ସମିସ)**

ସୁକିନ୍ଦା ଅଞ୍ଚଳରେ ଥିବା ଖଣି ଓ କଳକାରଖାନା ଗୁଡ଼ିକରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ। ଆଜି ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଏବଂ ଖଣିଜ ପ୍ରତିଷ୍ଠାନ ଗୁଡ଼ିକରେ ଶତକଡା ୯୦ ପ୍ରତିଶତ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ, ୭୦ ପ୍ରତିଶତ କୁଶଳୀ ଏବଂ ୩୦ ପ୍ରତିଶତ ପ୍ରବନ୍ଧକ ଏବଂ ନିରୀକ୍ଷକ ପଦବୀରେ ନିଯୁକ୍ତି ପାଇଁ ଓଡ଼ିଶା ସରକାର ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲାପାଳ ସମୀକ୍ଷା କରି ସ୍ଥାନୀୟ ଯୁବକ ଯୁବତୀ ମାନଙ୍କର ନିଯୁକ୍ତି ସମ୍ବନ୍ଧରେ ପଦକ୍ଷେପ ନେବାପାଇଁ ରାଜ୍ୟ ସରକାରଙ୍କର ସୃଷ୍ଟ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

ସରକାରଙ୍କ ନିୟମ ଦ୍ୱାରା ଶିଳ୍ପାୟନ ମାଧ୍ୟମରେ ଜମି ଏବଂ ଭିଟାମାଟି ହରା ବିସ୍ଥାପିତ ପରିବାର ସହିତ ସ୍ଥାନୀୟ ଯୁବକ-ଯୁବତୀମାନଙ୍କର ଆର୍ଥିକ ଏବଂ ସାମାଜିକ ବିକାଶ ସମ୍ଭବ ହୋଇପାରିବ। ଯାଜପୁର ଜିଲ୍ଲା ଓ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା କ୍ରୋମାଇଟ ଉପତ୍ୟକାରେ ଥିବା ଶିଳ୍ପ ଓ ଖଣି ପ୍ରତିଷ୍ଠାନ ଗୁଡ଼ିକରେ ଉଦ୍ଦେଶ୍ୟମୂଳକ ଭାବେ ଏହାର ଖୋଲା ଉଲ୍ଲଂଘନ କରାଯାଉଛି। ସୁକିନ୍ଦାର ଜନସାଧାରଣ ବିଶେଷ କରି ଆଦିବାସୀ ଓ ଦଳିତ ବର୍ଗଙ୍କର ଶିଳ୍ପ ପ୍ରତିଷ୍ଠା ସମୟରେ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଖଣି କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି ଜନ ଜନଶୁଣାଣି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ଏବଂ ଶିଳ୍ପ ସଂସ୍ଥାମାନଙ୍କୁ ନିଃସ୍ୱାର୍ଥପର ଭାବେ ସହଯୋଗ ହାତ ବଢ଼ାଇ ଆସିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ବିନା ଶିଳ୍ପ ଏବଂ ଖଣି ପ୍ରତିଷ୍ଠାନ ପ୍ରତିଷ୍ଠା ସମ୍ଭବ ହୋଇ ପାରିନଥାନ୍ତେ। ମାତ୍ର ଚିନ୍ତାର ବିଷୟ ଶିଳ୍ପ ସଂସ୍ଥାମାନେ ଶିଳ୍ପ ପ୍ରତିଷ୍ଠା ହେବାପରେ ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନ ଏବଂ ସହଯୋଗକୁ ଭୁଲି ଯାଉଛନ୍ତି ବୋଲି ଶ୍ରୀ ଘଡ଼ାଇ ଅଭିଯୋଗ କରିଛନ୍ତି। ସୁକିନ୍ଦାରେ ହଜାର ହଜାର ସଂଖ୍ୟାରେ ଡିଗ୍ରୀଧାରୀ ଯୁବକ ଯୁବତୀ ନିଜ ଅଞ୍ଚଳରେ ନିଯୁକ୍ତି ନ ପାଇ ବେକାର ବୁଲୁଥିବା ବେଳେ ଶିଳ୍ପ ସଂସ୍ଥାମାନେ ରାଜ୍ୟ ବାହାର ଯୁବକ ଯୁବତୀଙ୍କୁ ଆଣି ସୁକିନ୍ଦା ଅଞ୍ଚଳରେ ନିଯୁକ୍ତି ଦେଉଛନ୍ତି। ଯାହା ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିରାଶ କରୁଛି। ସେମାନଙ୍କ ଦାବି ପ୍ରତି ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଛି ଓ ସ୍ଥାନୀୟ ଜନ ସାଧାରଣ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶିଳ୍ପସଂସ୍ଥା ମାନଙ୍କ ପାଇଁ ନିଜ ଭିଟାମାଟି, ଚାଷ ଜମି, ଜଳ ଓ ଜଙ୍ଗଲ ହରାଇଛନ୍ତି ଓ ଖଣି କଳ କାରଖାନା ପାଇଁ ସେମାନେ ପରିବେଶ ପ୍ରଦୂଷଣ, ସ୍ୱାସ୍ଥ୍ୟଗତ ସମସ୍ୟା, ପାନୀୟଜଳ ସମସ୍ୟା, ଫସଲହାନି, ଦୁର୍ଘଟଣା, ଅସାମାଜୀକ କାର୍ଯ୍ୟକଳାପ ବୃଦ୍ଧିର ଶିକାର ହେଉଛନ୍ତି। ଏହା ଫଳରେ ସ୍ଥାନୀୟ ବେକାର ଯୁବକ ଯୁବତୀ ମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଛି। ଯାହା ଆଗକୁ ବଡ଼ ଆନ୍ଦୋଳନର ରୂପ ନେବା ଅସମ୍ଭବ ନୁହେଁ। ଏଭଳି ସ୍ଥିତି ଏହି ଅଞ୍ଚଳରେ ଆଇନ ଶୃଖଳାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ରହିଛି ଓ ତେଣୁ ଆପଣ ଯଥାଶୀଘ୍ର ଏ ବିଷୟରେ ହସ୍ତକ୍ଷେପ କରି କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା କ୍ରୋମାଇଟ ଉପତ୍ୟକାରେ ଥିବା ଖଣିମାନଙ୍କରେ ଯେପରି ସ୍ଥାନୀୟ ଯୁବପିଢ଼ି ନିଯୁକ୍ତିର ସୁଯୋଗ ପାଇବେ ସେଥିପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଜରୁରୀ ବୋଲି ନିଜ ଚିଠିରେ ଉଲ୍ଲେଖ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଆଶା କରିଥିବା ଦିଗରୁ ଧନ ମିଳିପାରେ । ଜୀବନସାଥିଙ୍କ ସହ ହସ ଖୁସିର ସମୟ ବିତାଇବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ ।

**ବୃଷ:** ଛାତ୍ରଛାତ୍ରୀମାନେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । କୌଣସି କଥାକୁ ନେଇ ମନ ଉଦାସ ରହିପାରେ । କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ବହୁତ ଭଲ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଯାନବାହନ କିଣିବାର ସ୍ୱପ୍ନ ସାକାର ହେବ । ସମାଜରେ ପ୍ରତିଷ୍ଠା ବଢ଼ିବ ।

**କନ୍ୟା:** ରାଜନୀତିରେ ସାମିଲ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନ ସୁଖମୟ ହେବ । ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜରୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ସୁଖ ସମୃଦ୍ଧି ବୃଦ୍ଧି ପାଇବ ।।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରସନ୍ନ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିପାରନ୍ତି । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ବନ୍ଧୁଙ୍କ ସହଯୋଗରେ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଧାର୍ମିକ କାର୍ଯ୍ୟ କରିବେ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ସାହିତ୍ୟ ପ୍ରତି ରୁଚି ବଢ଼ିବ । ବ୍ୟବସାୟରେ କ୍ଷତି ଘଟିବ । ଉଧାର ଦେଇଥିବା ଟଙ୍କା ଫେରି ପାଇବେ ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିପାରେ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ପାରିବାରିକ ସମ୍ପର୍କ ମଜବୁତ୍ ହେବ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା ।
- ୧୯୫୩- ଡେନମାର୍କରେ ନୂଆ ସମ୍ବିଧାନ ଲାଗୁ ହେଲା ।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା ।
- ୧୯୮୯- 'ତ୍ରିଶୂଳ' ମିସାଇଲ୍‌ର ସଫଳ ପରୀକ୍ଷଣ ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା ।

## ଫିସ୍ ବଢ଼ାଇଲେ ରଶ୍ମିକା



ସାଉଥ୍ ଠାରୁ ଆରମ୍ଭ କରି ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା । ତାଙ୍କ ପାଖରେ ଏବେ ଅନେକ ବଡ଼ ବଡ଼ ବ୍ୟାନର୍‌ର ଫିଲ୍ମ ରହିଛି । ସେ ଏବେ 'କକଟେଲ୍ ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ରଶ୍ମିକା ତାଙ୍କ ଲୋକପ୍ରିୟତା ବଢ଼ିବା ଦେଖି ଇତିମଧ୍ୟରେ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି । ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରଶ୍ମିକା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ପାଇଁ ୨ କୋଟି ଟଙ୍କା ଚାର୍ଜ କରିଥିଲେ । ହେଲେ 'ଆନିମଲ' ଫିଲ୍ମରୁ ରଶ୍ମିକା ନିଜର ଫିସ୍ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି । 'ଆନିମଲ' ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ଟଙ୍କା ମିଳିଥିଲା । ସେହିପରି 'ପୁଷ୍ପା: ଦ ରୁଲ୍' ପାଇଁ ସେ ୧୦ କୋଟି ଟଙ୍କା ଚାର୍ଜ କରିଥିଲେ । ଏବେ ରଶ୍ମିକା ତାଙ୍କର ଫିସ୍ ବହୁତ ଅଧିକ ବଢ଼ାଇ ଦେଇଛନ୍ତି । ସେ 'କକଟେଲ୍ ୨' ପାଇଁ ୧୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି । 'କକ୍‌ଟେଲ୍ ୨'ରେ ରଶ୍ମିକାଙ୍କ ସହ ଶାହିଦ୍ କପୁର, କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ । ଏହା ଆସନ୍ତା ଜୁନ୍ ୧୯ରେ ରିଲିଜ୍ ହେବ ।

## ବିଶ୍ୱ ପରିବେଶ ଦିବସ



ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି । ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ । ମଣିଷ ନିଜର ଜାଣତରେ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ । ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ । ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ମାତ୍ରାରେ ପ୍ଲାଷ୍ଟିକ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଯୋଗୁଁ ପୃଥିବୀ ଧୀରେଧୀରେ ଯେମିତି ବିନାଶ ଆଡ଼କୁ ଗତି କରୁଛି । ତେଣୁ ଏହି ଘୋର ସଙ୍କଟରୁ ବେଳହୁଁ ସାବଧାନ ହେବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଉଛି ଯାହାର ରୂପରେଖ ପ୍ରଥମେ ୧୯୭୨ ମସିହାରେ ପ୍ରସ୍ତୁତ କରାଯାଇଥିଲା । ସେହି ଦିନଠାରୁ ଜନସଚେତନତା ସୃଷ୍ଟି କରିବାପାଇଁ ପ୍ରତିବର୍ଷ ବିଶ୍ୱର ଜଣେ ଜଣେ ଦେଶ ନିଜକୁ ଆବାହକ ହିସାବରେ ପରିଗଣିତ କରି ସାରା ବିଶ୍ୱରେ ଏହାର ପ୍ରଚାର କରାଇଥାନ୍ତି । ଚଳିତବର୍ଷ ଏହି ଆନ୍ତର୍ଜାତୀୟ ଦିବସର ମୁଖ୍ୟ ଆୟୋଜନ ଆଜରବୈଜାନ ଦେଶର ବାକୁ ସହରରେ କରାଯାଉଛି । ନିଜର ସ୍ୱାର୍ଥ ହାସଲ ପାଇଁ ମାନବ ସମାଜ ପ୍ରକୃତି ଓ ପରିବେଶର ସନ୍ତୁଳନକୁ ବିଗାଡ଼ିସାରିଛି । ଫଳରେ ଜଙ୍ଗଲସମ୍ପଦ ଓ ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପଦରେ ପଡ଼ିଛି । କେବଳ ସେତିକି ନୁହେଁ, କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୮୦ବର୍ଷରୁ ଉର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୭୦ରୁ ୭୫ ବର୍ଷକୁ ଖସିଆସିଛି । ବର୍ଷାର ପରିମାଣ କମୁଥିବା ବେଳେ ବିଶ୍ୱ ତାପନ ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି । ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସିଉଠିବ । ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ । ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ । ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ । ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି- "ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପାଇଁ । ଆମ ଭବିଷ୍ୟତ ପାଇଁ ।"

## ଫେରିବେ ବିଲୁପ୍ତ ପକ୍ଷୀ !

ଆମେରିକାର ବାୟୋଟେକ୍ କମ୍ପାନୀ 'କୋଲୋସାଲ୍ ବାୟୋସାଇନ୍ସେସ୍' ଥ୍ରୀଡି ପ୍ରିଣ୍ଟେଡ୍ କୃତ୍ରିମ ଅଣ୍ଡାରୁ ସଫଳତାର ସହ ୨୬ଟି ସୁସ୍ଥ ଚିଆଁ ବାହାର କରି ଏକ ବୈପ୍ଳବିକ ସଫଳତା ହାସଲ କରିଛି । ଏହି ଅଭିନବ କୌଶଳ ବିଲୁପ୍ତ ପକ୍ଷୀଙ୍କୁ ପୁନର୍ଜୀବିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି । ଇତିହାସରେ ପ୍ରଥମଥର ପାଇଁ କୌଣସି ଜୀବନ୍ତ ପକ୍ଷୀର ସାହାଯ୍ୟ ନନେଇ ଏକ ସମ୍ପୂର୍ଣ୍ଣ କୃତ୍ରିମ ପରିବେଶରେ ଭ୍ରୁଣ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ଛୁଆରେ ପରିଣତ ହୋଇଛି । ବୈଜ୍ଞାନିକମାନେ ଥ୍ରୀଡି ପ୍ରିଣ୍ଟେଡ୍ ଟାଇଟାନିୟମ୍ ଏବଂ ସିଲିକନ୍ ଝିଲ୍ଲି ବ୍ୟବହାର କରି ଏକ କୃତ୍ରିମ ଅଣ୍ଡା ଖୋଳପା ତିଆରି କରିଥିଲେ, ଯାହା ପ୍ରାକୃତିକ ଅଣ୍ଡା ଭଳି ଅମ୍ଳଜାନ ଭିତରକୁ ଯିବାକୁ ଦିଏ ଏବଂ ଭ୍ରୁଣକୁ ବଢ଼ିବାରେ ସାହାଯ୍ୟ କରେ । ଏହି ଟେକ୍ନିକ୍ ସାହାଯ୍ୟରେ କମ୍ପାନୀ ନିଉଜିଲ୍ୟାଣ୍ଡର ବିଶାଳକାୟ ଏବଂ ବିଲୁପ୍ତ ପକ୍ଷୀ 'ସାଉଥ୍ ଆଇଲ୍ୟାଣ୍ଡ ଜାଏଣ୍ଟ ମୋଆ'କୁ ପୁନର୍ଜୀବିତ କରିବାକୁ ଲକ୍ଷ୍ୟ ରଖିଛି । ଡାଇନୋସର୍ ଯୁଗ ପରେ ମୋଆ ପୃଥିବୀର ସବୁଠାରୁ ବଡ଼ ପକ୍ଷୀ ଥିଲା । ଏହାର ଉଚ୍ଚତା ୧୨ ଫୁଟ ଏବଂ ଓଜନ ପ୍ରାୟ ୨୫୦ କିଲୋଗ୍ରାମ ଥିଲା । ଏହା ଉଡ଼ିପାରୁ ନ ଥିଲା ଏବଂ ମଣିଷଙ୍କ ଦ୍ୱାରା ଶିକାର ହୋଇ ବିଲୁପ୍ତ ହୋଇଯାଇଥିବା କୁହାଯାଏ । ସେହିପରି ଏହାର ଅଣ୍ଡା ଖୁବ୍ ବଡ଼ ଥିଲା । ଏହି ସଫଳତା ଦ୍ୱାରା 'ଡୋଡୋ' ଏବଂ 'ମୋଆ' ଭଳି ବିଶାଳକାୟ ବିଲୁପ୍ତ ପକ୍ଷୀଙ୍କ ପ୍ରଜନନ ଏବଂ ଇନକ୍ୟୁବେସନ୍ କରିବାର ବାଟ ସହଜ ହୋଇଯିବ ବୋଲି ବୈଜ୍ଞାନିମାନେ ଆଶାବାଦୀ ଅଛନ୍ତି । ତେବେ ପ୍ରାରମ୍ଭିକ ଅବସ୍ଥାରେ ଏହି ଟେକ୍ନିକ୍‌କୁ ଭଲ ଭାବରେ ବୁଝିବା ଲାଗି ଏହାକୁ କୁକୁଡ଼ାଙ୍କ ଉପରେ ପରୀକ୍ଷା କରାଯାଇଥିଲା । ଏହି ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏପର୍ଯ୍ୟନ୍ତ ୨୬ଟି ସୁସ୍ଥ କୁକୁଡ଼ା ଛୁଆ ଜନ୍ମ ହୋଇସାରିଛନ୍ତି । ଏହି ସଫଳତା ପରେ ବି ଅନେକ ବୈଜ୍ଞାନିକ ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି । ବିଲୁପ୍ତ ପ୍ରଜାତିଗୁଡ଼ିକୁ ପୁଣି ଥରେ ଫେରାଇ ଆଣିଲେ ଏହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି କିଛି ବୈଜ୍ଞାନିକ ଚେତାଇ ଦେଇଛନ୍ତି । ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ଏହି ସଫଳତା ଉପରେ ନିଜର ମତ ଦେଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଏହି ଟେକ୍ନୋଲୋଜି ଭାରତରେ ବିପଦାପନ୍ନ ପକ୍ଷୀ ଯଥା ସାଇବେରିଆନ୍ କ୍ରେନ୍ କିମ୍ବା ଅନ୍ୟାନ୍ୟ ବିରଳ ପ୍ରଜାତିଗୁଡ଼ିକୁ ଲୁପ୍ତ ହେବାରୁ ରକ୍ଷା କରିପାରିବ ।



## ଖରାଦିନେ ଚର୍ମ ଆଲର୍ଜି



ଖରାଦିନେ ତାପମାତ୍ରା ବୃଦ୍ଧି ମନୁଷ୍ୟ ଶରୀର ସହିତ ଚର୍ମ ଉପରେ ପ୍ରଭାବ ପକାଇଥାଏ । ଏହି ଦିନେ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଶରୀରରୁ ଝାଳ ବାହାରିଥାଏ । ଝାଳରୁ ଚର୍ମର ତୈଳାଂଶ ବାହାରି ଯାଇଥାଏ । ଏହା କବକ ଓ ଜୀବାଣୁ ବୃଦ୍ଧି କରୁଥିବାରୁ ଚର୍ମ ଶୁଷ୍କ ହୋଇ ଆଲର୍ଜି ସୃଷ୍ଟି ହୋଇଥାଏ । ଘିମିରି ମଧ୍ୟ ଆଲର୍ଜି ସୃଷ୍ଟି କରିବାର ଆଉ ଏକ କାରଣ । ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ଚର୍ମରେ ବୟସ ପୂର୍ବରୁ କୁଞ୍ଚନ, ଦାଗ କରେ । ଏହି ଅବସ୍ଥା ଅଧିକ ଦିନ ରହି ଚର୍ମ କର୍କଟ ହେବାର ଆଶଙ୍କାକୁ ବଢ଼ାଏ । ତେଣୁ ଖରାଦିନେ ଚର୍ମର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଜରୁରି ।

ଆଲର୍ଜି ବିଭିନ୍ନ ପ୍ରକାର ରହିଛି । ଆଲର୍ଜି ହେଲେ ଚର୍ମ ଶୁଷ୍କ ପଡ଼ିବା ସହ ଲାଲ୍ ହୋଇଯାଏ । ଲଗାତାର କୁଣ୍ଡାଇ ହୁଏ । ଜଳା ପୋଡ଼ା ହୁଏ । ଆଲର୍ଜି ଯୋଗୁଁ ସର୍ଦ୍ଦି, ଥଣ୍ଡା, କାଶ ଆଦି ହୋଇପାରେ । ତେଣୁ ଚର୍ମକୁ ସୁରକ୍ଷିତ ରଖିବା ପାଇଁ ନିଜ ଚର୍ମ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ପ୍ରଚୁର ପାଣି ପିଇବା ସହ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି । ଅଧିକ ଗରମ ସମୟରେ ବାହାରକୁ ଯାଉଥିଲେ, ପତଳା ସୂତା ପୋଷାକରେ ଦେହକୁ ଆବୃତ୍ତ କରି ରଖିବା ଆବଶ୍ୟକ । ସୁଷମ ଏବଂ ଉତ୍ତମ ଖାଦ୍ୟ ସହିତ, ଆବଶ୍ୟକ ଅନୁସାରେ ସୂର୍ଯ୍ୟାଲୋକ, ପାଣି ଗ୍ରହଣ ଏବଂ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ କ୍ରିମ ବ୍ୟବହାର କଲେ, ଚର୍ମ ସୁସ୍ଥ, ସତେଜ ଏବଂ ସୁରକ୍ଷିତ ରହିପାରିବ ।

ଆୟୁର୍ବେଦ ଉପାୟରେ କଞ୍ଚା ହଳଦୀ, ନିମପତ୍ରବଟା ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଶରୀରରେ ଲଗାଇ ଗାଧୋଇବା ଆବଶ୍ୟକ । ସେହିପରି ଲେମ୍ବୁ, ମହୁ, ମସୁରଡାଲିର ଗୁଣ୍ଡ, ଗୋଲାପଜଳ ଏହାର ଲେପ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଲଗାଇ ଗାଧୋଇବା ଦ୍ୱାରା ତ୍ୱଚା ଚିକ୍କଣ ହୁଏ ।




## 'ସକାଳ'ର ସ୍ୱାସ୍ଥ୍ୟ: ଇବୋଲା ସଂକ୍ରମଣ



ଇବୋଲା (Ebola) ଏକ ଭୟଙ୍କର ଜଟିଳ ଭୂତାଣୁ । ଏହାର ସଂକ୍ରମଣ ପ୍ରାଣଘାତୀ ମଧ୍ୟ ହୋଇପାରେ । ଏହା ପ୍ରଥମେ ୧୯୭୬ ମସିହାରେ ଆଫ୍ରିକାର କଙ୍ଗୋ ଅଞ୍ଚଳରେ ଚିହ୍ନଟ ହୋଇଥିଲା । ଏହା ମନୁଷ୍ୟ ଓ କିଛି ପ୍ରାଣୀଙ୍କ ଶରୀରକୁ ଆକ୍ରମଣ କରି ଗୁରୁତର ରକ୍ତସ୍ରାବ, ଅଙ୍ଗ ଗୁଡିକ ବିକଳାଙ୍ଗ କରି ଶେଷରେ ମୃତ୍ୟୁ ଆଶଙ୍କା ରହିଥାଏ । ଅତୀତରେ ଦେଖାଦେଇଥିବା ସଂକ୍ରମଣ ସମୟରେ ୨୫% ରୁ ୯୦% ପର୍ଯ୍ୟନ୍ତ ମୃତ୍ୟୁହାର ରହିଥିବା ରେକର୍ଡ ରହିଛି । ତେବେ ବର୍ତ୍ତମାନ ପୁଣିଥରେ କଙ୍ଗୋ ଓ ଉଗାଣ୍ଡାରେ ଇବୋଲା ଭୂତାଣୁର ଆତଙ୍କ ଦେଖିବାକୁ ମିଳିଛି । ଶତାଧିକ ସନ୍ଦିଗ୍ଧ ଚିହ୍ନଟ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରି ଘୋଷଣା କରିଥିବାରୁ ଏଥିପାଇଁ ଭାରତ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରି ମନେ କରାଯାଉଛି ।

ଇବୋଲା ରୋଗ Orthoebolavirus ନାମକ ଭାଇରସ୍ ଗୋଷ୍ଠୀ ଦ୍ୱାରା ସୃଷ୍ଟି ହୁଏ । ବୈଜ୍ଞାନିକମାନଙ୍କ ମତାନୁସାରେ ଫଳ ଖାଉଥିବା (fruit bats) ଏହାର ପ୍ରାକୃତିକ ବାହକ ହୋଇପାରନ୍ତି । ଭାଇରସ ପ୍ରଥମେ ପଶୁରୁ ମନୁଷ୍ୟକୁ ଏବଂ ପରେ ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ । ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରକ୍ତ ପଡିବା, ବାନ୍ତି, ଲାଳ, ଝାଳ ବାହାରିବା ଭଳି ଲକ୍ଷଣ ଦେଖା ଦେଇଥାଏ । ଆକ୍ରାନ୍ତ ବ୍ୟକ୍ତିଙ୍କ ବସ୍ତ୍ର, ବେଡ଼ସିଟ୍, ଚିକିତ୍ସା ସାମଗ୍ରୀ ଇତ୍ୟାଦି ସ୍ପର୍ଶ କରିବା ବା ସଂକ୍ରମିତ ପଶୁ କିମ୍ବା ପ୍ରାଣୀର ଶରୀର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ । ସଂକ୍ରମଣ ପରେ ସାଧାରଣତଃ ୨ ରୁ ୨୧ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଇପାରେ । ଯାହାର ପ୍ରାରମ୍ଭିକ ଲକ୍ଷଣ ତୀବ୍ର ଜ୍ୱର, ଭୟଙ୍କର ମୁଣ୍ଡବିନ୍ଧା, ଶରୀର ଓ ମାଂସପେଶୀ ଯନ୍ତ୍ରଣା, ଅତ୍ୟଧିକ ଦୁର୍ବଳତା, ଗଳା ଯନ୍ତ୍ରଣା ହୋଇ ପରବର୍ତ୍ତୀ ସମୟରେ ବାନ୍ତି ଓ ଡ଼ାଇରିଆ, ପେଟ ଯନ୍ତ୍ରଣା, ଚର୍ମରେ ଦାଗ, ଆଖି ଲାଲ ହେବା, ନାକ କିମ୍ବା ଶରୀରର ଭିତର/ବାହାର ରକ୍ତସ୍ରାବ (କେତେକ ମାମଲାରେ) ଭଳି ଲକ୍ଷଣ ଦେଖାଦେଇଥାଏ ।

ଏଭଳି ପରିସ୍ଥିତିରେ ପ୍ରତିକାର ଓ ଚିକିତ୍ସା ଜରୁରି ହୋଇପଡ଼େ । ବର୍ତ୍ତମାନ ଇବୋଲା ପାଇଁ ଶୀଘ୍ର ସହାୟକ ଚିକିତ୍ସା ଯଥା- ଶରୀରରେ ପାଣି ଓ ଲବଣର ସମତୁଳନ ରଖିବା, ଲକ୍ଷଣ ଅନୁଯାୟୀ ଚିକିତ୍ସା ଜୀବନରକ୍ଷାରେ ଗୁରୁତ୍ୱପୂର୍ଣ୍ଣ । ଏହାର ପ୍ରତିରୋଧ ପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ଦୂରରେ ରହିବା, ହାତ ସାବୁନ/ସାନିଟାଇଜରରେ ଧୋଇବା, ରକ୍ତ କିମ୍ବା ଶରୀରର ତରଳ ସହ ସିଧା ସଂସ୍ପର୍ଶ ଏଡ଼ାଇବା, ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ସାମଗ୍ରୀ (PPE) ବ୍ୟବହାର କରିବା, ଆକ୍ରାନ୍ତ ଅଞ୍ଚଳକୁ ଯିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶ ମାନିବା ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

- ଡାକ୍ତର ରାଜାରାମ ଷଡ଼ଙ୍ଗୀ
ସମ୍ବଲପୁର



## ସ୍ତନ କର୍କଟର ମାରାତ୍ମକତା ଜଣାଇବ ପରୀକ୍ଷା

ସ୍ତନ କର୍କଟ ଏକ ମାରାତ୍ମକ ବ୍ୟାଧି । ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର, କେମୋଥେରାପି, ହରମୋନ୍ ଥେରାପି ଆଦି ପ୍ରୟୋଗ କରାଯାଇଥାଏ । କର୍କଟ ଚିକିତ୍ସାରେ କେମୋଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ବି ପୀଡ଼ିତାଙ୍କ କ୍ଷେତ୍ରରେ ଏହାର କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ । ହେଲେ ଏବେ ଗୋଟିଏ ପରୀକ୍ଷାରୁ ସ୍ତନ କର୍କଟର ମାରାତ୍ମକତା ବିଷୟରେ ଜଣାପଡ଼ିବ । ସ୍ତନ ଟାଣ ଲାଗିଲେ, ସ୍ତନର ଆକାର କିମ୍ବା ଚର୍ମରେ ପରିବର୍ତ୍ତନ ଆଦି ହେଲେ କର୍କଟ ବିଶେଷଜ୍ଞଙ୍କ ପରାମର୍ଶରେ 'ପ୍ରୋସିଗ୍ନା' ବା ଜେନୋମିକ୍ ପରୀକ୍ଷା କରାଯାଇପାରିବ । ଏହି ପରୀକ୍ଷା ମୁଖ୍ୟତଃ ସ୍ତନ କର୍କଟର ପ୍ରାରମ୍ଭିକ ପର୍ଯ୍ୟାୟ, ହର୍‌ମୋନ୍ ରିସେପ୍ଟର ପଜିଟିଭ, HER2 ନେଗେଟିଭ୍ ପାଇଁ ବିଶେଷ ଫଳପ୍ରଦ । ଏହି ପରୀକ୍ଷା ପାଇଁ ବାୟୋପ୍ସି ଏବଂ ସର୍ଜରୀ ଦ୍ୱାରା ସ୍ତନରୁ କୋଷ ନେଇ ଲ୍ୟାବକୁ ପଠାଯାଏ । ଏହା ସ୍ତନରେ ଥିବା ୫୦ଟି ଜିନ୍‌ର ଗତିବିଧିକୁ ବିଶ୍ଳେଷଣ କରି କର୍କଟ କେତେ ମାରାତ୍ମକ ହୋଇଛି ତାହା ଜଣାଇଥାଏ । ଏହାଦ୍ୱାରା କର୍କଟ ବିଶେଷଜ୍ଞ ପୀଡ଼ିତାଙ୍କୁ କେମୋଥେରାପି ନେବାର ଆବଶ୍ୟକତା ଅଛି କି ନାହିଁ ତାହା ନିର୍ଦ୍ଧାରଣ କରି ପାରନ୍ତି । ଦୀର୍ଘ ୧୦ ବର୍ଷର ଅନ୍ତରାଷ୍ଟ୍ରୀୟ ପରୀକ୍ଷଣ 'ଅପ୍ଟିମା'ରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ପ୍ରୋସିଗ୍ନା ପରୀକ୍ଷାରେ ବିପଦର ଆଶଙ୍କା ଯଦି କମ୍ ଥାଏ ତେବେ କେମୋଥେରାପି ଏବଂ କେମୋଥେରାପି ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଏଡ଼ାଇ ଦେଇ ହେବ । ପୀଡ଼ିତାଙ୍କୁ କେମୋଥେରାପି ବଦଳରେ କେବଳ ହରମୋନ୍ ଥେରାପି/ ରେଡିଓଥେରାପି ଦିଆଯାଇ ସୁରକ୍ଷିତ ଭାବେ ଚିକିତ୍ସା କରାଯାଇପାରିବ । ଏହାଦ୍ୱାରା ପୀଡ଼ିତା କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟାରୁ ବଞ୍ଚିତ ରହିପାରନ୍ତି ।

## ଘର ବଇଦ: ହିକ୍କାର ଉପଚାର

ମୟୂର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମରେ ପିପ୍‌ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ରଖିବେ । ପ୍ରତି ୫ମିନିଟ୍‌ରେ ସେଥିରୁ ଟିକିଏ ଲେଖାଏଁ ଚାଟି ଖାଇଲେ ହିକ୍କା ବନ୍ଦ ହୁଏ ।

- କଞ୍ଚା କଇଥର ରସ, ମହୁ ଓ ପିପ୍‌ପଳୀ ଚୂର୍ଣ୍ଣ ସହିତ ଖାଇବେ ।
- ବିରି ଚୂନାକୁ ଚିଲମରେ ପୂରାଇ ବା ସିଗାରେଟ ପରି କରି ନିଆଁ ଲଗାଇ ତାର ଧୂଆଁ ପିଇଲେ ହିକ୍କା ବନ୍ଦ ହୁଏ ।
- ଶୁଖିଲା ହଳଦୀପତ୍ରକୁ ସିଗାରେଟ୍ ପରି କରି ଧୂଆଁ ପାନ କଲେ ଅତି ଦୁସ୍ତର ହିକ୍କା ବନ୍ଦ ହୁଏ ।
- ଗୋଟିଏ କାଗେଜିଲେମ୍ବୁ ଭିତରେ ସାମାନ୍ୟ ସୈନ୍ଧବ ଲବଣ ପୁରାଇ ନିଆଁରେ ତତାଇ ଚିପୁଡ଼ି ଅଳ୍ପ ପାଣି ମିଶାଇ ପିଇଲେ ତତ୍‌କ୍ଷଣାତ୍ ହିକ୍କା ରୋଗ ଭଲ ହୁଏ ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ହୃଦ୍‌ଘାତର ପ୍ରାଥମିକ ନିଦାନ

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତ ଶର୍କରା ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି । ଏହାଦ୍ୱାରା ଅଧିକାଂଶଙ୍କଠାରେ ହୃଦ୍‌ରୋଗ ଦେଖାଯାଏ । ତେଣୁ ହୃଦ୍‌ଘାତ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରାଥମିକ ପରୀକ୍ଷା ବିଷୟରେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ । କୌଣସି ବ୍ୟକ୍ତିଙ୍କର ଛାତିରେ ଯନ୍ତ୍ରଣା ହେବା, ଧଇଁ ସଇଁ ଲାଗିବା, ଅସ୍ୱାଭାବିକ ଭାବେ ହାଲିଆ ଲାଗିବା କିମ୍ବା ଛାତି ଧଡ଼ଧଡ଼ ହେବା ଆଦି ଲକ୍ଷଣ ଦେଖାଗଲେ କେତେଗୁଡ଼ିଏ ପ୍ରାଥମିକ ପରୀକ୍ଷା କରାଇବା ନିହାତି ଜରୁରି । ତନ୍ମଧ୍ୟରେ ରକ୍ତରେ କିଛି ପରୀକ୍ଷା ରହିଛି । ଯେପରିକି ସିବିସି, ରକ୍ତ ଶର୍କରା, ୟୁରିଆ କ୍ରିଏଟିନିନ୍ , ଲିପିଡ଼ ପ୍ରୋଫାଇଲ ଏବଂ ଲିଭର ଫଙ୍କସନ୍ ଟେଷ୍ଟ ପ୍ରାଥମିକ ଭାବେ ପରୀକ୍ଷା କରାଇନେବା ଜରୁରି । ଏହା ପରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇସିଜି । ଅଳ୍ପ ଖର୍ଚ୍ଚରେ ଅନେକ ସ୍ଥାନରେ ସହଜରେ ଏହି ପରୀକ୍ଷା ହୋଇପାରେ । ଏହି ପରୀକ୍ଷାରୁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳି ପାରିଥାଏ । ସେହିପରି ସ୍ୱତନ୍ତ୍ର ଭାବେ ହୃଦ୍‌ଘାତ ବିଷୟରେ ଜାଣିବା ପାଇଁ ରକ୍ତରେ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷା କରାଯାଇଥାଏ । ଏହି ପରୀକ୍ଷାକୁ ଟ୍ରୋପୋନିନ୍ (Troponin Test) କୁହାଯାଏ । ଏହା ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ । ଟ୍ରପ୍-ଟି ଏବଂ ଟ୍ରପ୍-ଆଇ । ଏହାପରେ କାର୍ଡିଓଲୋଜିଷ୍ଟ ରୋଗୀର ଇକୋ ପରୀକ୍ଷା କରି ହୃଦଯନ୍ତ୍ରର କାର୍ଯ୍ୟଦକ୍ଷତା ବିଷୟରେ ଅତ୍ୟାବଶ୍ୟକ ତଥ୍ୟ ହାସଲ କରିଥାନ୍ତି ।

## କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ଆଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କସ୍‌ମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ ନେବା ଏକାନ୍ତ ଆବଶ୍ୟକ । ଆମ ରାଜ୍ୟର ଜଳବାୟୁ ଅଧିକ ଧୂଳିକଣା, ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ । ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି କ୍ଷତି ହୋଇପାରେ । ଖରାଦିନେ ଘା' ଶୁଖିବାକୁ ସମୟ ଲାଗେ । ତେଣୁ ସର୍ଜରୀ ପରେ ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ । ଏସି କିମ୍ବା ଫଙ୍ଖା ତଳେ ରହିବା ଆବଶ୍ୟକ । ରାସାୟନିକଯୁକ୍ତ ଉତ୍ପାଦ ବ୍ୟବହାର ନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଫଳପ୍ରଦ । ସର୍ଜରୀ ପରେ ଅଧିକ ଝାଳ ଚର୍ମ ପାଇଁ କ୍ଷତିକାରକ । ଝାଳ ଅସ୍ତ୍ରୋପଚାର ସ୍ଥାନକୁ ଓଦାଳିଆ ରଖେ । ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୁଏ । ଏଥିପ୍ରତି ଧ୍ୟାନ ଦେବା ଜରୁରି । ସର୍ଜରୀ ପରେ ଅଧିକ ପରିଶ୍ରମ କରିବା ଅନୁଚିତ । ସର୍ଜରୀର ପାଞ୍ଚଦିନ ପରେ ଗାଧୋଇ ପାରିବେ । ଦିନକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ । ସର୍ଜରୀ ପରେ ଡାକ୍ତରଙ୍କ ପରାମର୍ଶ ମାନିବା ନିହାତି ଆବଶ୍ୟକ ।

# ଭୁବନେଶ୍ୱର ସିଟି



## ରାଜମିସ୍ତ୍ରିର କଳା କାରନାମା

# ଆଧ୍ୟାତ୍ମିକ ଚିକିତ୍ସା ଆଳରେ ଅସଦାଚରଣ

ଭୁବନେଶ୍ୱର, ୪।୬ (ସମିସ)

ଝିଅ ବାହାଘର ପରେ ଶାଶୂଘରେ ପାରିବାରିକ ଅଶାନ୍ତି ଦେଖା ଦେଇଥିଲା। ଯାହାକୁ ନେଇ ଭଉଣୀ ଠାରୁ ବାପା ପର୍ଯ୍ୟନ୍ତ, ସମସ୍ତେ ଚିନ୍ତାରେ ଥିଲେ। ସବୁକିଛି ଠିକଠାକ କରିବାକୁ ଝିଅର ବାପା ଆଧ୍ୟାତ୍ମିକ ଚିକିତ୍ସା କରିବାକୁ ନିଷ୍ପତ୍ତି ନେଇଥିଲେ। ବହୁ ଖୋଜାଖୋଜି

- ପାଦରେ ତେଲ ଘଷି କରିଥିଲା ଝଡ଼ାଫୁଙ୍କା
- ଆତ୍ମଘୋଷିତ ଚିକିତ୍ସକ ଗିରଫ
- ପରିବାର ଶାନ୍ତି ପାଇଁ ପୂଜାପାଠ କରିବାକୁ ଡକାଇଥିଲେ

କରିବା ପରେ ଜଣେ ଚିକିତ୍ସକକୁ ଘରକୁ ଡାକି ପୂଜାପାଠ କରିଥିଲେ। ହେଲେ ଆଧ୍ୟାତ୍ମିକ ଚିକିତ୍ସା



ଆଳରେ ବିବାହିତା ଝିଅକୁ ଏକାକୀ ପାଇ ଅସଦାଚରଣ କରିଥିଲା ଆତ୍ମଘୋଷିତ ଚିକିତ୍ସକ। ସିଆରପି ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଆତ୍ମଘୋଷିତ ଚିକିତ୍ସକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଗୋବରାର ସନ୍ତୋଷ କୁମାର ଗୌଡ଼ (୩୦)। ପେସାରେ ସେ ଜଣେ ନିର୍ମାଣ ମିସ୍ତ୍ରୀ।

ପୁଲିସ ସୂଚନାନୁସାରେ, ସିଆରପି ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ନୟାଗଡ଼ରେ ବିବାହ କରିଥିଲେ। କିଛିଦିନ ପର୍ଯ୍ୟନ୍ତ ସବୁକିଛି ଠିକଠାକ ଚାଲିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିବାଦ ଆରମ୍ଭ ହୋଇଥିଲା। ପାରିବାରିକ ଜୀବନରେ ଅଶାନ୍ତି ଆସିବାରୁ ମହିଳା ଜଣକ ଭୁବନେଶ୍ୱର ଫେରି ଆସି ବାପଘରେ ରହିବା ସହ ଏକ ଘରୋଇ ହସ୍ପିଟାଲରେ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ହେଲେ ନବବିବାହିତା ଝିଅର ଭବିଷ୍ୟତକୁ ନେଇ ପୁରା ପରିବାର ଚିନ୍ତାରେ ରହିଥିଲା। ସବୁ ଦିଗରୁ ନିରାଶ ହେବାପରେ ଆଧ୍ୟାତ୍ମିକ ଚିକିତ୍ସା ବା ଝଡ଼ା ଫୁଙ୍କା କରି ଝିଅ ଜୀବନରେ ଶାନ୍ତି ଫେରାଇ ଆଣିବାକୁ ବାପା ନିଷ୍ପତ୍ତି ନେଇଥିଲେ। ସାହି ପଡ଼ିଶାରୁ ବୁଝାବୁଝି କରିବା ପରେ ଆତ୍ମଘୋଷିତ ଆଧ୍ୟାତ୍ମିକ ଚିକିତ୍ସକ ସନ୍ତୋଷକୁ ଡକାଇଥିଲେ।

ନିଜ ପାଖରେ ଆଧ୍ୟାତ୍ମିକ ଶକ୍ତି ରହିଥିବା ବେଳେ ତା ବଳରେ ପାରିବାରିକ ବିବାଦର ସମାଧାନ କରିଦେବ ବୋଲି ସନ୍ତୋଷ କହିଥିଲା। ବାପା ଓ ସାନ ଭଉଣୀର ଉପସ୍ଥିତିରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲା। ମହିଳାଙ୍କ ଦେହରେ ଚନ୍ଦନ ମାରି ଗୋଟିଏ ସ୍ଥାନରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା। ମହିଳାଙ୍କ ପାଦ ଓ ଶରୀରରେ ସ୍ୱତନ୍ତ୍ର ତେଲ ମାରିବା ଦ୍ୱାରା ନକରାତ୍ମକ ପ୍ରଭାବ ଦୂରେଇ ଯିବ ବୋଲି କହି ସନ୍ତୋଷ ସମସ୍ତଙ୍କ ବିଶ୍ୱାସ ଜିତିଥିଲା। ମହିଳାଙ୍କୁ ଏକାକୀ ଥିବାବେଳେ ତେଲ ମାରିବାକୁ ପରିସ୍ଥିତି ସୃଷ୍ଟି କରିଥିଲା। ବାପାଙ୍କୁ ବେଲ ଆଣିବାକୁ ପଠାଇଥିବା ବେଳେ ସାନ ଭଉଣୀକୁ ତୁଳସୀ ପତ୍ର ଆଣିବାକୁ କହିଥିଲା।

ବାପା ଓ ସାନ ଭଉଣୀ ବାହାରକୁ ଯିବା ପରେ ସନ୍ତୋଷ ମହିଳାଙ୍କ ପାଦରେ ତେଲ ଘଷିବା ଆରମ୍ଭ କରିଥିଲା। ପାଦରେ ତେଲ ଘଷିବା ବେଳେ ସମ୍ବେଦନଶୀଳ ଅଙ୍ଗ ଆଡ଼କୁ ହାତ ନେବାକୁ ଉଦ୍ୟମ କରିଥିଲା। ଏଥିସହିତ ଅଶ୍ଳୀଳ ଭାବେ ସ୍ପର୍ଶ କରିବାକୁ ମଧ୍ୟ ଚେଷ୍ଟା କରିଥିଲା। ମହିଳା ଜଣକ ସନ୍ତୋଷର ଉଦ୍ଦେଶ୍ୟ ଜାଣିପାରି ବିରୋଧ କରିବା ସହ ଜୋରରେ ଚିତ୍କାର କରିଥିଲେ। ମହିଳାଙ୍କ ପାଟି ଶୁଣି ସନ୍ତୋଷ ତୁରନ୍ତ ସେଠାରୁ ଫେରାର ହୋଇ ଯାଇଥିଲା। ବାପା ଓ ଭଉଣୀ ଘରକୁ ଫେରିବା ପରେ ମହିଳା ଜଣକ ଘଟଣା ବିଷୟରେ ଜଣାଇଥିଲେ। ମହିଳାଙ୍କ ବାପା ଏନେଇ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରାଜମିସ୍ତ୍ରୀ ସନ୍ତୋଷକୁ ଗିରଫ କରିଥିଲା।

## ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ଶୀତଳଷଷ୍ଠୀ ପ୍ରସ୍ତୁତି

ଭୁବନେଶ୍ୱର, ୪।୬(ସମିସ): ଶ୍ରୀଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଛି। ଆସନ୍ତା ଜୁନ୍ ୧୭ ତାରିଖରେ ମଙ୍ଗନ, ଜୁନ୍ ୧୮ ତାରିଖରେ ଶିବବିବାହ ଓ ଜୁନ୍ ୧୯ ତାରିଖରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ବିବାହ ପାଇଁ ଠାକୁର ରାତି ୧୨ଟା ସୁଦ୍ଧା ବରାନୁଗମନ କରିବେ। ରାତି ୧୨ଟାରୁ ୪ଟା ମଧ୍ୟରେ ବିବାହ ଅନୁଷ୍ଠିତ ହେବ। ସେହିପରି ୩୦ ତାରିଖ ରାତି ସାଢ଼େ ୯ଟାରୁ ଶୀତଳଷଷ୍ଠୀ ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରରୁ ନବଦମ୍ପତି ବାହାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରକୁ ସଫା କରିବା ଓ ବଡ଼ଦାଣ୍ଡ ଶୀତଳଷଷ୍ଠୀ ରାସ୍ତାରେ ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଠାକୁରଙ୍କ ଯିବା ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ବିଏମ୍‌ସିକୁ ଚିଠି ଲେଖାଯିବ। ଶୀତଳଷଷ୍ଠୀ ରାସ୍ତାରେ ପିଏଚ୍‌ଡି ପକ୍ଷରୁ ଚାରିଟି ଛକରେ ପାଣି ଟାଙ୍କି ରଖିବା ବିଦ୍ୟୁତ୍ ସେକ୍ସନ ପକ୍ଷରୁ ବିଦ୍ୟୁତ୍ ନ କାଟିବାକୁ ସେସୁକୁ ଚିଠି



ଲେଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ପୁଲିସ ବିଭାଗକୁ ଚିଠି ଲେଖାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

## ଜମି ବିକ୍ରି କରିବାକୁ କହି ୬୨ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୪।୬ (ସମିସ): ଜମି ବିକ୍ରି ଆଳରେ ୬୨ ଲକ୍ଷ ଟଙ୍କା ଠକି ନେଇଥିବା ଠକକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଟିଆର ଅମୀୟ କୁମାର ମହାନ୍ତି (୫୦)।

ପୁଲିସ ସୂଚନାନୁସାରେ, ଅମିୟ ନିଜକୁ ପଟିଆ ମୌଜାରେ ଥିବା ଏକ ଜମିର ମାଲିକ ଓ ସାଧାରଣ ପାୱାର ଅଫ୍ ଅଟର୍ଣ୍ଣି (ଜିପିଏ) ଧାରକ ବୋଲି ମେସର୍ସ ପଟ୍ଟନାୟକ ଆସୋସିଏଟ୍ସର ପରିଚାଳନା ନିର୍ଦ୍ଦେଶକଙ୍କୁ ପରିଚୟ ଦେଇଥିଲେ। ମୋଟ ଏକର ୫୨ ଡିସିମିଲ ଜମିରୁ ୩୩ ଡିସିମିଲ ଜମିକୁ କୋଟିଏ ୪୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅମୀୟ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ତାରିଖରେ ମୋଟ



ମୃତ୍ୟୁ ପୂର୍ବରୁ ମାଆଙ୍କ ଠାରୁ ପାୱାର ଆଣିଥିଲେ

୬୨ ଲକ୍ଷ ୬୦ ହଜାର ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ। ଅମୀୟ ଟଙ୍କା ପାଇବା ପରେ ମନି ରିସିପ୍ଟ ଦେବା ସହ ସେଲ୍‌ଫ ଡିଡ୍ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେଲ୍‌ଫ ଡିଡ୍ କାର୍ଯ୍ୟକାରୀ କରିନଥିଲେ କି ଅଗ୍ରୀମ ଟଙ୍କା ଫେରାଇନଥିଲେ। ପରେ ଏକ ଚୁକ୍ତିନାମା କରି ୬୨ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା କରିଥିବା ସ୍ୱୀକାର କରିବା ସହ ଜମି ସେଲ୍‌ଫ ଡିଡ୍ କରିବେ କିମ୍ବା ଟଙ୍କା ଫେରାଇବେ ବୋଲି ରାଜି ହୋଇଥିଲେ। ହେଲେ ତାହା ମଧ୍ୟ କରିନଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅମୀୟ ନିଜ ମାଆଙ୍କ ମୃତ୍ୟୁ ପୂର୍ବରୁ ପାୱାର ଅଫ୍ ଆଟର୍ନି କରିଥିଲେ। ମାଆଙ୍କ ମୃତ୍ୟୁ ପରେ ସ୍ୱତଃ ରଦ୍ଦ ହୋଇଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ଏ ସମ୍ପର୍କରେ ଜଣାଇନଥିଲେ। ଏମିତିକି ଜମିର ଆହୁରି ୬ ଜଣ ସତ୍ତ୍ୱାଧିକାରୀ ଥାଇ ମଧ୍ୟ, ସେ ବିଷୟରେ କହିନଥିଲେ। ଆଜି ଚନ୍ଦ୍ରଶେଖରପୁର ଥାନା ପୁଲିସ ଅମୀୟଙ୍କୁ ଗିରଫ କରିବା ସହ ବ୍ୟାଙ୍କ ଖାତା ବିବରଣୀ, ମନି ରିସିପ୍ଟ, ଚୁକ୍ତିନାମାଓ ଜମି ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି।

## ବନ୍ଧୁ ସାଜିଲେ ବଇରୀ / ଯୁବକଙ୍କୁ ରାସ୍ତାରେ ଅଟକାଇ ଛୁରାମାଡ଼

ଭୁବନେଶ୍ୱର, ୪।୬ (ସମିସ): ନିଶା କାରବାରକୁ କେନ୍ଦ୍ରକରି ପୁଣି ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ବ୍ରାଉନସୁଗର ବିକ୍ରିକୁ କେନ୍ଦ୍ରକରି ଯୁବକଙ୍କୁ ରାସ୍ତାରେ ଅଟକାଇ ଛୁରାମାଡ଼ କରିଛନ୍ତି ଦୁଇ ବନ୍ଧୁ। ବାଲିଅନ୍ତା ଥାନା ଅଧୀନସ୍ଥ ସରକଣା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଛୁରା ମାଡ଼ରେ ସେହି ଗାଁର ହାଡୁବନ୍ଧୁ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍‌ସରେ ଭର୍ତ୍ତି କରାଯାଇଛି। ହାଡୁବନ୍ଧୁଙ୍କ ସାଙ୍ଗ ସନ୍ତୋଷ ଦାସ ଓ ହେମନ୍ତ ବାରିକ ଏଭଳି କାଣ୍ଡ ଭିଆଇଥିବା ବେଳେ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି ପୁଲିସ।

ଅଭିଯୋଗ ଅନୁଯାୟୀ, ସରକଣାର ହାଡୁବନ୍ଧୁ, ସନ୍ତୋଷ ଓ ହେମନ୍ତ ସାଙ୍ଗ ହୋଇଥିବା ବେଳେ ଅନେକ ସମୟରେ ଏକାଠି ବସା ଉଠା କରନ୍ତି। ବୁଧବାର ବ୍ରାଉନସୁଗର କାରବାରକୁ ନେଇ ୩ ଜଣଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ଏହାସହିତ ଟଙ୍କାକୁ ନେଇ ବିବାଦ ହେବା ସହ ପରସ୍ପରକୁ ଗାଳିଗୁଲଜ କରିଥିଲେ। ହେଲେ କିଛି ସମୟପରେ ସବୁକିଛି ଠିକଠାକ ହୋଇ ଯାଇଥିଲା। ଗୁରୁବାର ସକାଳେ ହାଡୁବନ୍ଧୁ କାମକୁ ଯାଇଥିବା ବେଳେ ସନ୍ତୋଷ ଓ ହେମନ୍ତ ଆସି ତାଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ।



ଅପରାହ୍ଣରେ ପୁଣିଥରେ ଆସି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ।

ସନ୍ଧ୍ୟାରେ ହାଡୁବନ୍ଧୁ ଘରକୁ ଫେରୁଥିବା ବେଳେ ସନ୍ତୋଷ ଓ ହେମନ୍ତ ତାଙ୍କୁ ସରକଣା ବଜାର ପାଖରେ ଅଟକାଇଥିଲେ। ଗତକାଲିର ବିବାଦକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଉଭୟପକ୍ଷ ହାତାହାତି ହୋଇଥିଲେ। ଠିକ୍ ଏତିକିବେଳେ ସନ୍ତୋଷ ଓ ହେମନ୍ତ ମାଡ଼ ମାରି ହାଡୁବନ୍ଧୁଙ୍କୁ ତଳେ ପକାଇ ଦେଇଥିଲେ। ପୂର୍ବ ଯୋଜନା ମୁତାବକ ସନ୍ତୋଷ ଓ ହେମନ୍ତ ରଖିଥିବା ଛୁରିରେ ହାଡୁବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଛୁରା ମାଡ଼ ଫଳରେ ତାଙ୍କ ପେଟରେ

- ଗୁରୁତର ଯୁବକ ଏମ୍‌ସରେ ଭର୍ତ୍ତି
- ଘଟଣା ପଛରେ ବ୍ରାଉନସୁଗର କାରବାର
- ଜଣେ ଅଟକ; ଆଉ ଜଣେ ଫେରାର

ଗଭୀର ଆଘାତ ଲାଗିଥିଲା। ଘଟଣା ପରେ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବରପାଇ ହାଡୁବନ୍ଧୁଙ୍କ ଭାଇ ଭଗବାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍?ସକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଭଗବାନଙ୍କ ଅଭିଯୋଗ କ୍ରମେ ବାଲିଅନ୍ତା ପୁଲିସ ଏକ ମାମଲା ରୁଜୁ କରିବା ସହ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

## ବେଆଇନ ବାଲି ଚାଲାଣ; ଚାଳକ ଗିରଫ, ଟ୍ରାକ୍ଟର ଜବତ



ଧଉଳି, ୪।୬(ସମିସ): ଧଉଳି ଥାନା ପୁଲିସ ଟିମ୍ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଗାଡ଼ି ଯାଞ୍ଚ କରୁଥିବା ବେଳେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ସିଙ୍ଗିବ୍ରହ୍ମପୁରର ଟୁନିଆ ଉର୍ଫ ତ୍ରିଲୋଚନ ବେହେରା(୪୦) ବାଲି ପରିବହନ ସମ୍ବନ୍ଧୀୟ କୌଣସି ବୈଧ ଦସ୍ତାବିଜ, ମାଇନିଂ ପରମିଟ୍, ଟ୍ରାଞ୍ଜିଟ୍ ପାସ୍ କିମ୍ବା କ୍ଷୁଦ୍ର ଖଣିଜ ପଦାର୍ଥ ପରିବହନ ପାଇଁ ଆବଶ୍ୟକ "ୱାଇ" ଫର୍ମ ଦାଖଲ କରିପାରି ନ ଥିଲେ। ଫଳରେ ଉକ୍ତ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରଲିକୁ (ଡ଼ାଲା) ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କୌଣସି ବୈଧ ଅନୁମତି, ଲାଇସେନ୍ସ କିମ୍ବା ପରମିଟ୍ ବିନା ବେଆଇନ ଭାବେ ବାଲି ପରିବହନ କରୁଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ପ୍ରକାଶ କରିଥିଲେ ଯେ, ଟ୍ରାକ୍ଟରର ପଞ୍ଜୀକୃତ ମାଲିକଙ୍କ ସ୍ୱାମୀ ଅଶ୍ୱିନୀ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ସେ ବାଲି ପରିବହନ କରୁଥିଲେ ଏବଂ ଏପରି ବେଆଇନ ବାଲି ପରିବହନ ପୂର୍ବରୁ ମଧ୍ୟ ଏକାଧିକ ଥର କରାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଥିଲା ଯେ, ଏପରି ବେଆଇନ ଖନନ ଓ ପରିବହନ ଯୋଗୁଁ ସରକାରୀ ରାଜସ୍ୱର କ୍ଷତି ଘଟୁଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ବେଆଇନ ବାଲି ପରିବହନ ଚକ୍ର ସହ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶ ଥାଉ କି ଧଉଳି ଥାନାର ଏଏସ୍‌ଆଇ ମନ୍ମଥ କୁମାର ବେହେରାଙ୍କ ରିପୋର୍ଟ ଉପରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

## ଲୁଟ୍ ପରେ ଖଣ୍ଡାରେ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୪।୬(ସମିସ): ଲୁଟ୍ ପରେ ଅଭିଯୋଗକାରୀଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋପୀନାଥ ନାୟକ ଓରଫ ଗୋପୀ। ତାଙ୍କ ଠାରୁ ଖଣ୍ଡା ଏବଂ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌କୁ ଅପେକ୍ଷା କରି ବସିଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କ ନିକଟକୁ ଆସି ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଥିବା ତାଙ୍କ ହ୍ୟାଣ୍ଡବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସେ



ରକ୍ତାକ୍ତ ଆହତ ହୋଇଥିଲେ। ଏହାପରେ ଅଭିଯୁକ୍ତ ଛଡ଼ାଇ ନେଇଥିବା ସାମଗ୍ରୀ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ଅଭିଯୋଗକାରିଣୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ପୁଲିସ ମାଷ୍ଟରକ୍ୟାଣ୍ଟିନ ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ତଲାସୀ ସମୟରେ ଘଟଣାରେ ବ୍ୟବହୃତ ଏକ ଧାରୁଆ ଅସ୍ତ୍ର ଏବଂ ନଗଦଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଶହୀଦନଗର, କ୍ୟାପିଟାଲ ଏବଂ ଖାରବେଳନଗର ଥାନାରେ ରୁଜୁ ହୋଇଥିବା ଚୋରି, ଲୁଟ, ମାଡ଼ପିଟ, ଛଡ଼ାଇନେବା, ଧମକ ଏବଂ ଅନ୍ୟାନ୍ୟ ସଙ୍ଗୀନ ଅପରାଧ ସମ୍ବନ୍ଧୀୟ ଅତିକମରେ ୭ଟି ମାମଲାରେ ସମ୍ପୃକ୍ତ ଥିବା ଯାଞ୍ଚରୁ ଜଣାପଡ଼ିଛି।

## ସ୍କୁଟି ଚୋରି କରି ଯୁବକ ଗିରଫ

ଧଉଳି, ୪।୬(ସମିସ): ସ୍କୁଟି ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ନୋଳିଆ ସାହିର ପପୁ ଓରଫ ନିର୍ମଳ ଦାସ। ପପୁ ଦୀର୍ଘବର୍ଷ ହେବ ଧଉଳି ଥାନା ରଘୁନାଥପୁର ଭୋଇ ସାହିରେ ଭଡାରେ ରହୁଥିଲେ। ପୁଲିସ୍ ସୂତ୍ରରୁ ଜଣାପଡ଼ିଛି ଏହି ଥାନା ନାଥପୁର ଗ୍ରାମର ବିକ୍ରମ କେଶରୀ ପ୍ରଧାନ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ନିଜ ଘର ବାରଣ୍ଡା ସମ୍ମୁଖରେ ପାର୍କିଂ କରି ରଖିଥିଲେ। ଦିନ ପ୍ରାୟ ସାଢ଼େ ଗୋଟାଏରେ ପପୁ ଉକ୍ତ ସ୍କୁଟିକୁ ରାସ୍ତାରେ ଗଡ଼ାଇ ନେଉଥିଲେ। ପଡୋଶୀଙ୍କ ଠାରୁ ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ପପୁକୁ ସ୍କୁଟି ସହ କାବୁ କରିଥିଲେ। ପରେ ଧଉଳି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ



ସେଠାରେ ପହଞ୍ଚି ସ୍କୁଟିକୁ ଉଦ୍ଧାର କରିବା ସହ ପପୁକୁ ଥାନାକୁ ନେଇ ପଚରାଉଚରା ଚଳାଇଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ୱାକାଥନ୍

ଭୁବନେଶ୍ୱର, ୪।୬(ସମିସ): ତମାଖୁ ସେବନର ଭୟାବହତା ଓ ଅପକାରିତା ଏବଂ ତମାଖୁ ମୁକ୍ତ ଜୀବନ ସମ୍ପର୍କରେ ସଚେତନତା ବାଣ୍ଟିବା ଲକ୍ଷ୍ୟ ନେଇ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି। ଆଇଡିଏସ୍‌ରୁ ଏହି ରାଲି ଆରମ୍ଭ ହୋଇ ସମ୍ ହସ୍ପିଟାଲ ଛକ ଓ ଏପିଜେ ଅବଦୁଲ କଲାମ୍ ପାର୍କ ଅତିକ୍ରମ କରି ପୁଣି କଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ରାଲିରେ ଫ୍ୟାକଲ୍ଟି ସଭ୍ୟ, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ରାଲିକୁ ଆଇଡିଏସ୍‌ର ଟୋବାକୋ ସିସେସନ୍ ସେଣ୍ଟରର ନୋଡାଲ୍ ଅଫିସର ପ୍ରଫେସର ସନତ୍ କୁମାର ଭୂୟାଁ ଶୁଭାରମ୍ଭ କରିଥିବାବେଳେ ତାଙ୍କ ସହିତ ଡ. ବସନ୍ତ ଚୌଧୁରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡ. ଗାଥା ମହାନ୍ତି, ଡ. ସ୍ମିତା ପ୍ରିୟଦର୍ଶନୀ ଓ ଡ. ସୁମିତା ମିଶ୍ର ପରିଚାଳନା କରିଥିଲେ। ଆଇଡିଏସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ସୁସ୍ଥ ଓ ତମାଖୁ ମୁକ୍ତ କରିବା ନେଇ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

## ଆଜି ବିଶ୍ୱ ପରିବେଶ ଦିବସ

# କମୁଛି ଗଛ; ବଢୁଛି କଂକ୍ରିଟ୍ ଜଙ୍ଗଲ

ଭୁବନେଶ୍ୱର, ୪।୬(ସମିସ)

ଦିନେ ଯେଉଁଠି ଜଙ୍ଗଲ ଭରି ରହିଥିଲା ଏବେ ସେଠାରେ କଂକ୍ରିଟ୍ ଜଙ୍ଗଲ ହୁ ହୁ ହୋଇ ବଢ଼ି ଚାଲିଛି। ଯେଉଁଠି ଦିନେ ଗାଈଗୋରୁଙ୍କ ସମେତ ଅନ୍ୟ ପଶୁପକ୍ଷୀ ଚରାବୁଲା କରୁଥିଲେ ଏବେ ସେହି ସ୍ଥାନ ଗୁଡ଼ିକରେ ବିଭିନ୍ନ ପ୍ରକାରର ଗାଡ଼ି ଯା ଆସ କରୁଛି। ପୂର୍ବରୁ ବିଭିନ୍ନ ପଶୁପକ୍ଷୀଙ୍କ ଶବ୍ଦ ଶୁଣାଯାଉଥିବା ବେଳେ ଏବେ ଗାଡ଼ି ମାନଙ୍କର ଶବ୍ଦ ଶୁଣାଯାଉଛି। ଫଳରେ ପ୍ରାକୃତିକ ଜଙ୍ଗଲ କମି କମି ଆସୁଥିବା ବେଳେ କଂକ୍ରିଟ୍ ଜଙ୍ଗଲ ବଢ଼ି ବଢ଼ି ଚାଲିଛି।

ରାଜଧାନୀ ଦିନକୁ ଦିନ ନବକଳେବର ହେବାରେ ଲାଗିଛି। ସହରର ଯେଉଁ ଅଞ୍ଚଳ ସବୁ ଜଙ୍ଗଲ ଥିଲା ଏବେ ସେଠାରେ ସୁଉଚ୍ଚ ଅଟ୍ଟାଳିକା ଠିଆ ହୋଇଛି। ଏଥିସହିତ ଯେଉଁ ପଡ଼ିଆ ଜମିରେ ଚାଷ ହଉଥିଲା ଏବେ ସେ ପଡ଼ିଆ ବିଭିନ୍ନ ପ୍ରୋଜେକ୍ଟର ସ୍ଥାନ ନେଇଛି। ବିଗତ ୫୦ ବର୍ଷ ମଧ୍ୟରେ ଭୁବନେଶ୍ୱରର ପ୍ରାକୃତିକ ପରିବେଶରେ ବ୍ୟାପକ ହ୍ରାସ ଘଟିଛି। ରାସ୍ତା ପ୍ରଶସ୍ତୀକରଣ ଓ ଆକାଶଛୁଆଁ କୋଠାବାଡ଼ି ନିର୍ମାଣ ପାଇଁ ହଜାର ହଜାର ପୁରୁଣା ଗଛ କଟାଯାଇଛି। ଆବାସସ୍ଥଳ ହରାଇ ଏବେ ଅନେକ ପଶୁପକ୍ଷୀ ସହରରୁ ଉଭାନ୍ ହୋଇଗଲେଣି। ଦିନେ ଭୁବନେଶ୍ୱରରେ ବହୁଳ ସଂଖ୍ୟାରେ ଦେଖାଯାଉଥିବା ପ୍ରଜାପତି, ହଳଦୀବସନ୍ତ, କଜଳପାତି, ଶାଗୁଣା, ବଗ, ଗେଣ୍ଡାଳିଆ ଓ ଘରଚଟିଆ ଭଳି ପକ୍ଷୀ ଏବେ ପ୍ରାୟ ଦୃଷ୍ଟିଗୋଚର ହେଉନାହାନ୍ତି। ସେହିପରି ଠେକୁଆ, ନେଉଳ, ଏଣ୍ଡୁଅ, ଗୋଧ ଓ ସାପ



ଆଦି ସରୀସୃପଙ୍କ ସଂଖ୍ୟା ମଧ୍ୟ ବିଲୁପ୍ତପ୍ରାୟ ହୋଇଗଲାଣି।

ପୂର୍ବରୁ ରାଜଧାନୀରେ ଜଙ୍ଗଲ କହିଲେ ଚନ୍ଦକା, ନନ୍ଦନକାନନ ଅଞ୍ଚଳ, ଖଣ୍ଡଗିରି ଉଦୟଗିରି ପାହାଡ଼ ଅଞ୍ଚଳ, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ବାରି, ପାତ୍ରପଡ଼ା, ଡୁମୁଡୁମା, ପୋଖରୀପୁଟ ଆଦି ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ହେଲେ ଏବେ ଏହି ସବୁ ସ୍ଥାନ ଗୁଡ଼ିକରେ ଜଙ୍ଗଲ ନାହିଁ, ଉଚ୍ଚ ଅଟ୍ଟାଳିକା, ସମେତ ଶିକ୍ଷାନୁଷ୍ଠାନ, ସପିଂ ମଲ୍ ଆଦି ନିର୍ମାଣ ହୋଇଛି। ଚନ୍ଦକା-ଡମ୍ପପଡ଼ା ଜଙ୍ଗଲର ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ଅଂଶ ମୁଖ୍ୟତଃ ଭରତପୁର ସଂରକ୍ଷିତ ଜଙ୍ଗଲ ଏବଂ ଜଗନ୍ନାଥପ୍ରସାଦ ଜଙ୍ଗଲ କ୍ଷେତ୍ର ଭୁବନେଶ୍ୱରର ବିସ୍ତାରିତ ପୌର ସୀମା ଦ୍ୱାରା କମିଯାଇଛି। ସହରର ଫୁସ୍‌ଫୁସ୍ କୁହାଯାଉଥିବା ଚନ୍ଦକା ଅଭୟାରଣ୍ୟ ମଧ୍ୟ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ପୂର୍ବରୁ ଚନ୍ଦକା ଜଙ୍ଗଲର ଅଂଶ ବିଶେଷ ଥିବା କଳିଙ୍ଗନଗର ଜୋନର ଏକ ୮୯ ଏକର ଅଞ୍ଚଳକୁ ଆନନ୍ଦବନ ନଗରବନରେ ପରିଣତ କରାଯାଇଛି। ଏହିପରି ଆଇଆରସି ଭିଲେଜରୁ ପ୍ରଥମେ ୧୯୮୦ ଦଶକରେ ୪୩ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ପାଇଁ ଗଛ କାଟି ଦିଆଯାଇଥିଲା ଏବଂ ପରେ ସ୍ଥାୟୀ ଭାବରେ ସହରର ଆବାସିକ ପଦଚିହ୍ନରେ ଏହାକୁ ସାମିଲ କରାଯାଇଥିଲା। ଏଇ ଗତ କିଛି ମାସ ତଳେ ମଧ୍ୟ ଅନେକ ଗଛକୁ କାଟି ପଦା କରି ଦିଆଯାଇଛି। ଯାହାଦ୍ୱାରା ସହରର ଆଉ ଯେତେବି ଗଛ କିମ୍ବା ଜଙ୍ଗଲ ଥିଲା ତାହା ବି ଆଉ ଦେଖିବାକୁ ମିଳିବନି ବୋଲି ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି।

ଅନେକ ପ୍ରାକୃତିକ ଜଳଉତ୍ସ, ଜଙ୍ଗଲ ଏରିଆ ବେଆଇନ ଦଖଲ ଦ୍ୱାରା ଅଦୃଶ୍ୟ ହୋଇ ଗଲାଣି। ପ୍ରାକୃତିକତା ହଜି ହଜି ଯାଉଛି କୃତ୍ରିମ ପରିବେଶ ବୃଦ୍ଧି ପାଉଛି। ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ, ସମସ୍ତେ ସହରର ବାସପଯୋଗିତାକୁ ଉନ୍ନତ କରିବା ପାଇଁ ଛୋଟ ଛୋଟ ପଦକ୍ଷେପ ନେବା ଆବଶ୍ୟକ। ପରିବେଶକୁ ଦୃଷ୍ଟିରେ ରଖି ଯଦି ଗୋଟେ ଗୋଟେ ଗଛ ସମସ୍ତେ ଲଗାନ୍ତେ ତେବେ ପରିମ୍ରେ ସୁରକ୍ଷା କିଛି ମାତ୍ରାରେ ହୋଇପାରନ୍ତା ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।





## ନବନିର୍ମାଣ କୃଷକ ସଂଗଠନ ଉପରେ ଦମନ ଅଭିଯୋଗ

# ଗଣଆନ୍ଦୋଳନ ରୋକିବାକୁ ମିଛ କେସ୍




■ ଜୁନ୍ ୧୦ରେ ପୁଲିସ୍ ଡିଜି କାର୍ଯ୍ୟାଳୟ ସାମନାରେ ଧାରଣା

ଭୁବନେଶ୍ୱର,୪।୬(ସମିସ)

ନବନିର୍ମାଣ କୃଷକ ସଂଗଠନର ନେତୃତ୍ୱମାନଙ୍କ ଉପରେ ମିଛ ମନଗଢ଼ା ମାମଲା ଦାୟର କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ସହାୟତାରେ ଦବାଇ ଦେବାର ହୀନ ଚକ୍ରାନ୍ତ ହେଉଛି। ଡବଲ ଇଂଜିନ୍ ବିଜେପି ସରକାରଙ୍କ ଦ୍ୱାରା ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା କରାଯାଇ ଏପରି ଉଦ୍ୟମ ହେଉଛି। ମାର୍ଚ୍ଚ ୩୦ରେ କେନ୍ଦୁଝର ଘଟଗାଁରୁ ଆରମ୍ଭ ହୋଇଥିବା ପଦଯାତ୍ରା କଟକର ଫୁଲନଖରା ଠାରେ ହିଂସା ଓ ଦଙ୍ଗା କେଶ୍ ଲଗାଇ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ସମେତ ୧୩ଜଣ ନେତୃତ୍ୱଙ୍କୁ ୧୪ ଦିନ ଜେଲରେ ପୁରାଇବାଠାରୁ ଆରମ୍ଭ କରି ନୟାଗଡ଼ରେ ଜାନୁୟାରୀ ୨୨ ତାରିଖରେ ଚାଷୀ ରାଲି ବେଳେ ସଂଗଠନର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ଉପରେ ଆର୍ମସ୍ ଆକ୍ଟ ଲଗାଇବା ଆଦି ଘଟଣା ଏହାର ନଗ୍ନ ଉଦାହରଣ ବୋଲି ନବନିର୍ମାଣ କୃଷକ ସଂଗଠନ କହିଛି।

ଗୁରୁବାର ସଂଗଠନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ସୋନପୁରରେ ମାର୍ଚ୍ଚ ୧୯ ତାରିଖରେ ନବନିର୍ମାଣ ସଂଗଠନର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀଙ୍କ ଉପରେ ଡକାୟତି ଓ ଆର୍ମସ୍ ଆକ୍ଟ ଲଗାଇ ୧୪ଦିନ ଜେଲରେ ରଖାଗଲା, ମେ ୧୯ ତାରିଖରେ ଜଗତସିଂହପୁରର ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁଙ୍କ ଉପରେ ଜାତିଆଣା ଓ ହିଂସାର ଛିଟା ଲଗାଇବା ଅଭିଯୋଗରେ ପୁଲିସ ମନଗଢ଼ା କପୋଳକଳ୍ପିତ କାହାଣୀ, ଗଣତନ୍ତ୍ର ଓ ସମ୍ବିଧାନ ହତ୍ୟା ବୋଲି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ସେଥିପାଇଁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟକୁ ବଞ୍ଚାଇବା ଉଦ୍ଦେଶ୍ୟ ସହ ପୁଲିସର ଏଭଳି ଅମାନୁଷିକ ଅତ୍ୟାଚାରର ପ୍ରତିବାଦରେ ଆଗାମୀ ଜୁନ୍ ୧୦ ତାରିଖରେ ଦିନ କଟକସ୍ଥିତ ପୁଲିସ ଡିଜି ଅଫିସ୍ ସାମ୍ନାରେ ଗଣଧାରଣା କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ରେଳବାଇରେ ଚାକିରି ଲୋଭ: ଠକେଇ କରି ୨ ଗିରଫ

ଭୁବନେଶ୍ୱର, ୪।୬(ସମିସ): ରେଳ ବିଭାଗରେ ଚାକିରି ଦେବା ପ୍ରତିଶ୍ରୁତି ଆଳରେ ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନୋଦାନନ୍ଦ ନନ୍ଦ ଏବଂ ବିରେନ କୁମାର ସ୍ୱାଇଁ। ଗିରଫ ଅଭିଯୁକ୍ତଙ୍କ ଠାରୁ ନକଲି ଜଏନିଂ ଲେଟର ଜବତ କରାଯାଇଛି। ଏଭଳି ଉପାୟରେ ସେମାନେ ବଜାରରୁ ଅନେକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।






ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଏକ ଚା' ଦୋକାନ ଚଳାନ୍ତି। ସେ ଅଭିଯୁକ୍ତ ବିନୋଦାନନ୍ଦ ପାତ୍ରଙ୍କ ଯୋଗାଯୋଗରେ ଆସିଥିଲେ। ଯିଏ ନିଜର କିଛି ସହଯୋଗୀଙ୍କ ମାଧ୍ୟମରେ ରେଲୱେ ବିଭାଗରେ ଚାକିରି କରାଇ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେକାର ଯୁବକ ଓ ସେମାନଙ୍କ ପରିବାରର ଆଶା ଓ ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତମାନେ ରେଳବାଇରେ ଚାକିରି କରାଇ ଦେବା ନାମରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ କିଛି ବ୍ୟକ୍ତିଙ୍କୁ ନିଜ ସହଯୋଗୀ ଭାବେ ପରିଚୟ କରାଇବା ସହ ରେଳବାଇ ବିଭାଗର ପରିଚୟପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜ ଦେଖାଉଥିଲେ। ଅଭିଯୁକ୍ତମାନଙ୍କ କଥାକୁ ସତ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ଓ ଅନ୍ୟାନ୍ୟ ଚାକିରି ଆଶାୟୀ ବ୍ୟକ୍ତିମାନେ ସେମାନଙ୍କ ଏବଂ ସେମାନଙ୍କ ସହଯୋଗୀଙ୍କ ବ୍ୟାଙ୍କ ଖାତାକୁ ବହୁ ପରିମାଣର ଟଙ୍କା ପଠାଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ରେଳବାଇରେ ଚାକିରି କରାଇ ଦେବା ଆଳରେ ବିନୋଦାନନ୍ଦ ପାତ୍ର, ବୀରେନ କୁମାର ସ୍ୱାଇଁ, ସୁକାନ୍ତ ବିଶୋୟୀ, ଜାନକୀ ବିଶୋୟୀ ଓ ଅନ୍ୟମାନଙ୍କ ଖାତାକୁ ବହୁ ପରିମାଣର ଟଙ୍କା ଜମା କରାଯାଇଥିଲା। ଏପରିକି ଚାକିରି ପୂର୍ବ ପ୍ରଶିକ୍ଷଣ ନାମରେ ପୀଡ଼ିତମାନଙ୍କୁ ଦିଲ୍ଲୀ, ଭୁସାୱାଲ, ଉତ୍ତରପ୍ରଦେଶ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସ୍ଥାନକୁ ମଧ୍ୟ ପଠାଯାଇଥିଲା। ମାତ୍ର ଟଙ୍କା ନେବା ପରେ ମଧ୍ୟ କାହାକୁ ରେଳବାଇରେ ଚାକିରି ମିଳିନଥିଲା।"ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା ଏବଂ ବିଭିନ୍ନ ବ୍ୟାଙ୍କ କାରବାର ସମ୍ପର୍କିତ ଦସ୍ତାବିଜ, ପୂର୍ବ ମଧ୍ୟ ରେଳବାଇ ନାମରେ ପ୍ରସ୍ତୁତ ଜାଲ ନିଯୁକ୍ତିପତ୍ର ଏବଂ ତଥାକଥିତ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦସ୍ତାବିଜ ଜବତ କରାଯାଇ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ଅଭିଯୁକ୍ତମାନେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଏକ ସଙ୍ଗଠିତ ଠକେଇ ନେଟୱର୍କ ଗଠନ କରି ରେଲୱେ ବିଭାଗରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ବିପୁଳ ଅର୍ଥ ଆଦାୟ କରି ତାହାର ଆତ୍ମସାତ କରୁଥିଲେ।

# ପାତ୍ରପଡ଼ା ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

ଝାଁଲା, ୪।୬(ସମିସ): ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏସନ୍ ରଜ ମଣ୍ଡପ ଠାରେ ୧୬ ତମ ବାର୍ଷିକ ପାତ୍ରପଡ଼ା ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ଏହି ବୈଠକରେ ମହାରାଜା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟମାନଙ୍କ ସହିତ ପାତ୍ରପଡ଼ା ଭଗବାନପୁର ଯୁବ ବାହିନୀ ସଭ୍ୟ ଓ ଆରାଧ୍ୟା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ। ଚଳିତ ମାସ ଜୁନ୍ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ କରାଯିବ। ଏଥିରେ ୧୦୦ରୁ ଅଧିକ ଦୋଳି ସହିତ ରାଧାକୃଷ୍ଣ ଝୁଲିବା ପାଇଁ ଦୋଳିର ବ୍ୟବସ୍ଥା କରାଯାଇଛି। ରଜ ଉପଲକ୍ଷେ ପୋଡ଼ ପିଠା ପ୍ରତିଯୋଗିତା, ପୁଞ୍ଚି, ଦୌଡିଦିଆଁ, ମେହେନ୍ଦି, ଶଙ୍ଖ ଫୁଙ୍କା, ମ୍ୟୁଜିକ୍ ଚେୟାର ସମେତ ଚେସ, ତାସ ଓ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପହିଲି ରଜ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହିତ ଚାରିଦିନ ବ୍ୟାପି ରଜ ପଡ଼ିଆରେ ମୀନ ବଜାର ସହିତ ରାମଦୋଳି, ବିଭିନ୍ନ ପ୍ରକାରର ମନୋହରୀ ଦୋକାନଠୁ ଆରମ୍ଭ କରି ସମସ୍ତ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍ ଖୋଲାଯିବ। ଜନଗହଳି ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ଗମନାଗମନର ସୁବିଧା ପାଇଁ ଯୁବାବହିନୀ ସଦସ୍ୟମାନଙ୍କ ସହିତ, ଖଣ୍ଡଗିରି ପୋଲିସ୍‌ର ସହଯୋଗ ଲୋଡାଯିବ। ବୈଠକରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣି ଓ ମହାରାଜା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ, ଯୁବ ବାହିନୀର ସଭ୍ୟ ଓ ଆରାଧ୍ୟା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ।




# ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ଶିକ୍ଷା ପାଇଁ ଚୁକ୍ତିନାମା



ଭୁବନେଶ୍ୱର, ୪।୬(ସମିସ): ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ କିଟ୍ ସହ କେନ୍ଦ୍ର ସରକାରଙ୍କ ଆଇଆଇଟି ଓ ପ୍ରମୋଦ ବିଦ୍ୟା ଭବନ ସହ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହ ଦ୍ୱାରା କିଟ୍‌ରେ ପଢୁଥିବା ହଜାରେରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପାଠ୍ୟକ୍ରମରେ ସୁବିଧା ପାଇପାରିବେ। ଏହାଦ୍ୱାରା ଓଡ଼ିଶା ଆଦିବାସୀ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

# ଓଡ଼ିଶା ଅର୍ବାନ ଏକାଡେମୀର ଅତ୍ୟାଧୁନିକ ହଷ୍ଟେଲ ଉଦ୍‌ଘାଟିତ



ଭୁବନେଶ୍ୱର, ୪।୬(ସମିସ):ଓଡ଼ିଶାର ସହରାଞ୍ଚଳ ଶାସନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପିତ ହୋଇଛି। ଭୁବନେଶ୍ୱରର ବାସୁଆଘାଇଠାରେ ଓଡ଼ିଶା ଅର୍ବାନ ଏକାଡେମୀର ଏକ ଅତ୍ୟାଧୁନିକ ହଷ୍ଟେଲକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ସହରଗୁଡ଼ିକୁ ସୁବ୍ୟବସ୍ଥିତ, ସବୁଜ ଏବଂ ବାସୋପଯୋଗୀ କରିବା ପାଇଁ ବିଶେଷଜ୍ଞ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ଗ୍ଲୋବାଲ ବେଷ୍ଟ ପ୍ରାକ୍ଟିସେସ୍ ବିଷୟରେ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରିବାରେ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ପ୍ରାୟ ୯.୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ହଷ୍ଟେଲରେ ହଷ୍ଟେଲ ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଏବଂ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷିତ, ଆରାମଦାୟକ ଓ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି। ଏଠାରେ ସୁବିଧାରେ ୨୮ଟି ଟ୍ୱିନ୍-ସେୟାରିଂ ରୁମ୍‌ରେ ୫୬ ଜଣ ବ୍ୟକ୍ତିଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ଯେଉଁଥିରେ ୨୪ଟି ସାଧାରଣ ଆବାସିକ କକ୍ଷ ସହିତ ୪ଟି ପ୍ରିମିୟମ୍ ବା ସ୍ୱେଶାଲ ରୁମ୍ ଅଛି। ଏକା ସାଙ୍ଗରେ ୪୦ ଜଣ ବସିବା ଭଳି ଡାଇନିଂ ହଲ୍, ସୁସଜ୍ଜିତ ମଡ୍ୟୁଲାର୍ କିଚେନ୍, ପ୍ରଶିକ୍ଷଣ ଓ କର୍ମଶାଳା ପାଇଁ ଉଦ୍ଦିଷ୍ଟ କନଫରେନ୍ସ ହଲ୍, ଜିମ୍ନାସିୟମ୍ ଏବଂ ଇନଡୋର ମନୋରଞ୍ଜନ କକ୍ଷର ସୁବିଧା ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଏୟାର-କଣ୍ଡିସନ୍ଡ ସୁବିଧାରେ ଏକ ସୌର ଶକ୍ତି ପ୍ରଣାଳୀ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଓଡ଼ିଶା ଅର୍ବାନ୍ ଏକାଡେମୀ ସହରୀ ଶିକ୍ଷା, ନବସୃଜନ ଏବଂ ବିକାଶ ପାଇଁ ଏକ ପ୍ରମୁଖ ପାରଦର୍ଶିତା କେନ୍ଦ୍ର ଭାବେ ଗଢ଼ି ଉଠିଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶା ଅର୍ବାନ୍ ଏକାଡେମୀର ବାର୍ଷିକ ପ୍ରଶିକ୍ଷଣ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତାରେ ଫେରିଲା ମୃତଦେହ



ଭୁବନେଶ୍ୱର,୪।୬(ସମିସ): ସୋସିଆଲ ମିଡିଆ 'ଏକ୍ସ'ରେ ଜଣେ ଅସହାୟ ଓଡ଼ିଆ ପରିବାରର ଅନୁରୋଧ ପାଇବା ମାତ୍ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତତ୍ପର ହସ୍ତକ୍ଷେପ ଫଳରେ ମୃତ ଦେହ ଓଡିଶା ଫେରିପାରିଛି। ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ସିଲେଟପଡ଼ା ଗ୍ରାମର ୨୬ବର୍ଷୀୟ ଯୁବକ ଦେବେନ୍ଦ୍ର ସୁନା ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଅସୁସ୍ଥତା କାରଣରୁ ବେଙ୍ଗାଲୁରୁର ଏକ ବେସରକାରୀ ହସ୍ପିଟାଲ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବେନ୍ଦ୍ରଙ୍କ ପରିବାରକୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ବିଲ୍ ଜମା କରିବା ପାଇଁ କହିଥିଲେ। ଡକ୍ଟର ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଦେଢ଼ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସରକାରୀ ଅନୁଦାନ ସିଧାସଳଖ ବେଙ୍ଗାଲୁରୁ ସ୍ଥିତ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ସରକାରଙ୍କର ଏହି ତୁରନ୍ତ ପଦକ୍ଷେପ ଯୋଗୁଁ ମୃତ ଶରୀର ଆମ୍ବୁଲାନ୍ସ ଯୋଗେ ଓଡିଶାକୁ ଫେରିଛି।

# ନୃତ୍ୟ ଉତ୍ସବ 'ମାର୍ଗୀ' ଉଦ୍‌ଯାପିତ

ଭୁବନେଶ୍ୱର, ୪।୬(ସମିସ): ନୃତ୍ୟଶାଳା ଦ୍ୱାରା ରବୀନ୍ଦ୍ରମଣ୍ଡପରେ ଆୟୋଜିତ ନୃତ୍ୟଉତ୍ସବ 'ମାର୍ଗୀ' ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ ଜେନା, ପ୍ରତିଷ୍ଠିତ ମର୍ଦ୍ଦଳବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଛଉନୃତ୍ୟ ଗୁରୁ ସଦାଶିବ ପ୍ରଧାନ, ନାଟ୍ୟଗୁରୁ ପ୍ରଦୀପ ମିଶ୍ର, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ମଙ୍ଗଳାଚରଣରେ ମଙ୍ଗଳ ପୂର୍ବକ ଈଶ୍ୱର ଆରାଧନା କରିଥିଲେ। ଏହାପରେ ନୃତ୍ୟଶିଳ୍ପୀ ସୁହାଗ ନଳିନୀ ଦାସ ରାସ ପାନଚାଲ୍ ପରିବେଷଣ କରିଥିଲେ। ମିଶ୍ର ତାଳ ଉପରେ ପର୍ଯ୍ୟବେକ୍ଷିତ ଏହି ନୃତ୍ୟକୁ ଆଦି ଗୁରୁ ପଙ୍କଜ ଚରଣ ଦାସ ନୃତ୍ୟ ସଂଯୋଜନା କରିଥିବା ବେଳେ ଗୁରୁ ରାମହରି ଦାସ ସ୍ୱର ସଂଯୋଜନା କରିଛନ୍ତି। ପରବର୍ତ୍ତୀ ପସ୍ତୁତିରେ ଦ୍ୱୈତ ନୃତ୍ୟ ପରିବେଷଣ କରିଥିଲେ ଶିଳ୍ପୀ ସସ୍ମିତା ବେହେରା ଓ ଜଗଜିତ୍ ଦାସ। ଦୁହେଁ ଅଭିନୟରେ 'ଆହେ ନୀଳ ଶୈଳ.. ପରିବେଷଣ କରିଥିଲେ। ତାଳ-ଯତି ଉପରେ ନିବଦ୍ଧ ଏହି ନୃତ୍ୟକୁ ଗୁରୁ ନବକିଶୋର ମିଶ୍ର ଓ ଗୁରୁ ନିରଞ୍ଜନ ରାଉତ ସଂଯୋଜନା କରିଥିବା ବେଳେ ସଙ୍ଗୀତରେ ଥିଲେ ଗୁରୁ ସୁକାନ୍ତ କୁମାରେ କୁଣ୍ଡୁ। ଶେଷ ପର୍ଯ୍ୟାୟରେ ନୃତ୍ୟଶାଳା ଅନୁଷ୍ଠାନ ଦ୍ୱାରା ନୃତ୍ୟନାଟିକା ମୁଁ ପରିବେଷିତ



ହୋଇଥିଲା। ଏହାକୁ ଗୁରୁ ନବ କିଶୋର ମିଶ୍ର ରଚନା କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ହିମାଂଶୁ ଶେଖର ସ୍ୱାଇଁ ଏବଂ ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଅଜୟ ଚୌଧୁରୀ କରିଥିଲେ। ପରିକଳ୍ପନା ଓ ନୃତ୍ୟ ସଂଯୋଜନା ଗୁରୁ ଅଶୋକ କୁମାର ଘୋଷାଲ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ନାଟକ 'ଶୂନ୍ୟ ମହାଶୂନ୍ୟ' ମଞ୍ଚସ୍ଥ



ଭୁବନେଶ୍ୱର, ୪।୬(ସମିସ): ଅନିଶ୍ଚିତ ଜୀବନରେ ମଣିଷ ବଞ୍ଚିବା ପାଇଁ କିଛି ସ୍ନେହ ଆଉ ସାହାରା ଦରକାର। ଏମିତି କିଛି କଥାବସ୍ତୁକୁ ନେଇ ନାଟକ 'ଶୂନ୍ୟ ମହାଶୂନ୍ୟ'ମଞ୍ଚସ୍ଥ ହୋଇଯାଇଛି। ସମ୍ରାଟ ସିଏ କଳାର ପୂଝାରୀ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ରଚନା ଡ଼. ସମ୍ରାଟ କର କରିଥିବା ବେଳେ ନିର୍ଦ୍ଦେଶନାରେ ଶରତ ସମ୍ରାଟ ରହିଥିଲେ।

ଏହି ନାଟକ ସନ୍ଧ୍ୟାର ଅତିଥି ଭାବେ ନାଟ୍ୟକାର ପଞ୍ଚାନନ ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ବିଶ୍ୱାଳ, ସମାଜ ସେବି ସୁନାରାମ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ନାଟ୍ୟ ଅଭିନେତା ନିର୍ଦ୍ଦେଶକ ଭଜକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମାଜସେବୀଙ୍କୁ ପ୍ରକୃତି ଚିନ୍ତା

## ରାସ୍ତାକଡ଼ ଗଛ ବଞ୍ଚାଇବାର ଲକ୍ଷ୍ୟ

ଭୁବନେଶ୍ୱର, ୪।୬(ସମିସ): ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ପ୍ରକୃତି ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି ରାଜଧାନୀର ଗଛ ମଣିଷ ବିଜୟ। ବିଜୟ ଆୟକର ବିଭାଗରେ କାଜୁଆଲ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସ୍ଥାନୀୟ ପଥରବନ୍ଧ ବସ୍ତିରେ ରହୁଛନ୍ତି। ସେ ଗଛ ଲଗାଇବା ଠାରୁ ଆରମ୍ଭ କରି, ନିୟମିତ ପାଣି ଦେବା, ସେଗୁଡ଼ିକର ଯତ୍ନ ନେଉଛନ୍ତି। ପ୍ରତିବର୍ଷ ବର୍ଷା ଆରମ୍ଭରୁ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହ ହଜାର ହଜାର ଚାରା ମାଗଣାରେ ପ୍ରଦାନ କରିଥାନ୍ତି। ସେହିପରି ଖରାଦିନେ ପଶୁ ପକ୍ଷୀମାନେ କିଭଳି ପାଣି ପାଇଁ ଅସୁବିଧାର ସମ୍ମୁଖୀନ ନହେବେ ସେଥିପାଇଁ ପ୍ରତିବର୍ଷ ରାଜଧାନୀର ବିଭିନ୍ନ ପାର୍କରେ ଥିବା ଗଛଗୁଡ଼ିକରେ ମାଟି ପାତ୍ରରେ ପାଣି ରଖିଥାନ୍ତି। ନିକଟରେ ମୁଖାର୍ଜୀ ପାର୍କ, ଜିଏସ୍‌ଟି ପାର୍କ, ବିଭିନ୍ନ କଲୋନୀ ପାର୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ପାର୍କର ଗଛ ଡାଳରେ ପାତ୍ରରେ ରସି ସାହାଯ୍ୟରେ ବାନ୍ଧି ଥାନ୍ତି। ବୁଲି ବୁଲି ସେଥିରେ ପ୍ରତିଦିନ ପାଣି ଭର୍ତ୍ତି କରିବା ସହ ଅନ୍ୟ ପାତ୍ରରେ ଖାଦ୍ୟ ରଖିଥାନ୍ତି। ତେବେ ପୂର୍ବରୁ ସେ ସାଇକେଲ ଯୋଗେ ଏହି କାର୍ଯ୍ୟ କରୁଥିବା ବେଳେ ତାଙ୍କର ଏହି ମହତ କାର୍ଯ୍ୟ ଦେଖି ମାରୱାଡି ସେବା ଅନୁଷ୍ଠାନ ପକ୍ଷରୁ ଏକ ଇ-ରିକ୍ସା ଉପହାର ଦିଆଯାଇଛି। ଯେଉଁଥିରେ ସେ ବିଭିନ୍ନ ପରିବେଶ ସଚେତନତା ବାର୍ତ୍ତା ଲେଖିଛନ୍ତି। ପୂର୍ବରୁ ସଂଗ୍ରହ କରିଥିବା ବିଭିନ୍ନ ପ୍ଲାଷ୍ଟିକ ଡବାରେ ପାଣି ଭର୍ତ୍ତି କରି ବାଣୀବିହାର ଠାରୁ ରାଜମଲ, ଶିଶୁଭବନ ପର୍ଯ୍ୟନ୍ତ ରାସ୍ତା ମଝିରେ ବାଉଁଶ ବାଡ଼ ମଧ୍ୟରେ ରହିଥିବା ଗଛରେ ନିୟମିତ ପାଣି ଦେଉଛନ୍ତି। ଯଦିଓ ଏହି ସୌନ୍ଦର୍ଯ୍ୟକରଣ ସ୍ମାର୍ଟସିଟି ପକ୍ଷରୁ କରାଯାଇଥିଲା, କିନ୍ତୁ ଗଛ ଗୁଡ଼ିକ ଝାଉଁଳି ଯିବାରୁ ଏହାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ବିଜୟ। ତାଙ୍କ କହିବା ଅନୁସାରେ, ୨୦୦୨ ମସିହାରେ ଅଂଶୁଘାତରେ ତାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ଯାହା ତାଙ୍କୁ ବହୁତ ଆଘାତ ଦେଇଥିଲା। ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ସାଙ୍ଗକୁ ଭୂତଳ ଜଳସ୍ତର କମିଚାଲିଥିବାରୁ ଜୀବଜଗତରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଜଳ ସଙ୍କଟ ସୃଷ୍ଟି ହେଉଛି। ଏହାକୁ ଲକ୍ଷ୍ୟ କରି ୧୨ ବର୍ଷ ହେଲା ସେ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି ମହାନ କାର୍ଯ୍ୟରେ ବିଜୟଙ୍କୁ ତାଙ୍କ ପତ୍ନୀ ସହଯୋଗ କରିଥାନ୍ତି।



# ପଶୁପକ୍ଷୀଙ୍କ ସେବାରେ ପ୍ରତାପ

ଭୁବନେଶ୍ୱର, ୪।୬(ସମିସ): ବର୍ତ୍ତମାନ ସାରା ଭାରତ ସମେତ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ସମଗ୍ର ଜୀବଜଗତ ପ୍ରଭାବିତ ହେବାରେ ଲାଗିଛି। ଏପରିସ୍ଥଳେ ସମାଜସେବୀ ପ୍ରତାପ ସାହୁ ବାଇକ ପଛରେ ଜାରରେ ଥଣ୍ଡା ପାଣି ବାନ୍ଧି କଟକ, ଭୁବନେଶ୍ୱର,



ଖୋର୍ଦ୍ଧା, ମାହାଙ୍ଗା, ପିପିଲିର ବିଭିନ୍ନ ଅଞ୍ଚଳରେ ପଥଚାରୀମାନଙ୍କୁ ଜଳ ଯୋଗାଉଥିବା ବେଳେ ରାସ୍ତାକଡ଼ରେ ବୁଲୁଥିବା ବୁଲା ଗୋରୁଗାଇ ଓ ଷଣ୍ଢମାନଙ୍କୁ ଜଳସେବ ଯୋଗାଉଛନ୍ତି। ପକ୍ଷୀମାନଙ୍କ ପାଇଁ ମାଟିପାତ୍ରରେ ପାଣି ଭର୍ତ୍ତିକରି ଏହିସବୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ଚଢି ରଶି। ସାହାଯ୍ୟରେ ଗଛର ଡାଳରେ ମାଟିପାତ୍ରକୁ ବାନ୍ଧି ପକ୍ଷୀମାନଙ୍କ ତୃଷ୍ଣା ମେଣ୍ଟାଉଛନ୍ତି। ସେହିପରି ରାଜଧାନୀର ରାଜମହଲ, ପୁରୁଣା ବସଷ୍ଟ ସଷ୍ଟାଣ୍ଡ, ରାମ ମନ୍ଦିର, ମାଷ୍ଟର କ୍ୟାଣ୍ଟିନ, ବରମୁଣ୍ଡା, ନୂଆପଲ୍ଲୀ ଶ୍ରମିକ ରହଣିସ୍ଥଳ, ଚନ୍ଦ୍ରଶେଖରପୁର ଭଳି ବିଭିନ୍ନ ରାସ୍ତାକଡ଼ରେ ବୁଲୁଥିବା ଅସହାୟ ଗରିବ ନିରୀହ ଲୋକଙ୍କୁ ଗ୍ଲୁକୋଜ, ଲେମ୍ବୁପାଣି ଏବଂ ଓଆରଏସ୍ ପାଣି ପାଣି ବଣ୍ଟନ କରି ଆସୁଛନ୍ତି। ଏହା ବ୍ୟତୀତ ରାସ୍ତାରେ ପକ୍ଷୀମାନଙ୍କୁ ଚାଉଳ, ଗହମ, ସୋରିଷ ଭଳି ବିଭିନ୍ନ ଖାଦ୍ୟ ପଦାର୍ଥ ମଧ୍ୟ ଦେଇଥାନ୍ତି। ଏ ନେଇ ଶ୍ରୀଯୁକ୍ତ ସାହୁ କହିଛନ୍ତି, ଗ୍ରୀଷ୍ମପ୍ରବାହ ଆରମ୍ଭ ହେବାଠାରୁ ଦୀର୍ଘ ଏକମାସ ହେବ ପ୍ରତିଦିନ ସକାଳ ୬ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସହର ଗସ୍ତ କରି ବୁଲା ଗୋରୁ, ଗାଈ, ଷଣ୍ଢ ଏବଂ ପକ୍ଷୀମାନଙ୍କୁ ଜଳ ଯୋଗାଇ ଆସୁଛି ୧ ଯେତେଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ, ସେତେଦିନ ପର୍ଯ୍ୟନ୍ତ ପଶୁପକ୍ଷୀଙ୍କ ସେବାରେ ନିଜକୁ ନିୟୋଜିତ କରୁଥିବି ବୋଲି ସୂଚନା ଦେଇଛନ୍ତି।

## ମୃତ ବ୍ୟକ୍ତିଙ୍କ ପରିବାରକୁ ଭେଟିଲେ ପୂର୍ବତନ ସାଂସଦ



ଖଜୁରିଆକଟା,୪।୬(ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଦିବଂଗତ ବ୍ୟକ୍ତିଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ମହେଶ ହିନ୍ଦୋଳ ଏନଏସି ଗୁଣ୍ଡିଚାମଣ୍ଡପ ସାହିର ପରଲୋକଗତ ଲୋଚନ ସେଠୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବିଜେଡିର ବରିଷ୍ଠ କର୍ମୀ ୱାର୍ଡ ନଂ-୧ର ସୁକାନ୍ତ ସାମଲଙ୍କ ମାତାଙ୍କ ଦେହାନ୍ତରେ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବୁଧବାର ବଜ୍ରପାତରେ ମୃତ୍ୟୁବରଣ କରିଥିବା ସମୀର ରାଉତଙ୍କ ଶବ ବ୍ୟବଚ୍ଛେଦ ସ୍ଥଳରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଏଥିସହ ଶବ ବ୍ୟବଚ୍ଛେଦ ସ୍ଥାନ, ଗୃହର ଅବ୍ୟବସ୍ଥା, ପାନୀୟଜଳ, ଲାଇଟ ବ୍ୟବସ୍ଥା ନ ଥିବା ସହ ଡାକ୍ତରଖାନାଠାରୁ ବହୁତ ଦୂରରେ ଥିବା ସେହିସ୍ଥାନ ଲଟିବୁଦା ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବା ଦେଖି କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ମେଡିକାଲ ପରିସରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ସହ ସମସ୍ତ ଅବ୍ୟବସ୍ଥା ସୁଧାରିବାକୁ ଦାବି କରିଛନ୍ତି। ପୂର୍ବତନ ସାଂସଦଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ହିନ୍ଦୋଳ ଏନଏସି ବିଜେଡି ସଭାପତି ପ୍ରଦ୍ୟୁମ୍ନ ବେହେରା, ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ପୂର୍ବତନ କାଉନସିଲର ରମେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଜାଉଁଳି ପୋଖରୀ ମଠ ମହନ୍ତଙ୍କ ପରଲୋକ



ଢେଙ୍କାନାଳ,୪।୬(ସମିସ): ସ୍ଥାନୀୟ ଜାଉଁଳି ପୋଖରୀ ମଠ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜଙ୍କର ଚିକିତ୍ସାଧୀନ ଅବସ୍ଥାରେ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ବ୍ରହ୍ମାନନ୍ଦ ଦାସ ମହାରାଜ୨୦୨୧ରେ ଏହି ମଠର ମହନ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପ ମାଧ୍ୟମରେ ଭକ୍ତ ଓ ସାଧୁସନ୍ଥଙ୍କ ମଧ୍ୟରେ ସମ୍ମାନର ପାତ୍ର ହୋଇଥିଲେ। ବ୍ରହ୍ମାନନ୍ଦଙ୍କ ବିୟୋଗରେ ରାମାନନ୍ଦି ସମ୍ପ୍ରଦାୟର ବହୁ ସାଧୁସନ୍ଥ ଏକତ୍ରିତ ହୋଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

## ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସି ଗାଈ ମୃତ



ହିନ୍ଦୋଳ,୪।୬(ସମିସ): ହିନ୍ଦୋଳ ଥାନା କୁରୁମିଠା ଗ୍ରାମର ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ ଘଟିଛି। ଏଠାରେ ସରକାରଙ୍କ ପକ୍ଷରୁ ଦୀର୍ଘଦିନ ହେବ ଏକ ବିଦ୍ୟୁତ ଷ୍ଟ୍ରିଟଲାଇଟ ଲାଗିଛି। ସେହି ଖୁଣ୍ଟ ସଂସ୍ପର୍ଶରେ ଆସି ଗାଈର ମୃତ୍ୟୁ ହୋଇଛି। ଅନ୍ୟପଟେ ଏହା ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବାରୁ କେତେବେଳେ ମଣିଷ ଏହି ଖୁଣ୍ଟ ସଂସ୍ପର୍ଶରେ ଆସି ଦୁର୍ଘଟଣାର ଶିକାର ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ବିଦ୍ୟୁତ ଖୁଣ୍ଟ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଘରପୋଡ଼ି ଘଟଣାର ପ୍ରଶାସନିକ ତଦନ୍ତ

ଭୁବନ,୪।୬(ସମିସ): ଭୁବନ ବ୍ଲକ ଯମୁନାକୋଟ ଗ୍ରାମ ଜଗନ୍ନାଥ ପାଟଣା ସାହିରେ ବୁଧବାର ଅପରାହ୍ନରେ ବଜ୍ରପାତ ଯୋଗୁଁ ତିନି ପରିବାରର ୬ ବଖରା ଘର ପୋଡ଼ିଯାଇଥିଲା। ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଆସବାବପତ୍ର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିଲା। ସାହିର ସାହାଣୀ ପରିବାର ସନ୍ଧ୍ୟାରେ ଘରେ ଥିବା ସମୟରେ କାଳବୈଶାଖୀ ଓ ବଜ୍ରପାତ ହୋଇଥିଲା। ଏଥିରେ ଦୁଇଜଣ ଗୁରୁତର ଆହତ ମଧ୍ୟ ହୋଇଥିଲେ। ଗୁରୁବାର ଗାଁରେ ଭୁବନ ବିଡିଓ ଆୟୁଷୀ ମହାପାତ୍ର ପହଞ୍ଚି ତଦନ୍ତ କରିବା ସହ ଖୁବଶୀଘ୍ର ତିନି ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରି ଘର ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।



# ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ନିମନ୍ତେ ଦାବି

ଢେଙ୍କାନାଳ,୪।୬(ସମିସ):

ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରଧାନମନ୍ତ୍ରୀ ତଥା ନିତି ଆୟୋଗ ଅଧ୍ୟକ୍ଷଙ୍କ ନିକଟରେ ସ୍ୱତନ୍ତ୍ର ଆର୍‌ଥକ ପ୍ୟାକେଜ ପ୍ରଦାନ ପାଇଁ ଦାବି କରାଯାଇଛି। ସରକାର ଢେଙ୍କାନାଳ ଜିଲ୍ଲା ପ୍ରତି ଅବହେଳା କରୁଥିବା ସଂଗଠନର ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ ଏବଂ ବରିଷ୍ଠ ସଦସ୍ୟ ବିନୟ କୁମାର ସାହୁ, ପୁଷ୍ପାଞ୍ଜଳି ପାଢ଼ୀ, ଗୀତା ସାମଲ ଦାବିପତ୍ରରେ ଦର୍ଶାଇଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ଜିଲ୍ଲାପାଳଙ୍କ ଜରିଆରେ ପଠାଯାଇଛି। ସେହିପରି ଜିଲ୍ଲାରେ ଏପର୍ଯ୍ୟନ୍ତ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇନାହିଁ। ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ ଅନେକ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ନାହିଁ। ମାତ୍ର ୩୩% ଅଧ୍ୟାପକଙ୍କୁ ନେଇ ପାଠପଢ଼ା ଚାଲିଛି। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ମେଡିକାଲ କଲେଜ ପ୍ରତିଷ୍ଠା ପ୍ରତିଶ୍ରୁତିରେ ରହିଯାଇଛି। ମୁଖ୍ୟ ଡାକ୍ତରଖାନାରେ ଅନେକ ବିଭାଗ ଯଥା ହୃଦରୋଗ, ସ୍ନାୟୁରୋଗ, ଜରୁରୀ ଚିକିତ୍ସା ନିମନ୍ତେ ସ୍ପେଶିଆଲିଷ୍ଟ ନ ଥିବା, ଆଇସିୟୁ ନ ଥିବାରୁ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଫଳରେ ଚିକିତ୍ସାରେ ବିଳମ୍ବ ହୋଇ ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ଜିଲ୍ଲାବାସୀ ଉପଯୁକ୍ତ ପାନୀୟ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। କ୍ରୋମାଇଟ୍ ଖଣି ଥିବା ଅଞ୍ଚଳରେ ଗଭୀର ନଳକୂପ ଜଳ ଅନେକ ବର୍ଷ ଧରି ପାନ କରିବା ପରେ ଲୋକେ କିଡନୀ ଓ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ବିଷୟରେ ସଂଗଠନ ତରଫରୁ ନିକଟରେ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଦାବି କରାଯାଇଛି। ସହରାଞ୍ଚଳ ବିକାଶ ନିମନ୍ତେ କୌଣସି ବ୍ଲୁ ପ୍ରିଣ୍ଟ ନାହିଁ। ସହରର ଗୋଟିଏ ମାତ୍ର ମୁଖ୍ୟରାସ୍ତା ଯାହା ମାତ୍ର ୩ କିମି ଦୀର୍ଘ ତାହା ୨ ଲେନ୍‌ରୁ ୪ ଲେନ୍ ନ ହେବା ଯୋଗୁଁ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ମୁଖ୍ୟ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇ ରହିଛି। ଗୋଟିଏ ମ୍ୟୁନିସିପାଲଟି ଓ ୪ଟି ଏନ୍‌ଏସିର ଜଳ ଯୋଗାଣ ସମସ୍ୟା, ଡ୍ରେନେଜ୍ ସମସ୍ୟା, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ଜନ ସାଧାରଣଙ୍କ ନିମନ୍ତେ ପାର୍କ, ଛୋଟ ପିଲାଙ୍କ ପାଇଁ ଖେଳ ପଡ଼ିଆ, ଗାଡ଼ି ପାର୍କି ନିମନ୍ତେ ସୁବ୍ୟବସ୍ଥା, ଟାଉନ୍ ବସ୍ ସେବା ଯୋଗାଇ ଦେବା ନିମନ୍ତେ ସଂଗଠନ ଦାବି କରିଛି।

ସେହିପରି ସ୍ୱାଧୀନତାର ୭୮ ବର୍ଷ ପରେ ବି ଜିଲ୍ଲାର ହିନ୍ଦୋଳ, ଗନ୍ଦିଆ, ମଦାର ଆଦି ଅନେକ ଅଞ୍ଚଳ ରେଳସେବାରୁ ବଞ୍ଚିତ ରହିଛି। କାମାକ୍ଷାନଗର ରୁଟ୍‌ରେ ଏବେ ବି ପାସେଞ୍ଜର୍ ଟ୍ରେନ ଦିଆଯାଇନାହିଁ। ଜିଲ୍ଲାରେ ଏକ ଆଧୁନିକ ପାନୀୟ ଜଳ ପରୀକ୍ଷାଗାର ସ୍ଥାପନ ଜରୁରୀ ହୋଇପଡ଼ିଛି। ଦୀର୍ଘ ୫୦ ବର୍ଷ ଧରି ଚାଲିଥିବା ରେଙ୍ଗାଳି ନଦୀବନ୍ଧ ଯୋଜନାରୁ ଜିଲ୍ଲାର କୃଷକ ଶୀତ ଏବଂ ଗ୍ରୀଷ୍ମ ଋତୁରେ ଜଳସେଚନ ସୁବିଧା ନ ପାଇବାରୁ ଜିଲ୍ଲାବାସୀ ପନିପରିବା ନିମନ୍ତେ ଆଠଗଡ଼, ବରଗଡ଼ ଉପରେ ନିର୍ଭର କରୁଛନ୍ତି। ଏମ୍‌ଏସ୍‌ଏମଇର ଅଭିବୃଦ୍ଧି ନିମନ୍ତେ ଜିଲ୍ଲାରେ ପର୍ଯ୍ୟାପ୍ତ ସୁବିଧା ଥିଲେ ହେଁ ସରକାରୀ ସୁବିଧା ଓ ପ୍ରୋତ୍ସାହନ ଅଭାବରୁ ତାହା ଆଗେଇ ପାରୁନାହିଁ। ଜିଲ୍ଲାରେ ଆଦିବାସୀ ଓ ଦଳିତ ଶ୍ରେଣୀର ଲୋକଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ସେମାନଙ୍କ ବିକାଶ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଜିଲ୍ଲାର ଉନ୍ନତି ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଯୋଗାଇ ଦେବାକୁ ଦାବି କରାଯାଇଛି।



■ ହିନ୍ଦୋଳ ବିଦ୍ୟୁତ ସେକ୍ସନରେ ପତ୍ର ହଲିଲେ ବିଦ୍ୟୁତ କାଟ୍

## ମୁଖ୍ୟମନ୍ତ୍ରୀଙ୍କ କଥାକୁ ଖାତିର କରୁନାହାନ୍ତି ଯନ୍ତ୍ରୀ



ହିନ୍ଦୋଳ,୪।୬(ସମିସ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ କାଟ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ହନ୍ଦୋଳ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ କର୍ମଚାରୀ। ଏବେ ରାଜ୍ୟରେ ଅସହ୍ୟ ଗରମରେ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ପ୍ରତ୍ର ହଲିଲେ ହନ୍ଦୋଳ ବିଦ୍ୟୁତ ସେକ୍ସନରେ ବିଦ୍ୟୁତ କାଟ ହେଉଛି। ଗ୍ରୀଷ୍ମ ପ୍ରବାହ ସମୟରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍ ନେଇ ବିଭାଗର ଯନ୍ତ୍ରୀ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖରା ଗରମ ସାଙ୍ଗକୁ ବିଦ୍ୟୁତକାଟ୍ ଲୋକଙ୍କୁ ନାକେଦମ କଲାଣି। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ପାଣି ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି। ବିଶେଷ କରି ରାତିରେ ବାରମ୍ବାର ବିଦ୍ୟୁତ୍ କଟ୍ ହେଉଛି। ତେବେ କୌଣସି କର୍ମଚାରୀ ରାତିରେ କାର୍ଯ୍ୟ କରୁନାହାନ୍ତି। ରାତିରେ ଘନଘନ ବିଜୁଳିକାଟ ଫଳରେ ଲୋକେ ଫ୍ୟାନ, କୁଲର୍ ଇତ୍ୟାଦି ବ୍ୟବହାର କରିବାରୁ ବଞ୍ଚିତ ହେବାସହ ଗରମରେ ଆଉଟୁପାଉଟୁ ହେଉଛନ୍ତି। ବାଧ ହୋଇ କିଏ ରାସ୍ତା କଡ଼ରେ ଖଟ, ସପ ପକାଇ ଶୋଉଛି ତ ଆଉ କିଏ ଛାତ ଉପରେ। ଏଭଳି ଘଟଣା ହିନ୍ଦୋଳ ବିଦ୍ୟୁତ ସେକ୍ଟର ଅଧୀନ ହିନ୍ଦୋଳ ଟାଉନ, ଦୁଦୁରୁକୋଟ, ଗୁଲେହି, ହାତୁର ଇତ୍ୟାଦି ଅଞ୍ଚଳରେ ଦେଖିବାକୁ ମିଳୁଛି। ଲୋକଙ୍କ ପ୍ରତି ବିଦ୍ୟୁତ୍ ବିଭାଗର ଏଭଳି ଯନ୍ତ୍ରଣା ଚିନ୍ତାର ବିଷୟ ପାଲଟିଛି। ବିଦ୍ୟୁତ୍ କାଟ ଉପରେ ଯନ୍ତ୍ରୀଙ୍କୁ ପଚାରିଲେ ସେ ଫୋନ ସ୍ୱିଚ ଅଫ କରିଦେଉଥିବା ଦେଖିବାକୁ ମିଳୁଛି। ବିଦ୍ୟୁତ୍ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଏହି ସେକ୍ସସନରୁ ଅନ୍ୟତ୍ର ବଦଳି କରିବାକୁ ଦାବି ହେଉଛି। ନଚେତ୍ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ସୂଚନା ମିଳିଛି।

**ନାବାଳିକାକୁ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣା**

## ଝାନ୍ସି ଗଲା ସ୍ୱତନ୍ତ୍ର ଟିମ୍, ଜଣେ ଗିରଫ

ଢେଙ୍କାନାଳ,୪।୬(ସମିସ): କାମାକ୍ଷାନଗର ଉପଖଣ୍ଡରେ ଜଣେ ଯୁବତୀଙ୍କୁ ଝନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ମାମଲାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟବପଟେ ଏହି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଝାନ୍ସିକୁ ପଠାଯାଇଛି। ଏହି ଟିମ ଫେରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପ୍ରକାଶ କରିଛି।

ରୋଗଗ୍ରସ୍ତ ମାଆର ଚିକିତ୍ସା ନିମନ୍ତେ ଅର୍ଥ ରୋଜଗାର କରିବାକୁ ଜଣେ ପରିଚିତ ବ୍ୟକ୍ତିଙ୍କ ସହ କାମାକ୍ଷାନଗର ଅଞ୍ଚଳରେ ଏହି ନାବାଳିକା ଭୁବନେଶ୍ୱର ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶର ଝାନ୍ସିକୁ ନେଇ ଲକ୍ଷେ ଟଙ୍କାରେ ବିକ୍ରି କରିଥିଲେ। ସେଠାରେ କିଣିଥିବା ଲୋକ ତିନିମାସ ଧରି ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଗର୍ଭବତୀ ହେବାରୁ ଗର୍ଭନଷ୍ଟ କରାଇ ଆଉ ଜଣଙ୍କୁ ୫୦ ହଜାର ଟଙ୍କାରେ ବିକିଦେଇଥିଲେ। ସେଠାରେ ମଧ୍ୟ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ନାବାଳିକା ଜଣକ ଯୌନ ନିର୍ଯାତନାର ଶିକାର ହେବା ପରେ କୌଶଳ କ୍ରମେ ଖସିଆସି କିଛିଦିନ ତଳେ କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ।

## ସମର ଶିକ୍ଷାର୍ଥୀ ବାହିନୀର ପ୍ରଶିକ୍ଷଣ ଶିବିର



କାମାକ୍ଷାନଗର,୪।୬(ସମିସ): କାମାକ୍ଷାନଗର ବ୍ଲକ୍ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ କଟକ ଗ୍ରୁପ୍ ହେଡକ୍ୱାର୍ଟର ଅଧୀନରେ ଥିବା ୧୨ ଓଡ଼ିଶା ବାଟାଲିୟନ ଏନ୍‌ସିସି ପରିଚାଳନାରେ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବାଟାଲିୟନର କମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ସିସି ନାଗ, କ୍ୟାମ୍ପ କମାଣ୍ଡାଣ୍ଟ ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ଆରକେ ବଲ୍ ପ୍ରଶାସନିକ ଅଧିକାରୀ ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଦ୍ୱାରା ବିଦ୍ୟାଳୟ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ବାଟାଲିୟନ ଅଧୀନରେ ଥିବା ୯ ମହାବିଦ୍ୟାଳୟ ଓ ୧୪ ଉଚ୍ଚ ବିଦ୍ୟାଳୟର ମୋଟ ୪୫୨ କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି। ଡ୍ରିଲ, ଯୋଗାସନ, ମ୍ୟାପ୍ ରିଡ଼ିଂ, ବନ୍ଧୁକ ଚାଳନା, ଆତ୍ମରକ୍ଷା କୌଶଳ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସାମାଜିକ ସଚେତନତା, ନେତୃତ୍ୱ ନେବାର ଦକ୍ଷତା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଓ ଆତ୍ମବିଶ୍ୱାସ ବୃଦ୍ଧି, ଦେଶ ଗଠନରେ କ୍ୟାଡେଟ୍‌ମାନଙ୍କ ଭୂମିକା ଇତ୍ୟାଦି ଉପରେ ବାକ୍ତବ୍ୟ ପ୍ରଦାନ କରାଯାଉଛି। ବିଦ୍ୟାଳୟର ଏନ୍‌ସିସି ଫାଷ୍ଟ ଅଫିସର ଧ୍ରୁବଚରଣ ସୁନ୍ଦରାୟଙ୍କ ସମେତ ଅନ୍ୟ ଏନ୍‌ସିସି ଅଧିକାରୀ, ଜେସିଓ, ଏନ୍‌ସିଓ, ପିଆଇ ଷ୍ଟାଫ, ସିଟିଓ ତଥା କାର୍ଯ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖ ଉଦଯାପିତ ହେବ ବୋଲି ସୂଚନା ଦିଆଯାଇଛି।

## ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ନିମନ୍ତେ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୪।୬(ସମିସ): ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ୨୦୦ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ନୂତନ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଦାୟିତ୍ୱ ଗ୍ରହଣ କରିଛନ୍ତି। ସାଂସଦଙ୍କ ନିର୍ଦ୍ଦେଶ କ୍ରମେ କାଦୁଆ ମହିମା ଆଶ୍ରମରେ ଅଭ୍ୟର୍ଥନା କମିଟି ପ୍ରଥମ ପ୍ରସ୍ତୁତି ବୈଠକ ତାଙ୍କ ପ୍ରତିନିଧି ପୂର୍ବତନ ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ନରେଶ ମହାପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି। ପୂର୍ଣ୍ଣାଙ୍ଗ ଅଭ୍ୟର୍ଥନା କମିଟିରେ ଶ୍ରୀମଦ୍ ରଘୁନାଥ ବାବା ଉପଦେଷ୍ଟା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଅଙ୍ଗାରବନ୍ଧର ଭକ୍ତ ବିଜ୍ଞାନୀ ବେହେରା ଉପାଧ୍ୟକ୍ଷ, ପ୍ରଶାନ୍ତ କୁମାର ମହାପାତ୍ର ସାଧାରଣ ସମ୍ପାଦକ, ଆଇନଜୀବୀ ଅଜୟ କୁମାର ଦେହୁରୀ ଓ ଶ୍ରୀକାନ୍ତ ଦେହୁରୀ ସମ୍ପାଦକ, ଭକ୍ତ ପରେଶ ଜେନା ଓ ବସନ୍ତ ଦେହୁରୀ ସହସମ୍ପାଦକ, ଭକ୍ତ ପ୍ରଶାନ୍ତ ରାଉତ କୋଷାଧ୍ୟକ୍ଷ ଏବଂ ଭକ୍ତ ମହେଶ୍ୱର ବେହେରା ସହକୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଅର୍ଥ କମିଟି, ଅତିଥି ଚୟନ କମିଟି, ପ୍ରଚାର ପ୍ରସାର କମିଟି, ଉତ୍ସବ ବ୍ୟବସ୍ଥା କମିଟି, ଆତ୍ମସେବା କମିଟି ଓ ସ୍ମରଣିକା କମିଟି ଗଠନ ଚୂଡ଼ାନ୍ତ କରାଯାଇଥିଲା। ଏହି ଅବସରରେ ମହୋତ୍ସବର ସ୍ୱତନ୍ତ୍ର ସଙ୍କେତ ବା ଲୋଗୋ ଏବଂ ଅଭ୍ୟର୍ଥନା କମିଟିର ସ୍ୱତନ୍ତ୍ର ଯୋଗାଯୋଗ ପ୍ୟାଡ୍ ସାଂସଦଙ୍କ ପ୍ରତିନିଧି ଆଇନଜୀବୀ ନରେଶ ମହାପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସାଂସଦଙ୍କ ପ୍ରତିନିଧି ନରେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସନାତନ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ମହିମା ଧର୍ମ, ଓଡ଼ିଶା ଓ ଅବିଭକ୍ତ ଢେଙ୍କାନାଳ-ଅନୁଗୋଳ ଜିଲ୍ଲାର ଏକ ମୁଖ୍ୟ ଧାରା ଭାବେ ପ୍ରବାହମାନ ବୋଲି କହିଥିଲେ। ଉତ୍ସବକୁ ସର୍ବାଙ୍ଗ ସୁନ୍ଦର କରିବା ଦିଗରେ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଭିନ୍ନ ଉପକମିଟିର ସଭ୍ୟ ଧର୍ମାନନ୍ଦ ପୃଷ୍ଟି, ବାସୁଦେବ ଦେହୁରୀ, ସତ୍ୟବାଦୀ ପ୍ରଧାନ, କୈଳାସ ବେହେରା, ବିଶ୍ୱାମିତ୍ର ମେହେର, ସୁନୀଲ କୁମାର ଦାସ, ଅଶୋକ ପ୍ରଧାନ, ପ୍ରେମାନନ୍ଦ ସେଠ, ଶତ୍ରୁଘ୍ନ ସାହୁ, ଅନନ୍ତ ନାଏକ, କରୁଣାକର ବାବା, ସନକ ବାବା, ଜ୍ଞାନୀ ବାବା, ନିବାରଣ ବାବା, ରବି ବାବା, ସନ୍ତୋଷ ଦେହୁରୀ, ଶ୍ରୀକାନ୍ତ ଦେହୁରୀ, ସନାତନ ବେହେରା, କପିଳ ମାଝୀ, ପୃଥ୍ୱୀରାଜ ଜେନା, ସନାତନ ପଟ୍ଟନାୟକ ଓ ରାଜକିଶୋର ମହାରଣା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମହୁଚାଷ କରି ସ୍ୱାବଲମ୍ବୀ ହେଲେ ପ୍ରବୀର

ଗଁଦିଆ,୪।୬(ସମିସ):

ଆଜିର ସମୟରେ ଯେଉଁଠି ଚାକିରି ପଛରେ ଦୌଡ଼ି ଦୌଡ଼ି ଯୁବପିଢ଼ି ନିରାଶ ହେଉଛନ୍ତି ସେଠି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ସ୍ୱାବଲମ୍ବୀ ହେବାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ମଦାର ପଞ୍ଚାୟତର ଯୁବଚାଷୀ ପ୍ରବୀର କୁମାର ଦାସ। ଚାରିଆଡ଼େ ଅପମିଶ୍ରିତ ସାମଗ୍ରୀର ବ୍ୟବହାର ଚାଲିଥିବା ବେଳେ ଲୋକଙ୍କୁ ସମ୍ପୂର୍ଣ୍ଣ ଶୁଦ୍ଧ ମହୁ ଯୋଗାଇ ସେ କେବଳ ନିଜ ଗୁଜୁରାଣ ମେଣ୍ଟାଉ ନାହାନ୍ତି ବରଂ ଆଜିର ସମାଜ ପାଇଁ ପ୍ରେରଣାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି। ଉଦ୍ୟାନ କୃଷି ବିଭାଗର ଦେବବ୍ରତ ପାତ୍ରଙ୍କ ସଠିକ୍ ପ୍ରେରଣା ପ୍ରବୀରଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ମାତ୍ର କିଛିଟି ବାକ୍ସରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଆଜି ବୈଜ୍ଞାନିକ ପଦ୍ଧତିରେ ସଫଳତାର ଶୀର୍ଷ ଛୁଇଁଛି। ମହୁଚାଷ ପାଇଁ ପ୍ରବୀର ଭୁବନେଶ୍ୱର ଓୟୁଏଟିରୁ ୫ ଦିନିଆ ପ୍ରଶିକ୍ଷଣ ନେବା ସହ ଖୋର୍ଦ୍ଧା ସ୍କୁଲ ଅଫ୍ ହର୍ଟିକଲଚର ଏବଂ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରରୁ ମଧ୍ୟ ତାଲିମ ଗ୍ରହଣ କରିଛନ୍ତି। ବର୍ତ୍ତମାନ ତାଙ୍କ ଫାର୍ମରେ ୧୨୦ଟି ବାକ୍ସରେ ମହୁ ଚାଷ ଚାଲିଥିବା ବେଳେ ଆଗକୁ ଏହାକୁ ଆହୁରି ବ୍ୟାପକ କରିବାକୁ ସେ ଆଶା ରଖିଛନ୍ତି। ଏହି ଚାଷର ସବୁଠାରୁ ବଡ଼ ସକାରାତ୍ମକ ଦିଗ ହେଉଛି ଏହାର ସ୍ଥାୟିତ୍ୱ। ପ୍ରବୀରଙ୍କ କହିବା ଅନୁଯାୟୀ, ମହୁଚାଷ ପାଇଁ ଆବଶ୍ୟକ ସାମଗ୍ରୀ ଥରେ କ୍ରୟ କଲେ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଏଥିରୁ ନିରନ୍ତର ଲାଭବାନ ହୋଇପାରିବେ। ଗୋଟିଏ ବାକ୍ସରୁ ବର୍ଷକୁ ଅତିକମରେ ୬ କିଗ୍ରାରୁ ସର୍ବାଧିକ ୧୨ କିଗ୍ରା ପର୍ଯ୍ୟନ୍ତ ମହୁ ମିଳିଥାଏ। ବସନ୍ତ ଋତୁରେ ପ୍ରାକୃତିକ ଅନୁକୂଳ ପରିବେଶ ଯୋଗୁଁ ସବୁଠାରୁ ଅଧିକ ମହୁ ସଂଗ୍ରହ ହୋଇଥାଏ। କେବଳ ମହୁ ନୁହେଁ, ଏହାସହ ଉଚ୍ଚ ଚାହିଦା ଥିବା ମହମ ଓ ପୋଲେନ ବିକ୍ରି କରି ମଧ୍ୟ ସେ ଦୁଇଗୁଣ ଲାଭ ପାଉଛନ୍ତି। ମହୁମାଛି ବାକ୍ସ ଭିତରେ ଥିବା ସଂସାରର ଗଣିତ ବେଶ୍ ଆଶ୍ଚର୍ଯ୍ୟଜନକ ଏବଂ ଅନୁଶାସିତ। ପ୍ରବୀରଙ୍କ ଅନୁଭୂତି ଅନୁଯାୟୀ, ଗୋଟିଏ ଦଳରେ ପ୍ରାୟ ୫,୦୦୦ରୁ ୧୫,୦୦୦ ପର୍ଯ୍ୟନ୍ତ ମହୁମାଛି ରହିଥାନ୍ତି। ଯାହାଙ୍କର ଶ୍ରେଣୀ ବିଭାଜନ, ରାଣୀ ମହୁମାଛି ମାତ୍ର ଗୋଟିଏ ପ୍ରାକୃତିକ ପରିବେଶ ଅନୁଯାୟୀ ଦିନକୁ ୩୦୦ରୁ ୧୫୦୦ ଅଣ୍ଡା ଦେବା, ଶ୍ରମିକ ମହୁମାଛି ୯୫ ପ୍ରତିଶତ ମହୁ ସଂଗ୍ରହ କରିବା, ଅଣ୍ଡିରା ମହୁମାଛି ୫ ପ୍ରତିଶତ ବଂଶବୃଦ୍ଧିରେ ସହାୟକ ହେବା। ମହୁ ଚାଷ ଯେତିକି ଲାଭଦାୟକ, ଏଥିପାଇଁ ସେତିକି ସତର୍କତା ଓ ନିୟମିତ ଯତ୍ନ ମଧ୍ୟ ଜରୁରୀ। ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ଏହି ଚାଷ ଉପରେ ପଡ଼ିଥାଏ। ଅତ୍ୟଧିକ ଥଣ୍ଡା କିମ୍ବା ଅତ୍ୟଧିକ ଗରମ ମହୁମାଛିଙ୍କ ପାଇଁ କ୍ଷତିକାରକ। ବିଭିନ୍ନ ସଂକ୍ରମଣ ଜନିତ ରୋଗରୁ ରକ୍ଷା କରିବା ପାଇଁ ପ୍ରତି ୧୫ ଦିନରେ ବାକ୍ସର ତଳପଟ ସଫା କରିବା ବାଧ୍ୟତାମୂଳକ। ଏହାସହ ମହୁ ସଂଗ୍ରହ ବେଳେ ସୁରକ୍ଷା ଦୃଷ୍ଟିରୁ ହାତରେ ଗ୍ଲୋବସ୍ ଏବଂ ମୁହଁରେ ବିଭେଲ୍ କ୍ୟାପ୍ ପିନ୍ଧିବାକୁ ପଡ଼ିଥାଏ। ଯୁବ ଚାଷୀ ପ୍ରବୀର ଆଜି ନିଜ ସଫଳତାର କାହାଣୀ ବଖାଣିବା ବେଳେ ବେଶ୍ ଭାବୁକ ଓ ଆତ୍ମବିଶ୍ୱାସୀ ଜଣାପଡ଼ନ୍ତି। ପ୍ରବୀରଙ୍କ ଏହି ନିଆରା ପ୍ରୟାସ ଏବଂ ମହୁଚାଷରେ ତାଙ୍କ ସଫଳତା ଜିଲ୍ଲାର ଅନ୍ୟ ବେରୋଜଗାର ଯୁବପିଢ଼ିଙ୍କ ପାଇଁ କୃଷିଭିତ୍ତିକ ଆତ୍ମନିଯୁକ୍ତି ମାଧ୍ୟମରେ ସ୍ୱାବଲମ୍ବୀ ହେବାର ଏକ ନୂଆ ଆଶାର କିରଣ ସାଜିଛି।



## ମେଧାବୀ ଛାତ୍ରୀଙ୍କୁ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା



କାମାକ୍ଷାନଗର,୪।୬(ସମିସ): ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଡିଲେଶ୍ୱରୀ ସାହୁଙ୍କୁ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ଘରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିରିବୋଲେଇ ପଞ୍ଚାୟତ ଜାଙ୍ଗୁ ଗ୍ରାମର ରୋହିତ କୁମାର ସାହୁଙ୍କ ଝିଅ ଡିଲେଶ୍ୱରୀ ବିଜ୍ଞାନରେ ୯୩.୧୬ ପ୍ରତିଶତ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ସେ ଖୋର୍ଦ୍ଧା ପିତାପାଲିସ୍ଥିତ ଗାନ୍ଧୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ବାପା ରୋହିତ ଜଣେ ଚାଷୀ ହୋଇଥିଲା ବେଳେ ମା' ସୁମିତ୍ରା ଗୃହିଣୀ। ଆଗକୁ ବିଏସ୍‌ସି ପଢ଼ିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ସାଧାରଣ ସମ୍ପାଦକ ନବକିଶୋର ସାହୁ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଦେହୁରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ଗଡ଼ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ସକାଳ THE SAKALA



### ପ୍ରସବ ଅସ୍ତ୍ରୋପଚାର ବେଳେ ଗୁପ୍ତାଙ୍ଗ ପୋଡ଼ିବା ଘଟଣା

# ନ୍ୟୁ-ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ସିଲ୍ ପାଇଁ ନିର୍ଦ୍ଦେଶ

**ରାଉରକେଲା, ୪।୬(ସମିସ)**

ସୁନ୍ଦରଗଡ଼ ସହରର ଘରୋଇ ନର୍ସିଂହୋମ୍ ନ୍ୟୁ ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଜଣେ ମହିଳାଙ୍କ ପ୍ରସବ ପାଇଁ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ସାଂଘାତିକ ତ୍ରୁଟି ଯୋଗୁଁ ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗ ସମ୍ପୂର୍ଣ୍ଣ ପୋଡ଼ିଯିବା ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅସ୍ତ୍ରୋପଚାର କରାଯାଇଥିବା ସମ୍ପୃକ୍ତ ଘରୋଇ ନର୍ସିଂହୋମ୍ ନ୍ୟୁ ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ଏକ ସପ୍ତାହ ପରେ ଅର୍ଥାତ୍ ଆସନ୍ତା ୧୧ ତାରିଖ ଠାରୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅସ୍ତ୍ରୋପଚାର କରିଥିବା ସୁନ୍ଦରଗଡ଼ ଏମ୍‌ସିଏଚ୍‌ର ଡା. ପୁଷ୍ପମିତ୍ର ଭିତିରିଆଙ୍କ ଡାକ୍ତରୀ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ କରାଯିବା ସହ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଆୟୁଷ ଡାକ୍ତର ମନୋରଞ୍ଜନ ଦାସଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଏ ନେଇ ଗଠିତ ତଦନ୍ତ କମିଟିର ତଦନ୍ତ ରିପୋର୍ଟ ଆସିବା ପରେ ସିଡିଏମ୍‌ଓ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ତେବେ ଏତେ ବଡ ସମ୍ବେଦନଶୀଳ ଘଟଣାରେ ସିଡିଏମଓ ଏପର୍ଯ୍ୟନ୍ତ ଥାନାରେ ଏତାଲା କାହିଁକି ଦେଇ ନାହାଁନ୍ତି ତାହା ପ୍ରଶ୍ନବାଚୀ ଓ ସନ୍ଦେହ ସୃଷ୍ଟି କରିଛି। ସମ୍ପୃକ୍ତ ଘରୋଇ ନର୍ସିଂହୋମ୍‌ୱାଲିକଙ୍କ ବିରୁଦ୍ଧରେ ଏ ଫ ଆ ଇ ଆ ର ଦିଆଯାଇ ଗିରଫ କରାଯିବା ଏବଂ ନର୍ସିଂହୋମ୍‌ର କ୍ଲିନିକାଲ ଏ ଷ୍ଟା ବ୍ଲି ସ ମେ ଣ୍ଟ ଲାଇସେନ୍ସ ବାତିଲ ନିୟମ ରହିଥିବାବେଳେ ଏପର୍ଯ୍ୟନ୍ତ ଏସବୁ ହୋଇ ନଥିବାରୁ ବିଭାଗୀୟ




କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସମ୍ପୃକ୍ତ ଡାକ୍ତର ଦ୍ୱୟଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଅପରାଧିକ ମାମଲା ରୁଜୁ ହେବାର ଆବଶ୍ୟକତା ରହିଥିବା ବେଳେ ତାହା ହୋଇନାହିଁ। ସେପଟେ ସମ୍ପୃକ୍ତ ମହିଳା ଏବେ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ।

ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ସହର ନୂଆପଡ଼ା ଅଞ୍ଚଳର ଆଶିଷ କୁମାର ପଣ୍ଡାଙ୍କ ପତ୍ନୀ ସୋନାଲି ଶତପଥୀଙ୍କର ଏପ୍ରିଲ ୨୦ରେ ପ୍ରସବ ବେଦନା ହେବାରୁ ସୋନାଲି ସରକାରୀ ହସ୍ପିଟାଲକୁ ଯାଇ ସୁନ୍ଦରଗଡ଼ ଏମ୍‌ସିଏଚ୍‌ର ଡା. ପୁଷ୍ପମିତ୍ର ଭିତିରିଆଙ୍କୁ ଦେଖାଇଥିଲେ। ହେଲେ ସେ ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ନ କରି ତାଙ୍କୁ ତୁରନ୍ତ ଘରୋଇ ନର୍ସିଂହୋମ୍ ନ୍ୟୁ-ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ପଠାଇଥିଲେ। ସେଠାରେ ନିଜେ ସୋନାଲିଙ୍କର ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ। ଏଥିରେ ଆୟୁଷ ଡାକ୍ତର ମନୋରଞ୍ଜନ ଦାସ ତାଙ୍କୁ ସହଯୋଗ କରିଥିଲେ। ତେବେ ଅସ୍ତ୍ରୋପଚାର ବେଳେ ଇଲେକ୍ଟ୍ରୋନିକ୍ସ କଟେରୀ ମେସିନ ଦ୍ୱାରା ତାଙ୍କ ତଳିପେଟ ଓ ସମ୍ବେଦନଶୀଳ ଅଙ୍ଗ ଗୁରୁତର ଭାବେ ପୋଡ଼ି ଯାଇଥିଲା। କିନ୍ତୁ ଏ ବିଷୟରେ ରୋଗୀଙ୍କୁ ନ ଜଣାଇ ସେଠାରେ ବ୍ୟାଣ୍ଡେଜ୍ କରି ତାଙ୍କୁ ଡିସଚାର୍ଜ କରି ଦେଇଥିଲେ। ଘରକୁ ଫେରିବା ପରେ ମହିଳାଙ୍କର ପ୍ରବଳ ପୋଡ଼ାଜଳା ହେବାରୁ ସେ ପୁଣି ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତର କେବଳ ଡ୍ରେସିଂ ଓ ଔଷଧ ଦେଇ ଛାଡ଼ିଥିଲେ। ଯନ୍ତ୍ରଣା ନ କମିବାରୁ ବ୍ୟାଣ୍ଡେଜ୍ ଖୋଲିବା ପରେ ପୁରା ଅଙ୍ଗ ପୋଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଡାକ୍ତରଙ୍କୁ ପଚାରିବାରୁ ସେ ତାଙ୍କ ତ୍ରୁଟି ସ୍ୱୀକାର କରିବା ସହ ଏଥିପାଇଁ ତାଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସୋନାଲିଙ୍କ ସ୍ୱାମୀ ଆଶିଷ ଟାଉନ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ସମ୍ପୃକ୍ତ ନର୍ସିଂହୋମ୍ ମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା କି ଏଥିରେ ସମ୍ପୃକ୍ତ ନର୍ସିଂହୋମ୍ ମାଲିକଙ୍କ ସମେତ, ଡାକ୍ତର ଭିତିରିଆ, ଆୟୁଷ ଡାକ୍ତର ଦାସଙ୍କୁ ବି ଗିରଫ କରିନାହିଁ। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

- ଡାକ୍ତରଙ୍କ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ; ୧୧ରୁ ସିଲ୍ ନିର୍ଦ୍ଦେଶ
- ଆୟୁଷ ଡାକ୍ତରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ
- ପୁଷ୍ପମିତ୍ର ଭିତିରିଆଙ୍କ ଡାକ୍ତରୀ ପ୍ରାଇଭେଟ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ
- କାହିଁକି ହୋଇ ନାହିଁ ଏଫ୍‌ଆଇଆର; ବଢୁଛି ସନ୍ଦେହ

## ୯୦ କେଜି ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ



**ରାଉରକେଲା, ୪।୬ (ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହ ଛକରେ ବିଜୁ ଏକ୍ସପ୍ରେସ ୱେରେ ଏକ କାର୍‌ରୁ ଗଞ୍ଜେଇ ଜବତ କରିବା ସହ ପୁଲିସ ଉତ୍ତରପ୍ରଦେଶ ରାଜ୍ୟର ୨ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। କାର୍‌ରୁ ପ୍ରାୟ ୯୦ କେଜି ଗଞ୍ଜେଇ ଜବତ କରାଯାଇଛି।

ପ୍ରକାଶ ଯେ, କରମଡିହ ଛକରେ ଏକ ମ କାରରେ ଗଂଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଚଢଉ କରିଥିଲା। କାର୍‌କୁ ଅଟକାଇ ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୮୯ କିଲୋଗ୍ରାମ ୮୦୦ ଗ୍ରାମ ଓଜନର ଗଂଜେଇ ଜବତ ସହ ଉତ୍ତରପ୍ରଦେଶ ଆହ୍ଲାବାଦ ଅଞ୍ଚଳର କୌଶଲ ଶ୍ରୀବାସ୍ତବ(୪୧) ଏବଂ ଉତ୍ତର ପ୍ରଦେଶ ସୁଲତାନପୁର ଅଞ୍ଚଳର ସୁନିଲ କୁମାର ସାହୁ(୩୫)ଙ୍କୁ ଗିରଫ କରିଥିଲା। ଏହି ଗଂଜେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଚୋରା ଚାଲାଣ ହେଉଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଏସପି ଶ୍ରୀମତୀ କୌର କହିଛନ୍ତି।

## ୩୨ ଟନ୍ ଚୋରି ଲୁହାପଥର ଜବତ : ୪ ଗିରଫ

**ରାଉରକେଲା, ୪।୬(ସମିସ):** ଖଣିଜ ଦ୍ରବ୍ୟର ବେଆଇନ ପରିବହନର ପର୍ଦ୍ଦାଫାସ କରି ରାଉରକେଲା ରଘୁନାଥପାଲୀ ପୁଲିସ ୪ ଜଣଙ୍କୁ ଗିରଫ କରିବା ସହ ୩୨.୦୯ ଟନ୍ ଚୋରା ଲୁହାପଥର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲୁଙ୍ଗାର ମହମ୍ମଦ ତୌସିଫ୍ (୩୮), ଟିସିଆଇ ଫଳସାଟୋଲାର ସନ୍ଦୀପ ଶର୍ମା (୩୧), କେଉଁଝର ଜିଲ୍ଲା ଯୋଡାର କମାରଯୋଡାର ରାଜା ପାତ୍ର (୩୨) ଏବଂ ଟ୍ରକ୍ ଡ୍ରାଇଭର ରୋଶନ ଯାଦବ (୪୫)। ଏନେଇ ପାନପୋଷ ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ରଘୁନାଥପାଲି ପୁଲିସ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇ କହିଛନ୍ତି ଏହି ଖଣିଜ ପଦାର୍ଥ ଚୋରା ଚାଲାଣ ନେଇ ରଘୁନାଥପାଲି ଥାନାରେ ଗତ ଜୁନ୍ ୧ ତାରିଖରେ ଏକ ମାମଲା ରୁଜୁ କରାଯାଇଛି। ଗତ ଜୁନ୍ ୧ ତାରିଖରେ, ଏସଆଇ ସୂରଜ କଂସରାଲି, ଅନ୍ୟ ପୁଲିସ କର୍ମଚାରୀଙ୍କ ସହିତପାଟ୍ରୋଲିଂ ଡ୍ୟୁଟି କରୁଥିବାବେଳେ ଚୋରା ଲୁହାପଥର ଚାଲାଣ ହେଉଥିବା ନେଇ ସୂଚନା ମିଳିବାରୁ ବାଲୁଘାଟ ପାର୍କ ନିକଟରେ ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରକରେ ୩୨, ୦୯୦ କିଲୋଗ୍ରାମ ଓଜନର ଲୁହାପଥର ଲୋଡ ହୋଇଥିବା ବେଳେ ପଚରାଉଚରା ସମୟରେ ଉକ୍ତ ଖଣିଜ ପଦାର୍ଥ କେଉଁଝର ଜିଲ୍ଲାର ଯୋଡାର ବାଂଶପାଣି ଅଞ୍ଚଳରୁ ପରିବହନ କରାଯାଇଥିଲା ଏବଂ ଏହାକୁ ସୁନ୍ଦରଗଡ଼ ଜିଲ୍ଲାର କଲୁଙ୍ଗା ଅଞ୍ଚଳକୁ ବେଆଇନ ଭାବେ ଚାଲାଣ କରାଯାଉଥିଲା ବୋଲି ଟ୍ରକ୍ ଡ୍ରାଇଭର ରୋଶନ ଯାଦବ ସୂଚନା ଦେଇଥିଲା। ଏହି ଘଟଣାରେ ପୁଲିସ ଟ୍ରକ୍ ଡ୍ରାଇଭର ରୋଶନ ଯାଦବଙ୍କୁ ଜୁନ୍ ୧ ତାରିଖରେ ଗିରଫ କରିବା ଲୁହା ପଥର ବୋଝେଇ ଟ୍ରକକୁ ଜବତ କରିଥିଲା। ଅଧିକ ତଦନ୍ତ ପରେ ଜୁନ୍ ୩ ତାରିଖରେ ଏହି କାରବାରରେ ସମ୍ପୃକ୍ତ ଆଉ ତିନି ଜଣ ଅଭିଯୁକ୍ତ ମହମ୍ମଦ ତୌସିଫ୍, ସନ୍ଦୀପ ଶର୍ମା ଏବଂ ରାଜା ପାତ୍ରଙ୍କୁ ଗିରଫ କରାଯାଇଥିଲା। ତଦନ୍ତକାରୀ ପୁଲିସ ଅଧିକାରୀମାନେ ବେଆଇନ ଖଣିଜ ପରିବହନ ଏବଂ ଚୋରି ନେଟୱାର୍କ ସହିତ ଜଡିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ବିଷୟରେ ମଧ୍ୟ ତଦନ୍ତ କରୁଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ବେଆଇନ ଖଣିଜ ପଦାର୍ଥ ଖଣି, ଚୋରି ଏବଂ ପରିବହନରେ ନିୟୋଜିତ ଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ଡିପିଓ ଶ୍ରୀ ଦାଶ କହିଛନ୍ତି।

### ଖଣି ଅଧିକାରୀ ଏବଂ ପୁଲିସକୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣା

## ୩ ଗିରଫ; ଆଉ ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଉରକେଲା, ୪।୬ (ସମିସ):** ବେଆଇନ ବାଲି ଖନନ ଓ ଚୋରା ଚାଲାଣ ଉପରେ ଚଢଉ କରିବାକୁ ଯାଇଥିବା ଖଣି ଅଧିକାରୀ ଓ ସୁନ୍ଦରଗଡ଼ ଟାଉନ ଥାନାର ପୁଲିସ କର୍ମଚାରୀଙ୍କୁ ବାଲି ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଆଜି ପୁଲିସ ୩ ଜଣ ବାଲି ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୀନକେତନ ରୋହିଦାସ, ନରହରି ନାଏକ ଏବଂ ଜଣେ ନାବାଳକ। ଏହାସହ ପୁଲିସ ହାତରୁ ବାଲି ମାଫିଆମାନେ ଛଡେଇ ନେଇଥିବା ୩ଟି ଜବତ ବାଲି ବୋଝେଇ ଟ୍ରାକ୍ଟରକୁ ବି ପୁଲିସ ପୁଣି ଜବତ କରିଛି।

ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଅମଲିପାଲି ବାଲି ଘାଟରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ପାଇବା ପରେ ଗତକାଲି ସକାଳେ କନିଷ୍ଠ ଖଣି ଅଧିକାରୀ ଅକ୍ଷୟ କୁମାର କାଲୋ ଟାଉନ ଥାନା ପୁଲିସ ସହାୟତାରେ ଚଢ଼ଉ ପାଇଁ ଯାଇଥିଲେ। ଆମଲିପାଲି ଘାଟରେ ପହଞ୍ଚି ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିବାରୁ ଉତ୍ତେଜନା ଆରମ୍ଭ ହୋଇଥିଲା। ବାଲି ମାଫିଆମାନେ ସଂଘବଦ୍ଧ ଭାବେ ଚଢ଼ଉ ପାଇଁ ଯାଉଥିବା ଟିମ୍‌କୁ ଆକ୍ରମଣ କରିଥିଲେ। ବିଟ୍ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ବାଲି ମାଫିଆ ଓ ସେମାନଙ୍କ ସହଯୋଗୀମାନେ ଖଣି ଅଧିକାରୀ ଶ୍ରୀ କାଲୋ ଏବଂ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ ସହ ବିଧା, ଗୋଇଠା ମାରିବା ସହ ଗଛଡାଳ ଭାଙ୍ଗି ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଜବତ ୪ଟି ଟ୍ରାକ୍ଟର ମଧ୍ୟରୁ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜୋରଜବରଦସ୍ତ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଘଟଣା ସ୍ଥଳରୁ ୨ ଜଣଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିଲା।

ଘଟଣା ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅକ୍ଷୟ କୁମାର କାଲୋ ସୁନ୍ଦରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ବାଲି ମାଫିଆମାନଙ୍କୁ ଗିରଫ କରିବା ପାଇଁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠିତ ହୋଇ ଏହି ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି।

## ଆର୍‌ଏସ୍‌ପି ସିପିପି-୧ରେ ଜୀବାଶ୍ମ ଜାଳେଣି ବ୍ୟବହାର ହ୍ରାସ

**ରାଉରକେଲା, ୪।୬(ସମିସ):** ସମଗ୍ର ବିଶ୍ୱ ଯେତେବେଳେ ପରିବେଶ ଦିବସ ପାଳନ କରୁଛି ଏବଂ ଏକ ଚିରନ୍ତନ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଉଛି, ସେତିକିବେଳେ ଆର୍‌ଏସ୍‌ପି ସିପିପି - ୧(କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧)ରେ ଜୀବାଶ୍ମ ଜାଳେଣି ବ୍ୟବହାର ହ୍ରାସ କରି ଶିଳ୍ପ ଅଭିବୃଦ୍ଧି ଏବଂ ପରିବେଶର ସୁରକ୍ଷା ପରସ୍ପର ଏକ ସଙ୍ଗେ ଆଗକୁ ବଢ଼ିପାରିବ ବୋଲି ଏହା ପ୍ରମାଣିତ କରିପାରିଛି। ବିଗତ ବର୍ଷଗୁଡ଼ିକ ମଧ୍ୟରେ, ଦେଶର ଅନ୍ୟତମ ଅଗ୍ରଣୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦକ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ଆର୍‌ଏସ୍‌ପି କ୍ରମାଗତ ଭାବରେ ଅଭିନବ ପ୍ରଯୁକ୍ତିବିଦ୍ୟା, ସମ୍ବଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ବ୍ୟବହାର ଏବଂ ନିର୍ଗମନ ହ୍ରାସ କରିବାର ପଦକ୍ଷେପଗୁଡ଼ିକୁ ଆପଣାଇ ଆସିଛି। ଶକ୍ତି ଦକ୍ଷତା, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିର୍ଗମନ ନିୟନ୍ତ୍ରଣ କ୍ଷେତ୍ରରେ ନିରନ୍ତର ପ୍ରୟାସ ମାଧ୍ୟମରେ ଏହି ପ୍ଲାଣ୍ଟ ଉତ୍ପାଦନ ସ୍ତରକୁ ବୃଦ୍ଧି କରିବା ସହିତ ନିଜର ପରିବେଶଗତ ପ୍ରଭାବକୁ କ୍ରମାଗତ ଭାବରେ ହ୍ରାସ କରିପାରିଛି। ଏହାର ଅନ୍ୟତମ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ଜୀବାଶ୍ମ ଜାଳେଣି ବ୍ୟବହାରକୁ ହ୍ରାସ କରିବା। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଇସ୍ପାତ ପ୍ରସ୍ତୁତି ପ୍ରକ୍ରିୟା ସମୟରେ ନିର୍ଗତ ହେଉଥିବା ବର୍ଜ୍ୟ ଗ୍ୟାସଗୁଡ଼ିକୁ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ର ବଏଲରଗୁଡ଼ିକରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଉଛି, ଯାହା ବଏଲର-ଗ୍ରେଡ୍ କୋଇଲାର ଆବଶ୍ୟକତାକୁ ଯଥେଷ୍ଟ ପରିମାଣରେ ହ୍ରାସ କରୁଛି। ଏହା



କେବଳ ମୂଲ୍ୟବାନ ପ୍ରାକୃତିକ ସମ୍ବଳକୁ ସଂରକ୍ଷିତ କରୁନାହିଁ ବରଂ ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ମଧ୍ୟ ସହଯୋଗ କରୁଛି।

ସବୁଜ ଇସ୍ପାତ ନିର୍ମାଣ ଦିଗରେ ଅନ୍ୟ ଏକ ଅଗ୍ରଗାମୀ ପଦକ୍ଷେପ ସ୍ୱରୂପ, ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ-୧ରେ ବାୟୋଚାର୍ ଇଞ୍ଜେକ୍ସନର ପରୀକ୍ଷଣ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଅଙ୍ଗାରକାମ୍ଳ ଉତ୍ସଗୁଡ଼ିକୁ ଆଂଶିକ ଭାବରେ ଅକ୍ଷୟ ବାୟୋମାସ-ଆଧାରିତ ବିକଳ୍ପ ସହିତ ବଦଳାଇବା, ଯାହା ଦ୍ୱାରା ଲୁହା ପ୍ରସ୍ତୁତି ପ୍ରକ୍ରିୟାରୁ କାର୍ବନ ନିର୍ଗମନ ହ୍ରାସ ପାଇବ। ଏହି ପରୀକ୍ଷଣର ଫଳାଫଳ ପ୍ଲାଣ୍ଟର ଅନ୍ୟାନ୍ୟ ବ୍ଲାଷ୍ଟ ଫର୍ଣ୍ଣେସଗୁଡ଼ିକରେ ଏହି ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ସମ୍ବଳର ଦକ୍ଷ ବ୍ୟବହାର ଏବଂ ଚକ୍ରାକାର ଅର୍ଥନୀତିର ନୀତିଗୁଡ଼ିକ ମଧ୍ୟ ଆର.ଏସ.ପି.ର ପରିବେଶ ରଣନୀତିର କେନ୍ଦ୍ରବିନ୍ଦୁ ସଦୃଶ। କାରଖାନା ମେଟାଲର୍ଜିକାଲ୍ ବାଇ-ପ୍ରଡକ୍ଟସ ବା ଉପ-ଉତ୍ପାଦଗୁଡ଼ିକର ଲାଭଦାୟକ ବ୍ୟବହାର କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସରୁ ବାହାରୁଥିବା ସ୍ଲାଗକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରାଯାଉଥିବାବେଳେ, ବିଓଏଫ ଏବଂ ଏସଏମଏସ ସ୍ଲାଗ୍‌ର ଏକ ବଡ଼ ଅଂଶକୁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉପଯୋଗୀ ଉତ୍ପାଦରେ ପରିଣତ କରାଯାଉଛି। ଏହି ପ୍ରୟାସଗୁଡ଼ିକ କେବଳ ବର୍ଜ୍ୟବସ୍ତୁ ନିଷ୍କାସନକୁ ହ୍ରାସ କରୁନାହିଁ, ବରଂ ଶିଳ୍ପଜାତ ଉପ-ଉତ୍ପାଦଗୁଡ଼ିକରୁ ମୂଲ୍ୟ ମଧ୍ୟ ସୃଷ୍ଟି କରୁଛି।

## ରାଜ୍ୟସ୍ତରୀୟ ରଜ ମଉଜ ଉପଲକ୍ଷେ ପ୍ରତିଯୋଗିତା

**ରାଉରକେଲା, ୪।୬ (ସମିସ) :** ରାଉରକେଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ଏହାର ୨୬ତମ ବାର୍ଷିକୋତ୍ସବର ପୁରସ୍କାର ବିତରଣୀ ଉତ୍ସବ ତଥା ୧୨ତମ ରାଜ୍ୟସ୍ତରୀୟ ରଜ ମଉଜ-୨୦୨୬ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଚଳିତ ମାସ ୭, ୧୦ ଓ ୧୨ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ।

ଚଳିତ ମାସ ୭ ତାରିଖ ଦିନ ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପରିସରରେ ସକାଳ ୯ଟାରୁ କେଜି-୨ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଗୁଡିରେ ରଙ୍ଗ ଦେବା, ୧ମରୁ ୩ୟ ଶ୍ରେଣୀ ପିଲାଙ୍କ ମଧ୍ୟରେ ଗୋଲାପ ଫୁଲରେ ରଙ୍ଗ ଦେବା, ୪ର୍ଥରୁ ୭ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ସ୍ପେସ୍ ଛକର ଚିତ୍ରାଙ୍କନ କରିବା, ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ରଜ ମହୋତ୍ସବ ପାଳନ ଦୃଶ୍ୟର ଚିତ୍ରାଙ୍କନ ଅନୁଷ୍ଠିତ ହେବ। ୧୦ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଓ ୪ର୍ଥରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ଉପଶାସ୍ତ୍ରୀୟ ନୃତ୍ୟ, ଏକକ ଅଣଶାସ୍ତ୍ରୀୟ ନୃତ୍ୟ ଓ ଏକକ ଭାରତୀୟ ଲୋକ ନୃତ୍ୟ ପ୍ରତିଯୋଗିତା, ୭ମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ଶାସ୍ତ୍ରୀୟ ନୃତ୍ୟ, ସମସ୍ତଙ୍କ ପାଇଁ ଦଳଗତ ନୃତ୍ୟ, ସେହିପରି ଅପରାହ୍ନ ୪ଟାରୁ ମହିଳାଙ୍କ ପାଇଁ ପାରମ୍ପରିକ କାର୍ଯ୍ୟକ୍ରମରେ ଶଙ୍ଖ ବାଦନ, ହୁଳହୁଳି, ପୋଡ ପିଠା, ଛଣା ପିଠା ଓ ସିଝା ପିଠା ପ୍ରତିଯୋଗିତା, ସନ୍ଧ୍ୟା ୮ଟାରୁ ପରିଷଦର ୨୬ତମ ବାର୍ଷିକୋତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖ ଦିନ ସିଭିକ୍ ସେଣ୍ଟର ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରଜ ମଉଜ ଷ୍ଟେଜ୍ ଶୋ, ଓଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ଅଭିଜିତ ମଜୁମଦାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସେମାନଙ୍କ ଲୋକପ୍ରିୟ ସଙ୍ଗୀତର ତାଳେ ତାଳେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ। ମହିଳାଙ୍କ ମଧ୍ୟରେ ରଜ ଫେସନ ଶୋ - ଓଡିଆଣୀ ପ୍ରତିଯୋଗିତା ଓ ରାଉରକେଲାର ପ୍ରଖ୍ୟାତ ନୃତ୍ୟ ଗୁରୁଙ୍କ ଦ୍ୱାରା ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ରଜ ମଉଜର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ୭ରେ ଖେଲୋ ଇଣ୍ଡିଆ ଅସ୍ମିତା ସାଇକଲ ପ୍ରତିଯୋଗିତା

**ରାଉରକେଲା, ୪।୬ (ସମିସ):** ରାଉରକେଲାରେ ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। କେନ୍ଦ୍ର କ୍ରୀଡ଼ା ବିଭାଗ ଦ୍ୱାରା ସମସ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜନ ହେଉଛି। ଏହି ପ୍ରତିଯୋଗିତା ଦ୍ୱାରା ଦେଶରେ କିପରି ମହିଳା ସାଇକଲ ଚାଳନା କରି ନିଜକୁ ଫିଟ୍ ରଖିବା ସହିତ ଦେଶ ପାଇଁ ଖେଳି ଦେଶକୁ ଗର୍ବିତ କରିବେ ସେ ନେଇ ମହିଳାଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଖାଲି ସେତିକି ନୁହେଁ ଏହି ପ୍ରତିଯୋଗିତାରେ ଯେଉଁମାନେ ପଦକ ଜିତିବେ ସେମାନେ ଖେଲୋ ଇଣ୍ଡିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଆର୍ଥିକ ରାଶି ପାଇବାର ସୁଯୋଗ ମଧ୍ୟ ପାଇବେ। ଓଡ଼ିଶା ସାଇକଲ ସଙ୍ଘ ଓ ରାଉରକେଲା ସାଇକ୍ଲିଙ୍ଗ କ୍ଲବ୍‌ର ମିଳିତ ସହଯୋଗରେ ଏହି ସାଇକଲ ଚାଳନା ପ୍ରତିଯୋଗିତା ଚଳିତ ମାସ ୭ ତାରିଖ ରବିବାର ସକାଳ ୬ଟାରେ ଟେଲିଫୋନ ଭବନ ପଡ଼ିଆରୁ ଆରମ୍ଭ ହୋଇ ସ୍ପେସ ଛକ ପର୍ଯ୍ୟନ୍ତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ୩ ବର୍ଗ ତଥା ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍ ଓ ୧୭ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନେ ଭାଗ ନେବେ ବୋଲି ଆୟୋଜକ ରାଉରକେଲା ସାଇକେଲିଂ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

### ଗରିମା ପରିବାର ଓ ଲାୟନ୍ସ ଇଣ୍ଟରନ୍ୟାସନାଲ ମିଳିତ ସହଯୋଗ

## ୧୭ରେ ରଜ ମଉଜରେ ରଜ ରାଜକୁମାରୀ ସିଜିନ୍-୫




**ରାଉରକେଲା, ୪।୬(ସମିସ):** ଗରିମା ପରିବାର ଏବଂ ଲାୟନ୍ସ ଇଣ୍ଟରନ୍ୟାସନାଲ ରାଉରକେଲା ପକ୍ଷରୁ ଚଳିତ ବର୍ଷ ଜୁନ ୭ରୁ ୧୭ ପର୍ଯ୍ୟନ୍ତ ରଜ ମଉଜ-ରଜ ରାଜକୁମାରୀ ସିଜିନ୍-୫ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସେକ୍ଟର-୬ ବସ୍ତିଆ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଗରିମା ପରିବାରର ପ୍ରତିଷ୍ଠାତା ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଓ ସଭାପତି ମମତା ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଗରିମା ପରିବାର ସହିତ ଲାୟନ୍ସ ଇଣ୍ଟରନ୍ୟାସନାଲ ଲେଡି ଲାୟନ୍ସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଓଲିଉଡ୍ ଅଭିନେତ୍ରୀ ଭୂମିକା ଏବଂ ଅଭିନେତା ପୁପିନ୍ଦରଙ୍କ ପଦାର୍ପଣରେ ରଜ ମଉଜ-ରଜ ରାଜକୁମାରୀ ସିଜିନ୍-୫ ବେଶ୍ ଆକର୍ଷଣୀୟ ହେବ ବୋଲି କୁହାଯାଇଛି।

ଗରିମା ପରିବାର ଏବଂ ଲାୟନ୍ସ ଇଣ୍ଟରନ୍ୟାସନାଲ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ସଂସ୍କୃତି ଓ ପରମ୍ପରାର ଉତ୍ସବ 'ରଜ ରାଜକୁମାରୀ ସିଜିନ୍-୫'ର ଅଡିସନ୍ ଜୁନ୍ ୭ରେ ସେକ୍ଟର-୨୦ ରାଉରକେଲା କ୍ଲବରେ ଆରମ୍ଭ ହେବାକୁ ଥିଲାବେଳେ, ଗ୍ରାଣ୍ଡ ଫାଇନାଲ ସେକ୍ଟର-୧୯ ସିଭିକ୍ ସେଣ୍ଟର୍ ଠାରେ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୧୩ ବର୍ଷରୁ ୨୩ ବର୍ଷ ମଧ୍ୟରେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଂଶଗ୍ରହଣ କାରୀଙ୍କୁ ପୁରସ୍କାର ସହ ଶ୍ରେଷ୍ଠ ବିଜୟିନୀମାନଙ୍କୁ ଆକର୍ଷଣୀୟ ପୁରସ୍କାର ସହ ନଗଦ ଅର୍ଥ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ସମ୍ପାଦକ ରାଧିକା ରୁଚି ଗୌତମ, ନିବେଦିତା ମିଶ୍ର, ଇଂ ଗୌତମ ମିଶ୍ର, ଲଳିତେନ୍ଦୁ ଚୌଧୁରୀ, ଗରିମା ପରିବାରର ମୋନାଲିସା ସାହୁ ପ୍ରମୁଖ ଏ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରିଥିଲା ବେଳେ ଶେଷରେ ଲୀନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସମ୍ପ୍ରସାରିତ କ୍ୱାର୍ଟର୍ସ ଭାଙ୍ଗିବାକୁ ନୋଟିସ

# ପ୍ରତିବାଦରେ ରାଉରକେଲା ଶ୍ରମିକ ସଂଘର ବିଶାଳ ଗଣଧାରଣା

**ରାଉରକେଲା, ୪।୬(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ କର୍ମଚାରୀଙ୍କ ଲାଇସେନ୍ସ ପ୍ରାପ୍ତ ସମ୍ପ୍ରସାରିତ ଆରଏସପି କ୍ୱାର୍ଟର୍ସ ଉଚ୍ଛେଦ ପାଇଁ ଆରଏସପି ପକ୍ଷରୁ କରାଯାଇଥିବା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସମେତ ବିଭିନ୍ନ ଦାବିରେ ଆଜି ରାଉରକେଲା ଶ୍ରମିକ ସଂଘର ଆହ୍ୱାନ କ୍ରମେ ସେକ୍ଟର୨ ସହରସେବା କାର୍ଯ୍ୟାଳୟ ସମ୍ମୁଖରେ ଦିବସବ୍ୟାପୀ ଏକ ବିଶାଳ ଗଣଧାରଣା ଓ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆରଏସଏସର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଗଣଧାରଣାରେ ବହୁ ସଂଖ୍ୟାରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ସମର୍ଥନ ଜଣାଇଥିଲେ।।




ଏହି ଗଣଧାରଣା ଆଜି ସକାଳ ୯ରୁ ଆରମ୍ଭ ହୋଇଥିବାବେଳେ ପ୍ରଥମେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସାଧାରଣ ସମ୍ପାଦକ ଶ୍ରୀ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ବେହେରା କହିଥିଲେ ଯେ, ଯେଉଁ ଶ୍ରମିକମାନେ ନିଜ ଜୀବନର ଅମୂଲ୍ୟ ସମୟ, ଶ୍ରମ, ଲୁହ ଓ ଲହୁ ଦେଇ ଇସ୍ପାତ କାରଖାନା ଏବଂ ଇସ୍ପାତ ନଗରୀ ଗଢ଼ିଛନ୍ତି, ସେମାନଙ୍କୁ ଅବସର ପରେ ଅଯଥା ହଇରାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ଚେତାବନୀ ଦେଇ କହିଥିଲେ ଯେ, ଦୀର୍ଘ ୨୦ ବର୍ଷ ଧରି କ୍ୱାର୍ଟର୍ସ ବାବଦରେ ୩୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ଆଦାୟ କରାଯାଇଛି ଏବଂ ମାସିକ ଭଡ଼ା ମଧ୍ୟ ନିଆଯାଉଛି। ତେଣୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବଳପୂର୍ବକ ଉଚ୍ଛେଦ କରିବାର ଯେକୌଣସି ପ୍ରୟାସକୁ ସଂଘ ଦୃଢ଼ ଭାବେ ପ୍ରତିରୋଧ କରିବ। କୌଣସି ପରିସ୍ଥିତିରେ କ୍ୱାର୍ଟର୍ସ ସମ୍ପ୍ରସାରଣକୁ ଭଙ୍ଗାଯିବାକୁ ଦିଆଯିବ ନାହିଁ ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ଯେକୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ଇସ୍ପାତ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ। ସେଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ଅଛି।

ଏହି ଗଣଧାରଣାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ବିଶିଷ୍ଟ ଶ୍ରମିକ ନେତା ଏଆଇଟିୟୁସିର ରମେଶ ସେଠୀ, ସିଆଇଟିୟୁର ବସନ୍ତ କୁମାର ନାୟକ, ରତ୍ନାକର ନାୟକ, ଆର୍‌ଏମ୍‌ଏସ୍‌ର ସିଦ୍ଧେଶ୍ୱର ବଳ, କଳାକାର ସାହୁ, ସତ୍ୟାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ, ଇସ୍ପାତ ମାର୍କେଟର ସୁଜିତ କୁମାର ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ ସେଠୀ, ଗୋପାଳ ଜେନା, ଖଦାଳ ସେଠୀ, ପି.ପି. ରାୟ, ସରୋଜ କୁମାର ଲେଙ୍କା, ଜଗନ୍ନାଥ ରାଉତ, ପ୍ରଭାତୀ ପଟ୍ଟନାୟକ, ସୁକାନ୍ତ ଖୁଣ୍ଟିଆ, ସମାଜସେବୀ ଜୟଶ୍ରୀ ପାଣିଗ୍ରାହୀ, ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ନିହାର ଦାସ, ଆର୍.କେ. ପଣ୍ଡା, ଅକ୍ଷୟ ଜେନା, ପଦ୍ମାଳୟା ଧର, କେ ଏନ ବିଶ୍ୱାଳ, ବୀରକିଶୋର ଶେଖରଦେଓ ଓ ପ୍ରତାପ ମେହେର ପ୍ରମୁଖ ଉଦ୍‌ବୋଧନ ଦେଇ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ ନୀତି ଓ କର୍ମଚାରୀ ବିରୋଧୀ ପଦକ୍ଷେପକୁ ଦୃଢ଼ ପ୍ରତିବାଦ କରିବା ସହ ଲାଇସେନ୍ସ ଆଧାରରେ ଅବସରପ୍ରାପ୍ତ କର୍ମଚାରୀମାନେ ନେଇଥିବା କ୍ୱାର୍ଟର୍ସ ଏକ୍ସଟେନ୍ସନ୍ ଭଙ୍ଗା ନୋଟିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୧୮ ମାସିଆ କ୍ୱାର୍ଟର ରିଟେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ ଏବଂ କର୍ମଚାରୀଙ୍କ ପାଇଁ ଡବଲ୍ କ୍ୱାର୍ଟର ସ୍କିମ୍‌କୁ ବଳବତ୍ତର ରଖିବା ପାଇଁ ଦାବି କରିଥିଲେ।

ଶେଷରେ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ଆରଏସପି ଡିଆଇସିଙ୍କ ଉଦ୍ଦେଶ୍ୟରେ ସହରସେବା ମୁଖ୍ୟ ଟି.ଜି କାନେକରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନା ଓ ସଫଳତାରେ ସଂଘର ୟୁଥ୍ ଉଇଙ୍ଗ ସଭାପତି ବିକାଶ ବେହୁରିଆ, ସୌମ୍ୟ ଧଳ, ଅଖିଳ ପୃଷ୍ଟି, ସୁଜିତ ନାୟକ, ସତ୍ୟ ପ୍ରଧାନ, ବ୍ରହ୍ମାନନ୍ଦ ବେହେରା, ଦିଲୀପ କୁମାର ମଲ୍ଲିକ, ସୁକାନ୍ତ କୁମାର ନାୟକ, ଦୀପକ ଦେ, ସୁଦନ ଚୌଧୁରୀ, ଦୀପଙ୍କର ପାଲ, ପ୍ରଦୀପ ଶେଖରଦେଓ, ସୁରେଶ କିଶାନ, ପ୍ରଫୁଲ୍ଲ ଦାସ, ରମାକାନ୍ତ ପରିଡ଼ା, ଗୌରାଙ୍ଗ ପରିଜା, ତ୍ରିଲୋଚନ ପାଣିଗ୍ରାହୀ, ସରୋଜ ପରିଡ଼ା, ସୁନିଲ ଟୁଡୁ, ଦେବାଶିଷ ଜେନା, ଦୁର୍ଗା ଜେନା, ବିନୋଦ ତନ୍ତୀ, କାର୍ତ୍ତିକ ଖଣ୍ଡୁଆଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

ସକାଳ
THE SAKALA



**୩୦ ତାରିଖ ଝଡ଼ବର୍ଷାରୁ ଜଣାପଡ଼ିଗଲା**

# ପ୍ରସ୍ତୁତ ନୁହେଁ ମହାନଗର ପ୍ରଶାସନ

**ସମ୍ବଲପୁର, ୪।୬ (ସମିସ)**

- **ଝଡ଼ବର୍ଷା ଟ୍ରେଲରରେ ବିଫଳ**
- **ଆରମ୍ଭ ହୋଇନି ଧୋବିଜୋର, ହରଡ଼ଜୋର ଓ ଟାଙ୍ଗନା ନାଳା ସଫେଇ**
- **ସଂକୁଚିତ ନାଳରେ ହୋଇପାରୁନି ବର୍ଷାଜଳ ନିଷ୍କାସନ**
- **ମହାନଗର ନିଗମ ଓ ଜଳସେଚନ ବିଭାଗ ମଧ୍ୟରେ ନାହିଁ ସମନ୍ୱୟ**

ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତିବର୍ଷ ମେ'ଶେଷ ସପ୍ତାହରେ କେରଳ ଛୁଇଁଥାଏ। ପରେ ଯେକୌଣସି ସମୟରେ ଓଡ଼ିଶାରେ ପ୍ରବେଶ କରେ ମୌସୁମୀ। ଏହାପରେ ଆରମ୍ଭ ହୋଇଯାଏ ବର୍ଷା। ପୁଣି ପ୍ରବଳ ବର୍ଷା ହେଲେ ହୀରାକୁଦ ନଦୀବନ୍ଧର ଫାଟକ ବର୍ଷାଜଳ ନିଷ୍କାସନ ପାଇଁ ଖୋଲାଯାଏ। ତେବେ, ମୌସୁମୀ ପହଞ୍ଚିବା ପୂର୍ବରୁ ଗତ ମେ ୩୦ ତାରିଖର ମାତ୍ର ଘଣ୍ଟାକର ବର୍ଷା ମହାନଗର ନିଗମର ପ୍ରସ୍ତୁତିରେ ପ୍ରଶ୍ନବାଚୀ। ଝଡ଼ବର୍ଷା ମାତ୍ର ଏକ ଘଣ୍ଟା ହେଲା, ସମ୍ବଲପୁର ସହରର ସମସ୍ତ ନାଳ ଜାମ୍ ହୋଇ ରାସ୍ତା ଉପରେ ପାଣି ବହିଲା। ବିଭିନ୍ନ ସ୍ଥାନରେ ଘର ମାନଙ୍କରେ ପାଣି ପଶିଲା। ଖୋଲିଗଲା ମହାନଗର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିର ପୋଲ। ଆଗାମୀ ଦିନରେ ପ୍ରବଳବର୍ଷା ହେଲେ ପୁଣି ବୁଡ଼ିବ ସମ୍ବଲପୁର। ତଳି ଅଞ୍ଚଳରେ ପାଣି ପଶିବା ଆଶଙ୍କା ରହିଛି। ୨୦୧୮ ମସିହା ଜୁଲାଇ ୨୩ ତାରିଖ ଭଳି ବର୍ଷାହେଲେ ପୁଣିଥରେ ଜଳାର୍ଣ୍ଣବ ହେବ ସମ୍ବଲପୁର ସହର। ସମ୍ବଲପୁର ମହାନଗର ଅନ୍ତର୍ଗତ ସମସ୍ତ ପଡ଼ା ଓ ଗଳିକନ୍ଦିରେ ଥିବା ନାଳଗୁଡ଼ିକ ଅଣଓସାରିଆ ବା ସଂକୁଚିତ ଏବଂ ଅଙ୍କାବଙ୍କା ରହିଛି। ମହାନଗର ନିଗମ ବୈଷୟିକ ବିଭାଗ ନାଳ ଗୁଡ଼ିକ ଚଉଡ଼ା କରିବା ଦିଗରେ ଅଚେତ ହୋଇଛି। ନାଳରେ ଆବର୍ଜନା ଜମାହୋଇ ବର୍ଷାଜଳ ଓ ଦୂଷିତ ଜଳ ରାସ୍ତାରେ ବହିବା ସହ ଘରମାନଙ୍କରେ ପଶିବା ନଜିର ରହିଛି। ସମ୍ବଲପୁର ସହରରେ ଥିବା ୩ଟି ମୁଖ୍ୟ ନାଳାରେ ଦଳ, ଆବର୍ଜନା ଓ ମାଟି ଭର୍ତ୍ତି ହୋଇ ରହିଛି, ସଫେଇ ହୋଇନାହିଁ। ବର୍ଷା ଋତୁ ଆସନ୍ନପ୍ରାୟ ହୋଇଥିବାବେଳେ ମହାନଗର ନିଗମ ପ୍ରସ୍ତୁତ କରି ନ ଥିବାରୁ ଆଗାମୀ ଦିନରେ ପୁଣି ଘରେ ଘର ପାଣି ପଶିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୪୮.୭୩ କିଲୋମିଟର ଦୀର୍ଘ ନାଳ (ଡ୍ରେନ୍) ରହିଛି। ବର୍ଷା ଋତୁ ଆସିବା ପୂର୍ବରୁ ସମସ୍ତ ନାଳରୁ ମାଟି, ଆବର୍ଜନା କାଢ଼ି ତା'କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥାଏ। ଏହାସହ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳସ୍ରୋତ ଅବରୋଧ କରୁଥିବା ନିର୍ମାଣ ଓ ଜବରଦଖଲ ଗୁଡ଼ିକୁ ହଟେଇ ନିଷ୍କାସନ ସ୍ୱାଭାବିକ କରାଯାଇଥାଏ। ବହୁ ସମୟରେ ମହାନଗର ନିଗମ କର୍ତ୍ତୃପକ୍ଷ ବାହାରୁ ସଚେତ କର୍ମଚାରୀ ଓ ଅଧିକ ସଂଖ୍ୟକ ଟ୍ରାକ୍ଟର ଆଣି ଏହି କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ମୌସୁମୀ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ କରିଥାନ୍ତି। କିନ୍ତୁ ମୌସୁମୀ ଆସନ୍ନପ୍ରାୟ ଥିବାବେଳେ ମହାନଗର ନିଗମ ପକ୍ଷରୁ ଡ୍ରେନ୍‌ରୁ ମାଟିକଢ଼ା ଓ ଡ୍ରେନ୍‌ଗୁଡ଼ିକ ଅବରୋଧମୁକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ସହରର ତିନୋଟି ମୁଖ୍ୟ ନାଳା ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋରର ସଫେଇ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଗୁଡ଼ିକ ଜଳସେଚନ ବିଭାଗ ଅଧୀନରେ ରହିଛି। ସେଥିରେ ଲଟାବୁଦା ସହିତ ଜଗଲ (ଦଳ), ଲଟାବୁଦା, ଆବର୍ଜନା ଓ ମାଟି ଆଦି ଭର୍ତ୍ତି ହୋଇଛି। ସମ୍ବଲପୁର ସହରର ଘର ମାନଙ୍କରୁ ଉଦ୍‌ବୃତ୍ତ ଜଳ, ବର୍ଷା ଜଳ ଆଦି ଏହି ତିନୋଟି ନାଳାରେ ପ୍ରବାହିତ ହୋଇଥାଏ। ପ୍ରତିବର୍ଷ ଏପ୍ରିଲ ଶେଷଭାଗରୁ ଜଳସେଚନ ବିଭାଗ ପକ୍ଷରୁ ଏହାର ସଫେଇ କାର୍ଯ୍ୟ କରାଯାଇଥାଏ। କିନ୍ତୁ ଏଯାବତ୍ ସଫେଇ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସମ୍ବଲପୁର ସହର ମଧ୍ୟଦେଇ ଏହି ନାଳା ଗୁଡ଼ିକ ଯାଇଥିବାରୁ ବର୍ଷାଋତୁରେ ଜଳ ନିଷ୍କାସିତ ହୋଇ ନ ପାରି ବସ୍ତି ଅଞ୍ଚଳ ତଥା ଘରଗୁଡ଼ିକରେ ପାଣି ପଶିଥାଏ। ପୁଣି ପ୍ରବଳ ବର୍ଷା ହେଲେ ଯେକୌଣସି ସମୟରେ ହୀରାକୁଦ ଡ୍ୟାମ୍‌ର ଫାଟକ ବର୍ଷାଜଳ ନିଷ୍କାସନ ପାଇଁ ଖୋଲାଯାଏ। ଏହି ସମୟରେ ନାଳା ଗୁଡ଼ିକର ସ୍ଲୁଇସ୍ ଗେଟ୍ ବନ୍ଦ ଯୋଗୁଁ ପଛୁଆପାଣି ସମ୍ବଲପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ତୁରନ୍ତ ନାଳା ଗୁଡ଼ିକର ସଫେଇ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଛି।

ନୂତନ ସରକାର ଆସିବାପରେ ସମ୍ବଲପୁରରେ ଏକ ମାଷ୍ଟର ଡ୍ରେନେଜ୍ ପ୍ରକଳ୍ପ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଗତବର୍ଷ ଜୁନ୍ ମାସରେ ମହାନଗର ନିଗମ ପକ୍ଷରୁ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗରେ ମାଷ୍ଟର ପ୍ଲାନ ସହ ଡିପିଆର୍ ଜମା କରାଯାଇଥିଲା, ତେବେ ତାହା ଏଯାବତ୍ ମଞ୍ଜୁର ହୋଇ ନ ଥିବାବେଳେ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେତେ ସରିବ ତାହାକୁ ନେଇ ସମ୍ବଲପୁରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରସ୍ତାବିତ ଡ୍ରେନେଜ୍ ପ୍ରକଳ୍ପ ସକାଶେ ଭୁବନେଶ୍ୱରସ୍ଥିତ ଏକ ସଂସ୍ଥା ୨.୪୬ କୋଟି ଟଙ୍କା ବ୍ୟୟରେ ଏକ ମାଷ୍ଟର ପ୍ଲାନ୍ ଏବଂ ଡିପିଆର ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏନେଇ ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ତଥା ଉପାୟୁକ୍ତ (ପରିମଳ) ସୁଶାନ୍ତ କୁମାର ସାହୁ କହିଛନ୍ତି, ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମୁଖ୍ୟ ଡ୍ରେନ୍ ଗୁଡ଼ିକର ସଫେଇ ଥରେ ଲେଖାଁଏ ହୋଇ ସାରିଲାଣି। ଯେଉଁ ଜାଗାରେ ଡ୍ରେନ୍‌ରେ ବର୍ଷାଜଳ ଅବରୋଧ ହେଉଛି ତାହାକୁ ପ୍ରାଥମିକତା ଭିତ୍ତିରେ ଉଚ୍ଛେଦ କରାଯାଉଛି। ସାନିଟାରୀ ଇନ୍ସପେକ୍ଟରମାନଙ୍କୁ ନିଜ ୱାର୍ଡରେ ବୁଲିବାସହ ସବୁ ଡ୍ରେନ୍‌ର ସଫେଇ ସୁନିଶ୍ଚିତ କରିବାସହ ଅବରୋଧ ସ୍ଥାନ ଚିହ୍ନଟ କରି ପଦକ୍ଷେପ ନେବେ। ସେହି କ୍ରମରେ ଗୋପାଳମାଳ ରାସ୍ତା, ଜିଲ୍ଲା ସ୍କୁଲ-ସେନପାର୍କ ରାସ୍ତା ଆଦିରେ ଉଚ୍ଛେଦ ଓ ସଫେଇ କାର୍ଯ୍ୟ କରାଯାଇଛି। ରିଂରୋଡ୍‌ର ମୁଖ୍ୟ ଡ୍ରେନ୍ ଗୁଡ଼ିକରୁ ମାଟି ଆବର୍ଜନା କଢ଼ାଯାଇଛି। ଅନ୍ୟପକ୍ଷରେ ଧୋବିଜୋର୍, ହରଡ଼ ଜୋର ଓ ଟାଙ୍ଗନା ନାଳାକୁ ସଫେଇ ପାଇଁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଉପାୟୁକ୍ତ ଶ୍ରୀ ସାହୁ ସୂଚନା ଦେଇଛନ୍ତି।










## କୂଅରୁ ନାଗସାପ ଉଦ୍ଧାର

**ସମ୍ବଲପୁର, ୪।୬ (ସମିସ) :** ସମ୍ବଲପୁର ମୁଖ୍ୟ ଡାକଘର ପଛପଟରେ ଥିବା ଏକ ପୁରୁଣା କୂଅ ଭିତରେ ଗତ ୨୦ ତାରିଖରୁ ଏକ ନାଗସାପ ବଞ୍ଚି ରହିବା ପାଇଁ ସଂଘର୍ଷ କରୁଥିଲା। ସାପଟି ବାହାରକୁ ବାହାରିବାକୁ ଉଦ୍ୟମ କରିବାସହ ପାଣି ପିଇ ମୁମୂର୍ଷୁ ଅବସ୍ଥାରେ ଥିଲା। ସ୍ଥାନୀୟଲୋକେ ଖବର ଦେବାପରେ ଆଜି ସ୍ନେକ୍ ହେଲ୍ପଲାଇନ୍‌ର ଅନିଲ ମହାରଣା ଏବଂ ବନବିଭାଗର ସୁବାସ ସେଠାରେ ପହଞ୍ଚି ନାଗ ସାପଟିକୁ କୂଅରୁ ବାହାର କରିଥିଲେ। ବାହାରକୁ ବାହାର କରିବାପରେ ସାପଟି ଏବେ ସୁସ୍ଥ ଅଛି। ଏହାପରେ ଜଙ୍ଗଲରେ ଛଡ଼ା ଯାଇଥିବା ଜଣାପଡ଼ିଛି।



## '୧୬୭୯ ମସିହାରେ ସୋମନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ଶୀତଳଷଷ୍ଠୀ ଯାତ୍ରା'

**ସମ୍ବଲପୁର, ୪।୬ (ସମିସ) :** ସମ୍ବଲପୁରର ସର୍ବପୁରାତନ ଶୀତଳଷଷ୍ଠୀ ଯାତ୍ରା ଭାବେ ପରିଚିତ ଶ୍ରୀ ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା। ୧୬୭୯ ମସିହାରେ ସୋମନାଥ ମନ୍ଦିରରେ ଆରମ୍ଭ ହୋଇଥିଲା ଶୀତଳଷଷ୍ଠୀ ଯାତ୍ରା। ଏହିଠାରୁ ଶୀତଳଷଷ୍ଠୀ ଯାତ୍ରା ପରମ୍ପରାର ଶୁଭାରମ୍ଭ ହୋଇଥିବା ବିଶ୍ୱାସ ରହିଛି। ୧୫୯୪ ମସିହାରେ ରାଜା ବଳଭଦ୍ର ଦେବଙ୍କ ଦ୍ୱାରା ସୋମନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ୧୭୮୯ ମସିହା ପୂର୍ବରୁ ଶୀତଳଷଷ୍ଠୀ ମନ୍ଦିର ଭିତରେ ହେଉଥିଲା, ସେହିବର୍ଷଠାରୁ ସାମାଜିକ ଚଳଣୀ ଅନୁଯାୟୀ ବାହାରେ ଆରମ୍ଭ ହେଲା। କନ୍ୟାଦେଖା, ଦେବନିମନ୍ତ୍ରଣ, ବିବାହ ଶୋଭାଯାତ୍ରା ଆରମ୍ଭ ହେଲା। ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ -୨୦୨୬କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆଜି ପୂର୍ବାହ୍ନରେ ବାଲିବନ୍ଧାସ୍ଥିତ ସୋମନାଥ ବାବାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ପ୍ରଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଦିବଂଗତ ସାମ୍ବାଦିକ ନବୀନ ଦାଶ, ଶିବପ୍ରସାଦ ମେହେର ତଥା ଅନ୍ୟ ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସୁଧାସିନ୍ଧୁ ଖୁଣ୍ଟିଆଙ୍କ ସ୍ୱାଗତଭାଷଣ ପରେ ଡ. ବିଜୟ ପ୍ରଧାନଙ୍କ ସଂଯୋଜନାରେ ଆଲୋଚନା ହୋଇଥିଲା। ବାଲିବନ୍ଧା ଶୀତଳଷଷ୍ଠୀ ଯାତ୍ରା ସରକାରୀ ମାନ୍ୟତା ତଥା ପ୍ରୋତ୍ସାହନ ପାଉ ନ ଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଇତିହାସରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବା ସୋମନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାକୁ ଆହୁରି ଗରିମାମୟ ଓ ବ୍ୟାପକ କରାଯିବାକୁ ମତପ୍ରକାଶ ପାଇଥିଲା। ଶୋଭାଯାତ୍ରାରେ ଅଞ୍ଚଳର ଅବଲୁପ୍ତପ୍ରାୟ କଳା ଓ ସଂସ୍କୃତିକୁ ସାମିଲ କରାଯିବ। ଆୟୁଷ୍ମାନ ତ୍ରିପାଠୀ ୨୦୨୬ ଶୀତଳଷଷ୍ଠୀ ଯାତ୍ରାର ବଜେଟ୍ ଉପସ୍ଥାପନ କରି ସାମିଲ ହେଉଥିବା ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କ ବିବରଣୀ ପ୍ରଦାନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଗୋକୁଳ ପଣ୍ଡା, ଉମାପତି ତ୍ରିପାଠୀ, ଲୋକନାଥ ପାଣ୍ଡେ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବପ୍ରସାଦ ବାବୁ, ସବ୍ୟସାଚୀ ପଣ୍ଡା, ଶ୍ୟାମ ସ୍ୱାଇଁ, ବୀରାଜ ପାରମାର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଚଳିତବର୍ଷ ପାଇଁ ଶ୍ରୀ ସୋମନାଥ ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ ହୋଇଛି। ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ପ୍ରଧାନ ମନୋନୀତ ହୋଇଥିବାବେଳେ ଉପସଭାପତି ଦେବେଶ ମିଶ୍ର ଓ ଲକ୍ଷ୍ମଣ ପଟେଲ, ସମ୍ପାଦକ ଉମାପତି ତ୍ରିପାଠୀ, ସହସମ୍ପାଦକ ଶିବା ପଟ୍ଟନାୟକ ଓ ସାହିଲ ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରଦୀପ ସାହୁ ଏବଂ ସହକୋଷାଧ୍ୟକ୍ଷ ସୁମନ ଖୁଣ୍ଟିଆ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀ ଡ. ବିଜୟ କୁମାର ପ୍ରଧାନ, ଲୋକନାଥ ପାଣ୍ଡେ, ଗୋକୁଳ ପଣ୍ଡା, ନିହାରରଞ୍ଜନ ବହିଦାର, ଶିବ ନାରାୟଣ ପାଣିଗ୍ରାହୀ, ଡ. ରମେନ୍ଦ୍ର କିଶୋର ସାହୁ ପ୍ରମୁଖ ରହିଛନ୍ତି।




## କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ପକ୍ଷରୁ ରୋହିତ ପୂଜାରୀଙ୍କୁ ସମ୍ବର୍ଦ୍ଧନା

**ହୀରାକୁଦ, ୪।୬ (ସମିସ):** ଦୁର୍ଗା ମନ୍ଦିର କଲ୍ୟାଣମଣ୍ଡପଠାରେ ସ୍ମେଲଟର କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ ସାଧାରଣ ସଭାରେ ନୂତନ ସଭାପତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଶ୍ରୀ ପୂଜାରୀ କହିଥିଲେ ଶ୍ରମିକମାନଙ୍କ ସୁଖ ଦୁଃଖରେ ଛିଡା ହେବି, ଶ୍ରମିକ ମାନଙ୍କ ପାଞ୍ଚ ବର୍ଷ ଚୁକ୍ତିନାମାକୁ ତିନ ବର୍ଷକୁ କରିବାକୁ ଚେଷ୍ଟା କରିବି, କାମ କରୁଥିବା ସମୟରେ ଶ୍ରମିକଙ୍କ ମୃତ୍ୟୁପରେ ପରିବାର ଲୋକଙ୍କୁ ଚାକରି ସହିତ ଉଚିତ କ୍ଷତିପୂରଣ, ଶ୍ରମିକମାନଙ୍କ ସରକାରଙ୍କ ଧାର୍ଯ୍ୟଦର ପ୍ରାପ୍ୟପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପସଭାପତି ମନୋରଞ୍ଜନ କୁମ୍ଭାର, ଆପୋଷ ସମାଧାନ ଓ ପରାମର୍ଶ ଦାତା ସୁରେନ୍ଦ୍ର ବିଶ୍ୱାଳ, ସାଧାରଣ ସମ୍ପାଦକ ରୁପଧର ଛତ୍ରୀୟା, ଯୁଗ୍ମ ସମ୍ପାଦକ ରୁପକ ବାତ୍ୟା, ପୃଥ୍ୱୀରାଜ ଲୁହା, କୋଷଧ୍ୟକ୍ଷ ବେଦବ୍ୟାସ ଚୁଲିଆ, ସତ୍ୟପଣ୍ଡା, ବେଣୁ ତାଣ୍ଡି, ଲଳିତ କୁମ୍ଭାର, ସତ୍ୟ ବେହେରା, ମୋହନ ମହାନନ୍ଦ, ଝସକେତନ କରାଳୀ ସୁମନ୍ତ୍ର ସୋହେଲା, ଶୁଭଦ ସିଂହା, ଅଶୋକ ବାଗ, ଶିଶୁ ପାଳ କୁମ୍ଭାର, ଶାନ୍ତନୁ ମଜୁମଦାର ପ୍ରମୁଖ ଉପସ୍ଥିତ ଥିଲେ।



## ବାଇକ୍ ଧକ୍କାରେ ମହିଳା ମୃତ

**ସମ୍ବଲପୁର, ୪।୬ (ସମିସ) :** ସମ୍ବଲପୁର ଧନୁପାଲି ଥାନା ଅଧୀନ ନକ୍ସାପାଲି ଅଞ୍ଚଳରେ ଆଜି ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣକ ସୁନାପାଲି ରାଜାନଗରର ବାସିନ୍ଦା ଗୁଲସନ୍ ବାନୋ (୫୨) ବୋଲି ଜଣାପଡ଼ିଛି। ବାଇକ୍ ଆରୋହୀ ଯୁଯୋମୁରା ଥାନା ପାବପାଲିର ଶୁଭମ୍ ମିର୍ଦ୍ଧା (୨୮) ଗୁରୁତର ଆହତ ହୋଇ ଏକ ନର୍ସିଂହୋମରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୭ଟା ସମୟରେ ନକ୍ସାପାଲିରୁ ଫେରୁଥିବାବେଳେ ଜଣେ ମହିଳାଙ୍କୁ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସି ଏକ ବାଇକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମହିଳା ଜଣକ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ ନେଇ ଧନୁପାଲି ଥାନାରେ ମୃତକଙ୍କ ଭାଇ ଅବଦୁଲ ହାରୁନ୍‌ଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**କୁଚିଣ୍ଡା, ୪।୬(ସମିସ):** ବାମରା ବ୍ଲକ ରଙ୍ଗିଆଟିକ୍ରା ପଞ୍ଚାୟତ ଅଧୀନ ରେଙ୍ଗାପଡ଼ାଠାରେ ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ତୁରିପଡ଼ା ଗ୍ରାମର ସମ୍ବାରୁ କିଶାନ ଗୁରୁବାର ସକାଳେ ରେଙ୍ଗାପଡ଼ାରୁ ଏକ ବାଇକ୍‌ରେ ବାଦପଡ଼ାକୁ ଯାଉଥିବାବେଳେ ରେଙ୍ଗାପଡ଼ା ନିକଟରେ ଅନ୍ୟଏକ ବାଇକ୍ ସହ ତାଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଗୋବିନ୍ଦପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପରେ ଉନ୍ନତ ଚିକିତ୍ସା ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର୍ କରାଯାଇଥିବା ଜଣାପଡ଼ିଛି।

## ମହୁଲ ଗଛରୁ ଖସି ନାବାଳିକା ଗୁରୁତର

**କୁଚିଣ୍ଡା, ୪।୬(ସମିସ):** ମହୁଲ ଗଛରୁ ଖସିପଡ଼ି ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର୍ କରାଯାଇଛି। ରେଙ୍ଗିଆଟିକ୍ରା ଜହରୁପଡ଼ାର କବିତା ଖଡ଼ିଆ ଗୁରୁବାର ସକାଳେ ଘର ନିକଟରେ ଥିବା ଏକ ମହୁଲ ଗଛକୁ ଟୋଲ ତୋଳିବା ପାଇଁ ଚଢ଼ିଥିଲେ। ଏହି ସମୟରେ ଗଛର ଏକ ଶାଖା ହଠାତ୍ ଭାଙ୍ଗିଯିବାରୁ ସେ ଉଚ୍ଚରୁ ତଳକୁ ଖସି ପଡ଼ିଥିଲେ। ଦୁର୍ଘଟଣାରେ ତାଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ସହ ସେ ଅଚେତ ହୋଇଯାଇଥିଲେ। ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଦିନ ପ୍ରାୟ ୧୨ଟା ସମୟରେ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ହସ୍ପିଟାଲକୁ ରେଫର୍ କରିଥିଲେ।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

**କୁଚିଣ୍ଡା, ୪।୬(ସମିସ):** କୁଚିଣ୍ଡା ଅଞ୍ଚଳରେ ବର୍ତ୍ତମାନ ବାଲିବେପାରୀମାନେ ବାଲି ଚୋରା ଚାଲାଣ କରିବାରେ ଲାଗି ପଡ଼ିଛନ୍ତି। ତେବେ ଗତ ଦୁଇଦିନର କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଦ୍ୱାରା ଦୁଇଟି ଚୋରା ବାଲି ଟ୍ରାକ୍ଟର ଧରା ପଡ଼ିବାପରେ ବାଲି ବେପାରୀଙ୍କ ମଧ୍ୟରେ ଭାଳେଣୀ ପଡ଼ି ଯାଇଛି। ବୁଧବାର ବକ୍ସମା ପଞ୍ଚାୟତର କଟୁନଗର ନଦୀ ଘାଟରୁ ଏକ ଟ୍ରାକ୍ଟର ବାଲି ଉଠାଇ ଡିମିରୀମୁଣ୍ଡା ଗ୍ରାମକୁ ଯାଉଥିବା ବେଳେ ଉପଜିଲ୍ଲାପାଳ ସର୍ବାନନ ସ କୌଣସି ସୂତ୍ରରୁ ଖବର ପାଇ ଟ୍ରାକ୍ଟରକୁ ଡୀମିରୀମୁଣ୍ଡା ଛକ ନିକଟରେ ଅଟକ ରଖି କୁଚିଣ୍ଡା ପୁଲିସକୁ ସୂଚନା ଦେଇଥିଲେ। ପରେ ପୁଲିସ ଘଟଣାସ୍ଥଳକୁ ଯାଇ ଟ୍ରାକ୍ଟରକୁ ଆଣି କୁଚିଣ୍ଡା ଥାନାରେ ଅଟକ ରଖିଛି। ସେହିପରି ଗୁରୁବାର କୁଚିଣ୍ଡା ବାନ୍ଧୁବାସ ନଦୀଘାଟରୁ ଦୁଇଟି ଟ୍ରାକ୍ଟର ବାଲି ଲୋଡ କରି ସହର ପଟକୁ ଆସୁଥିବା ବେଳେ ଉପଜିଲ୍ଲାପାଳ ଖବର ପାଇ ଦୁଇଟି ଯାକ ଟ୍ରାକ୍ଟରକୁ ଜବତ କରି କୁଚିଣ୍ଡା ପୁଲିସକୁ ହସ୍ତାନ୍ତର କରିଥିଲେ।

# ପେପର ଲିକ୍ ଘଟଣାରେ ୧୦ରେ କଂଗ୍ରେସର ବିକ୍ଷୋଭ

**ଯୋଗଦେବେ ଏନ୍‌ଏସ୍‌ଆଇୟୁର କହ୍ନେୟା କୁମାରଙ୍କ ସହ ବିଭିନ୍ନ ନେତା**

**ସମ୍ବଲପୁର, ୪।୬(ସମିସ)**

ଆସନ୍ତା ୧୦ ତାରିଖରେ ସମ୍ବଲପୁରରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ନିଟ୍ ଏବଂ ସିବିଏସ୍‌ସି ପରୀକ୍ଷା ପେପର ଲିକ୍ ଘଟଣାକୁ ନେଇ କଂଗ୍ରେସ ରାଲିରେ ଲୋକଙ୍କୁ ସଚେତନ କରିବ। ଏହାସହ ଏକ ସଭାର ଆୟୋଜନ ମଧ୍ୟ କରାଯାଇଛି। ଏନେଇ ଆଜି ସମ୍ବଲପୁର ସାଂସ୍କୃତିକ ସମାଜରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂଅମିତ ଗୁରୁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ପିସିସି ସଭାପତି ନିଜ ପତିକ୍ରିୟା ଦେଇ କହିଛନ୍ତି ଯେ ନିଟ୍ ଏବଂ ସିବିଏସି ପରୀକ୍ଷା ପେପର ଲିକ୍ ଘଟଣାର ଦାୟିତ୍ୱ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେଉ ନାହାନ୍ତି। ଦେଶରେ ଏପରି ଘଟଣା ବାରମ୍ବାର ହେଉଛି। ଏହି ଘଟଣାରେ ଶିକ୍ଷା ବିଭାଗର ଯେଉଁ ଅଧିକାରୀ ମାନେ ସମ୍ପୃକ୍ତ ଅଛନ୍ତି ତାଙ୍କ ଉପରେ ମଧ୍ୟ ଏହି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଘଟଣାକୁ ଏହି ସରକାର ଏଡେଇବା ପାଇଁ ସବୁ ବେଳେ ପ୍ରୟାସ କରୁଛି। ଏହାସହ ଶ୍ରୀ ଦାସ କହିଥିଲେ ଯେ ଏହି ଘଟଣାକୁ ନେଇ ସଂସଦର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ କଥା ଉଠାଇଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଏନଏସୟୁଆଇର ଇନ୍‌ଚାର୍ଜ କହ୍ନେୟା କୁମାର ଓ ଏନ୍‌ଏସ୍‌ୟୁର ଜାତୀୟ ସଭାପତି ବିନୋଦ ଝାକର ଯୋଗଦାନ କରିବେ। ଅନ୍ୟପଟେ ଓଡ଼ିଶାରେ ବିଜେପି ସରକାର ଦୁଇବର୍ଷ ପୂର୍ତ୍ତି ନେଇ ଉତ୍ସବ କରାଯିବା ନେଇ ଆୟୋଜନ କରାଯାଉଛି। ଏହି ଉତ୍ସବ ପାଳନ ପାଇଁ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସୁଛନ୍ତି। ଓଡ଼ିଶାରେ ଶାସନ ବ୍ୟବସ୍ଥା ଠିକ ନାହିଁ। ସମ୍ବଲପୁର, ବରଗଡ଼ ଜିଲ୍ଲାରେ ଚାଷୀ ମାନଙ୍କୁ ଧାନର ଟୋକନ ସଠିକ ଭାବରେ ମିଳୁନାହିଁ। କଟନୀ ଛଟନୀରେ ଧାନ କିଣା ଯାଉ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ। ବୈଠକରେ ରାଜ୍ୟ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ, ପିସିସି ଓବିସି ଅଧ୍ୟକ୍ଷ ସରୋଜ ପ୍ରଧାନ, ବିଧାୟକ ସିଏସ୍ ରାଜେନ ଏକ୍କା, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ସୋନପୁର ଜିଲ୍ଲା ସଭାପତି ବିନୋଦ ପାତ୍ର, ସମ୍ବଲପୁର ଜିଲ୍ଲା ସଭାପତି ଅମିତ ଗୁରୁ, ଦେବଗଡ଼ ଜିଲ୍ଲା ସଭାପତି ସେମ ହେମ୍ବ୍ରମ, ଝାରସୁଗୁଡ଼ା ଜିଲ୍ଲା ସଭାପତି ଜୀବନ ସାର୍ଥକ ଦାସ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ନିର୍ମଳ ନାୟକ, ବରଗଡ଼ ଜିଲ୍ଲା ସଭାପତି ହରଦୀପ ସିଂ, କଳାହାଣ୍ଡି ଜିଲ୍ଲା ସଭାପତି ଜଳନ୍ଧର ନାୟକ, ନିପନ ଦାଶ, ଦିଲ୍ଲୀପ ଦୁରିଆ, ଅମିତା ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର ଓ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ଗୋଆରେ ସମ୍ବଲପୁରୀ ନୃତ୍ୟ ପାଇଲା ପ୍ରଥମ ସ୍ଥାନ



**ସମ୍ବଲପୁର, ୪।୬ (ସମିସ) :** ଗୋଆର ପଞ୍ଜିମସ୍ଥିତ କଳା ଏକାଡେମୀରେ ଆୟୋଜିତ ହୋଇଥିବା ଆନ୍ତର୍ଜାତିକ ନୃତ୍ୟ ପ୍ରତଯୋଗିତାରେ 'ଉଡାନ୍' ଅନୁଷ୍ଠାନର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟରେ ଏକକ ଓ ଦଳଗତ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଆରାଧ୍ୟା ଗୁରୁ, ସମୃଦ୍ଧି ସାହୁ, ପ୍ରତ୍ୟୁଷା ଚନ୍ଦ୍ରା, ଅନ୍ୱେଷା ଓ ତାସ୍‌ଭି ଦଳଗତ ନୃତ୍ୟରେ ପ୍ରଥମସ୍ଥାନ ହାସଲ କରିଥିବାବେଳେ ସମୃଦ୍ଧି ସାହୁ ଓ ପ୍ରତ୍ୟୁଷା ଚନ୍ଦ୍ରା ଏକକ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ନୃତ୍ୟକୁ ଗୁରୁ ଭାରତ ଗୌରବ ଦାଶ ନୃତ୍ୟ ନିର୍ଦ୍ଦେଶନା ଦେଇ ଆୟୋଜକଙ୍କ ତରଫରୁ 'ନୃତ୍ୟ କଳାକୃତି ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି। ଉଡାନ୍ ଛାତ୍ରୀମାନଙ୍କ ଏହି ପ୍ରଦର୍ଶନ ପାଇଁ ଉଡାନ୍‌ର ପ୍ରତିଷ୍ଠାତା ତମନ୍ନା ସାମନ୍ତରାୟ ଏବଂ ରମେଶ ଶାହା ଛାତ୍ରୀମାନଙ୍କୁ ଶୁଭକାମନା ଜଣାଇବାସହ ଆଗାମୀ ଦିନରେ ସମ୍ବଲପୁରୀ ନୃତ୍ୟକୁ ଆହୁରି ଲୋକପ୍ରିୟ କରିବା ପାଇଁ ଚେଷ୍ଟା ଚାଲିଥିବ ବୋଲି ମତ ରଖିଛନ୍ତି। ଏହାସହିତ ଉଡାନ୍ ଛାତ୍ରୀମାନେ କଥକ ନୃତ୍ୟରେ ପ୍ରଥମ, ଭାରତନାଟ୍ୟମ୍‌ରେ ଦ୍ୱିତୀୟ ଏବଂ ସେମିକ୍ଲାସିକାଲ୍ ନୃତ୍ୟରେ ମଧ୍ୟ ପ୍ରଥମ ପୁରସ୍କାର ହାସଲ କରିଥିବା ସୂଚନା ମିଳିଛି।

## ଏମ୍‌କମ୍‌ରେ ବିକାଶ ଡିଗ୍ରୀ କଲେଜ୍ ଛାତ୍ରଙ୍କ କୃତିତ୍ୱ

**ବରଗଡ଼, ୪ । ୬(ସମିସ):** ବିକାଶ ହାୟର ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍‌ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସଦ୍ୟ ପ୍ରକାଶିତ ଏମ୍‌କମ୍. (୨୦୨୪-



୨୬) ପରୀକ୍ଷା ଫଳାଫଳରେ ବିଶେଷ ପ୍ରଦର୍ଶନ କରିଛି । ମାଷ୍ଟର ଅଫ୍ କମର୍ସର ଦ୍ୱିତୀୟ ବ୍ୟାଚ୍ ୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ର ପ୍ରିୟରଞ୍ଜନ ଭୋଇ ୮.୬୪ ସିଜିପିଏ ରଖି ବିଶ୍ୱବିଦ୍ୟାଳୟରେ ୫ (ପଞ୍ଚମ) ରିଆଙ୍କ ଅକ୍ତିଆର କରିଛନ୍ତି ବୋଲି ଅଧକ୍ଷ ସତ୍ୟବ୍ରତ ମିଶ୍ର ପ୍ରକାଶ କରିଛନ୍ତି । ଲକ୍ଷ୍ମୀ ବିକାଶ ଚେୟାରମ୍ୟାନ୍ ଡି ନାଗେଶ୍ୱର ରାଓ ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିକାଶ ଉପରେ ଅତୁଟ ବିଶ୍ୱାସ ପାଇଁ ଅଭିଭାବକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଭେଡେନ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ

**ଭେଡେନ, ୪।୬(ସମିସ):** ଭେଡେନ ବ୍ଲକରେ ଆଜି ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଅଞ୍ଚଳରେ ପବନ, ବିଜୁଳି, ଘଡଘଡି ସହ ମୂଷଳଧାରାରେ ବର୍ଷା ହୋଇଥିଲା । ଜୋରରେ ପବନ ବହିବା ଯୋଗୁଁ ବ୍ୟାପକ ପରିମାଣରେ ଅମଳ ଧାନ କ୍ଷତି ହୋଇଛି । ବର୍ତ୍ତମାନ ଧାନ ଅମଳ ଜୋର ସୋରରେ ଚାଲିଥିବାରୁ କିଏ ରାସ୍ତା ଉପରେ ଧାନ ଶୁଖାଇଥିବାବେଳେ କିଏ ଖଳାରେ ଚୁନା ଓ ପକେଟ ଧାନ ରଖିଛି । ଗୋଟିଏ ପଟେ ଟୋକନ ସମସ୍ୟା ଓ ଗୋଟିଏ ପଟେ କାଳ ବୈଶାଖୀ ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ବର୍ଷା ଫଳରେ ଆଦ୍ରତା ଆଳରେ କଟଣି ଛଟଣି ହେବାର ସମ୍ଭବନା ସୃଷ୍ଟି ହୋଇଛି । ବର୍ଷା ପବନ ଲାଗି ରହିଥିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି ।

## ଟୋକନ ଚୋରି ଅଭିଯୋଗ ନେଇ ଚାଷୀ ଏସ୍‌ପିଙ୍କ ଦ୍ୱାରସ୍ଥ

**ବରଗଡ଼, ୪।୬(ସମିସ):** ବରଗଡ଼ ଜିଲ୍ଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଚାଷୀଙ୍କ ଟୋକନ ପରିମାଣ କମ୍ ଆସିଛି କିମ୍ବା ଆସିନାହିଁ । ଏହାକୁ ନେଇ ଟୋକନ ଚୋରି ହୋଇଯାଇଥିବା ଚାଷୀ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି । ୨୦୨୫ରେ ଯେଉଁ ପଞ୍ଜିକରଣ ହୋଇଥିଲା ତାହା ନବୀକରଣ ହୋଇଛି; ହେଲେ ଗତ ଥର ଅପେକ୍ଷା ଏଥର କେମିତି ଟୋକନ ପରିମାଣ କମ୍ ଆସିଲା ତାହା ବୁଝା ପଡୁନାହିଁ ବୋଲି କଟାପାଲି ଗ୍ରାମର ଚାଷୀ ସୁଦାମ ସାହୁ ଅଭିଯୋଗ କରିଛନ୍ତି । ସେହିପରି ସମସ୍ତ କାଗଜପତ୍ର, ଆଧାରକାର୍ଡ ଦେଲା ସତ୍ତ୍ୱେ କେଉଁ ଆଧାରରେ ସାଟେଲାଇଟ ସର୍ଭେରେ ଜମି ଦେଖା ଯାଉନି ଓ ଟୋକନ କାହିଁକି ଆସୁନି ନାହିଁ ବୋଲି ଖୁଣ୍ଟପାଲି ଗାଁର ଚାଷୀ ପ୍ରଶାନ୍ତ ସାହୁ ପ୍ରଶ୍ନ କରିଛନ୍ତି । ଟୋକନ କୁଆଡେ ଗଲା ବୋଲି ପ୍ରଶ୍ନରେ କେହି ଉତ୍ତର ଦେଇ ପାରୁ ନାହାନ୍ତି । ତେଣୁ ଟୋକନ ଚୋରି ହୋଇଛି ବୋଲି ଏସ୍‌ପିଙ୍କୁ ଭବାନୀ ସାହୁ, ପ୍ରେମରାଜ ବଢେଇ, ଉମେଶ ବିଶ୍ୱାଳ, ଭକ୍ତଚରଣ ସାହୁ, ଚତୁର୍ଭୁଜ ଦିଶ୍ରୀ, ରଣଜିତ ବାରିକ, ଗୋପାଳ ଜାଲ, ସତ୍ୟନାରାୟଣ ଆଚାର୍ଯ୍ୟ, ଦେବରାଜ ମେହେର, ବିଭୁଦତ୍ତ ସାହୁ, ଅକ୍ଷୟ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି ।

## ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବୈଠକ

**ପାଇକମାଲ, ୪।୬(ସମିସ):** ଖପୁରିଡିହିରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କମିଟି ସଭାପତି ଭାଗୀରଥି ସିଂ ସଭାପତିତ୍ୱ କରିଥିଲେ । ପାଇକମାଲ, ଝାରବନ୍ଧ, ପଦ୍ମପୁର, ଅତାବିରା, ଗାଇସିଲେଟ, ବରଗଡ଼, ଭେଡେନ, ସୋହେଲା, ଆମ୍ବାଭାନା, ବରପାଲି ବ୍ଲକର ସମସ୍ତ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ । ଜୟସିଂହ ଦାଉ ପରିଚାଳନା କରିଥିଲେ । ରାଜ୍ୟ ସଚିବ ତଥା ବରଗଡ଼ ଜିଲ୍ଲାର ସଚିବ ଧନେଶ୍ୱର ସିଂ, କମଳଲୋଚନ ଭୋଇ, ରମେଶ ଜଗତ, ଶୋଭାରାମ ସିଦାର, ଚୈତୁ ସିଂଦେଓ, ଭାଗବତିଆ ସିଂଦାଓ, ଭୋଳାନାଥ ଜଗତ, ଶ୍ୟାମଲାଲ ଜଗତ, କଳାମଣୀ ଧରୁଆ, ରମାକାନ୍ତ ଭୋଇ, ବିଦେଶୀ ରାୟ, ପାଣ୍ଡବ ଭୋଏ, ସୁକଦେବ ମାଝୀ, ଅମୃତ ବାଗ, ଜଗଦେବ ଧରୁଆ, ଶୋଭାରାମ ଧରୁଆ, ନାରଦ ସିଦାର, ଭୋଳାନାଥ ସିଦାର, ଦୁଃର୍ଯ୍ୟୋଧନ ପୁଟା, ସୁକଦେବ ମାଝୀ, ବିଭୀଷଣ ଦିୱାନ, ଲକ୍ଷ୍ମୀଚନ ସିଦାର, ସୁରେନ୍ଦ୍ର ଧରୁଆ, ସତ୍ୟବାନ ଭୋଇ, ଚିତ୍ତରଞ୍ଜନ ପୋରେ ପ୍ରମୁଖ ଉପସ୍ଥିତ ଥିଲେ । ପାଇକମାଲ ବ୍ଲକ ସଭାପତି ଗଜରାଜ ସିଂ ପୁଟା ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି କର୍ମକର୍ତ୍ତା

# ଉନ୍ନୟନ କାମରେ ସୀମା ଟପିଛି ଦୁର୍ନୀତି

**ବରଗଡ଼ ୪।୬(ସମିସ)**

ବରଗଡ଼ କେନାଲର ସୌନ୍ଦର୍ଯ୍ୟକରଣ ଓ ବକ୍ସ କଣ୍ଡୁଇଟ୍ ନିର୍ମାଣକୁ ବିଜୁ ଜନତା ଦଳ ସ୍ୱାଗତ କରିଛି; ହେଲେ ଏହି କାର୍ଯ୍ୟର ସ୍ଥାୟିତ୍ୱ ଓ ଟେଣ୍ଡର ପ୍ରକ୍ରିୟାର ଅନିୟମିତତା ହୋଇଛି । ବରଗଡ଼ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରଗଡ଼ ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଟାଉନ ବିଜେଡି

### ବରଗଡ଼ କେନାଲ ସୌନ୍ଦର୍ଯ୍ୟକରଣ, ବକ୍ସ କଣ୍ଡୁଇଟ୍ କାର୍ଯ୍ୟ, ଜିଲ୍ଲାର ବିଭିନ୍ନ ସ୍ଥାନରେ ନିର୍ମିତ ତୋରଣର ସ୍ଥାୟିତ୍ୱ ଓ ଟେଣ୍ଡର ପ୍ରକ୍ରିୟା ଉପରେ ପ୍ରଶ୍ନ

ଜିଲ୍ଲାରେ ସବୁ ଉନ୍ନୟନ କାମରେ ସୀମା ଟପିଛି ଦୁର୍ନୀତି । ଗୁରୁବାର ବିଜୁ ଜନତା ଦଳ ଜିଲ୍ଲା ପ୍ରଶାସନ ନିକଟରେ ଏଭଳି ସାଙ୍ଘାତିକ ଅଭିଯୋଗ କରିଛି । ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ । ସଭାପତି ଅନୁପ ଶତପଥୀ, ବିଜେଡି ଜିଲ୍ଲା ଉପ ସଭାପତି କିଶୋର ମିଶ୍ର, ଗୌରହରି ମିଶ୍ର, ହରିଶଙ୍କର ବେହେରା, ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଛାତ୍ର ସଭାପତି କରନ ସିକନ୍ଦର, ଉମେଶ ପଣ୍ଡା, ଡୁଲୁ ରାଉତ, ରାଜେଶ ଅଗ୍ରୱାଲ,



ଜନକ ଅଗ୍ରୱାଲ, ଅତାବିରା ଏନ୍‌ଏସି ଅଧକ୍ଷ ବନମାଳି ବରିହା, ଅନୁସୟା ବିଶ୍ୱାଳ, ସାନନ୍ଦ କର୍ଣ୍ଣ, ନରେନ୍ଦ୍ର ପଧାନ, ସୁନନ୍ଦା ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ବେଦମତି ସେଠ, ରିତେଶ ଆଚାର୍ଯ୍ୟ, ନନ୍ଦ ମଲ୍ଲିକ, ରାଜୁ ଦାଶ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟିଥିଲେ ।

କେନାଲ କାମର ଟେଣ୍ଡର ଫିକ୍ସି ଓ ଅନିୟମିତତା ହୋଇଥିବା ଏମାନେ ଅଭିଯୋଗ କରିଛନ୍ତି । ଏହି କେନାଲ ଭେଡେନ ଅଞ୍ଚଳର ଚାଷୀଙ୍କ ଜୀବନ ରେଖା । ଏହି କେନାଲ ଉପରେ ଚାଷ କାର୍ଯ୍ୟ ନିର୍ଭର କରେ । ତେଣୁ ନିର୍ଦ୍ଧାରିତ ସମୟରେ ଯଦି କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ ତାହା ହେଲେ ଚାଷୀ କ୍ଷତିଗ୍ରସ୍ତ ହେବେ । ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି ଜଣାଇଛନ୍ତି ।

୨୦୧୭ରେ ଭେଡେନ ଧୁବେଁନପାଲି - ଜାମଡୋଳ ପୋଲ ନିର୍ମାଣ ଅବସ୍ଥାରେ ଭୁଶୁଡ଼ି ପଡ଼ିଥିଲା । ସେ ସମୟରେ ୩ ଜଣ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । କାର୍ଯ୍ୟ ସମ୍ପାଦନ କରିଥିବା ଠିକା ସଂସ୍ଥା ଅମର ଦୀପ ଅଗ୍ରୱାଲଙ୍କ ଲାଇସେନ୍ସକୁ କଳା ତାଲିକାଭୁକ୍ତ କରାଯାଇଥିଲା । ସେହି ଠିକା ସଂସ୍ଥାକୁ ବରଗଡ଼ କେନାଲ ସୌନ୍ଦର୍ଯ୍ୟକରଣ ଓ ବକ୍ସ କଣ୍ଡୁଇଟ ନିର୍ମାଣ କାର୍ଯ୍ୟ ଲୋୟର ବିଡର ଭାବେ ପୁଣି ମନୋନୀତ କରାଯାଇ ଅନୁମୋଦନ ନିମନ୍ତେ ପଠାଯାଇଛି ବୋଲି ଜିଲ୍ଲାପାଳଙ୍କୁ ବିଜେଡି ଦୃଷ୍ଟି ଆକର୍ଷଣ କରିଛି । ଟେଣ୍ଡର ପ୍ରକ୍ରିୟରେ ମଧ୍ୟ ଅନିୟମିତତା ରହିଥିବା ପ୍ରଶ୍ନ ଉଠାଇଛି । ଏହି କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟାରେ କାହା ସ୍ୱାର୍ଥ ଓ କିପରି ମାତ୍ର ୨ଟି ଠିକା ସଂସ୍ଥା ସାମିଲ ହେଲେ ଏବଂ ସରକାରଙ୍କ ନିର୍ଦ୍ଧାରିତ ଦର୍‌ଠାରୁ ୪.୯୯ ଅଧିକରେ ପାଇବା ସକାଶେ ଉଦ୍ୟମ କରିଛନ୍ତି ବୋଲି ଦଳ ପ୍ରଶ୍ନ କରିଛି । ଏହା ନିଶ୍ଚିତ ଭାବେ ଟେଣ୍ଡର ଫିକ୍ସିଂ ବୋଲି ବିଜେଡି ଅଭିଯୋଗ କରି ଏହି ଟେଣ୍ଡର ପ୍ରକ୍ରିୟାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛି ।



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ତୃତୀୟ ସ୍ଥାନ ଅଧିକାର କରିଥିବା ବରଗଡ଼ ଜିଲ୍ଲାର ଜିତାମିତ୍ର ସାହୁଙ୍କୁ ସାଂସଦ ପ୍ରଦୀପ ପୁରୋହିତ ଭେଟି ଶୁଭେଚ୍ଛା ଜଣାଉଛନ୍ତି ।

## ୭ ୯୨୦ ବୋତଲ କଫସିରପ ଜବତ

**ପଦ୍ମପୁର/ବରଗଡ଼, ୪।୬ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ପୁଲିସ ୭ ୯୨୦ ବୋତଲ କଫସିରପ ଜବତ କରିଛି । ଏହି ଘଟଣାରେ ଝାଙ୍କରପାଲିର ମାନସ ପାଣ୍ଡେ (୨୫) ଏବଂ ଭୁବନେଶ୍ୱର ସିଲିଆସାହିର ଶରତଚନ୍ଦ୍ର ତୁଙ୍ଗ (୩୨) ଗିରଫ ହୋଇଛନ୍ତି । ଓଡି୦୨ଡିପି୪୭୪୫ ନମ୍ବର ଗାଡି ଜବତ ହୋଇଛି । ଗାଡ଼ି ଭିତରୁ ୨୨ଟି ପ୍ଲାଷ୍ଟିକ୍ ବସ୍ତା ମିଳିଥିଲା । ପ୍ରତ୍ୟେକ ବସ୍ତାରେ ୩ କାର୍ଟୁନ୍ ଲେଖାଏଁ ଏବଂ ପ୍ରତି କାର୍ଟୁନ୍‌ରେ ୧୦ ବୋତଲ କଫସିରପ ଥିଲା ।

## ସମସ୍ତ ଗେଟ୍‌ର ଗୁଣବତ୍ତା ଯାଞ୍ଚ ଦାବି କଲେ ସ୍ନେହାଙ୍ଗିନୀ

**ବରଗଡ଼, ୪।୬(ସମିସ):** ଅତାବିରା ନିର୍ବାଚନ ମଣ୍ଡଳୀରେ ନିର୍ମିତ ହୋଇଥିବା ସମସ୍ତ ସ୍ୱାଗତ ତୋରଣ ଗୁଡ଼ିକର ସ୍ଥାୟିତ୍ୱ ଓ ଗୁଣବତ୍ତା ଯାଞ୍ଚ କରାଯାଉ । ବରଗଡ଼ ଧନୁଯାତ୍ରା ଗେଟ୍ ଭାଙ୍ଗିବା ପରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କଠାରେ ଏହି ଦାବି କରିଛନ୍ତି । ବରଗଡ଼ ଥାନା ଛକଠାରେ ନିର୍ମିତ ଧନୁଯାତ୍ରା ସ୍ମାରକୀ ଗେଟ୍ ଯେଉଁଳି ଭାବେ ଭାଙ୍ଗି ପଡ଼ିଲା ଓ ଅଳ୍ପକେ ଲୋକେ ମୃତ୍ୟୁ ମୁଖରୁ ବଞ୍ଚିଲେ ଏଭଳି ଅଘଟଣ ଆଗକୁ ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତାବିରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ନିର୍ମିତ ସ୍ୱାଗତ ତୋରଣଗୁଡ଼ିକର ସ୍ଥାୟିତ୍ୱ ଓ ଗୁଣବତ୍ତାକୁ ବୈଷୟିକ କମିଟି ଜରିଆରେ ଏଥିରେ ବ୍ୟବହୃତ ସାମଗ୍ରୀ, ସରକାରୀ ନକ୍ସା, ବୈଷୟିକ ନିର୍ଦ୍ଦେଶାବଳୀ, ଟେଣ୍ଡର ପ୍ରକ୍ରିୟା ବ୍ୟୟ ଅଟକଳ, ଅର୍ଥ ପ୍ରଦାନକାରୀ ସଂସ୍ଥାର ନାମ, ଯନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ବିଲ୍, ସରକାରୀ ପାଣ୍ଠିର ସ୍ୱଚ୍ଛତା ଆଦି ବିଷୟରେ ଅନୁଶୀଳନ କରାଯାଉ ବୋଲି ସ୍ନୋହାଙ୍ଗିନି ଦାବି କରିଛନ୍ତି । ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଭବିଷ୍ୟତରେ କିଛି ଅଘଟଣ ଘଟେ ତାହା ହେଲେ ବରଗଡ଼ ଜିଲ୍ଲା ପ୍ରଶାସନ, ତୋରଣ ନିର୍ମାଣର ସୂତ୍ରଧର ଓ ଅତାବିରା ବିଧାୟକ ଏଥିପାଇଁ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି ।

## ଜିଆରପି ଥାନା ଖୋଲିବାକୁ ଏସ୍‌ପିଙ୍କୁ ଦାବି



**ବରଗଡ଼, ୪। ୬(ସମିସ):** ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ସାକ୍ଷାତ କରିଛନ୍ତି । ବରଗଡ଼ ରୋଡ୍ ରେଳ ଷ୍ଟେସନରେ ଜିଆରପି ଥାନା ଖୋଲିବା ପାଇଁ ଏକ ଦାବିପତ୍ର ଦେଇଥିଲେ । ସଭାପତି ପ୍ରଦୀପ ଦେବତା, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ କମଳ ଯୋଶୀ, ବରିଷ୍ଠ ସଦସ୍ୟ ଅଚ୍ୟୁତାନନ୍ଦ ବାରିକ, ଅଭୟ ଭୋଇ, ତୁଳସୀଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ଉଦ୍ଧବଚରଣ ବେହେରା, ପ୍ରଫୁଲ୍ଲ ନନ୍ଦ, ହରେକୃଷ୍ଣ ସାହୁ ପ୍ରମୁଖ ଏସ୍‌ପିଙ୍କୁ ଭେଟିଥିଲେ ।

## ଫଟୋଗ୍ରାଫର୍ ସଂଘ ପକ୍ଷରୁ ଥଣ୍ଡାପାନୀୟ ବଣ୍ଟନ



**ଅତାବିରା, ୪।୬(ସମିସ):** ଫଟୋଗ୍ରାଫର ସଂଘ ଅତାବିରା(ପା) ତରଫରୁ ସୋମବାର ଅତାବିରା ସାପ୍ତାହିକ ବଜାର ଦିନ ପ୍ରବଳ ଗ୍ରୀଷ୍ମ ପ୍ରଭାବକୁ ଆଗରେ ରଖି ଲୋକଙ୍କୁ ଦହି ସରବତ ବଣ୍ଟନ କରାଯାଇଛି । ସ୍ଥାନୀୟ ବ୍ୟାଙ୍କ ଅଫ୍ ବରୋଦା ସମ୍ମୁଖରେ ଦହି ସରବତ ବଣ୍ଟନ କରାଯାଇଥିଲା । ସଂଘର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଦାମ ମିଶ୍ର, ସମ୍ବିତ ପ୍ରଧାନ, ଏମ୍‌ଡି ହୁସେନ, ହରିଶ୍ଚନ୍ଦ୍ର ମେହେର, ପ୍ରେମାନନ୍ଦ ପଧାନ, ପ୍ରଶାନ୍ତ ବହିଦାର, ବିଘ୍ନ ଦେହେରୀ, ପ୍ରକାଶ ପଧାନ, ପିଣ୍ଟୁ ବେହେରାଙ୍କ ସହିତ ପା'ର ସଭ୍ୟ ସହଯୋଗ କରିଥିଲେ ।

## ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ଛାତ୍ରଛାତ୍ରୀଙ୍କ ସଫଳତା



**ବରଗଡ଼, ୪।୬ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁଷ୍ଠିତ ବିବିଏ ପରୀକ୍ଷାରେ ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍‌ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ଅନୁଷ୍ଠାନର ଛାତ୍ରୀ ଏନ୍. ଖମ୍ବିରାଣୀ ୮.୯୭ ସିଜିପିଏ ହାସଲ କରି ବିଶ୍ୱବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ସର୍ଣ୍ଣପଦକ ଅର୍ଜନ କରିଛନ୍ତି । ଅନିଶା ଗୁପ୍ତା ଚତୁର୍ଥ, ସିମ୍‌ରନ୍ ଗୁପ୍ତା ପଞ୍ଚମ, ପଲ୍ଲବି ଶର୍ମା ଏବଂ ରୋହିତ ଶର୍ମା ସପ୍ତମ, ଶ୍ରୁତି ଅଗ୍ରୱାଲ ଅଷ୍ଟମ ଏବଂ ପ୍ରାଚି ପଣ୍ଡା ଦଶମ ସ୍ଥାନ ଅଧିକାର କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ସର ଚେୟାରମ୍ୟାନ୍ ଡି ନାଗେଶ୍ୱର ରାଓ, ଅଧକ୍ଷ ଡ. କ୍ଷୀରୋଦ ପ୍ରଧାନ, ଉପାଧକ୍ଷ ଦୀପକ ନାୟକ, ବିଭାଗୀୟ ମୁଖ୍ୟ ଶୁଭମ୍ ଦାଶ, ଏକାଡେମିକ ସଂଯୋଜକ ସୌମ୍ୟା ପ୍ରିୟଦର୍ଶିନୀ ମିଶ୍ର, ବିଭାଗୀୟ ଅଧ୍ୟାପକ ସୁଦେଶ ବିନାୟକ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରଫେସର ଅବନୀ ବରାଳଙ୍କ ଜୟନ୍ତୀ



**ପଦ୍ମପୁର, ୪।୬(ସମିସ):** ଓଡ଼ିଶାର ଶିକ୍ଷା ଓ ଶିକ୍ଷକ ଆନ୍ଦୋଳନର ପୁରୋଧା, ବିଶ୍ୱ ଶିକ୍ଷକ ମହାସଂଘର ପ୍ରାକ୍ତନ ଉପସଭାପତି, ତଥା ସାରସ୍ୱତ ସାଧକ ଦିବଂଗତ ପ୍ରଫେସର ଅବନୀ ବରାଳଙ୍କ ଜନ୍ମଦିନ ଉପଲକ୍ଷେ ବୁଧବାର ସ୍ଥାନୀୟ ଶିକ୍ଷକ ଭବନ, ଶାନ୍ତିନଗର ପଦ୍ମପୁରରେ ଓଡ଼ିଶା ପଛୁଆ ଅଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ଓ ଶିକ୍ଷକ ମହାସଂଘ ବରଗଡ଼ ଜିଲ୍ଲା ଶାଖା ଆନୁକୂଲ୍ୟରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଜିଲ୍ଲା ଓଷ୍ଟାର ପୂର୍ବତନ ସଭାପତି ପ୍ରୀତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରୋକ୍ତ ଉତ୍ସବ ରେ ସଂଘ ର ଜିଲ୍ଲା ସଂଯୋଜକ ପ୍ରାଧ୍ୟାପକ ବିଦ୍ୟାଧର ଦାଶ, ମୂଖ୍ୟ ଅତିଥି ଓଷ୍ଟା ର ପୂର୍ବତନ ରାଜ୍ୟ ଉପଦେଷ୍ଟା ସତ୍ୟନାରାୟଣ ତ୍ରିପାଠୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଶାନ୍ତି ସ୍ୱରୂପ ପୁରୋହିତ, ପ୍ରାଧ୍ୟାପକ ଶଙ୍କର୍ଲାଲ୍ ଭୋଇ, ପ୍ରାଧ୍ୟାପକ ଉମାକାନ୍ତ ସାହୁ, ଅଧ୍ୟାପକ ନବୀନ କୁମାର ବାରିକ, ଶିକ୍ଷକ ନେତା ଟିକନୁ ସାହୁ, ଓଷ୍ଟାର ପଦ୍ମପୁର ବ୍ଲକ ସମ୍ପାଦକ ରବିଶଙ୍କର ପ୍ରଧାନ, ସମାଜସେବୀ ମିଳନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ତଥା ବିଶ୍ୱର ଶିକ୍ଷା ଓ ଶିକ୍ଷକଙ୍କ ଉନ୍ନତି ତଥା ସାହିତ୍ୟକ୍ଷେତ୍ରରେ ପ୍ରଫେସର ବରାଳଙ୍କ ଉଲ୍ଲେଖନୀୟ ଯୋଗଦାନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ । ଶେଷରେ ରବି ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ ସମିତି ବୈଠକକୁ ନେଇ ବଢୁଛି ଅସନ୍ତୋଷ

**ଝାରବନ୍ଧ, ୪।୬(ସମିସ):** ଝାରବନ୍ଧ ପଞ୍ଚାୟତ ସମିତିରେ ଦୀର୍ଘ ସମୟ ଧରି ସମିତି ବୈଠକ ଆୟୋଜନ ନ ହେବା ନେଇ ଜନପ୍ରତିନିଧି ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ପଞ୍ଚାୟତ ସମିତି ହେଉଛି ଗ୍ରାମାଞ୍ଚଳର ବିକାଶ, ଲୋକସମସ୍ୟାର ସମାଧାନ ଓ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ; କିନ୍ତୁ ଝାରବନ୍ଧ ବ୍ଲକରେ ଏହି ବୈଠକ ନିୟମିତ ଭାବେ ଅନୁଷ୍ଠିତ ନ ହେବାରୁ ବିଭିନ୍ନ ସମସ୍ୟା ଆଲୋଚନାର ସୁଯୋଗ ପାଉନାହିଁ । ଦୀର୍ଘ ୧୬ ମାସର ବ୍ୟବଧାନ ପରେ ୨୦୨୪ ଅଗଷ୍ଟ ୧୬ ତାରିଖରେ ଶେଷ ଥର ପାଇଁ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରଠାରୁ କୌଣସି ବୈଠକ ଡାକାଯାଇ ନ ଥିବା ଅଭିଯୋଗ ହେଉଛି । ଫଳରେ ପାନୀୟ ଜଳ ସମସ୍ୟା, ରାସ୍ତାଘାଟର ଦୁରବସ୍ଥା, ବିଦ୍ୟୁତ ସେବା, ସ୍ୱାସ୍ଥ୍ୟ ସୁବିଧା ଓ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆବଶ୍ୟକୀୟ ଆଲୋଚନା ହୋଇପାରୁ ନାହିଁ । ଏହି ପରିସ୍ଥିତିକୁ ନେଇ ବ୍ଲକର କିଛି ଗ୍ରାମପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚମାନେ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ତଥାପି ବୈଠକ ଆୟୋଜନ ଦିଗରେ କୌଣସି ସ୍ପଷ୍ଟ ପଦକ୍ଷେପ ଦେଖିବାକୁ ମିଳି ନ ଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ତୀବ୍ର ହୋଇଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ମତରେ, ନିୟମିତ ପଞ୍ଚାୟତ ସମିତି ବୈଠକ ହେଲେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଥାନ୍ତା । ତେଣୁ ଶୀଘ୍ର ପଞ୍ଚାୟତ ସମିତି ବୈଠକ ଡାକି ବିକାଶମୂଳକ କାର୍ଯ୍ୟର ସମୀକ୍ଷା ସହ ଅଞ୍ଚଳର ବିଭିନ୍ନ ଜନସମସ୍ୟା ଉପରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି ।

# ଜିଦ୍‌ରେ ଅଟଳ ଚାଷୀ

**ଝାରବନ୍ଧ, ୪।୬(ସମିସ)**

ରବି ଧାନ ବିକ୍ରୟ ପାଇଁ ଟୋକନ ସମସ୍ୟାର ସମାଧାନ ଦାବିରେ ଉଭା ବଜାରରେ କୃଷକ ସଂଗଠନ ପକ୍ଷରୁ ଚାଲିଥିବା ଆମରଣ ଅନଶନ ଚତୁର୍ଥ ଦିନରେ ପହଞ୍ଚିଛି । ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା ପାଇଁ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଅନଶନ ସ୍ଥଳରେ ପହଞ୍ଚି ସେମାନଙ୍କ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ତେବେ ଆଲୋଚନା ପରେ ମଧ୍ୟ ଆଞ୍ଚଳିକ କୃଷକ ସଂଗଠନ ଉଭାର ଆବାହକ ଅଶୋକ ସାହୁ, ଅରୁଣ ପ୍ରଧାନ, ଜୟନ୍ତ ସାହୁ, ଗୁପତ ସିଦାର, ରମେଶ ପ୍ରଧାନ ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି । ସେମାନଙ୍କ କହିବା ଅନୁଯାୟୀ




କେବଳ ଆଶ୍ୱାସନ ନୁହେଁ ବରଂ ଟୋକନ ସମସ୍ୟାର ପ୍ରକୃତ ସମାଧାନ ହେବା ପରେ ହିଁ ସେମାନେ ଅନଶନରୁ ଓହରିବେ । ଦୀର୍ଘଦିନ ଧରି ଅନେକ ଚାଷୀ ଟୋକନ ନ ପାଇ ଧାନ ବିକ୍ରୟରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ଅନଶନ ସ୍ଥଳ ଉଭା ବଜାର ପିଣ୍ଡି ଏକ ଧାନ ମଣ୍ଡିର ଚିତ୍ର ସୃଷ୍ଟି କରିଛି । ସଂଯୁକ୍ତ କୃଷକ ସଂଗଠନର ପରାମର୍ଶଦାତା ରମେଶ ମହାପାତ୍ର ତଥା କୃଷକ ସଂଗଠନର ନେତୃବୃନ୍ଦ ଅନଶନକୁ ସମର୍ଥନ କରି କହିଛନ୍ତି ଯେ, ଟୋକନ ବଞ୍ଚିତ ସମସ୍ତ ଚାଷୀଙ୍କ ସମସ୍ୟାର ସମାଧାନ ଓ ଧାନ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ନିଶ୍ଚିତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ସଂଗଠନର ପରାମର୍ଶଦାତା ପ୍ରମୋଦ ରାୟ, ବଛ ଭୋଇ, ଅବଧୁତ ଜଗତ, ପ୍ରମୋଦ ସାହୁ, ଖଗେନ୍ଦ୍ର ରଣା ପ୍ରମୁଖ ସାମିଲ ଅଛନ୍ତି । ହାରାହାରି ୧୦ହଜାରରୁ ଅଧିକ ପକେଟ ଧାନ ଅନଶନ ସ୍ଥଳରେ ପଡ଼ି ରହିଛି । ତେବେ ବର୍ଷାଝଡ଼କୁ ଚାଷୀଙ୍କ ଡର ରହିଛି ।

## ହନୁମାନ ମନ୍ଦିର ଓ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ



**ଭେଡେନ, ୪।୬(ସମିସ):** ଭେଡେନସ୍ଥିତ ମାଳିପଡ଼ାରେ ହନୁମାନ ମନ୍ଦିର ଓ ରତ୍ନମୁଦକ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି । ଏହି ଅବସରରେ ଚାଲିଥିବା ଅଷ୍ଟ ପ୍ରହରୀ ନାମଯଜ୍ଞ ମଧ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ସମାଜସେବୀ ଦୀପକ ଅଗ୍ରୱାଲ ଓ ଗୌର ଦେହେରି ଯୋଗଦାନ କରିଥିଲେ । ପ୍ରତିଷ୍ଠା ଉତ୍ସବରେ ଭୀମସେନ ମେହେର ଓ ମଞ୍ଜୁ ମେହେର ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଇଥିବା ବେଳେ ପଣ୍ଡିତ ଭାବରେ ସନ୍ତୋଷ ଶତପଥୀ ପୂଜା କାର୍ଯ୍ୟତୁଲାଉଥିଲେ । ପ୍ରତିଷ୍ଠା ଉତ୍ସବ ରେ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାବେଶରେ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । କାର୍ଯ୍ୟକ୍ରମକୁ କମିଟିର ପ୍ରାଣବନ୍ଧୁ ପଟେଲ, ଗୋପୀ ବାଗ, ଦଶରଥ ମେହେର, ଦିନେସ ବାଗ, ରାଜେଶ ନାଏକ, ପ୍ରଶାନ୍ତ ନାଗ, ବିଶି ପଟେଲ, ମହେନ୍ଦ୍ର ମେହେର, ଙ୍କ ସମେତ ମାଳିପଡ଼ାର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ ।

### କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ ନିର୍ମାଣ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍ଏସି ଇଓଙ୍କ ସାହସ ପାଉନି

### ଠିକାଦାର ଶାସକ ଦଳର
### ଦୁର୍ନୀତି ଚାପିଦେବାକୁ ଉଦ୍ୟମ
### ଭିଜିଲାନ୍ସର ଦ୍ୱାରସ୍ଥ ହେବେ ପଡ଼ାବାସୀ

ପାଟଣାଗଡ଼,୪।୬ (ସମିସ)

ପାଟଣାଗଡ଼ ସହରର କାଦୋପଡାରେ ନିମ୍ନମାନର ଡ୍ରେନ ନିର୍ମାଣ କାମ ଚାଲିଥିବା ଜଳ ଜଳ ହୋଇ ଦିଶୁଛି। ଆଣ୍ଠୁଏ ପାଣି ଭିତରେ କଂକ୍ରିଟକରଣ ସହ ରଡ୍ ବାଇଣ୍ଡିଙ୍ଗ କାମ ହେଉଛି। ଠିକାଦାର ଶାସକ ଦଳର ହୋଇଥିବାରୁ ଏନଏସି ଇଓଙ୍କ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ପାଉନି। ଯେତେ ଅଭିଯୋଗ କରିବ କର। ଯାହା ପାଖକୁ ଯିବ ଯାଅ। କେହି ବିଲ୍ ବନ୍ଦ କରିପାରିବେନି ବୋଲି ଠିକାଦାର କହି ବୁଲୁଛନ୍ତି। ପଡ଼ାବାସୀ ବାରମ୍ବାର ଅଭିଯୋଗ ଆଣୁଥିଲେ ବି ଏନଏସି ଇଓଙ୍କଠାରୁ ଆରମ୍ଭ କରି କେହି ଶୁଣିବାକୁ ନାରାଜ। ଠିକାଦାର ଶାସକ ଦଳର ହୋଇଥିବାରୁ ନିର୍ଭୟରେ ନିମ୍ନମାନର କାମ ଚାଲିଛି। ପିସି ଚାପରେ ନିମ୍ନମାନର କାମକୁ ଚାପି ଦିଆଯାଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଏନଏସି ଇଓ ନାରାୟଣ ଦଣ୍ଡସେନା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପିସି ଚାପରେ ତାଙ୍କ ପାଟି ମଧ୍ୟ ଚାପି ହୋଇଯାଇଥିବା ପଡ଼ାବାସୀ କହୁଛନ୍ତି। ଘଟଣା ଚାପିଦେଇ ୨ କୋଟି ଟଙ୍କାର କାମକୁ ୧ କୋଟି ଟଙ୍କାରେ ସାରି ବାକିତକ ଚଳୁ କରିଦେବାକୁ ଠିକାଦାରଜଣକ ପ୍ରାଣପଣେ ଉଦ୍ୟମ ଜାରି ରଖିଥିବା ପଡ଼ାବାସୀ ସିଧାସଳଖ ଅଭିଯୋଗ ଆଣୁଛନ୍ତି। ଅନ୍ୟପଟେ ନିମ୍ନମାନର ଡ୍ରେନ୍ ନିର୍ମାଣ ଯୋଗୁ ସ୍ଥାୟିତ୍ୱକୁ ନେଇ ପଡ଼ାବାସୀ ପ୍ରଶ୍ନ ଉଠାଇଛନ୍ତି। ବର୍ଷା ସମୟରେ ପୁଣି ଯଦି ଡ୍ରେନ ପାଣି ପଡାରେ ଜମାହୁଏ ତେବେ କିଏ ଦାୟି ରହିବ ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ଏ ଘଟଣାରେ ନିମ୍ନମାନର ଡ୍ରେନ କାମ ସମୟର ସମସ୍ତ ପ୍ରମାଣ ସହ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବା ସହ ଆବଶ୍ୟକ ହେଲେ ଏହି ମାମଲା କୋର୍ଟ ପର୍ଯ୍ୟନ୍ତ ଯିବ ବୋଲି ପଡାର କିଛି ସଚେତନ ନାଗରିକ 'ସକାଳ'କୁ କହିଛନ୍ତି।

## କିଣାଯାଉନି ରବିଧାନ; ଚିନ୍ତାରେ ଚାଷୀ

ଦେଓଗାଁ,୪।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ୧୨ଟି କୃଷିସେବା ସମବାୟ ସମିତି ଜରିଆରେ ରବିଧାନ କିଣାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ପେକ୍ସଗୁଡ଼ିକରେ ରବିଧାନ କ୍ରୟ ଲାଗି ଉଦ୍‌ଘାଟନ କରାଯାଇଛି; ହେଲେ ଅଦ୍ୟାବଧି କୌଣସି ପେକ୍ସରେ ଧାନକ୍ରୟ ଆରମ୍ଭ ହୋଇପାରୁନାହିଁ। ଏହାଫଳରେ ରବିଧାନ ଅମଳ କରି ନିଜକ୍ଷେତରେ ଗଚ୍ଛିତ ରଖିଥିବା ଚାଷୀ ଏବେ ଘୋର ଚିନ୍ତାରେ ପଡିଥିବା ଅଭିଯୋଗ ହୋଇଛି।
ଚଳିତବର୍ଷ ବ୍ଲକର ୧୨ଟି ପେକ୍ସରେ ୨୦୭୧ ଜଣ ଚାଷୀ ରବିଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି। ଦେଓଗାଁ ପେକ୍ସରେ ୧୨୮, କୁତୁର୍ଲାରେ ୨୧୬, ବଡବନ୍ଧରେ ୧୬୭, ସାରସମାଲରେ ୧୯, ଧଣ୍ଡାମାଲରେ ୭୨, ବନ୍ଧପଡାରେ ୭୩, ରାମଚନ୍ଦ୍ରପୁର ପେକ୍ସରେ ୧୨୩, ଜରାସିଂହାରେ ୧୧୮, ମହଲାଇରେ ୯୪, ଉପରଝରରେ ୧୧୨, ଅର୍ଜୁନପୁରରେ ୧୫୧ ଓ ଗୌରଗୋଠ ପେକ୍ସରେ ୫୨୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଛନ୍ତି। ଏଥିପାଇଁ ଚାଷୀଙ୍କ ନିକଟକୁ ଟୋକନ ମଧ୍ୟ ଆସିଛି; ହେଲେ ଏଯାଏ କୌଣସି ପେକ୍ସକୁ ଟାର୍ଗେଟ ଆସି ନ ଥିବାରୁ ଧାନକିଣା ଆରମ୍ଭ ହୋଇପାରିନାହିଁ। ଏବେ ଅଦିନିଆ ବର୍ଷା ଚାଷୀଙ୍କ ଲାଗି ଚିନ୍ତା ଘାରିଛି। ଅନେକ ଚାଷୀ ଅମଳ ଧାନକୁ ଗଚ୍ଛିତ ରଖିବା ପାଇଁ ଘରେ ଜାଗା ନ ଥିବାର କ୍ଷେତରେ ରଖିଛନ୍ତି। ଧାର କରଜ କରି ଚାଷ କରିଥିବା ଚାଷୀ କେମିତି ଋଣ ସୁଝିବ ସେନେଇ ଚିନ୍ତାରେ ପଡିଛନ୍ତି। ପେକ୍ସଗୁଡ଼ିକକୁ ଟ୍ୟାଗ ହୋଇଥିବା ଧାନମିଲ୍‌ଗୁଡିକରେ ଖରିଫ ଧାନର ଚାଉଳ ଉଠିନି। ଏଣୁ ମିଲ୍‌ରେ ଧାନ ଗଚ୍ଛିତ ରଖିବା ପାଇଁ ଜାଗା ଅଭାବ ଦର୍ଶାଇ ରବିଧାନ ଉଠାଇବା ପାଇଁ ମିଲ୍ ମାଲିକମାନେ ନାରାଜ ହେଉଛନ୍ତି।

● କ୍ୱାକ୍ ଚିକିତ୍ସାର ପରିଣାମ

## ପୁଣି ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀମୃତ୍ୟୁ

କଣ୍ଟାବାଞ୍ଜି/ମୁରିବାହାଲ,୪।୬(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଦିନକୁ ଦିନ କ୍ୱାକ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏମାନେ ମନଇଚ୍ଛା ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀଙ୍କ ଜୀବନ ଚାଲି ଯାଉଥିବା ଅଭିଯୋଗ ଆସୁଛି। ଗୁରୁବାର ପୁଣି ସେହିଭଳି ଏକ ଘଟଣା ଘଟିଛି। ମୁରିବାହାଲ ଥାନା ଅଧୀନ ପତ୍ରାପାଲି ପଞ୍ଚାୟତ ଅଇଁଲାଭଟା ଗାଁର ଦକ୍ଷଣ ମାହାନନ୍ଦ (୫୨)ଙ୍କ ଜୀବନ ଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେତୁ ଘର ଲୋକେ ଚିକିତ୍ସା ପାଇଁ ଗାଁ ପାଖ ଲିମପଡ଼ା ଗାଁର କ୍ୱାକ୍ ଶ୍ୟାମ ସାହୁଙ୍କୁ ଫୋନ କରିଥିଲେ। ଶ୍ୟାମ ପହଞ୍ଚି ୨ଟି ଇଞ୍ଜେକ୍ସନ ମଧ୍ୟ ଦେଇଥିଲେ। ତାପରେ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇ ପଡିଥିଲା। ଏଣୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହିଭଳି ଭାବେ କ୍ୱାକ୍ ଚିକିତ୍ସାକୁ ଭରସା କରୁଥିବା ଜଣେ ପରେ ଜଣେ ରୋଗୀ ଆଖି ବୁଜୁଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ କ୍ୱାକ୍‌ଙ୍କ ବିରୋଧ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ତେବେ ଦକ୍ଷଣଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛନ୍ତି। ସେ ପରିବାରରେ ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ମୃତ୍ୟୁ ପରେ ଝିଅ ଓ ସ୍ତ୍ରୀ ଭାଙ୍ଗି ପଡିଛନ୍ତି। ପଡ଼ିଛନ୍ତି।

## ଧାରଣାରୁ ଓହରିଲା ଡୁମେରତଲେନ ବଣିକ ସଂଘ





ଖପ୍ରାଖୋଲ,୪।୬ (ସମିସ): ମାଁ ଡୁମେରତଲେନ ବଣିକ ସଂଘ ଆନ୍ଦୋଳନରୁ ଓହରିଛି। ବ୍ଲକ୍ ସମ୍ମୁଖରେ ସଂଘ ୪ ଦିନ ହେବ ନିଜ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲା। ରାସ୍ତା ପ୍ରଶସ୍ତୀକରଣ ନାଁରେ ପ୍ରଶାସନ ବ୍ୟବସାୟୀଙ୍କ ଦୋକାନୀ ଭାଙ୍ଗି ଦେଇଛି। ବର୍ଷେ ହେଲା କିନ୍ତୁ ଥଇଥାନ କରୁନି। ଏନେଇ ବଣିକ ସଂଘ ଧାରଣାରେ ବସିଥିଲା। ଗୁରୁବାର ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର ଆନ୍ଦୋଳନକାରୀଙ୍କ ସହ ଯୋଗ ଦେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ। ବିଡିଓଙ୍କ ପ୍ରତିଶ୍ରୁତି ପରେ ବଣିକ ସଂଘ ଆନ୍ଦୋଳନରୁ ଓହରିଥିଲେ। ଯନ୍ତ୍ରୀ ରାଜକିଶୋର ନାଏକ, ସଂଘର ବାଳଗୋପାଳ ଦାସ, ବିଜୁ ବାରିକ, ରାଜୁ ସାହୁ, ଅଜିତ ହଂସ, ଗୋପାଳ ପୁରୋହିତ, ସନ୍ତୋଷ ପଧାନ, ତେଜୁ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବୈଷୟିକ ଶିକ୍ଷା ପାଠ୍ୟକ୍ରମ ପାଇଁ ପରାମର୍ଶ ଶିବିର




ବଲାଙ୍ଗିର,୪।୬ (ସମିସ): ବଲାଙ୍ଗିର ଆଇଟିଆଇରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବୈଷୟିକ ଶିକ୍ଷା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗମ୍ବର କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା ଯୋଗ ଦେଇଥିଲେ। ଦୟାନିଧି ବାଗ ତାଲିମ୍ ଓ ପରାମର୍ଶ ଦେଇଥିଲେ। ଆଇଟିଆଇ ଅଧକ୍ଷ ସାମ ଓରାମ ବିଭିନ୍ନ ଟ୍ରେଡର ପାଠ୍ୟକ୍ରମ ସହିତ ନିଯୁକ୍ତି ଓ କ୍ୟାମ୍ପସର ଗ୍ୟାରେଣ୍ଟି ଉପରେ ଉପସ୍ଥାପନା କରିଥିଲେ। ପ୍ରମୋଦ ବଗର୍ତ୍ତି, ଆଇଟିଆଇର ରାଜୀବ ଲୋଚନ ପଣ୍ଡା, ଜିତେନ୍ଦ୍ର ସୁନା, ଭୁବନ ମହାନ୍ତି, ଦୀପିକ ଦାସ, ସୁଧାଂଶୁଶେଖର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## 'ରାଜେନ୍ଦ୍ର' କୁଳପତିଙ୍କ ସହ ନରସିଂହଙ୍କ ଆଲୋଚନା



ବଲାଙ୍ଗିର,୪।୬(ସମିସ): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୂଳପତି ବିଭୁତି ଭୂଷଣ ମଲ୍ଲିକ ଓ କୂଳ ସଚିବ ହରପ୍ରସାଦ ଭୋଇଙ୍କୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଭେଟିଛନ୍ତି। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ନେଇ ଶ୍ରୀ ମିଶ୍ର ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଛାତ୍ରନେତା ଚିନ୍ମୟ ବେହେରା, ଅଙ୍କିତ ସାହୁ, ସୋହନ ସୁନ୍ଦର ନାଏକ, ପଞ୍ଚାନନ ଷାଣ୍ଢ, ଅମୀୟ ବଗର୍ତ୍ତି, ଜିତେନ ମନହିରା, ତାପସ ମିଶ୍ର, ସୁମନ ସ୍ୱାଇଁ, ଶ୍ରୀକାନ୍ତ ବେହେରା, ପୁରାତନ ଛାତ୍ର ବ୍ୟାସଦେବ ନନ୍ଦ, ଦିନେଶ ପ୍ରସାଦ ଦାନି ଏବଂ ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ବିଦ୍ୟାଳୟରେ ହଷ୍ଟେଲ ମରାମତି, ହଷ୍ଟେଲର କ୍ଷମତା ବଢାଇବା, ଆଇନ, ସାମ୍ବାଦିକତା, ବିସିଏ, ଏମ୍‌ସିଏ, ବିଟେକ୍, ଏମ୍‌ଟେକ୍ ଇତ୍ୟାଦି ପାଠ୍ୟକ୍ରମ ଖୋଲିବାକୁ ଛାତ୍ର ନେତା ତଥା ପୁରାତନ ଛାତ୍ରମାନେ କୂଳପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବିଧାୟକଙ୍କ ସହ ରେଳ ଉପଭୋକ୍ତା ସଂଘର ଆଲୋଚନା



ବଲାଙ୍ଗିର,୪।୬ (ସମିସ): ସ୍ଥାନୀୟ ଶୈଳେଶ୍ରୀ ପ୍ୟାଲେସଠାରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ରେଳ ଉପଭୋକ୍ତା ସଂଘ ଭେଟିଛି। ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ କଳିକେଶଙ୍କୁ ଭେଟିଥିଲେ। ବିଭିନ୍ନ ଦାବି ନେଇ ଏମାନେ ବିଧାୟକଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଦେଇଥିଲେ।

ବିଶେଷତଃ ବଲାଙ୍ଗିରରେ ପିଟ୍ ଲାଇନ ପ୍ରତିଷ୍ଠା, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ, ଭୁବନେଶ୍ୱରକୁ ଯାଇ ଫେରି ଆସିବା ପରି ଏକ ସକାଳୁଆ ଟ୍ରେନ ପାଇଁ ଦାବି ରହିଛି। ବିଧାୟକ ପ୍ରାୟ ଅଧଘଣ୍ଟା ସମୟ ଦେଇ ସମସ୍ତ ଦାବିକୁ ଶୁଣିଥିଲେ। କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏ ବିଷୟରେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଲେ। ସେହିଭଳି ସଦସ୍ୟମାନେ ଇସ୍ପାତ ଟ୍ରେନର ବିଳମ୍ବ, ପୁରୀ-ସମ୍ବଲପୁର ଇଣ୍ଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରିତ କରିବା ପାଇଁ ଦାବି ରଖିଥିଲେ। ପ୍ରତିନିଧି ଦଳରେ ବିମଳ ଚକ୍ରବର୍ତ୍ତି, ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର, ଦିବାକର ହୋତାଙ୍କ ସହ ମାଳପଡା ନାଗରିକ କମିଟିର ଅମୀୟ ମିଶ୍ର ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ଦେଓଗାଁ ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି

ଦେଓଗାଁ,୪।୬(ସମିସ): ଦେଓଗାଁ ଶୀତଳ ଷଷ୍ଠୀ ଉତ୍ସବ ପାଇଁ ସ୍ଥାନୀୟ ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଘନଶ୍ୟାମ ବାରିକ ସଭାପତିତ୍ୱ କରିଥିଲେ। କମିଟିର କର୍ମକର୍ତ୍ତା ଯୋଗଦେଇ ଯୋଗେଶ୍ୱର ବାବାଙ୍କ ବିବାହୋତ୍ସବ ଆଡମ୍ବରପୂର୍ଣ୍ଣ ଭାବେ କରିବା ପାଇଁ ଆଲୋଚନା କରିଥିଲେ। ବରକନ୍ୟାଙ୍କ ମାତାପିତା ଚୟନ କରାଯାଇଛି। ସେହିଭଳି ଉତ୍ସବ ସୁପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ଚନ୍ଦ୍ରଚୂଡ ବେହେରା, ଗୌରୀଶଙ୍କର ଥନାପତି, ଆଜେନ୍ଦ୍ର ସାହୁ, ଶିବାନନ୍ଦ କର୍ତ୍ତି, ସୁଶାନ୍ତ ପନୁଆଁ, ଗୋବର୍ଦ୍ଧନ ଦଲାଇ, ହନକ ବାରିକ, ବିରେନ ୟୁଏଡ, କ୍ଷୀରୋଦ୍ର ସେଠ, ଶୁଭ୍ରାଂଶୁ ନାୟକଙ୍କ ସହ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

ସଇଁତଲା,୪।୬(ସମିସ): ସଇଁତଲା ଅଞ୍ଚଳରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ନେଇ ପାତର ଅନ୍ତର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଗରିବ ଏବଂ ଅସହାୟ ପରିବାରଙ୍କ ଘର ଓ ଦୋକାନ ଉପରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ପ୍ରଭାବଶାଳୀ ଓ ବଡ଼ବଡ଼ିଆଙ୍କ ଜବରଦଖଲ ଉପରେ କିନ୍ତୁ ସମାନ ଭାବରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ବର୍ଷ ବର୍ଷ ଧରି ସରକାରୀ ଜମି ଦଖଲ କରିଥିବା କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ନିରବ ରହିଛି; ହେଲେ ଜୀବିକା ନିର୍ବାହ ପାଇଁ ଛୋଟ ଦୋକାନ କିମ୍ବା ଝୁପୁଡ଼ି କରିଥିବା ଗରିବ ଲୋକଙ୍କୁ ଉଚ୍ଛେଦ କରାଯାଉଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଛି। ଏହି ପ୍ରସଙ୍ଗରେ ତହସିଲଦାରଙ୍କ ପ୍ରତିକ୍ରିୟା ନେବାକୁ ଯାଇଥିବା ବେଳେ ସେ ସ୍ପଷ୍ଟ ଉତ୍ତର ଦେବା ପରିବର୍ତ୍ତେ 'ଫାଲତୁ କଥାବାର୍ତ୍ତା କରନାହିଁ' ବୋଲି କହିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାମ୍ବାଦିକ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନ ଉଠିଛି।



## ଜାତୀୟ ଜୁନିୟର କିକ୍ ବକ୍ସିଂରେ ସଫଳତା





ବଲାଙ୍ଗିର,୪।୬(ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ୫ ଦିନ ପର୍ଯ୍ୟନ୍ତ ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଆମ୍ରେଚର କିକ୍ ବକ୍ସିଂ ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ ଅଭିପ୍ସା ହୋତା ଓ କିରନ ସେଠ ଭାଗ ନେଇଥିଲେ। କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଅଭିପ୍ସା ୨ଟି ସ୍ୱର୍ଣ୍ଣ ପଦକ, ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି କିରନ୍ ସେଠ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତାରେ ସ୍ପୋର୍ଟ୍ସ ଅଫିସର ପରାଶର ବାଗ, ରାଜ୍ୟର କିକ୍ ବକ୍ସିଂ ସଂଘର ସଭାପତି କର୍ତ୍ତିକ ଡାକୁଆ, କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, କରାଟେ ସଂଘର ସଂପାଦକ ହୃଦୟ ଶବର, ବଦ୍ରିନାଥ ହୋତା, ମୁରଲି ମହାକୁର, ସୁରେନ୍ଦ୍ର ସାହୁ, ମାନଗୋବିନ୍ଦ ମେହେର, ରାଜେନ୍ଦ୍ର ବାଗ ଏବଂ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

### ସିଏମ୍ ଟ୍ରଫି ଫୁଟ୍‌ବଲ

## ବାଳକ, ବାଳିକା ଉଭୟ ବର୍ଗରେ ବରଗଡ଼ ଓ ସମ୍ବଲପୁର ବିଜୟୀ



ବଲାଙ୍ଗିର,୪।୬(ସମିସ)

ବଲାଙ୍ଗିର ଗାନ୍ଧୀ ଷ୍ଟାଡ଼ିୟମରେ ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍‌ର ଚତୁର୍ଥ ଦିବସ ବାଳକ ବର୍ଗ ପ୍ରଥମ ଖେଳରେ ବରଗଡ଼ ୧-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସଂପାଦକ ଶତୃଘ୍ନ ସିଂ, ଫୁଟବଲ ସଂପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଶୁଭ୍ରଜିତ ସ୍ୱାଇଁ, ସଞ୍ଜନ କୁଦେଇ, ମଳୟ ଘିଭେଲା ଓ ଦେବାଶିଷ ବାଗ ପରି.ଳନା କରିଥିଲେ। ବାଳକ ବର୍ଗ ଦ୍ୱିତୀୟ ଖେଳରେ ସମ୍ବଲପୁର ୬-୨ ଗୋଲରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଓ କ୍ରୀଡ଼ା ସଂସଦର ଯୁଗ୍ମ ସଂପାଦକ ଶତୃଘ୍ନ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ଫୁଟବଲ ସଂପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ସଞ୍ଜନ କୁଦେଇ, ଯଶୋବନ୍ତ ମାଝୀ, ଗୌରହରି ପୁଟେଲ ଓ ଜିତେନ୍ଦ୍ର ପାତ୍ର ପରି.ଳନା କରିଥିଲେ। ଉଭୟ ବାଳକ ବର୍ଗ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ।

ସେହିପରି ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମରେ ବାଳିକା ବର୍ଗ ପ୍ରଥମ ଖେଳରେ ବରଗଡ଼ ୧୨-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି। ଖେଳକୁ ସୀତା ମାରାଣ୍ଡି, ପପୁନ ବେହେରା, ମନୋରଞ୍ଜନ ମାଝୀ ଓ ଅନିତା ମହାନନ୍ଦ ପରି.ଳନା କରିଥିଲେ। ଅପରାହ୍ନରେ ବାଳିକା ବର୍ଗ ଦ୍ୱିତୀୟ ଖେଳରେ ସମ୍ବଲପୁର ୧୨-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନ ଖେଳରେ ଡା. ସୁରେଶ ପ୍ରଧାନ ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ସଦାନନ୍ଦ ସାହୁ, ସୌରଭ ନାଏକ, ମାମା ସିଂ ଓ ପ୍ରିୟଙ୍କା ବିଶି ପରି.ଳନା କରିଥିଲେ। ଉଭୟ ବାଳିକା ଖେଳରେ ସୁରେଶ ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ।

କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ଘଟଣାରେ ଲୋକଶକ୍ତି ଅଭିଯାନର ଦାବି

# ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସଙ୍କ ନାଁରେ ହତ୍ୟା ମାମଲା ଦାୟର ହେଉ

ବ୍ରହ୍ମପୁର,୪।୬(ସମିସ)

କବିସୂର୍ଯ୍ୟନଗର ପୁଲିସ ଦ୍ୱାରା ସୁବଳୟାର ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଏକ ମାମଲାରେ ଜେରା କରିବା ଆଳରେ ତାଙ୍କୁ ଘରୁ ଉଠାଇ ନିଆଯାଇଥିଲା। ବେଆଇନ ଭାବେ ଥାନା ହାଜତରେ ଦୀର୍ଘ ୭ଦିନ ଧରି ଅଟକ ରଖି ଅକଥନୀୟ ନିର୍ଯାତନା ଦେବା ପରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହେବା ଘଟଣାକୁ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା ଓ ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ତୀବ୍ର ନିନ୍ଦା କରିଛନ୍ତି। ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଏହି ଘଟଣାରେ ଥାନାର ଭାରପ୍ରାପ୍ତ ଆଇଆଇସି ତଥା ଆଇପିଏସ ଅଧିକାରୀଙ୍କ ନିର୍ଦ୍ଦେଶରେ ହୋଇଥିବା ଅଭିଯୋଗ ହୋଇଛି। ଜେରା ନାଁରେ ସୁଶାନ୍ତଙ୍କୁ ଅକଥନୀୟ ମାଡ଼ ମାରିବା ସହ ତାଙ୍କ ଉପରେ ଗରମ ପାଣି ପକାଇବା ଏପରିକି କ୍ଷତ ସ୍ଥାନରେ ମରିଚ ଗୁଣ୍ଡ ପକାଇ ନିର୍ଯାତନା ଦେବା ଅତ୍ୟନ୍ତ ଅମାନୁଷିକ, ଜଘନ୍ୟ ଓ ମଧ୍ୟଯୁଗୀୟ ବର୍ବରତାକୁ ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ସୁଶାନ୍ତ ସାହୁଙ୍କ ହତ୍ୟାକାରୀ ପୁଲିସ ପକ୍ଷରୁ ନିଜର ଅପରାଧକୁ ଲୁଚାଇବା ପାଇଁ ତାଙ୍କର ମୃତ୍ୟୁ ପୂର୍ବରୁ ଏବଂ ମୃତ୍ୟୁ ପରେ ମଧ୍ୟ ପରିବାରର ଲୋକଙ୍କୁ ଚାପ ଓ ପ୍ରଲୋଭନ ଦେଖାଯାଉଥିବା ଶ୍ରୀ ସାମନ୍ତରା ଅଭିଯୋଗ କରିଛନ୍ତି। ଶ୍ରୀ ସାମନ୍ତରା ଓ ଷଡ଼ଙ୍ଗୀ କହିଛନ୍ତି ଯେ, ଗତକାଲି ତଥ୍ୟ ଅନୁସନ୍ଧାନ ପାଇଁ ମୃତ ସୁଶାନ୍ତ ସାହୁଙ୍କ ଘରକୁ ଯାଇଥିବା ବେଳେ ପୁଲିସ ପକ୍ଷରୁ ଏଚଆର୍‌ପିସି ଜେରା ନାଁରେ ତାଙ୍କର ସମ୍ପୂର୍ଣ୍ଣ ପରିବାରକୁ ପୁରୁଷୋତ୍ତମପୁରକୁ ଗାଡ଼ିରେ ନିଆଯାଇଥିବା ଦେଖିବାକୁ ମିଳିଥିଲା। ପରିବାରର ଜଣେ ହତ୍ୟାର ଶିକାର ହୋଇଥିବା ବେଳେ ପୁଲିସ ଏବଂ ଏଚଆର୍‌ପିସି ଅଧିକାରୀମାନେ ତାଙ୍କ ଘରକୁ ଯାଇ ତଦନ୍ତ ନକରି ତଦନ୍ତ ଆଳରେ ସେମାନଙ୍କୁ ଅନ୍ୟତ୍ର ଡ଼ାକିବା ଅମାନବୀୟ ଏବଂ ଚାପ ପ୍ରୟୋଗ କରିବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି। କବିସୂର୍ଯ୍ୟନଗରର ହାଜତ ମୃତ୍ୟୁ ଏକ ସ୍ପଷ୍ଟ ହତ୍ୟାକାଣ୍ଡ ଏବଂ ଏଥିରେ ପୁଲିସ ଅଧିକାରୀମାନେ ସିଧାସଳଖ ସାମିଲ ହୋଇଥିଲେ ହେଁ ଏଯାଏଁ ସେମାନଙ୍କ ବିରୁଦ୍ଧରେ ହତ୍ୟା ମକଦ୍ଦମା ଦାୟର ନହେବା ଏବଂ ଭାରପ୍ରାପ୍ତ ଆଇଆଇସି ତଥା ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଗିରଫ ନକରିବା ରାଜ୍ୟର ବିଜେପି ସରକାରର ଦୋମୁହାଁ ନୀତି ଓ ଅପରାଧିକୁ ଖସେଇବାର ଷଡ଼ଯନ୍ତ୍ରକୁ ପ୍ରମାଣିତ କରୁଛି ବୋଲି ଲୋକଶକ୍ତି ଅଭିଯାନ ପକ୍ଷରୁ ଅଭିଯୋଗ ହୋଇଛି। ଏତେବଡ଼ ଅପରାଧ ଘଟିଥିଲେ ହେଁ ସମ୍ପୃକ୍ତ ଆଇପିଏସ୍ ଅଧିକାରୀଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି ଏବଂ ଅନ୍ୟମାନଙ୍କୁ କେବଳ ନିଲମ୍ବନ କରାଯାଇଛି। ଅଥଚ "ମାର ମାର ଭଣ୍ଡାରିଆକୁ ମାର' ନୀତିରେ ଉପର ଅଧିକାରୀଙ୍କୁ ଖସାଇବାକୁ ଉଦ୍ୟମ କରାଯାଉଥିବା ବେଳେ ସେଠାରେ କାର୍ଯ୍ୟରତ ଜନୈକ ତଳିଆ କର୍ମଚାରୀ ବା ହୋମଗାଡର୍‌କୁ ହିଁ ଚାକିରୀରୁ ବହିଷ୍କାର କରାଯାଇଛି। ଥାନା ହାଜତରେ ହତ୍ୟା ପରି ଏକ ଜଘନ୍ୟ ଅପରାଧର ଆସାମୀଙ୍କୁ ଏଯାଏଁ ଗିରଫ ନକରି ରାଜ୍ୟର ବିଜେପି ସରକାର ନିଜର ଅପାରଗତା ପ୍ରଦର୍ଶନ କରିଛନ୍ତି, ଯାହାକି ଆଗାମୀ ଦିନରେ ଏଭଳି ହାଜତ ହିଂସା ଓ ହତ୍ୟା ପାଇଁ ଉତ୍ସାହିତ କରିବାର ଆଶଙ୍କା ରହିଛି। ଅପରାଧ ମୁକାବିଲା ଓ ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ଅପରାଧ ରେକର୍ଡ ଛୁଇଁଛି। କବିସୂର୍ଯ୍ୟନଗର ଠାରୁ ଆରମ୍ଭ କରି ବାରଙ୍ଗ, ତାଳଚୂଆ ପରି ରାଜ୍ୟର ଥାନା ଗୁଡ଼ିକରେ ଯେଉଁ ନିର୍ଯାତନା ଓ ହିଂସାର ଘଟଣା ସବୁ ଦେଖିବାକୁ ମିଳିଛି, ସେଥିରୁ ପୁଲିସର ଅପରାଧି ଚେହେରାଟି ସ୍ପଷ୍ଟ ହେଉଛି। ଯଦି ଏସବୁ ଘଟଣାରେ ସରକାର ଆଖିଦୃଶିଆ ତଥା ତ୍ୱରିତ କାର୍ଯ୍ୟାନୁଷ୍ଠାନ ନନେବେ ତେବେ ରାଜ୍ୟର ଥାନାଗୁଡ଼ିକ ଗୋଟିଏ ଗୋଟିଏ ଯାତନା ଗୃହରେ ପରିଣତ ହୋଇଯିବା ସହ ଆଇନର ଶାସନ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ତୁଟିଯିବା ନିଶ୍ଚିତ ବୋଲି ଶ୍ରୀ ସାମନ୍ତରା ଓ ଷଡ଼ଙ୍ଗୀ ମତ ପ୍ରକାଶ କରିଛନ୍ତି। କବିସୂର୍ଯ୍ୟନଗର ଥାନାରେ ସୁଶାନ୍ତ ସାହୁଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ ହେଉ। ଅପରାଧରେ ସମ୍ପୃକ୍ତ ଆଇପିଏସ୍ ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ତୁରନ୍ତ ହତ୍ୟା ମାମଲାରେ ଗିରଫ କରାଯାଉ, ତଦନ୍ତକୁ ବାଟମାରଣା କରି ଅପରାଧିଙ୍କୁ ସୁରକ୍ଷା ଦେବା ପାଇଁ ମୃତ ସୁଶାନ୍ତ ସାହୁଙ୍କ ପରିବାର ଉପରେ ଚାପ ପକାଉଥିବା ପୁଲିସ ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ମୃତ ସୁଶାନ୍ତଙ୍କ ପରିବାରର ଜଣକୁ ସରକାରୀ ଚାକିରୀ ପ୍ରଦାନ ସହ ଉକ୍ତ ପରିବାରକୁ ସର୍ବନିମ୍ନ ୫୦ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯାଉ। ଥାନା ହାଜତରେ ନିର୍ଯାତନା ଓ ହିଂସାର ଅନ୍ୟାନ୍ୟ ଘଟଣାକୁ ରୋକିବାକୁ ଥାନାରେ ସିସିଟିଭିକୁ ଲଗାଯାଉ ଏବଂ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଉପର ଅଧିକାରୀଙ୍କ ଦ୍ୱାରା ତାହାର ଯାଂଚ କରାଯିବାକୁ ଲୋକଶକ୍ତି ଅଭିଯାନର ଆବାହକ ପ୍ରଫୁଲ୍ଲ ସାମନ୍ତରା, ଏଆଇକେଏମଏସ୍‌ର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି।

**ମୃତକଙ୍କ ପରିବାରକୁ ୫୦ଲକ୍ଷର ଅନୁକମ୍ପା ରାଶି ଓ ଜଣଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରାଯାଉ**

### ସୁଶାନ୍ତଙ୍କ ଭାଇର ସଙ୍ଗିନ ଅଭିଯୋଗକୁ ଆଇଜିଙ୍କ ଖଣ୍ଡନ

ବ୍ରହ୍ମପୁର,୪।୬(ସମିସ): ଗଞ୍ଜାମ କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ଘଟଣାରେ ମୃତକ ସୁଶାନ୍ତଙ୍କ ଭାଇ ଆଣିଥିବା ସଙ୍ଗିନ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର। ମୃତକ ସୁଶାନ୍ତଙ୍କ ପରିବାରକୁ ଏମକେସିଜି ମେଡ଼ିକାଲ ଫାଣ୍ଡି ଅଧିକାରୀ ଧମକ ଦେବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଫାଣ୍ଡି ଅଧିକାରୀ କେବଳ ମୃତକଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଥିଲେ। ସୁଶାନ୍ତଙ୍କ ମୃତ୍ୟୁ ପରେ ପ୍ରଥମେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା ଫାଣ୍ଡିରେ। ଏହାପରେ ତଦନ୍ତ ପାଇଁ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଫାଣ୍ଡି ଅଧିକାରୀ ପଚରାଉଚରା କରିଥିଲେ। ଫାଣ୍ଡି ଅଧିକାରୀ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ତଦନ୍ତ କରୁନାହାନ୍ତି ବରଂ ଏଚଆରପିସି ଏହାର ତଦନ୍ତ କରୁଛି। ତଦନ୍ତ ପରିସରରେ ଆସୁଥିବା ସମସ୍ତ ଲୋକଙ୍କୁ ଏଚଆରପିସି ହିଁ ପଚରାଉଚରା କରିବ। ସେପଟେ କବିସୂର୍ଯ୍ୟନଗର ଥାନାରେ ଖୁବଶୀଘ୍ର ନୂଆ ଥାନା ଅଧିକାରୀ ଯୋଗ ଦେବେ। ଏନେଇ ଗଞ୍ଜାମ ଏସପିଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପୁଲିସ କର୍ମଚାରୀ ନିଜର ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ। ଫିଲ୍ଡ କାମରେ ଯିବା ବେଳେ ୟୁନିଫର୍ମ ପିନ୍ଧି ହିଁ ଯିବେ। ଯଦିଓ କିଛି କ୍ଷେତ୍ରରେ ନିଜର ପରିଚୟକୁ ଲୁଚାଇ ଚଢ଼ାଉ କରାଯାଉଛି ସେହି କ୍ଷେତ୍ରରେ ବିନା ୟୁନିଫର୍ମ ପୁଲିସ କର୍ମଚାରୀ ରହିପାରିବେ। ଯେଉଁ ପଥର ଖାଦାନରେ ଏହି ଗଣ୍ଡଗୋଳ ହୋଇଥିଲା ସେହି ମାମଲାରେ ଅନେକ ଲୋକେ ଗିରଫ ହେବା ସହ ବିଭିନ୍ନ ସାମଗ୍ରୀ ମଧ୍ୟ ଜବତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର।

### ଏଚ୍‌ଆର୍‌ପିସି ଟିମ୍‌ର ତଦନ୍ତ ଜାରି: ଏସ୍‌ପିଙ୍କ ସହିତ ଆଲୋଚନା

ଛତ୍ରପୁର,୪।୬(ସମିସ): କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀରେ ଦିବ୍ୟାଙ୍ଗ ସୁଶାନ୍ତଙ୍କ ମୃତ୍ୟୁ ଘଟଣାରେ ପୁଲିସର (ମାନବାଧିକାର ସୁରକ୍ଷା ସେଲ) ଏଚ୍‌ଆର୍‌ପିସି ପକ୍ଷରୁ ତଦନ୍ତ ଜାରି ରହିଛି। ଏନେଇ ଏଚଆରପିସିର ଏସପି ଗୋପାଳ ପ୍ରସାଦ ପଟ୍ଟନାୟକ ଓ ଡ଼ିଏସପି ଅନ୍ନପୂର୍ଣ୍ଣା ବେହେରାଙ୍କ ସମେତ ୪ଜଣିଆ ଟିମ ଗୁରୁବାର ଛତ୍ରପୁର ସ୍ଥିତ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହିତ ଗଞ୍ଜାମ ଏସପି ହରିଶ ବିଶିଙ୍କ ସହିତ ଆଲୋଚନା କରିଛନ୍ତି। ଅନ୍ୟପଟେ କବିସୂର୍ଯ୍ୟନଗର ଥାନାରେ ଲାଗିଥିବା ସିସିଟିଭି ଫୁଟେଜ ଏଚ ଆର ପିସି ଟିମକୁ ପ୍ରଦାନ କରାଯିବ ସୂଚନା ଦେଲେ ଗଞ୍ଜାମ ଏସପି ହରିଶ ବିଶି। ମୃତ ସୁଶାନ୍ତଙ୍କ ଭାଇଙ୍କୁ ପୁଲିସ ପକ୍ଷରୁ ଧମକ ନେଇ ଅଭିଯୋଗ ଘଟଣାର ମଧ୍ୟ ତଦନ୍ତ ଚାଲିଛି। କବିସୂର୍ଯ୍ୟନଗର ଥାନାର ନୂତନ ଥାନା ଅଧିକାରୀ ଭାବେ କନ୍ଧମାଳ ଜିଲ୍ଲାରୁ ଆସିଥିବା ଇନିସ୍ପେକ୍ଟର ସଞ୍ଜିତ ବେହେରା ଆଜି ଦାୟିତ୍ୱ ଗ୍ରହଣ କରିବେ ବୋଲି ମଧ୍ୟ ଏସପି ଶ୍ରୀ ବିଶି କହିଛନ୍ତି। ଘଟଣାର ତଦନ୍ତ ପାଇଁ ଗଞ୍ଜାମ ଜିଲ୍ଲାକୁ ଗତକାଲି ଠାରୁ ଆସିଛନ୍ତି ଏଚଆରପିସିର ୪ଜଣିଆ ଟିମ୍।

**ସିସିଟିଭି ଫୁଟେଜ ଏଚ୍‌ଆର୍‌ପିସି ଟିମ୍‌କୁ ପ୍ରଦାନ କରାଯିବ: ଏସ୍‌ପି**

## ସ୍କୁଟି ଚୋରି ମାମଲା; ପେସାଦାର ଚୋର ଗିରଫ




ବ୍ରହ୍ମପୁର,୪।୬(ସମିସ): ଗୋପାଳପୁର ପୁଲିସ ଆଜି ସ୍କୁଟି ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ବ୍ରହ୍ମପୁର ବଡ଼ ବଜାର ଥାନା ଅଂଚଳର ଶ୍ରୀଧର କୁମାର ସାହୁ ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ଗତ ୨୧ ତାରିଖରେ ବିଜିପୁର ଅମ୍ବିକା ନଗରର ସାରଥୀ ପାଢ଼ୀ ତାଙ୍କ ସ୍କୁଟି ଏକ୍ସ ଏକ୍ସ ନମ୍ବର ଓଡ଼ି ୦୭ ଏସି ୪୮୬୭ ଗାଡ଼ିଟି ରୋଲାଣ୍ଡ ସମ୍ମୁଖରେ ରଖି କୌଣସି କାମରେ ଯାଇଥିଲେ। ଆସି ଦେଖିବା ବେଳକୁ ସ୍କୁଟିଟି ନଥିବାରୁ ବହୁତ ଖୋଜା ଖୋଜି କରିଥିଲେ। ନପାଇବାରୁ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୭୯/୨୬ ମାମଲା ରୁଜୁ କରି ସିସି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ଏଏସଆଇ ବି.ତିରୁପତି ରାଓ ଓ ଏକ ଟିମ ପଥରା ଛକରେ ଗାଡ଼ି ଯାଞ୍ଚ ସମୟରେ ଅଭିଯୁକ୍ତ ଶ୍ରୀଧର ସ୍କୁଟିଟି ଦୃତ ଗତିରେ ବ୍ରହ୍ମପୁର ଠାରୁ ଗୋପାଳପୁର ଅଭିମୁଖେ ଯାଉଥିବା ବେଳେ ପୁଲିସ ସନ୍ଦେହ କରି ଗୋଡ଼ାଇ ଧରିଥିଲେ। ନଥିପତ୍ର ଯାଞ୍ଚ ବେଳେ ପୂର୍ବରୁ ଏହି ଗାଡ଼ିଟି ଚୋରି ହୋଇଥିବା ମାମଲା ରୁଜୁ ହୋଇଥିବାରୁ ଗାଡ଼ି ଓ ଅଭିଯୁକ୍ତକୁ କାବୁ କରି ଥାନାକୁ ଆଣି ପଚରା ଉଚରା କରିଥିଲା। ପରେ ସତ୍ୟସତ୍ୟା ଜାଣିବା ପରେ ଆଜି ଅଭିଯୁକ୍ତ ଶ୍ରୀଧରକୁ କୋର୍ଟଚାଲାଣ କରିବା ସହ ସ୍କୁଟିକୁ ଜବତ କରିଥିବା ପୁଲିସ କହିଛି।

## ପ୍ରଫୁଲ୍ଲ ପଣ୍ଡିତଙ୍କ ପରଲୋକ

ବ୍ରହ୍ମପୁର,୪।୬(ସମିସ): ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡିତଙ୍କ ପରଲୋକ ଘଟିଛି। ଶ୍ରୀ ପଣ୍ଡିତ ୭୯ ବର୍ଷ ବୟସରେ ଗୁରୁବାର ଭୋର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ



ସମାଜରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘଦିନ ଧରି ସେ ଅସହାୟ, ଗରିବ ଓ ଦୁଃସ୍ଥ ଲୋକଙ୍କ ସେବା କରି ଆସୁଥିଲେ। ସହରର ବିଭିନ୍ନ ମନ୍ଦିର ନିର୍ମାଣ କରିଥିବା ସହ ମାନବିକ କାର୍ଯ୍ୟରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ତାଙ୍କ ପରଲୋକ ଖବର ପାଇ ଅନେକ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଛି। ଗେଟ ବଜାର ସ୍ଥିତ ଶ୍ମଶାନ ସ୍ୱର୍ଗତ ପଣ୍ଡିତଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।

● ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା ଘଟଣା

## ଲୁହା ଚୋରି ଟଙ୍କା ଭାଗବଣ୍ଟାରୁ ଗଣ୍ଡଗୋଳ ସନ୍ଦେହ; ୫ରୁ ଅଧିକ ସଂପୃକ୍ତ

ବ୍ରହ୍ମପୁର,୪।୬(ସମିସ): ଗିରିରୋଡ ନିକଟ ହିଲପାଟଣା ଅଞ୍ଚଳରେ ନୂଆବସ୍ତି କାଳୀମନ୍ଦିର ନିକଟର ନରସିଂହ ବେହେରା(୪୦)ଙ୍କୁ ଫୁଲକୁଣ୍ଡ ଛେଚି ହତ୍ୟା ମାମଲାର ତଦନ୍ତ ଜାରି ରହିଛି। ଘଟଣାକୁ ୪ ଦିନ ବିତି ସାରିଥିଲେ ମଧ୍ୟ ଗୋଷାଣୀନୂଆଗାଁ ଥାନା ପୁଲିସ ଅଭିଯୁକ୍ତଙ୍କୁ କାବୁ କରିପାରିନାହିଁ। ଏପଟେ ଲୁହାଚୋରି ଟଙ୍କା ଭାଗ ବଣ୍ଟାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା କୁହାଯାଉଛି। ଏଥିରେ ୫ରୁ ଅଧିକ ଜଣ ସଂପୃକ୍ତ ରହିଛନ୍ତି। ହତ୍ୟା ପୂର୍ବରୁ ନରସିଂହ ଓ ଅଭିଯୁକ୍ତମାନେ ମିଶି ଏହି ପରିତ୍ୟକ୍ତ ଘରକୁ ଯାଇ ନିଶା ସେବନ କରିଥିଲେ। ସେଠାରେ ଟଙ୍କା ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତମାନେ ନରସିଂହଙ୍କ ମୁଣ୍ଡରେ ଫୁଲକୁଣ୍ଡ ଛେଚି ହତ୍ୟା କରିଥିବା କୁହାଯାଉଛି। ହତ୍ୟାରେ ସଂପୃକ୍ତ ଯୁବକମାନେ ଜରଡା ଥାନା ଅଞ୍ଚଳର ବୋଲି ଶୁଣିବାକୁ ମିଳିଛି। ତେବେ ପୁଲିସର ତଦନ୍ତ ଶେଷ ହେବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି।

ବ୍ରହ୍ମପୁର ରେଳ ଷ୍ଟେସନ୍ ପୁନର୍ବିକାଶ ପାଇଁ ଟେଣ୍ଡର ଆହ୍ୱାନ

## ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚହେବ ୧୮୨.୫୭ କୋଟି

ବ୍ରହ୍ମପୁର,୪।୬(ସମିସ)

ପୂର୍ବତଟ ରେଳପଥ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ବ୍ରହ୍ମପୁର ରେଳ ଷ୍ଟେସନ ପୁନର୍ବିକାଶ ପାଇଁ ପୂର୍ବତଟ ରେଳପଥର ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ପ୍ରକାଶିତକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ ଜଣାଇଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେସନର ପ୍ରଥମ ପର୍ଯ୍ୟାୟ ପୁନର୍ବିକାଶ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ପ୍ରକଳ୍ପର ଆନୁମାନିକ ବ୍ୟୟ ୧୮୨.୫୭ କୋଟି ଟଙ୍କା ହୋଇଥିବା ବେଳେ ୩.୬୫ କୋଟି ଟଙ୍କାର ଇଏମଡି ଧାର୍ଯ୍ୟ କରାଯାଇଛି। ୨୫ ଜୁନ ୨୦୨୬ରେ ପ୍ରାକ୍-ବିଡିଂ ବୈଠକ ଅନୁଷ୍ଠିତ ହେବ। ବିଡ୍ ଦାଖଲ ପ୍ରକ୍ରିୟା ୧୮ ଜୁଲାଇରୁ ଆରମ୍ଭ ହୋଇ ୧ ଅଗଷ୍ଟ ୨୦୨୬ରେ ଶେଷ ହେବ ବୋଲି ଜଣାପଡ଼ିଛି। ନିର୍ବାଚିତ ଠିକାଦାରଙ୍କୁ ୨୦ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତ କରିବାକୁ ହେବ। ଦକ୍ଷିଣ ଓଡିଶା ମିଳିତ ରେଳପଥ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷଙ୍କୁ ପଦକ୍ଷେପକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପୁନର୍ବିକାଶ ପ୍ରକଳ୍ପ ଭାରତୀୟ ରେଳବାଇର ବ୍ୟାପକ ଷ୍ଟେସନ ଆଧୁନିକୀକରଣ କାର୍ଯ୍ୟକ୍ରମର ଏକ ଅଂଶ ଅଟେ। ଓଡିଶାର ୩ଟି ଏନଏସଜି-୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଓ ବ୍ରହ୍ମପୁର ରହିଛି। ଅନ୍ୟପକ୍ଷରେ ବହୁ ପ୍ରତିକ୍ଷିତ ଗୋଳନ୍ଥରାରେ କୋଚିଂ ଡିପୋକୁ ଆର୍ଥିକ ଅନୁମୋଦନ ଏବଂ ବାରମ୍ବାର ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପରିପ୍ରକ୍ଷିରେ ବ୍ରହ୍ମପୁର-ରେଢ଼ାଖୋଲ(ସମ୍ବଲପୁର), ଗୋପାଳପୁର-ରାୟଗଡା(ସିଙ୍ଗାପୁର ରୋଡ) ଓ ଗୋପାଳପୁର–ତାଳଚେର ରେଳପଥ ନିର୍ମାଣ କରିବାପାଇଁ ଆର୍ଥିକ ଅନୁମୋଦନ ଯଥାଶୀଘ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ଓଷ୍ଟା ପକ୍ଷରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର,୪।୬(ସମିସ): ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟା ଗଞ୍ଜାମର ଜିଲ୍ଲା ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ଏସ. ଅନିଲ କୁମାର ଓ ସମ୍ମାନିତ ଅତିଥି ଭାବେ ଗଞ୍ଜାମର ପୂର୍ବତନ ସମ୍ପାଦକ କାମରାଜୁ ମହାରଣା ଯୋଗଦେଇ ଯୋଗଦେଇ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ୮୨ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବାସନ୍ତି ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି କେଦାରନାଥ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ, ପୂର୍ବତ୍ତନ ସଭାପତି ସନ୍ତୋଷ କୁମାର ଜେନା, ପୂର୍ବତନ ସମ୍ପାଦକ ବିଜୟକୁମାର ବେହେରା, ଅବସର ପ୍ରାପ୍ତ ବିଇଓ ଦିଲ୍ଲୀପ ସ୍ୱାଇଁ, ଶୁଖାଲତା ତ୍ରିପାଠୀ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନୀଳାମ୍ବର ପଟ୍ଟନାୟକ, ଜଗନ୍ନାଥ ଜେନା, ପିତାମ୍ବର ପାଢ଼ୀ ଓ ବଳରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସମୟକୁ ରଙ୍ଗେଇଲୁଣ୍ଡା ସିଡିପିଓ ମାନୁ ନଥିବା ଅଭିଯୋଗ

ରଙ୍ଗେଇଲୁଣ୍ଡା,୪।୬(ସମିସ): ସରକାରୀ କର୍ମଚାରୀ। କିନ୍ତୁ ସରକାରଙ୍କ ସମୟକୁ ମାନୁନଥିବାର ଅଭିଯୋଗ। ଦିନେ କି ଦୁଇଦିନ ନୁହେଁ। ବାରମ୍ବାର ଆସୁଛି ଏଭଳି ଅଭିଯୋଗ। ଏହାକୁ କାହାର ଖାତିର ନାହିଁ। ଜିଲ୍ଲା ପ୍ରଶାସନ ବାଧ ହୋଇ ସତ୍ୟ ଜାଣିବାକୁ ଚେଷ୍ଟା କରିଛି। ଫଳରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ଅବହେଳା ପଦାରେ ପଡ଼ିଥିବା ଚର୍ଚ୍ଚା ହୋଇଛି। କେବଳ ଏତିକି ନୁହେଁ ସିଡ଼ିପିଓଙ୍କ ବଦଳରେ ତୃତୀୟବ୍ୟକ୍ତି କାମ ଚଳାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାର ତଦନ୍ତ କରିବାକୁ ସାଧାରଣରେ କଡ଼ା ଦାବି ହୋଇଛି। ସୂଚନା ପ୍ରକାରେ ଗ୍ରୀଷ୍ମ ପ୍ରବାହକୁ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟ ସକାଳ ୭ଟାରୁ ମଧ୍ୟାହ୍ନ ୧ ଘଣ୍ଟ ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ କିଛି ଅଧିକାରୀ ଅବମାନନା କରୁଥିବା ଦେଖିବାକୁ ମିଳୁଛି। ହଠାତ୍ ଗଞ୍ଜାମ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ନାୟକ ଗୁରୁବାର ସକାଳେ ରଙ୍ଗେଇଲୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିବା ବେଳେ କାର୍ଯ୍ୟାଳୟରେ ସିଡ଼ିପିଓ ସଂଘମିତ୍ରା ମିଶ୍ର ନଥିବା ଦେଖିବାକୁ ପାଇବା ସହ ସେ ଆସିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ସୂଚନାନୁସାରେ ଗତ କିଛିଦିନ ହେଲା ରଙ୍ଗେଇଲୁଣ୍ଡା ସିଡିପିଓ ନିୟମିତ ସମୟରେ କାର୍ଯ୍ୟାଳୟକୁ ଆସୁନଥିଲେ। ଗୁରୁବାର ସକାଳେ ଅତିରିକ୍ତ ଜିଲାପାଳ ନାୟକ ଓ ଡିଏସଡବ୍ଲୁ ବିଜୟଲକ୍ଷ୍ମୀ ବେହେରା ହଠାତ୍ ସକାଳ ପ୍ରାୟ ୭.୪୫ ମି.ରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ଦୁଇ ଜଣ କିରାଣୀ, ପୋଷଣର କର୍ମଚାରୀ, ସୁଭଦ୍ରାର କର୍ମଚାରୀ ଓ ରାତ୍ର ଜଗୁଆଳି ଉପସ୍ଥିତ ଥିବା ବେଳେ ସିଡିପିଓ ଏବଂ ସୁପରଭାଇଜର ମଧ ଉପସ୍ଥିତ ନଥିଲେ। ସିଡିପିଓ ପ୍ରାୟ ୮.୧୫ମି. ସମୟରେ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟ ପର୍ଯ୍ୟନ୍ତ ଅତିରିକ୍ତ ଜିଲାପାଳ ଅପେକ୍ଷା କରି ରହିଥିଲେ ଏହାକୁ ଦେଖି ବିରକ୍ତ ପ୍ରକାଶ କରିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ଅନ୍ୟପଟେ କାର୍ଯ୍ୟାଳୟରେ ସିଡିପିଓଙ୍କ ସ୍ୱାମୀ ଏହି କାର୍ଯ୍ୟାଳୟର ବିଭିନ୍ନ ଯୋଜନାର ହିସାବ କିତାବ ବୁଝୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ସିଡିପିଓଙ୍କ ବଦଳରେ ତୃତୀୟ ବ୍ୟକ୍ତି ଦେଖାଶୁଣା କରୁଥିବା ଅଭିଯୋଗ**

## ୧୩୫ ଦିନରେ ୨୧୯୯ ବୁଲା କୁକୁରଙ୍କ ବନ୍ଧ୍ୟାକରଣ

ବ୍ରହ୍ମପୁର,୪।୬(ସମିସ): ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସୁରକ୍ଷା ଓ ପ୍ରାଣୀ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବ୍ରହ୍ମପୁର ମହାନଗର ନିଗମ ବିଏମ୍‌ସି ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଓ ଟିକାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୧୩୫ ଦିନ ମଧ୍ୟରେ ୨୧୯୯ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସହ



ଟିକାକରଣ କରାଯାଇଛି। ସୂଚନା ପ୍ରକାରେ ବନ୍ଧ୍ୟାକରଣ ହୋଇଥିବା କୁକୁରଙ୍କ ମଧ୍ୟରୁ ୧୨୧୩ଟି ଅଣ୍ଡିରା ଓ ୯୮୬ଟି ମାଈ କୁକୁର ରହିଛନ୍ତି। ଅସ୍ତ୍ରୋପଚାର ପରେ ସେମାନଙ୍କୁ ୩ରୁ ୪ଦିନ ପର୍ଯ୍ୟନ୍ତ ଚିକିତ୍ସା ନିରୀକ୍ଷଣରେ ରଖାଯାଇ ସୁସ୍ଥ ହେବା ପରେ ପୁନଃର୍ବାର ସେମାନଙ୍କ ଅଞ୍ଚଳରେ ଛାଡ଼ି ଦିଆଯାଉଛି। ପୂର୍ବରୁ କରାଯାଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଥିଲା। ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ପାଞ୍ଚ ମାସରେ ପ୍ରାୟ ୪୧. ୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଛି। ବର୍ତ୍ତମାନର ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ହେବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି। ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ବୈଜ୍ଞାନିକ ପଦ୍ଧତିରେ ବୁଲା କୁକୁରଙ୍କ ପରିଚାଳନା ମାଧ୍ୟମରେ ସହରକୁ ଅଧିକ ସୁରକ୍ଷିତ ଓ ସୁସଂଗଠିତ କରିବା ବିଏମ୍‌ସିର ଲକ୍ଷ୍ୟ। ଏଥିପାଇଁ ସହରବାସୀଙ୍କ ସହଯୋଗ ଜରୁରୀ ବୋଲି ସେ କହିଛନ୍ତି। ବନ୍ଧ୍ୟାକରଣ ଓ ଟିକାକରଣ ମାଧ୍ୟମରେ ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ସହ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ କଲ୍ୟାଣକୁ ସମାନ ଗୁରୁତ୍ୱ ଦିଆଯାଉଛି। ଜନ ସଚେତନତା ଓ ଜନ ସହଯୋଗ ବୃଦ୍ଧି ପାଇଲେ ଅଭିଯାନ ନିଶ୍ଚିତ ଭାବେ ନିଜ ଲକ୍ଷ୍ୟରେ ପହଞ୍ଚିବ ବୋଲି ବିଏମସି ପକ୍ଷରୁ ଆଶାପ୍ରକଟ କରାଯାଇଛି। ଯାଞ୍ଚ ସମୟରେ କମିଟିର ଅଧକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଅସ୍ତ୍ରୋପଚାର ହୋଇଥିବା ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି।

ଏମ୍‌କେସିଜିରେ ମୃତଦେହକୁ ଅଣଦେଖା

## ଶବ ସଂରକ୍ଷଣ ଗୃହରେ ଦୀର୍ଘ ୧୨ ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ

ବ୍ରହ୍ମପୁର,୪।୬(ସମିସ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଶବ ସଂରକ୍ଷଣ ଗୃହ(ମର୍ଚୁଆରୀ)ର ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ବିଦ୍ୟୁତ ତାର ପୋଡ଼ିଯିବା କାରଣରୁ ଶବ ସଂରକ୍ଷଣ ଗୃହରେ ପ୍ରାୟ ୧୨ଘଣ୍ଟା ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ରହିଥିବା ଅଭିଯୋଗ ହୋଇଛି। ଫଳରେ ଶବ ସଂରକ୍ଷଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବା ବେଳେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମେଡ଼ିକାଲରେ ଚିକିତ୍ସିତ ସମୟରେ ରୋଗୀଙ୍କ ମୃତ ପରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାକୁ ସମୟ ଲାଗିଥାଏ। ଇତି ମଧ୍ୟରେ ରୋଗୀଙ୍କ ମୃତଦେହ ସଂରକ୍ଷଣ ନିମନ୍ତେ ମର୍ଚୁଆରୀ ଆବାଶ୍ୟକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ ପରିସରରେ ଶବ ସଂରକ୍ଷଣ ଗୃହ ବା ମର୍ଚୁଆରୀର ରହିଛି। ଗତ ବୁଧବାର ମଧ୍ୟ ରାତ୍ରୀରେ ବିଦ୍ୟୁତ ତାର ପୋଡ଼ିଯିବାରୁ ଶବ ସଂରକ୍ଷଣ ଗୃହକୁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିଲା। ଫଳରେ ଶବ ସଂରକ୍ଷଣ ଗୃହରେ ଶୀତଳୀକରଣ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା। ତାପମାତ୍ରା ନିୟନ୍ତ୍ରଣ ନ ରହିବାରୁ ଶବ ସଂରକ୍ଷଣକୁ ନେଇ ସମସ୍ୟା ଉପୁଜିଥିଲା। ଏଭଳି ସମ୍ବେଦନଶୀଳ ସ୍ଥାନରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବା ସତ୍ତ୍ୱେ ସଠିକ୍ ସମୟରେ ସାଧାରଣ ବିଦ୍ୟୁତ ବିଭାଗ (ଜିଇଡି) କର୍ମଚାରୀମାନେ ମରାମତି କାର୍ଯ୍ୟ ସଠିକ ସମୟରେ କରିନଥିବା ଅଭିଯୋଗ ହୋଇଛି। ଜିଇଡ଼ି ପକ୍ଷରୁ ଗୁରୁବାର ମଧ୍ୟାହ୍ନ ସମୟରେ ଶବ ସଂରକ୍ଷଣ ଗୃହକୁ ଅସ୍ଥାୟୀ ବ୍ୟବସ୍ଥାରେ ତାର ବିଛାଯାଇ ବିଦ୍ୟୁତ୍ ସେବା ସଂଯୋଗ କରାଯାଇଥିବା କୁହାଯାଇଛି। ମୃତ ଦେହକୁ ଅଣଦେଖା ଓ ବିଦ୍ୟୁତ ସେବା ଯୋଗାଇବାରେ ବିଳମ୍ବକୁ ଅବ୍ୟବସ୍ଥା ଯୋଗୁଁ ମୃତକଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ହସ୍ପିଟାଲ ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



# ଶ୍ରୀକ୍ଷେତ୍ର ସିଟି

୪/୬/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୪,୧୪୬/- ସୁନା:୦୮.୧୦୦ ଗ୍ରାମ୍ ରୁପା: ୧୦୦.୦୦୦ ଗ୍ରାମ୍





# ଅତ୍ୟାଧୁନିକ ତାଳବଣିଆ ଥାନା ଉଦ୍‌ଘାଟିତ

ପୁରୀ,୪।୬(ସମିସ)






ରାଜ୍ୟରେ ଆଇନଶୃଙ୍ଖଳା ଓ ପୁଲିସ ସେବାକୁ ଅଧିକ ଲୋକାଭିମୁଖୀ ଓ ଆଧୁନିକ କରିବା ଦିଗରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ତାଳବଣିଆଠାରେ ଅତ୍ୟାଧୁନିକ ନୂତନ ଥାନା ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ଆଭାସୀ ମାଧ୍ୟମରେ ଖୋର୍ଦ୍ଧା ବାଲୁଗାଁସ୍ଥିତ ଏସ୍‌ଡିପିଓ କାର୍ଯ୍ୟାଳୟ, ଯାଜପୁରର ବ୍ରହ୍ମବରଦା ଥାନା, କୋରାପୁଟର ତୃତୀୟ ବାଟାଲିୟନ ପ୍ରଶାସନିକ ଭବନ ଓ ଅସ୍ତ୍ରାଗାର ସହ ଭୁବନେଶ୍ୱର, କଟକ ଓ ଯାଜପୁରରେ ସର୍ବମୋଟ ୬୫୮ଟି ଡିଇଓଏଫ୍ ଟାଇପ୍ ପୁଲିସ ଆବାସିକ ଗୃହର ଲୋକାର୍ପଣ କରିଛନ୍ତି।

**• ରାଜ୍ୟରେ ୬୫୮ ପୁଲିସ ଆବାସ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ**
**• ଭୟମୁକ୍ତ ପରିବେଶ ହିଁ ବିକାଶର ମୂଳଦୁଆ**

ତାଳବଣିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୌଣସି ବି ପ୍ରଗତିଶୀଳ ଓ ସମୃଦ୍ଧ ସମାଜର ମୂଳଦୁଆ ହେଉଛି ସୁଦୃଢ଼ ଆଇନଶୃଙ୍ଖଳା ଓ ଭୟମୁକ୍ତ ପରିବେଶ। ଓଡ଼ିଶାକୁ ଏକ ଶାନ୍ତିପୂର୍ଣ୍ଣ ଓ ଅଗ୍ରଗାମୀ ରାଜ୍ୟ ଭାବେ ଗଢ଼ିତୋଳିବାକୁ ପୁଲିସ ବାହିନୀର ସଶକ୍ତୀକରଣ, ଆଧୁନିକୀକରଣ ଓ ଉପଯୁକ୍ତ ଭିତ୍ତିଭୂମିର ବିକାଶ ଅପରିହାର୍ଯ୍ୟ। ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବାକୁ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ପୁଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଦ୍ୱାରା ପ୍ରାୟ ୧୯୫ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମିତ। ତାଳବଣିଆ ଓ ବ୍ରହ୍ମବରଦାର ନୂତନ ଥାନା ଗୃହ ଅତ୍ୟାଧୁନିକ ସୁବିଧା ସମ୍ପନ୍ନ। ଏଠାରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ, ବାରାକ୍, ସମ୍ମିଳନୀ କୋଠରି, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରି, ୱେୟାରଲେସ୍ ସୂଚନା କେନ୍ଦ୍ର, ସ୍ୱତନ୍ତ୍ର ସ୍ୱାଗତ କକ୍ଷ, ମହିଳା ଓ ଶିଶୁ ସହାୟତା କେନ୍ଦ୍ର ସହ ୨୪ ଘଣ୍ଟିଆ ସିସିଟିଭିର ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ କହିଲେ, ଏହି ନୂଆ ଥାନା ପୁଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଜନସାଧାରଣଙ୍କୁ ଉନ୍ନତ ଓ ତ୍ୱରିତ ସେବା ପ୍ରଦାନରେ ସକ୍ଷମ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ, 'ପୁଲିସ ସାଧାରଣ ଲୋକଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ ଏବଂ ଅପରାଧୀଙ୍କ ପ୍ରତି କଠୋର ହୁଅନ୍ତୁ। ଆଇନ ଅନୁଯାୟୀ ପ୍ରକ୍ରିୟା ସମ୍ପାଦନ କରିବା ହିଁ ଆପଣଙ୍କ ଦାୟିତ୍ୱ।' ଏକ ନ୍ୟାୟପୂର୍ଣ୍ଣ ବ୍ୟବସ୍ଥାରେ ଦୋଷୀ ଦଣ୍ଡିତ ହେବା ଓ ନିରପରାଧ ଭୟମୁକ୍ତ ଜୀବନ ଜିଇଁବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ରାଜ୍ୟ ପୁଲିସର ସଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ନକ୍ସଲ ଦମନ, ଶାନ୍ତିଶୃଙ୍ଖଳା ରକ୍ଷା ଓ ନିଶାଦ୍ରବ୍ୟ କାରବାର ରୋକିବାରେ ଓଡ଼ିଶା ପୁଲିସ ପ୍ରଶଂସନୀୟ କାର୍ଯ୍ୟ କରୁଛି। ନୂତନ 'ଭାରତୀୟ ନ୍ୟାୟ ସଂହିତା' କାର୍ଯ୍ୟକାରୀ ପରେ ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର ୨୦୨୪ ଡିସେମ୍ବର ସୁଦ୍ଧା ୮୭.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ସନ୍ତୋଷଜନକ। ସେ ଚେତାଇଦେଲେ ଯେ, କିଛି ଛୋଟ ଘଟଣା ପୁଲିସର ସାମଗ୍ରିକ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣୁଛି, ତେଣୁ ବାହିନୀକୁ ଅଧିକ ସତର୍କ ଓ ସମ୍ବେଦନଶୀଳ ହେବାକୁ ପଡ଼ିବ। ବର୍ତ୍ତମାନର ବଡ଼ ଆହ୍ୱାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, ସାଇବର ଅପରାଧ ଓ ସଂଗଠିତ ଅପରାଧ ଆଜି ବିଶ୍ୱବ୍ୟାପୀ ଚ୍ୟାଲେଞ୍ଜ। ଏହାର ମୁକାବିଲା ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଆପଣେଇ ଆମକୁ ସକ୍ରିୟ ରହିବାକୁ ହେବ। ପୁଲିସ କର୍ମଚାରୀଙ୍କ ବାସଗୃହ ସମସ୍ୟାର ସମାଧାନ ସରକାରଙ୍କ ପ୍ରାଥମିକତା ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଏକ ସୁରକ୍ଷିତ, ସମୃଦ୍ଧ ଓ ଅପରାଧମୁକ୍ତ ସମାଜ ଗଠନ କେବଳ ସରକାର କିମ୍ବା ପୁଲିସର ଏକାକୀ ଦାୟିତ୍ୱ ନୁହେଁ, ଏହା ସମସ୍ତଙ୍କ ମିଳିତ ସଂକଳ୍ପ। କାର୍ଯ୍ୟକ୍ରମରେ ସାଂସଦ ସମ୍ବିତ୍ ପାତ୍ର କହିଲେ, ଥାନା ଓ ହସ୍ପିଟାଲକୁ କେବଳ ଅସହାୟ ଲୋକ ଆସନ୍ତି, ତେଣୁ ସେମାନଙ୍କୁ ସହାନୁଭୂତିର ସହ ନ୍ୟାୟ ଦେବା ପୁଲିସର ପ୍ରଥମ କର୍ତ୍ତବ୍ୟ। ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଯୋଗୁଁ ପୁଲିସ ବାହିନୀରେ ବ୍ୟାପକ ସଂସ୍କାର ଆସିଛି। ଏହି ଅବସରରେ ପୁରୀ ବିଧାୟକ ସୁନୀଲ ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଅତିରିକ୍ତ ଡିଜିପି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ୍ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ...

# ତିନିରଥରେ ଉଠିଲା ଚାରିନାହାକା

ପୁରୀ,୪।୬(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା। ଚଳିତବର୍ଷ ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ସାଧାରଣତଃ ଦେବସ୍ନାନ ପୂର୍ଣ୍ଣିମା ଦିନ ଚାରିନାହାକା ଉଠାଇବାକୁ ଲକ୍ଷ୍ୟ ରହିଥାଏ। ସେମିତି କୌଣସି ବିଧି ନ ଥିଲେ ମଧ୍ୟ ଏହିଦିନ ଚାରିନାହାକା ଉଠିଲେ ଠିକ୍ ସମୟରେ ରଥ ପ୍ରସ୍ତୁତ ହୋଇଯିବ ବୋଲି ଟାର୍ଗେଟ ରଖିଥା'ନ୍ତି ନିର୍ମାଣକାରୀ ସେବକ। ହେଲେ ଏଥର ଦେବସ୍ନାନ ପୂର୍ଣ୍ଣିମା ବହୁ ପୂର୍ବରୁ ଗୁରୁବାର ଚାରିନାହାକା ଉଠିଛି। ପୂର୍ବାହ୍ଣରେ ତିନିରଥର ପାଞ୍ଚ ଦଣ୍ଡା ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ପୋଲ ଗୟଳ ଆଗ ଏବଂ ପଛ ନିରାଡ଼ି ସହ ସଂଯୁକ୍ତ କରାଯାଇଛି ବା ମୋଡ଼ାଯାଇଛି। ଏଥିସହ ଉକ୍ତ ପୋଲ ଗୟଳକୁ ମୁଣ୍ଡାଇ ରଖିବା ପାଇଁ ୭ଟି ଖମ୍ବ ଏବଂ ଉଭୟ ପାର୍ଶ୍ୱରେ ଗୋଟିଏ ଗୋଟିଏ ଅସୁଆରି ପଟା ଖମ୍ବ ଉଭୟ ପାର୍ଶ୍ୱ ଦଣ୍ଡାରେ ବିନ୍ଧ କରାଯାଇ ସେଟିଂ କରାଯାଇଛି। ସେହିପରି



ଚାରି ନାହାକା ଉଠିବା ସହଜ ହେବା ପାଇଁ ଭୋଇ ସେବକମାନେ ପୋଲ ଗୟଳ ଉପରେ ଫଳି ବଟନ କାଠ ପକାଇ ଭାରା ବନ୍ଧା କାର୍ଯ୍ୟ ଶେଷ କରିଥିଲେ। ତିନିରଥର ମୁଖ୍ୟ ମହାରଣା ନଡ଼ିଆ ବାଡ଼େଇ ଚାରିନାହାକା ଅନୁକୂଳ କରିଥିଲେ। ଭୋଇ ସେବକମାନେ ଚାରି ନାହାକାକୁ ଗରଗରା ଉପରକୁ ଉଠାଇଥିଲେ। ମହାରଣା ସେବକଙ୍କ ଉପସ୍ଥିତିରେ ଗରଗରା ବିନ୍ଧରେ ଚାରି ନାହାକାକୁ ସ୍ଥାପନ କରାଯାଇଥିଲା। ଭୋଇ ସେବକଙ୍କ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରଥଖଳା। ରଥର ଚାରି ନାହାକା ଉପରେ ସମସ୍ତ ଭାର ରହିଥାଏ। ଏହି ଦୃଷ୍ଟିରୁ ରଥର ଚାରି ନାହାକା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅନ୍ୟାନ୍ୟ କାମ ମଧ୍ୟରେ ରୂପକାର ସେବକମାନେ ବେଦୀ ସିଂହାସନ ମୁହାଁଟିରେ ଚିତ୍ର ଖୋଦେଇ ଶେଷ କରି ପଲିସ୍ ଜାରି ରଖିଛନ୍ତି। ଏଥିସହ ତିନିରଥର ୪ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି।

# ଆଜି ପରିଚାଳନା କମିଟି ବୈଠକ

ପୁରୀ,୪।୬(ସମିସ): ଶୁକ୍ରବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ଣ ସାଢ଼େ ୧୦ଟାରେ ବୈଠକ ବସିବ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତିରେ ମୋହର ବାଜିବ। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ ଲାଭ କରିବ। ଗତ ମାସ ୩୧ ତାରିଖରେ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକ ବସି ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ, ଦଇତାପତି ପ୍ରବେଶ, ସେନାପଟା ଲାଗି, ଦେବସ୍ନାନ ପୂର୍ଣ୍ଣିମା, ଚକାବିଜେ, ଖଳିଲାଗି ଏକାଦଶୀ, ରାଜପ୍ରସାଦ ବିଜେ, ଘଣାଲାଗି ଓ ବନକଲାଗି, ନବଯୌବନ ଦର୍ଶନ, ରଥଯାତ୍ରା, ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା, ଓ ନୀଳାଦ୍ରିବିଜେ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ନିର୍ଘଣ୍ଟ ହୋଇଥିଲା। ପରିଚାଳନା କମିଟି ବୈଠକ ସେହି ନୀତିକାନ୍ତି ଉପରେ ତର୍ଜମା କରାଯାଇ ମୋହର ଲଗାଯିବ। ପୂର୍ବରୁ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଚୂଡ଼ାନ୍ତ ହୋଇଥିଲା। ପରିଚାଳନା କମିଟି ବୈଠକରେ ଏହାକୁ ଅନୁମୋଦନ ଦିଆଯିବ। ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଯୋଗଦେବେ।

**• ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିକାନ୍ତିରେ ମୋହର ବାଜିବ**
**• ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ପାଇବ ଅନୁମୋଦନ**

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକଲା ଏସ୍‌ଏଫ୍‌ଆଇ




ପୁରୀ,୪।୬(ସମିସ): ଜାତୀୟ ପ୍ରବେଶିକା ପରୀକ୍ଷା ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ସାରା ଦେଶରେ ଛାତ୍ର ଅସନ୍ତୋଷ ତୀବ୍ର ହେଉଥିବାବେଳେ ଗୁରୁବାର ପୁରୀରେ ଏହାର ପ୍ରତିଧ୍ୱନି ଶୁଣିବାକୁ ମିଳିଛି। ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ପୁରୀ ସହର କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ପାଞ୍ଚ ଦଫା ଦାବି ନେଇ ସ୍ଲୋଗାନ ଦେଇଥିଲେ। ଏହି ଦାବିଗୁଡ଼ିକ ମଧ୍ୟରେ ନିଟ୍ ପ୍ରଶ୍ନପତ୍ର ପ୍ରଘଟର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ ତୁରନ୍ତ ଗିରଫ, ଜାତୀୟ ପରୀକ୍ଷା ସଂସ୍ଥା (ଏନ୍‌ଟିଏ) ର ସମ୍ପୂର୍ଣ୍ଣ ଉଚ୍ଛେଦ କରି ବିକଳ୍ପ ବିଶ୍ୱସ୍ତ ବ୍ୟବସ୍ଥା ପ୍ରଣୟନ, ପ୍ରଶ୍ନପତ୍ର ପ୍ରଘଟକାରୀ ଓ ଏଥିରେ ସମ୍ପୃକ୍ତ ରାକେଟକୁ କଠୋରରୁ କଠୋର ଦଣ୍ଡବିଧାନ, ନୈତିକ ଦାୟିତ୍ୱ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ମିଶନ (ଓଏସ୍‌ଏମ୍) ରେ ହୋଇଥିବା ଅନିୟମିତତାର ତଦନ୍ତ ଓ ଦୋଷୀଙ୍କୁ ଦଣ୍ଡ ରହିଥିଲା। ବିକ୍ଷୋଭକାରୀ ଛାତ୍ର କହିଛନ୍ତି, 'ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ସ୍ୱପ୍ନ ଧୂଳିସାତ୍ ହେଉଛି। ଏନ୍‌ଟିଏ ଭଳି ସଂସ୍ଥା ଛାତ୍ରଙ୍କ ବିଶ୍ୱାସ ହରାଇଛି। ଏହାକୁ ତୁରନ୍ତ ଭାଙ୍ଗି ପରୀକ୍ଷା ବ୍ୟବସ୍ଥାକୁ ରାଜ୍ୟମାନଙ୍କ ହାତରେ ଦିଆଯାଉ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦିଅନ୍ତୁ।'

# ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ଜିଲ୍ଲା ଯୁବ କଂଗ୍ରେସର ବିରୋଧ

ପୁରୀ,୪।୬(ସମିସ)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୁରୀ ଗସ୍ତକୁ ଗୁରୁବାର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ କର୍ମୀ ଏଥିରେ ସାମିଲ ଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟା ୪୫ରେ ଯୁବ କଂଗ୍ରେସ କର୍ମୀମାନେ ସୁଭାଷ ବୋଷ ଛକ ନିକଟରେ ବିକ୍ଷୋଭ ଏବଂ କଳାପତାକା ସହ ବ୍ୟାନର ପୋଷ୍ଟର ଧରି "ସିଏମ୍ ଗୋ ବ୍ୟାକ୍' ନାରା ଦେଇ ପ୍ରତିବାଦ କରିଥିଲେ। ପୁଲିସ ପହଞ୍ଚି ପ୍ରାୟ ୬୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଥାନାକୁ ନେଇଥିଲା। ରିଜର୍ଭ ପୁଲିସ ଲାଇନ୍‌ରେ ସେମାନଙ୍କୁ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀ ପୁରୀରେ ତାଙ୍କ କାର୍ଯ୍ୟକ୍ରମ ଶେଷ କରି ଫେରିଯିବା ପରେ ଅପରାହ୍ଣ ପ୍ରାୟ ୫ଟାରେ ପୁଲିସ ସେମାନଙ୍କୁ ଛାଡ଼ିଥିଲା।

ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ କହିଛନ୍ତି, ପୁରୀରେ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏପର୍ଯ୍ୟନ୍ତ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲାନାହିଁ। ପୁରୀର ଉଠା ଦୋକାନୀଙ୍କ ସମସ୍ୟାଠାରୁ ବସ୍ତି ବାସିନ୍ଦାଙ୍କ ପଟ୍ଟା ସମସ୍ୟାର ସମାଧାନ ହୋଇପାରିନି। କର୍ମନିଯୁକ୍ତି ନ ଥିବାରୁ ଯୁବକମାନେ ହତାଶ ଓ ବେକାର, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଦରଦାମ୍ ନିୟନ୍ତ୍ରଣ ନାହିଁ ଏବଂ ଛାତ୍ରଛାତ୍ରୀ ଆଜି ବିଭିନ୍ନ ସମୟରେ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଜୀବନ ହାରୁଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତକୁ ବିରୋଧ କରିଥିଲୁ ବୋଲି ଶ୍ରୀ ଦାଶ କହିଛନ୍ତି। ଏଥିରେ ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଜଗଦୀଶ ରାଉତ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସାହିଲ ମହାନ୍ତିଙ୍କ ସମେତ ହେମନ୍ତ ପ୍ରଧାନ, ଆଦିତ୍ୟ ସାମନ୍ତରାଏ, ଅଭିଷେକ ଦାଶ, ଅସ୍ମିତ ବରାଳ, ଚିକୁନା ବେହେରା, ଆଲୋକ ବେହେରାଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ୍ ଥିଲେ।

## ଲୋକମେଳା ଓ କୃଷି ମେଳାର ତୃତୀୟ ସନ୍ଧ୍ୟା

# ବୀରନାଟ୍ୟମ୍, ହରିଆଣା ନୃତ୍ୟ ଓ ବଜାଶାଳରେ ଚମକିଲା ପୁରୀ

## ଲୋକ ଓ କୃଷି ମେଳା ଶତାୟୁ କୀର୍ତ୍ତିମାନ ହେଉ

ପୁରୀ,୪।୬(ସମିସ)




ପୁରୀର ସ୍ୱର୍ଣ୍ଣିମ ବେଳାଭୂମିରେ ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ଅନୁଷ୍ଠିତ ୨୪ତମ ଜାତୀୟ ଲୋକମେଳା ଏବଂ ୧୭ତମ ଜାତୀୟ କୃଷିମେଳାର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ, କଳା-ସଂସ୍କୃତି ଏକ ସାମାଜିକ ଓ ଆଧ୍ୟାତ୍ମିକ ପାଗଳାମି। ଲୋକମେଳା ଓ କୃଷି ମେଳା ସୁବର୍ଣ୍ଣ ଜୟନ୍ତୀ ପାଳନ କରୁ। ଶ୍ରୀଜଗନ୍ନାଥ ସଂସ୍କୃତି, ଲୋକନୃତ୍ୟ ଓ କୃଷି ମେଳା ମହିମାମୟ ହେଉ। ଏହା ଏକ ଗଣତାନ୍ତ୍ରିକ ମହୋତ୍ସବ। ଜଗନ୍ନାଥ ହେଉଛନ୍ତି ଆମ ଅସ୍ମିତା। ଏହି ମେଳା ଆଗାମୀ ଦିନରେ ଅନ୍ତର୍ଜାତୀୟ ମହୋତ୍ସବ ହେଉ ବୋଲି କହିଥିଲେ।

ଏଥିରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଭାରତୀୟ ଲୋକ ପରମ୍ପରା ଓ ସଂସ୍କୃତିର ସଂରକ୍ଷଣରେ ଯୁବପିଢ଼ିର ଭୂମିକା ଉପରେ ମତ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ଡ. ସତ୍ୟନାରାୟଣ ଆଚାର୍ଯ୍ୟ କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ଶ୍ରୀଜଗନ୍ନାଥ ତଥା ଉତ୍କଳୀୟ ସଂସ୍କୃତିର ଅବଦାନ ଉଲ୍ଲେଖନୀୟ। ବିଶିଷ୍ଟ ଅତିଥି ପ୍ରଫେସର ହରେକୃଷ୍ଣ ଶତପଥୀ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ପ୍ରେମାନନ୍ଦ ମହାନ୍ତି, ସାମ୍ବାଦିକ ମଧୁସୂଦନ ମିଶ୍ର, ଇଞ୍ଜିନିୟର ଚିତ୍ତରଞ୍ଜନ ବିଶ୍ୱାଳ, ଭକ୍ତ ଚରଣ ଦାସ, ଶରତ କୁମାର ରାୟଗୁରୁ, ମନୋଜ ରଥ, ବିଶ୍ୱନାଥ ମିଶ୍ର, ଭବାନୀ ଶଙ୍କର ସାହୁ ପ୍ରମୁଖ ଅତିଥି ମଞ୍ଚାସୀନ ରହି ଲୋକମେଳାର ସଫଳତା କାମନା କରିଥିଲେ। ସାଂସ୍କୃତିକ ଆସରରେ ଓଡ଼ିଶା, ଗୁଜରାଟ, ପଶ୍ଚିମବଙ୍ଗ, ହରିଆଣା, ଆସାମ, ଜମ୍ମୁ-କାଶ୍ମୀର, ଆନ୍ଧ୍ରପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା ଓ ଅନ୍ୟାନ୍ୟ ରାଜ୍ୟର କଳାକାରମାନେ ନିଜ ନିଜ ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ବିଶେଷକରି ହରିଆଣାର ଲୋକନୃତ୍ୟ, ପଶ୍ଚିମବଙ୍ଗର ଲୋକକଳା, ଗୁଜରାଟର ଦାଣ୍ଡିଆ, ଜମ୍ମୁ-କାଶ୍ମୀରର ଲୋକନୃତ୍ୟ ଏବଂ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ଦର୍ଶକମାନଙ୍କ ବିଶେଷ ପ୍ରଶଂସା ସାଉଁଟିଥିଲା। ଆୟୋଜକ କମିଟିର ସଭାପତି ଜୟନ୍ତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷୀୟ ଭାଷଣରେ ଲୋକମେଳାର ରୌପ୍ୟ ଜୟନ୍ତୀ ବର୍ଷକୁ ଐତିହାସିକ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଶାସନିକ କମିଟି ଅଧ୍ୟକ୍ଷ ଡ. ବଦ୍ରି ମିଶ୍ର ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ରୋହ କୁମାର ସିଂହ, ରୀତେଶ ମହାନ୍ତି ଓ ଶ୍ୟାମପ୍ରକାଶ ସେନାପତି।

# ୬୫ ଦିନରେ ପୁରୀବାସୀଙ୍କ ପ୍ରତିବାଦ ପଦଯାତ୍ରା



ପୁରୀ,୪।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ନା ସରକାର କେହି ବି ଶୁଣୁନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଗୁରୁବାର ୬୫ ଦିନରେ ପହଞ୍ଚିଛି। ହେଲେ ସେମାନଙ୍କ ହକ୍ ପାଇଁ ଥକି ପଡ଼ିନାହାନ୍ତି ପୁରୀବାସୀ। ପ୍ରତିଦିନ ଭଳି ଗୁରୁବାର ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ। ନେତା, ମନ୍ତ୍ରୀ ସମସ୍ତେ ଧାଡ଼ିରେ ଯାଆନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ନୃସିଂହ ନାଥ ନାୟକ, ସରସ୍ୱତୀ ପାତ୍ର, ମମତା ସ୍ୱାଇଁ, ପବିତ୍ରା ନାୟକ, ପ୍ରତିଭା ନାୟକ, ଛବିରାଣୀ ମହାରଣା, ପ୍ରକାଶ ଚନ୍ଦ୍ର ନାୟକ, ଶିବସୁନ୍ଦର ମିଶ୍ର, ବିଜୟ ମିଶ୍ର, ଅଭିମନ୍ୟୁ ପ୍ରଧାନ, ଯାଦବାନନ୍ଦ ରାୟ, ଅଭିମନ୍ୟୁ ରାୟଗୁରୁ, ପ୍ରଦୀପ୍ତ କୁମାର ମହାନ୍ତି, ଜଗନ୍ନାଥ ମହାନ୍ତି, କିଶୋର ଚନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ସାହୁ, କାହ୍ନୁ ଚରଣ ପ୍ରଧାନ, ଲାଲା ଅନନ୍ତ କୁମାର ସିଂ, ଭାସ୍କର ଜେନା, ଭୀମସେନ ସ୍ୱାଇଁ ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

# ପରିବେଶ ସଂକଟରେ ପୁରୀ

## ବିପଦ ସଂକେତ ଦେଉଛି ପାଣି, ପବନ ଓ ଜଙ୍ଗଲ

ପୁରୀ,୪।୬(ସମିସ)

ପୁରୀ ଜିଲ୍ଲା ଆଜି ଗଭୀର ପରିବେଶ ସଂକଟ ଦେଇ ଗତି କରୁଛି। ପ୍ରାକୃତିକ ସମ୍ପଦରେ ଭରପୂର ଏହି ଜିଲ୍ଲାର ନଦୀ, ପାଣି, ପବନ ଓ ଜଙ୍ଗଲ ଏବେ ବିପଦ ସଂକେତ ଦେଉଛି। ପ୍ରକୃତି ଏଠି ଅକୃପଣ, କିନ୍ତୁ ମାନବୀୟ ଅବହେଳା ପାଇଁ ଏହି ଭୂମି ଧୀରେ ଧୀରେ ବିପଦ ଆଡ଼କୁ ଗତି କରୁଛି।

ମହୋଦଧି ପୁରୀର ପରିଚୟ। ହେଲେ ସହରର ଡ୍ରେନ୍ ପାଣି, ହୋଟେଲର ବର୍ଜ୍ୟ ଓ ପ୍ଲାଷ୍ଟିକ୍ ସିଧା ସମୁଦ୍ରରେ ମିଶୁଛି। ସୁନାର ବାଲିରେ ମାଇକ୍ରୋ ପ୍ଲାଷ୍ଟିକ୍ ମାତ୍ରା ବଢୁଛି। ଭାର୍ଗବୀ, ଦୟା, କୁଶଭଦ୍ରା ନଦୀରେ ଜବରଦଖଲ ଓ ବାଲି ମାଫିଆ ଯୋଗୁଁ ଜଳଧାର ସଙ୍କୁଚିତ। ବର୍ଷାଦିନେ ବନ୍ୟା, ଖରାଦିନେ ଶୁଖିଲା। ଉପକୂଳ ଅଞ୍ଚଳରେ ଅତ୍ୟଧିକ ବୋର୍‌ୱେଲ୍ ଯୋଗୁଁ ଜଳସ୍ତର ୧୦ ବର୍ଷରେ ୧୫ ଫୁଟ୍ ତଳକୁ ଖସିଛି। ସମୁଦ୍ର କୂଳିଆ ଗାଁରେ ଲୁଣି ପାଣି ମାଡୁଛି। ପୁରୀ ସହରରେ ପାନୀୟ ଜଳ ସଂକଟ ଏବେ ନିତିଦିନିଆ କଥା। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ପୁରୀରେ ପ୍ରବାହିତ ୫ ନଦୀର ଅବସ୍ଥା ସଙ୍କଟାପନ୍ନ। ଏହି ନଦୀଗୁଡ଼ିକରେ ବିଓଡିର ପରିମାଣ ୧ଲିଟର ପିଛା ସର୍ବାଧିକ ୧୦ ମିଲିଗ୍ରାମ୍‌ରୁ ଅଧିକ। ଏହା ପାଣିରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ ହ୍ରାସ କରୁଥିବାରୁ ଖାଲି ମାଛ ନୁହେଁ, ଅନ୍ୟ ଜଳଜୀବ ବଞ୍ଚିରହିବା ଅସମ୍ଭବ ହେଲାଣି। ୧ଲିଟର ପାଣିରେ ୨ ମିଲିଗ୍ରାମ୍ ବିଓଡି ପରିଷ୍କାର ଜଳ ଭାବେ ବିବେଚନା କରାଯାଏ। ୧ ଲିଟରରେ ୩ ମିଲିଗ୍ରାମ୍ ବିଓଡି ଗାଧୋଇବା ପାଇଁ ଉପଯୁକ୍ତ। ୮ ମିଲିଗ୍ରାମ୍‌ରୁ ଅଧିକ ପ୍ରଦୂଷିତ। ଏହା ଦ୍ୱାରା ମାଛମାନେ ବି ଜୀବନଧାରଣ କରିପାରନ୍ତି ନାହିଁ। ଅର୍ଥାତ୍ ଏଥିରେ ସ୍ନାନ କରିବା ମଧ୍ୟ ଶରୀର ପାଇଁ ବିପଦ। ମାତ୍ର ପୁରୀର ୫ଟି ନଦୀ ଅର୍ଥାତ୍ ମଙ୍ଗଳା ନଦୀ ମୁହାଣରେ ବିଓଡିର ପରିମାଣ ୧ ଲିଟରରେ ସର୍ବାଧିକ ୧୫.୭ ମିଲିଗ୍ରାମ୍। ସେହିପରି ମଙ୍ଗଳା ନଦୀ (ଉତ୍ତର) ପାର୍ଶ୍ୱରେ ସର୍ବାଧିକ ୧୯.୬ ମିଲିଗ୍ରାମ୍, ନୂଆ ନଈ (ଦକ୍ଷିଣ)ରେ ୧୯.୬ ମିଲିଗ୍ରାମ୍, କୁଶଭଦ୍ରା ମୁହାଣରେ ୧୩.୭ ମିଲିଗ୍ରାମ୍, କାଦୁଆରେ ୧୭.୬ ମିଲିଗ୍ରାମ୍ ଓ ଦେବୀ ନଦୀ ମୁହାଣରେ ବିଓଡି ପରିମାଣ ୧୫.୭ ମିଲିଗ୍ରାମ୍ ରହିଛି।



କେବଳ ପାଣି ନୁହେଁ ପୁରୀର ପବନ ବି ଅଶୁଦ୍ଧ। ସମୁଦ୍ରରୁ ଆସୁଥିବା ପବନ ପୁରୀର ଫୁସ୍‌ଫୁସ୍। ହେଲେ ବଢୁଥିବା ଗାଡ଼ି, ରଥଯାତ୍ରା ଓ ପର୍ଯ୍ୟଟନ ଋତୁରେ ଲକ୍ଷାଧିକ ଭକ୍ତଙ୍କ ସମାଗମ, ହୋଟେଲରୁ ବାହାରୁଥିବା ଧୂଆଁ ଓ ରାସ୍ତାକଡ଼ରେ ଆବର୍ଜନା ପୋଡ଼ା ଯୋଗୁଁ ଏକ୍ୟୁଆଇ ମାତ୍ରା ୧୫୦ ପାର୍ କରୁଛି। ବଡ଼ଦାଣ୍ଡରେ ସନ୍ଧ୍ୟାରେ ଧୂଳି ଓ ଧୂଆଁର ଚାଦର ସ୍ପଷ୍ଟ ଦେଖାଯାଉଛି। ଝାଉଁ, କାଜୁ ଓ ନଡ଼ିଆ ଗଛର ଏହି ସବୁଜ ବଳୟ ପୁରୀର ପ୍ରାକୃତିକ ଢାଲ। ହେଲେ ପ୍ରତିବର୍ଷ ଖରାଦିନେ ଅଗ୍ନିକାଣ୍ଡରେ ଏକର ଏକର ଜଙ୍ଗଲ ପୋଡ଼ିଯାଉଛି। ବିଡ଼ି, ସିଗାରେଟ୍ ଓ ଭୋଜିଭାତର ନିଆଁ ଏହାର ମୁଖ୍ୟ କାରଣ। ସହର ଭିତରେ ଥିବା ତାଳବଣିଆ ଜଙ୍ଗଲରେ ପ୍ଲାଷ୍ଟିକ୍ ଗଦା, ୱାଟର୍ ରିଚାର୍ଜ ପୋଖରୀ ଶୁଖିଲା, ଝାଉଁଗଛ ଜଳୁଛି। ହରିଣ, ଠେକୁଆ, ସାପ ଭଳି ପ୍ରାଣୀଙ୍କ ବାସସ୍ଥାନ ସଙ୍କୁଚିତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ରେ ବର୍ଷକୁ ୨-୩ ମିଟର ସମୁଦ୍ର ମାଡ଼ି ଆସୁଛି। ଝାଉଁବଣ ନ ଥିଲେ କ୍ଷୟ ଆହୁରି ଦ୍ରୁତ ହୁଅନ୍ତା।

ପରିବେଶ ପ୍ରଦୂଷଣର ପ୍ରଭାବ ଜନସମୁଦାୟ ପାଇଁ ବିପଦ ଛିଡ଼ା କରିଛି। ପ୍ରଦୂଷିତ ପାଣି ଯୋଗୁଁ ଡାଇରିଆ, ଚର୍ମରୋଗ ବ୍ୟାପିବା ସମ୍ଭାବନା ଅଧିକ ରହିଥିବାବେଳେ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସରୋଗ ବଢୁଛି। ସମୁଦ୍ର ପ୍ରଦୂଷଣ ଯୋଗୁଁ ମାଛଧରା କମିଛି। ଭୂତଳ ଜଳ କମିବାରୁ ଚାଷ ଆଜି ପ୍ରଭାବିତ। ଅନେକ ଅଞ୍ଚଳରେ ଟ୍ୟୁବ୍‌ୱେଲ୍‌ରୁ ମିଠା ପାଣି ବାହାରୁ ନାହିଁ। ଝାଉଁବଣ, ବାଲିବନ୍ଧ ଭଳି ପ୍ରାକୃତିକ ଢାଲ ନଷ୍ଟ ହେବାର ପରିଣତି ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାବାସୀ ଦେଖିଛନ୍ତି। ୨୦୧୯ରେ ଫନୀ ବାତ୍ୟା ପୁରୀର ସବୁଜିମାଙ୍କୁ ମାଟିରେ ମିଶାଇଦେବା ସହ ବ୍ୟାପକ କ୍ଷୟକ୍ଷତି କରିଥିଲା। ଅପରିଷ୍କାର ବେଳାଭୂମି ଓ ଜଙ୍ଗଲ ନଷ୍ଟ ହେଲେ ପୁରୀର ପର୍ଯ୍ୟଟନ ଆକର୍ଷଣ କମିବ।

ତେଣୁ ପରିବେଶର ସୁରକ୍ଷା ଆଜି ପ୍ରତ୍ୟେକଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ପରିବେଶ ସୁରକ୍ଷିତ ରହିଲେ ମଣିଷ ସୁସ୍ଥ ରହିବ। ପୁରୀ କେବଳ ମନ୍ଦିରର ସହର ନୁହେଁ, ଏହା ପ୍ରକୃତିର ସହର। ମହୋଦଧି, ମହାନଦୀ ଓ ମହାବଣ ଏହାର ସମ୍ପଦ। ବିଶ୍ୱ ପରିବେଶ ଦିବସରେ ଶପଥ ନେବା- ଜଗନ୍ନାଥଙ୍କ ଭୂମିକୁ ପ୍ଲାଷ୍ଟିକରୁ ମୁକ୍ତ କରିବା, ଗୋଟିଏ ଗଛ କାଟିଲେ ୧୦ଟି ଲଗାଇବା, ପାଣିକୁ ପୂଜା କରିବା। କାରଣ ପରିବେଶ ବଞ୍ଚିଲେ ହିଁ ଆମେ ବଞ୍ଚିବା, ପୁରୀ ବଞ୍ଚିବ।

# 'ସକାଳ' ପ୍ରଭାବ: ମିଳିଲା ହରିଶ୍ଚନ୍ଦ୍ର ସହାୟତା

ଦୋଳସାହି,୪।୬(ସମିସ): ସରକାରଙ୍କ ପକ୍ଷରୁ ଶବ ସଂସ୍କାର ନିମନ୍ତେ ମିଳୁଥିବା ସରକାରୀ ସହାୟତା ଦୀର୍ଘ ୮ ମାସ ଧରି ଗୁଆମାଳ ପଞ୍ଚାୟତରେ ମିଳୁ ନ ଥିବା ନେଇ ଦୈନିକ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ତିହିଡ଼ି ବ୍ଲକ୍ ପ୍ରଶାସନ ପକ୍ଷରୁ ବୁଧବାର ଏହି ସହାୟତା ଅର୍ଥ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତରେ ଗତ ୮ ମାସ ଧରି ୨୫ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ମିଳୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ତିହିଡ଼ି ବିଡିଓ ନିରଞ୍ଜନ ବାରିକ ଅବଗତ ହୋଇଥିଲେ। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ କୁମାର ପଣ୍ଡା ଏହି ସହାୟତା ଅର୍ଥ ପ୍ରଦାନ କରିଥିବା ଜଣାଯାଇଛି।

# ପୂଜ୍ୟପୂଜା ସଂସଦ ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ଧୂଷୁରୀ,୪।୬(ସମିସ): ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ପୂଜ୍ୟପୂଜା ମେଧା ଆୱାର୍ଡ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ସଂସଦ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମନଗର ବ୍ଲକ୍‌ରେ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ସହିତ ତାଙ୍କ ଅଭିଭାବକ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବରିଷ୍ଠ ଶିକ୍ଷାବିତ୍ ତଥା ପୂଜ୍ୟପୂଜା ସଂସଦର ସ୍ଥାୟୀ ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ସଂସଦର ପ୍ରତିଷ୍ଠାତା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସଂସଦର ସମ୍ପାଦକ ଅକ୍ଷୟ ହୋତା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ରମାକାନ୍ତ ପରିଡ଼ା, ଦୟାନିଧି ମିଶ୍ର, ଡ. ଗିରିଶ ଚନ୍ଦ୍ର ନାୟକ, ବିଜୟ ନାରାୟଣ ମିଶ୍ର, ଅନିଲ ଦାସ, ନରେନ୍ଦ୍ର ନାରାୟଣ ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ଉମେଶ ତ୍ରିପାଠୀ, ରତ୍ନାକର ବେହୂରିଆ, ସୁରେନ୍ଦ୍ର ରାଉତ, ବ୍ରଜେନ୍ଦ୍ର ମହାନ୍ତି, ଅମୂଲ୍ୟ ସାଏନ୍ତ, ଜଗଦାନନ୍ଦ ସେଠୀ, ରାଜେନ୍ଦ୍ର ପଲାଇ, ବିଜୟ ସାହୁ, ରଘୁନାଥ ସ୍ୱାଇଁ, ସାନ୍ତନୁ ପଲାଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# 'ମୋ ଗାଁ ମୋ ତହସିଲ୍' ଅନ୍ତର୍ଗତ ରାଜସ୍ୱ ମହାସମାଧାନ ଶିବିର

ବନ୍ତ/ଆଗରପଡ଼ା,୪।୬(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ଗାଁ ମୋ ତହସିଲ୍' କାର୍ଯ୍ୟକ୍ରମ ଅନ୍ତର୍ଗତ ବନ୍ତ ତହସିଲ୍ ଅଧୀନ ଛୟାଳସିଂହ ଗ୍ରାମ ପଞ୍ଚାୟତରେ ଏକ ରାଜସ୍ୱ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିଲା। ଆର୍‌ଓଆର୍‌ର ୨ ଖାନା ସଂଶୋଧନ ପାଇଁ ଦରଖାସ୍ତ ଗ୍ରହଣ, ସଂଶୋଧିତ ନୂତନ ପଟ୍ଟା ବଣ୍ଟନ, ବସୁନ୍ଧରା ଯୋଜନା ଅଧୀନରେ ଆବେଦନ ଗ୍ରହଣ, ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଅଭିଯୋଗ ଗ୍ରହଣ ଓ ତାହାର ସମାଧାନ କରାଯାଇଥିଲା। ଏହା ସହିତ ଜମିଜମା ସମ୍ବନ୍ଧୀୟ ବିବାଦ, ରାଜସ୍ୱ ମାମଲା ଏବଂ ଅନ୍ୟାନ୍ୟ ଆବେଦନଗୁଡ଼ିକର ଶୁଣାଣି କରାଯାଇ ସମ୍ଭବପର ସ୍ଥଳେ ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସରକାରଙ୍କ ବିଭିନ୍ନ ରାଜସ୍ୱ ସେବାର ସୁବିଧା ଗ୍ରହଣ କରିଥିଲେ। ସରକାରଙ୍କ ଏହି ଜନମୁଖୀ ପଦକ୍ଷେପ ମାଧ୍ୟମରେ ରାଜସ୍ୱ ସେବାକୁ ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇବା ସହ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ କରାଯାଉଥିବା ବନ୍ତ ତହସିଲ ପକ୍ଷରୁ ପ୍ରକାଶ କରାଯାଇଛି।

# ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ ଶିବିର



ଭଣ୍ଡାରିପୋଖରୀ,୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ସଭାକକ୍ଷରେ ୬ ଦିନବ୍ୟାପୀ ଶିକ୍ଷକ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ପ୍ରଥମ ଦିବସର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ବର ନାଥ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କେନ୍ଦୁଝରର ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନପ୍ରାପ୍ତ ଶିକ୍ଷକ କ୍ଷମାକର ବେହେରା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ମୌଳିକ ସ୍ତର, ପ୍ରସ୍ତୁତି ସ୍ତର ତଥା ମଧ୍ୟମ ସ୍ତରର ଶ୍ରେଣୀମାନଙ୍କରେ କିପରି ଇଂରାଜୀ ସହଜ ଓ ସାବଲୀଳ ଢଙ୍ଗରେ ଶିକ୍ଷାଦାନ କରିଯିବ ତାହାର କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ହାଟଡିହୀ ବ୍ଲକ୍‌ର ସମ୍ବଳ ବ୍ୟକ୍ତି ଶିକ୍ଷକ ନିରାକାର ଜେନା ଯୋଗଦେଇ ଶିକ୍ଷଣ କାର୍ଯ୍ୟରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ଏହାର ନିର୍ମାଣଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷାର୍ଥୀମାନେ ବହୁ ଶିକ୍ଷଣ ସାମଗ୍ରୀ ମଧ୍ୟ ନିଜେ ତିଆରି କରିଥିଲେ। ତୃତୀୟ ଦିବସରେ ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ କୁମାର ଗୋଛାୟତ ଯୋଗଦେଇ ଭାଷା ଶିକ୍ଷଣର କଳା କୌଶଳ ସହିତ ନୂତନ ପାଠ୍ୟକ୍ରମର ରୂପରେଖ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଚତୁର୍ଥ ଦିବସରେ ଯାଜପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡ. ଆଶୁତୋଷ ବଳ ଯୋଗଦେଇ ମାଧ୍ୟମିକସ୍ତରରେ ଗଣିତ ଶିକ୍ଷାର ଦକ୍ଷତା ବିଷୟରେ ଆଲୋଚନା କରିଥିଲେ। ଶେଷ ଦୁଇ ଦିବସରେ ପ୍ରଶିକ୍ଷାର୍ଥୀମାନେ ଶିକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଦିବସରେ ପ୍ରାଚୀର ପତ୍ରିକା ଜ୍ଞାନ ବୃକ୍ଷ, ପଲ୍ଲୀ ପରିକ୍ରମା, ଶିକ୍ଷା ହିଁ ଶକ୍ତି, ସା ବିଦ୍ୟା ଯା ବିମୁକ୍ତୟେ, ବିଦ୍ୟା ଦଦାତି ବିନୟମ୍ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତି ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ, କବି ପବନ ନାୟକ ପ୍ରଶିକ୍ଷକଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୩୫ ଜଣ ଗୁରୁମା' ଓ ଗୁରୁଜୀ ପ୍ରଶିକ୍ଷଣ ନେଇଥିଲେ।

## 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ ଉତ୍ସବ

# ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଦୋବଲ,୪।୬(ସମିସ)



ଧାମନଗର ମହାବିଦ୍ୟାଳୟରେ ଗୁରୁବାର ଚଳିତ ବର୍ଷର ସ୍ୱତନ୍ତ୍ର 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ନିଜ ହାତ ପାଣ୍ଠି ଅନୁଦାନରେ ସାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁଁ ମାତ୍ର ୬ ମାସ ମଧ୍ୟରେ ସମଗ୍ର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି। ଶିକ୍ଷାର ଉତ୍ତରୋତ୍ତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସ୍‌ଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ସାରସ୍ୱତ ସମାରୋହରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ୍ ୧୩ ଜଣ ଏ-୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର 'ସୁରଭି' ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କୃତୀ ଛାତ୍ର ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିହିଡ଼ି ବ୍ଲକ୍ ଦୋଳସାହିସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କୃତୀ ସଂସଦର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର, ଟ୍ରଫି ସହ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସେହିପରି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଓ ସର୍ବାଙ୍ଗିଣ ପ୍ରଦର୍ଶନ କରି ମହତାବନଗରସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ 'ବେଷ୍ଟ ପରଫର୍ମିଂ ସ୍କୁଲ' ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛି। ବିଦ୍ୟାଳୟସ୍ତରୀୟ ପରିଚାଳନା କ୍ଷେତ୍ରରେ ନିଜ ନିଜ ସ୍କୁଲରୁ ସର୍ବାଧିକ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍ ହାସଲ କରାଇ ସୁନାମ ଆଣିଥିବାରୁ ସହିଦନଗର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁପ୍ତେଶ୍ୱର ସିଂହଙ୍କୁ ସମ୍ମାନଜନକ ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଉଚ୍ଚ ପ୍ରଶଂସିତ କରାଯାଇଛି।

ଅନ୍ୟପକ୍ଷରେ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ (ସ୍କୁଲ୍ ଛାଡ଼ିବା ହାର) ହ୍ରାସ କରିବାରେ ଉଲ୍ଲେଖନୀୟ ଏବଂ ଆଦର୍ଶ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଭିତ୍ତିଭୂମିର ଅଧିକ ବିକାଶ ଲାଗି ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି। ଏହା ସହିତ ଏହି ବିଦ୍ୟାଳୟର ସଫଳ ଅଧ୍ୟକ୍ଷ ଖଗେଶ୍ୱର ଜେନାଙ୍କୁ 'ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ' ରୂପେ ୧୦ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ସେହିପରି ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ହାର ଅଭିବୃଦ୍ଧି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଓ ଶିକ୍ଷା ପ୍ରତି ଅତୁଳନୀୟ ସମର୍ପଣ ପାଇଁ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବିଧାୟକଙ୍କ ହାତପାଣ୍ଠିରୁ ୧୫ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ଏବଂ ଏହାର ଦକ୍ଷ ପ୍ରଧାନଶିକ୍ଷକ କାଳୀପଦ ଦାସଙ୍କୁ 'ଏନ୍‌ରୋଲ୍‌ମେଣ୍ଟ ଇନ୍‌କ୍ରିଜ୍ ଆୱାର୍ଡ' ସ୍ୱରୂପ ୧୦ ହଜାର ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗାଁ ଭାବେ ନଦୀଗାଁ ଘୋଷିତ



ଧାମନଗର,୪।୬(ସମିସ): 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ଅନ୍ତର୍ଗତ ମଡେଲ୍ ସୌର ଗ୍ରାମ (ଏମ୍‌ଏସ୍‌ଭି) କାର୍ଯ୍ୟକ୍ରମ ଅବସରରେ ଗୁରୁବାର ଧାମନଗର ବ୍ଲକ୍ କାର୍ଯ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାମନଗର ନିର୍ବାଚନମଣ୍ଡଳୀର ନଦୀଗାଁକୁ ଓଡ଼ିଶାର ପ୍ରଥମ ମଡେଲ୍ ସୌର ଗ୍ରାମ ଭାବେ ଘୋଷଣା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ନଦୀଗାଁ ସରପଞ୍ଚ ଝରଣା ମାଝୀ, ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ ଯନ୍ତ୍ରୀ (ସୋଲାରାଇଜେସନ) ରାଜୀବ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଭୂପେନ୍ଦ୍ର ନାଥ ସାହୁ ଏବଂ ଓରେଡା ଲିମିଟେଡ୍‌ର ସହକାରୀ ନିର୍ଦ୍ଦେଶକ (ବୈଷୟିକ) ଅସୀମା ଅରୁଣିମା ପ୍ରମୁଖ ଉପସ୍ଥିତ ଥିଲେ। ମଡେଲ୍ ସୌର ଗ୍ରାମ ଯୋଜନା ହେଉଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ସୌର ଶକ୍ତି ଆଧାରିତ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା। ଏହା ମାଧ୍ୟମରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଆଦର୍ଶ ସୌର ଗ୍ରାମ ଗଢ଼ି ତୋଳାଯିବ। ଏହି ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ଗତ ୩ ମାସ ଧରି ଭଦ୍ରକ ଜିଲ୍ଲାର ୫ ହଜାରରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୧୨ଟି ଗ୍ରାମରେ ସୌର ପ୍ରକଳ୍ପ ସ୍ଥାପନ ସମ୍ପର୍କିତ ଆକଳନ କରାଯାଇଥିଲା। ଏଥିରେ ନଦୀଗାଁ ଗ୍ରାମ ୧୧୯ କିଲୋୱାଟ୍ ସୌର କ୍ଷମତା ସ୍ଥାପନ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆଧାରରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଓ ଅନୁଦାନ ସହାୟତାରେ ଗ୍ରାମର ବିଭିନ୍ନ ସାର୍ବଜନୀନ ସ୍ଥାନରେ ସୌର ଭିତ୍ତିକ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓରେଡା ଲିମିଟେଡ୍ ମାଧ୍ୟମରେ ସୌର ଷ୍ଟ୍ରିଟ୍‌ଲାଇଟ୍, ସୌର ଜଳ ଯୋଗାଣ ବ୍ୟବସ୍ଥା, ସୌର ଶୀତତାପ ନିୟନ୍ତ୍ରିତ ସଂରକ୍ଷଣ କୋଠରି ସହ ଅନ୍ୟାନ୍ୟ ସୌରଚାଳିତ ଭିତ୍ତିଭୂମି ପ୍ରକଳ୍ପ ସ୍ଥାପନ କରାଯିବ। ନଦୀଗାଁ ଗ୍ରାମରେ ସୋଲାରାଇଜେସନ୍ ପାଇଁ ମୋଟ ୧୯୫ଟି ପରିବାର ଯୋଗ୍ୟ ଥିବାବେଳେ ୧୧୫ଟି ପରିବାରରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। ଅବଶିଷ୍ଟ ୮୦ଟି ପରିବାରକୁ ଶୀଘ୍ର ସୋଲାରାଇଜେସନ୍ ସମ୍ପନ୍ନ କରିବାକୁ ମନ୍ତ୍ରୀ ସରପଞ୍ଚଙ୍କ ଉପସ୍ଥିତିରେ ଉତ୍ସାହିତ କରିଛନ୍ତି। ସୋଲାରାଇଜେସନ୍‌କୁ ଅଧିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଧାମନଗର ବ୍ଲକ୍ କାର୍ଯ୍ୟାଳୟରେ ଏକ ସ୍ପଟ୍ ରେଜିଷ୍ଟ୍ରେସନ୍ ଡେସ୍କ ମଧ୍ୟ ଖୋଲାଯାଇଥିଲା, ଯେଉଁଠାରେ ଲୋକମାନେ ସିଧାସଳଖ ପଞ୍ଜୀକରଣ କରି ଯୋଜନାର ସୁବିଧା ପାଇପାରିବେ।

# ସ୍ୱାସ୍ଥ୍ୟକେନ୍ଦ୍ର ଓ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ଅସୁରାଳି/ଧୂଷୁରୀ,୪।୬(ସମିସ): ଧାମନଗର ଅଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗରଠାରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏକ ଆଧୁନିକ ସହିଦ ଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଧାମନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମହତାବନଗର (ବେତାଳିଗାଁ)ଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଦ୍ୱାରା ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ। ଏହି ଆଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଚିକିତ୍ସା ସେବା ପାଇଁ ଆଉ ଦୂରକୁ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ନିକଟରେ ହିଁ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଧାମନଗରର ପ୍ରତିଟି ନାଗରିକଙ୍କ ସୁରକ୍ଷା ଓ ସେବା ପାଇଁ ସରକାରଙ୍କ ଏହି ପ୍ରୟାସ ନିରନ୍ତର ଜାରି ରହିବ। ଏହି କାର୍ଯ୍ୟକ୍ରମରେ ଅଶୋକ ପୁହାଣ, ଅନ୍ତର୍ଯ୍ୟାମୀ ପତି, ଚତୁର୍ଭୁଜ ନାୟକ, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକ, ରଞ୍ଜନ ମହାନ୍ତି, ଗୋବର୍ଦ୍ଧନ ମଲ୍ଲିକ, ସୁଶାନ୍ତ ନାୟକ, ହରିହର ସାହୁ, ଦୀପକ ମହାନ୍ତି, ପ୍ରକାଶ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଉପଯୁକ୍ତ ସୁଯୋଗ ଓ ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ବହୁ ପ୍ରତୀକ୍ଷିତ ସହିଦ ଷ୍ଟାଡିୟମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ। ଏହି ଅବସରରେ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ସରକାରଙ୍କ "ପଡ଼ିଆରୁ ପୋଡିୟମ୍' ନାରାକୁ ବାସ୍ତବ ରୂପ ଦେଇ ଧାମନଗରରୁ ରାଜ୍ୟ ତଥା ଜାତୀୟସ୍ତରର ଚାମ୍ପିଅନ ସୃଷ୍ଟି କରିବା ଦିଗରେ ଏହି ପ୍ରୟାସ ଜାରି ରହିବ। ଏହି ଆଧୁନିକ ଷ୍ଟାଡିୟମ ନିର୍ମାଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର କୃତୀ କ୍ରୀଡ଼ାବିତ୍ ଓ ଯୁବପିଢ଼ି ନିଜ ପ୍ରତିଭାର ବିକାଶ କରିବା ସହ ଖେଳିବାର ଉତ୍ତମ ସୁଯୋଗ ପାଇପାରିବେ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ବିଡିଓ ବନବିହାରୀ ଧନ୍ଦା, ସ୍ଥାନୀୟ ସରପଞ୍ଚ ମୀନତି ସାହୁ, ହରିହର ପାଢ଼ୀ ଏବଂ ଯନ୍ତ୍ରୀ ନବଘନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ମରାମତି ହେଲା ସୁରକ୍ଷା ପାଚେରିର ଫଟା କାନ୍ଥ




ବନ୍ତ/ଆଗରପଡ଼ା,୪।୬(ସମିସ): ଗତ ମେ' ୨୨ ତାରିଖ 'ନିର୍ମାଣକୁ ୨ ମାସ ନ ପୂରୁଣୁ କାନ୍ଥ ଫାଟି ଆଁ' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ଫଟା କାନ୍ଥର ମରାମତି କାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି। ଜାନୁଆରୀ ୧୮ ତାରିଖରେ 'ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର; ବାରମ୍ବାର ଅଭିଯୋଗ ପରେବି କାର୍ଯ୍ୟାନୁଷ୍ଠାନ ଶୂନ୍' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚ ମାସରେ ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟିର ମରାମତି କରାଯିବା ସହ ଏହାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। କିନ୍ତୁ ନିର୍ମାଣକୁ ୨ ମାସ ନ ପୂରୁଣୁ ସୁରକ୍ଷା ପାଚେରିର ବିଭିନ୍ନ ସ୍ଥାନ ଫାଟିବା ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା। ଯାହାକି ପାଚେରିର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ବିଭାଗର ଏପରି କାର୍ଯ୍ୟପଦ୍ଧା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା। ତେଣୁ ପାଚେରିଟି ନଷ୍ଟ ହେବା ଆଗରୁ ବିଭାଗ ପକ୍ଷରୁ ତୁରନ୍ତ ଏହାର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ବନ୍ତ ବ୍ଲକ୍ ମଙ୍ଗୁଲିସ୍ଥିତ ବ୍ରାହ୍ମଣସାହିରେ ଥିବା ୬୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେସନଟି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ବହୁ ବର୍ଷ ପୂର୍ବେ ଏକ ସିମେଣ୍ଟ ଖୁଣ୍ଟିରେ ଏହା ତିଆରି ହୋଇଥିଲା। ବର୍ଷା, ପବନରେ ଷ୍ଟ୍ରକ୍‌ଚରଟି ଦୋହଲୁଥିବାରୁ ଜନଜୀବନ ପ୍ରତି ବିପଦ ରହୁଥିଲା। ଏହାର ଏୟାର ବ୍ରେକ୍ ସୁଇଚ୍ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲା। ବହୁ ସମୟରେ ଉପଭୋକ୍ତା ବିଜୁଳି ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସବ୍‌ଷ୍ଟେସନଟି ଢଳି ରହିଥିବାରୁ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଆସୁଥିଲେ। ପୁରୁଣା ସିମେଣ୍ଟ ଖୁଣ୍ଟିକୁ ପରିବର୍ତ୍ତନ କରି ଲୁହା ଖୁଣ୍ଟ ବସାଇବା ସହ ଏବି ସୁଇଚ୍ ମରାମତି କରିବା ଓ ତାର ଚାରିପାଖରେ ସୁରକ୍ଷା ପାଚେରି ନିର୍ମାଣ କରିବା ଲାଗି ଗ୍ରାମବାସୀ ତଥା ବହୁ ଉପଭୋକ୍ତା ବାଲେଶ୍ୱର ଟିପିଏନ୍‌ଓଡିଏଲ୍ ପରିଚାଳନା ନିର୍ଦ୍ଦେଶକ, ଭଦ୍ରକ ଅଧୀକ୍ଷଣ ଯନ୍ତ୍ରୀ ଓ ବନ୍ତ ସହକାରୀ କାର୍ଯ୍ୟନିର୍ବାହୀ ପରିଚାଳକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ।

# ହାଇଲେଭୁଲ କେନାଲ ବ୍ରିଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର

ଭଣ୍ଡାରିପୋଖରୀ,୪।୬(ସମିସ): ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବୈତରଣୀ ନଦୀରେ ସଂଯୋଗ ହୋଇଥିବା ହାଇଲେଭୁଲ କେନାଲଟି ଆଖୁଆପଦା ଆନିକଟ ଜଗନ୍ନାଥ ପ୍ରସାଦ ନିକଟରୁ ଆରମ୍ଭ ହୋଇ ଭଣ୍ଡାରିପୋଖରୀ ପର୍ଯ୍ୟନ୍ତ ଅବସ୍ଥିତ କେନାଲ ଉପରେ ଥିବା ବ୍ରିଜ୍‌ଗୁଡ଼ିକର ଜଳସମ୍ପଦ ବିଭାଗର ରକ୍ଷଣାବେକ୍ଷଣ ଦାୟିତ୍ୱ ଅବହେଳାକୁ ନେଇ ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଜଗନ୍ନାଥ ପ୍ରସାଦ ନିକଟସ୍ଥ ବ୍ରିଜ୍‌ର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଯାଇଥିବା ହେତୁ ଖରା ଦିନେ ଗୋରୁଗାଇମାନେ ବ୍ରିଜ୍ ଉପରୁ ତଳକୁ ଖସି ପଡ଼ି କ୍ଷତିଗ୍ରସ୍ତ ହେଉଛନ୍ତି। ବ୍ରିଜ୍‌ଟି ବହୁ ପୁରାତନ ହୋଇଥିବା ହେତୁ ଉପରିସ୍ଥ ଏରିଆଗୁଡ଼ିକ ଚାରିଆଡ଼େ ଖାଲଖମା ସୃଷ୍ଟି ହୋଇଗଲାଣି। ସେଥିଲାଗି ଯାତାୟାତ ବାଧାପ୍ରାପ୍ତ ହେଉଛି। ବର୍ଷା ଦିନେ ସ୍କୁଲ୍ ଓ କଲେଜ ଯିବାଆସିବା ବେଳେ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଦୁଃଖର ବିଷୟ ଏହି ବ୍ରିଜ୍‌ଟି ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରୁ ମାତ୍ର ୨୦୦ ମିଟର ବ୍ୟବଧାନରେ ଥିବା ପୋଲଟି ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭଗ୍ନ ଅବସ୍ଥାରେ ରହିଛି। ସେଥିପ୍ରତି ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେବା ତ ଦୂରର କଥା ବରଂ ଏହା ଉପରେ ଆଉ ଏକ ବଡ଼ ପାଣି ପାଇପ୍ ଲାଇନ୍ ନିଆଯିବା ପାଇଁ କିପରି ଅନୁମତି ପ୍ରଦାନ କରିଛନ୍ତି। ସେହିପରି ବୟାବନାପୁର ପଞ୍ଚାୟତର ହଳଦିଗଡ଼ିଆ, ବୟାବନାପୁର, ମଠସାହି ଗ୍ରାମ ସମ୍ମୁଖରେ ଥିବା ବ୍ରିଜ୍‌ଗୁଡ଼ିକର ଉଭୟ ପାର୍ଶ୍ୱ ବାଡ଼ାଗୁଡ଼ିକ ନଷ୍ଟ ହୋଇଗଲାଣି। ଏହି ବ୍ରିଜ୍‌ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ହେତୁ ଏଥିପ୍ରତି ଜଳସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



## ଚାଷ ଜମିରେ ତାଳ ମଞ୍ଜି ରୋପଣ ସ୍ୱପ୍ନ ପାଲଟିଛି

# ଲୋକେ ଲଗାଉଛନ୍ତି; ସରକାର ପାରୁନାହାନ୍ତି

ବାରିକପୁର,୪।୬(ସମିସ)

ବୈଶାଖ ମାସଠାରୁ ଭାଦ୍ରବ ମାସ ଯାଏଁ ଓଡ଼ିଶାରେ ବଜ୍ରପାତଜନିତ ଦୈବୀ ଦୁର୍ଘଟଣା ଲାଗି ରହିଥାଏ। ଆକାଶରେ କଳାବାଦଲ ମାଡ଼ି ଆସିଲେ ମନରେ ଭୟ ସୃଷ୍ଟି ହୋଇଥାଏ। ବିଜୁଳି, ଘଡ଼ଘଡ଼ି ଯୋଗୁଁ ପ୍ରତ୍ୟେକ ବର୍ଷ ଅକାଳ ମୃତ୍ୟୁ ବୃଦ୍ଧି ପାଉଥିବାବେଳେ ଅନେକ ଧନସମ୍ପତ୍ତି ମଧ୍ୟ ନଷ୍ଟ ହେଉଛି। ବିଶେଷ କରି ଆଷାଢ଼, ଶ୍ରାବଣ ମାସରେ ଖରିଫ୍ ଧାନ ଚାଷ ଆରମ୍ଭ ବେଳେ ବଜ୍ରପାତ ଘଟି ଅନେକ ଚାଷୀଙ୍କ ଜୀବନ ଯାଉଥିବା ଦେଖାଯାଇଛି। ତେଣୁ ସରକାର ପ୍ରତିକାରସ୍ୱରୂପ ଚାଷ ଜମି ହିଡ଼ରେ ତାଳ ମଞ୍ଜି ରୋପଣ ପାଇଁ ଘୋଷଣା କରିଛନ୍ତି। ପରିତାପର ବିଷୟ ଉକ୍ତ ଘୋଷଣାକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ପାର୍ଶ୍ୱରେ ହେଉ କିମ୍ବା ଚାଷ ଜମି କେଉଁଠି ତାଳ ମଞ୍ଜି ଏଯାଏଁ ରୋପଣ ହୋଇ ନାହିଁ। କିନ୍ତୁ କେତେକ ଗାଁ ଗଣ୍ଡାରେ କିଛି ବ୍ୟକ୍ତି ତାଳ ଗଛ ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇ ସରକାରଙ୍କ ବାଟମାରଣା ଯୋଜନାକୁ ଇଙ୍ଗିତ କରୁଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବିଗତ ବର୍ଷମାନଙ୍କରେ ବିଜୁଳି ମାରି ଅନେକ ବାସଗୃହ ପୋଡ଼ି ପାଉଁଶ ହୋଇଥିବାବେଳେ ଭୟଙ୍କର ବଜ୍ରପାତରେ ମଧ୍ୟ ଚାଷଜମିରେ କାର୍ଯ୍ୟ କରୁଥିବା କିଛି ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ଏହି ସମୟ ମଧ୍ୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଏଭଳି ବଜ୍ରପାତ ଦୁର୍ଘଟଣା ଦେଖିବାକୁ ମିଳିଥାଏ। ତେଣୁ ଏଭଳି ଦୈବୀ ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଦୁଇ ବର୍ଷ ହେବ ଯୋଜନା ପ୍ରସ୍ତୁତି କରିଥିବାବେଳେ ତାହା ଏଯାଏଁ ଉକ୍ତ ବ୍ଲକ୍ ଅଞ୍ଚଳରେ କାର୍ଯ୍ୟକାରୀ ହୋଇନାହିଁ। ବିଶେଷ କରି ଚାଷ ଜମି ହିଡ଼ ସହିତ ବଗିଚା ଓ କେନାଲ ବନ୍ଧ ରାସ୍ତା ପାର୍ଶ୍ୱରେ ଏହି ତାଳ ମଞ୍ଜି ରୋପଣ ପାଇଁ କୃଷି ଓ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦିଆଯାଇଥିବା ଘୋଷଣା ହୋଇଥିଲା। ଯଦିଓ ଭଣ୍ଡାରିପୋଖରୀ ହାଟଡିହି ନିକଟସ୍ଥ ୩ ନମ୍ବର ହାଇଲେଭୁଲ କେନାଲ ପାର୍ଶ୍ୱରେ କିଛି ତାଳ ମଞ୍ଜି ମାଟିରେ ପୋତାଯାଇଛି ତାହା ସୀମିତ ମାତ୍ର। ମିଛରେ ଏଭଳି କରି କିଛି ଅର୍ଥ ବାଟମାରଣା ହୋଇଥିବାବେଳେ ତାଳ ଗୋଟମା ଲଗାଇବା ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଗତବର୍ଷ ଷ୍ଟେଟ୍ ବ୍ୟାଙ୍କ ଜରିଆରେ କୌଣସି ଘରୋଇ ସଂସ୍ଥା ମାତ୍ର ଶହେ ମିଟର ପରିମିତ ସ୍ଥାନରେ ମଞ୍ଜି ପୋତି ଫଟୋ ଉଠେଇ କାମ ସାରି ଦେଇଛି। ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ତାହା ଗଛ ହୋଇ ନ ଥିବା ଜଣାପଡ଼ିଛି। ଗଛ ଲଗାଇବା କେବଳ କାଗଜକଲମରେ ସୀମିତ ରହିଥିବାବେଳେ ତାଳ ମଞ୍ଜି ରୋପଣ ଯୋଜନା ଏଯାଏଁ କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ଘୋଷଣା କେବଳ ପାଣିର ଗାର ସଦୃଶ ବୋଲି ଜନସାଧାରଣ କହିଛନ୍ତି। ଏପଟେ ଗାଁ ଗଣ୍ଡା ପଥରେ ବର୍ଷ ବର୍ଷ ଧରି ସ୍ଥାନୀୟ ଲୋକମାନେ ତାଳ ମଞ୍ଜି ରୋପଣ କରି ନିଜ ସୁରକ୍ଷା ନିଜ ହାତକୁ ନେଇଛନ୍ତି। ଏଭଳି ଚିତ୍ର ମାଳଦା, ଜଳହରି, ଜୋରାଗଡ଼ିଆ, ବାଲିପୋଖରୀ, କୁମ୍ଭାରିଆ, ଷୋଳମପୁର, ନେରଡା, ନାଆମୀ, ଝୁଟଣା, ବନସ୍ତା, ରହଣିଆ, ରାଜେନ୍ଦ୍ରପୁରଠାରେ ଦେଖିବାକୁ ମିଳିଛି। ସବୁଠାରୁ ଦୁଃଖର ବିଷୟ ସରକାରୀ ବିଭାଗ ପାଖରେ ସରକାରଙ୍କ ପ୍ରଣିତ ଯୋଜନାର ରୂପରେଖ ସମ୍ବଳିତ କୌଣସି ନିର୍ଦ୍ଦେଶନାମା ପହଞ୍ଚି ନ ଥିବା ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସମୟରେ ସୂଚନା ଦେଇଛନ୍ତି। ଦିନକୁ ଦିନ ବଜ୍ରପାତ ଜନିତ ଚାଷୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଭଳି ଜନହିତକାରୀ ଯୋଜନା କାର୍ଯ୍ୟକାରୀ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।



ଯୋଜନା ସମୁଦ୍ରକୁ ଶଙ୍ଖେ

**Office of the Principal, GVHSS**
**Salandi Higher Secondary School, Uttarabahini**
Po- Garadapur, Dist- Bhadrak, Pin- 756181
Email ID: salandi.principal@gmail.com, Mob: 9439444122

**WANTED GUEST FACULTY!**

A Walk in interview shall be held on 17.06.2026 (Wednesday) for a Guest Faculty in SPEFL at 10:00 AM in the office to engage for the session 2026-27. Eligible candidates may attend the interview with all original and Xerox copies of certificates. The undersigned reserves the right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification: M.P.Ed.** (Post Graduation in Physical Education from a recognised institution/University with at least 1 year work/teaching experience).

**Sd/- Principal, GVHSS**
**Salandi Higher Secondary School,**
**Uttarabahini, Bhadrak.**





କଟକ ଡିଇଓ ଅଫିସରେ ସରକାରୀ ଅର୍ଥ ତୋଷାରପାତ ଘଟଣାରେ ଭିଜିଲାନ୍ସର ତନାଘନା

# ସ୍କାନର୍‌ରେ ବହୁ ପଦାଧିକାରୀ; ୧୦ ଜଣଙ୍କୁ ନୋଟିସ

କଟକ,୪।୬(ସମିସ):




କଟକ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଚାଲିଥିବା ଦୁର୍ନୀତିର ପର୍ଦ୍ଦାଫାସ୍ ହେବା ପରେ ଏବେ ଭିଜିଲାନ୍ସ ବିଭାଗ ଅଧିକ ସକ୍ରିୟ ହୋଇଉଠିଛି। ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ପରେ, ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଦୁର୍ନୀତି ଘଟଣାର ଖୋଳତାଡ କରୁଛି ଭିଜିଲାନ୍ସ। ଏପରିକି ଆଉ କେତେଜଣଙ୍କ ନାମରେ ଏତଲା ରୁଜୁ କରିବା ପାଇଁ ଭିଜିଲାନ୍ସ ପ୍ରସ୍ତୁତି ଚଳାଇଛି। ଭିଜିଲାନ୍ସର ସ୍କାନରରେ ଡିଇଓ ଅଫିସର ବହୁ ପଦାଧିକାରୀ ଓ କର୍ମଚାରୀ ରହିଥିବା ବେଳେ ଏହି ଘଟଣାରେ ୧୦ ଜଣଙ୍କୁ ଇତିମଧ୍ୟରେ ନୋଟିସ ବି ଜାରି କରାଯାଇଥିବା ଜଣାପଡିଛି। ପ୍ରାୟ ୫୧.୫୩ ଲକ୍ଷ ଟଙ୍କା ସରକାରୀ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗରେ ଭିଜିଲାନ୍ସ ଏହି କାର୍ଯ୍ୟାଳୟର କର୍ମଚାରୀ ସୁଭାଷଚନ୍ଦ୍ର ସାହୁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନରେ ଥିବା ବେଳେ ଏଚଆରଏମଏସ ଏବଂ ଆଇଏଫଏମଏସ ପୋର୍ଟାଲ୍ ପରିଚାଳନା ଦାୟିତ୍ୱରେ ଥିଲେ। ଏହି ସମୟରେ ସେ କାର୍ଯ୍ୟାଳୟର ଡିଡିଓ (ଡ୍ରଇଙ୍ଗ ଆଣ୍ଡ ଡିସବର୍ସିଂ ଅଫିସର)ଙ୍କ ଲଗଇନ୍ ଆଇଡି ପ୍ରବେଶ କରି ଏଚଆରଏମଏସ ପୋର୍ଟାଲ୍‌ରେ ସେ ୪ ଜଣ ବାହାର ବ୍ୟକ୍ତିଙ୍କ ନାମକୁ ସରକାରୀ କର୍ମଚାରୀ ଭାବେ ଦର୍ଶାଇ ଦରମା ପାଇବାକୁ ଯୋଗ୍ୟ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ବ୍ୟକ୍ତିମାନଙ୍କ ନାମରେ ଦରମା ବାବଦକୁ ଟଙ୍କା ଆସିବା ପରେ, ସେହି ଦିନ ହିଁ ସମସ୍ତ ଅର୍ଥ ସୁଭାଷ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଗତ ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ମୋଟ ୫୧ ଲକ୍ଷ ୫୩ ହଜାର ୬୪୦ ଟଙ୍କାର ବେଆଇନ କାରବାର ହୋଇଥିଲା। ଏହି କ୍ରମରେ କାର୍ଯ୍ୟାଳୟର ତତ୍କାଳୀନ ସେକ୍ସନ ଅଫିସର ଏବଂ ଦୀର୍ଘ ଦୁଇ ଦଶନ୍ଧି ଧରି ଗ୍ରାଣ୍ଟ-ଇନ୍-ଏଡ୍ ସେକ୍ସନର ମୁଖ୍ୟ ଥିବା ଅଧିକାରୀ ଭିଜିଲାନ୍ସର ସ୍କାନରକୁ ଆସିଛନ୍ତି। ଅପରପକ୍ଷରେ, ଗିରଫଦାରୀ ଏଡ଼ାଇବା ପାଇଁ ବରିଷ୍ଠ କିରାଣୀ ତପନ କୁମାର ମହାନ୍ତି ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏହି ଦୁର୍ନୀତି ଏକ ଅତ୍ୟାଧୁନିକ ଡିଜିଟାଲ୍ ପଦ୍ଧତିରେ କରାଯାଇଥିଲା। ଏହି ସମୟରେ ଯେଉଁମାନେ ଆକାଉଣ୍ଟ୍ ସେକ୍ସନରେ କାର୍ଯ୍ୟ କରୁଥିଲେ ସମସ୍ତେ ଏବେ ଭିଜିଲାନ୍ସ ସ୍କାନରରେ ରହିଛନ୍ତି। ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ରାଜ୍ୟ ଗଣଶିକ୍ଷା ବିଭାଗ ସଚିବ ଏନ୍. ଥିରୁମାଲା ନାୟକଙ୍କ ନିର୍ଦ୍ଦେଶରେ ଏକ ବିଭାଗୀୟ ଅଡିଟ୍ ଟିମ୍ ବି ଅଡିଟ କରି ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଥିଲା। ୨୦୧୮ ଡିସେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ଏହି ଘଟଣା ଘଟିଥିଲା। ଉପରୋକ୍ତ ଅବଧିରେ ଜିଲ୍ଲା ଶିକ୍ଷାଧିକାରୀ ଭାବେ ନିରଞ୍ଜନ ବେହେରା, ଏଡିଇଓ ସୁସ୍ମିତା ସାହୁ, ମୁଖ୍ୟ କିରାଣି ହୃଦୟବିହାରୀ ମହାପାତ୍ର ଏବଂ ଆକାଉଣ୍ଟ୍ ସେକ୍ସନ କିରାଣି ତପନ କୁମାର ମହାନ୍ତି ଥିଲେ। ପରେ କୃଷ୍ଣଚନ୍ଦ୍ର ନାୟକ ଡିଇଓ ଏବଂ ସନ୍ତୋଷ କୁମାର ରାଉତ ଏଡିଇଓ ଭାବେ ଦାୟିତ୍ୱ ନେଇଥିଲେ। ଯେଉଁ ଜାଲ୍ ଶିକ୍ଷକଙ୍କ ନାମରେ ଅର୍ଥ ଉଠାଯାଇଛି ପ୍ରକୃତରେ ସେମାନେ ସରକାରୀ କିମ୍ବା ହାଇସ୍କୁଲରେ କାର୍ଯ୍ୟ କରୁଥିଲେ କି ନାହିଁ, ସେନେଇ ଖୋଳତାଡ଼ କରୁଛି ଭିଜିଲାନ୍ସ। ଜିଲ୍ଲାରେ ୬୧୦ ସ୍କିମ୍ ବିଦ୍ୟାଳୟଗୁଡ଼ିକ ୧୯୯୪ରୁ ଦରମା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଏଭଳି ବେଆଇନ ଭାବେ ଦରମା ଉଠାଣ ଆଉ ହୋଇଛି କି ନାହିଁ ତାହାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ଭିଜିଲାନ୍ସ ଏହି ସବୁ ରିପୋର୍ଟ ଆଧାରରେ ଖୋଳତାଡ଼ କରୁଥିବାରୁ ଜାଲ୍ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭିଜିଲାନ୍ସ ପକ୍ଷରୁ ତତ୍କାଳୀନ ଡିଇଓ, ଅତିରିକ୍ତ ଡିଇଓଙ୍କ ସମେତ ୧୦ ଜଣଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ନୋଟିସ୍ ଜାରି କରାଯାଇଛି। ଖୁବଶୀଘ୍ର ସେମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ଦୁର୍ନୀତିର ଚେର କେତେ ଦୂର ଲମ୍ବିଛି ଏବଂ ଏଥିରେ ଆଉ କେଉଁ ବଡ଼ ମୁଣ୍ଡ ସାମିଲ ଅଛନ୍ତି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

## ରାସ୍ତାରୁ ଉଠୁନି ପଙ୍କ; ଉଭାନ୍ ହୋଇଗଲାଣି ତାର ଜାଲି



କଟକ,୪।୬(ସମିସ): କଟକ ସହରର ଡ୍ରେନ ତଥା ନାଳନର୍ଦ୍ଦମାଗୁଡିକରୁ ପଙ୍କୋଦ୍ଧାର କାମ ଏବେ ବି ଶେଷ ହୋଇପାରିନି। ଯେଉଁ ପଙ୍କ ଉଦ୍ଧାର କରାଯାଇ ରାସ୍ତା ଉପରେ ପକାଯାଉଛି ତାହାକୁ ଦିନେ ଦୁଇ ଦିନ ଭିତରେ ଉଠାଯାଉନାହିଁ। ଫଳରେ ଅସରାଏ ବର୍ଷାରେ ଏହା ସମଗ୍ର ରାସ୍ତାକୁ ପଙ୍କମୟ କରିବା ସହ ପୁତିଗନ୍ଧଯୁକ୍ତ ପରିବେଶ ସୃଷ୍ଟି କରୁଛି। କଟକ ତାଳଦଣ୍ଡା କେନାଲ ପାଖର୍ ଏମଏସଡବ୍ଲୁସି ବା ମୁଖ୍ୟ ନର୍ଦ୍ଦମା ପଙ୍କୋଦ୍ଧାରରେ ଏଭଳି ଦେଖିବାକୁ ମିଳିଛି। ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ନବନିର୍ମିତ କେନାଲ ରାସ୍ତା ଏବେ ପଙ୍କରେ ଭର୍ତ୍ତି ହୋଇଛି। ଏପରିକି ଏମଏସଡବ୍ଲୁସିରୁ ପଙ୍କୋଦ୍ଧାର ପାଇଁ ଏଥିରେ ଲଗାଯାଇଥିବା କେତେକ ୧୦ଫୁଟ ଉଚ୍ଚ ଓ ୧୦ଫୁଟ ଓସାର ବିଶିଷ୍ଟ ବଡ ବଡ ତାର ଜାଲିକୁ ଖୋଲି ବାହାର କରିଦିଆଯାଇଥିଲା। ଏଗୁଡିକୁ ରାସ୍ତା କଡରେ ପକାଇ ଦିଆଯାଇଥିବା ବେଳେ ଏଥିରୁ କେତେକ ଉଭାନ ହୋଇଥିବା ଅଭିଯୋଗ ହେଉଛି। ବିଶେଷକରି ନର୍ଦ୍ଦମାରେ ଲୋକେ ଆବର୍ଜନା ନ ଫିଙ୍ଗିବା ପାଇଁ ଏହି ତାର ଜାଲି ଗୁଡିକ ଲଗାଯାଇଥିଲା। ତେବେ ଏଥିପାଇଁ ମେସିନ ଦ୍ୱାରା ପଙ୍କୋଦ୍ଧାରରେ ସମସ୍ୟା ଉପୁଜିବାରୁ ଏଗୁଡିକୁ ଅଧିକାଂଶ ସ୍ଥାନ ଖୋଲି ବାହାର କରାଯାଇଥିଲା। ପଙ୍କୋଦ୍ଧାର ସରିଥିବା ସ୍ଥାନରେ ଏହାକୁ ପୁନର୍ବାର ଲଗାଯାଇପାରି ନ ଥିବା ବେଳେ ଏଗୁଡିକ ଚୋରି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସାଧାରଣତଃ ମେ ମାସ ଶେଷ କିମ୍ବା ଜୁନ ୧୫ ସୁଦ୍ଧା ସବୁ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର ସରିବା କଥା ହେଲେ ଏଥର ଏହା ସରିପାରିବା ନେଇ ଅନିଶ୍ଚିତତା ଦେଖାଦେଇଛି।

## ସାହିତ୍ୟିକ ତଥା ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ଶୋକ

କଟକ,୪।୬(ସମିସ): ଓଡ଼ିଆ ସାହିତ୍ୟ ଜଗତର ଅନନ୍ୟ ସାରସ୍ୱତ ସାଧକ, କଥାଶିଳ୍ପୀ, ଗବେଷକ, ମନୋବିଜ୍ଞାନୀ, ପ୍ରଖ୍ୟାତ ନାଟ୍ୟକାର, ଅନୁବାଦକ ତଥା ପୂର୍ବତନ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ଦୁଃଖଦ ବିୟୋଗରେ ସମଗ୍ର ରାଜ୍ୟରେ ଏବଂ ସାହିତ୍ୟ-ସଂସ୍କୃତି ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କର ପରଲୋକ ଯୋଗୁଁ ଓଡ଼ିଆ ସାରସ୍ୱତ ଆକାଶରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ଏହି ଅବସରରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଉତ୍କଳ ସାହିତ୍ୟ କଳାପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ, ସାରଳା ସାହିତ୍ୟ ସଂସଦର ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ, ବରିଷ୍ଠ ସାହିତ୍ୟିକ ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ, ଡକ୍ଟର ନଟବର ଶତପଥୀ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଡକ୍ଟର ଭାଗବତ ଶୁକ୍ଳ ଏବଂ ଡକ୍ଟର ସତ୍ୟ ରାୟ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ବିଶିଷ୍ଟ କଥାକାର ତରୁଣ କୁମାର ସାହୁ, ପ୍ରଫେସର ଉମାଶଙ୍କର ମିଶ୍ର, ସହଦେବ ସାହୁ, ମୃତକଙ୍କ କନିଷ୍ଠ ଭ୍ରାତା ରଘୁନାଥ ପ୍ରସାଦ ଦାସ, ଭାଇବୋହୂ ପ୍ରମୋଦା ଦାସ ଓ ଡକ୍ଟର ବୀଣାପାଣି ସିଂହଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ସାହିତ୍ୟିକ, ଉଚ୍ଚପଦସ୍ଥ ପ୍ରଶାସକ, ଶିକ୍ଷାବିତ ଏବଂ ବୁଦ୍ଧିଜୀବୀମାନେ ଏହି ମହାନ ଆତ୍ମାର ଅମର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଶ୍ରୀ ଦାସଙ୍କ କାଳଜୟୀ ଅବଦାନ ରହିଛି।

## କେମ୍ବ୍ରିଜ ସ୍କୁଲ ସ୍କାଉଟ୍ ଓ ଗାଇଡ୍ ଦ୍ୱାରା ଖାଦ୍ୟ ବଣ୍ଟନ



କଟକ,୪।୬(ସମିସ): କେମ୍ବ୍ରିଜ ସ୍କୁଲର ସ୍କାଉଟ ଓ ଗାଇଡ୍ ୟୁନିଟ୍ ପକ୍ଷରୁ ଡିଅର ପାର୍କ ବସ୍ତିରେ ଏକ ଖାଦ୍ୟ ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଗରିବ ଓ ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ଏବଂ ପିଲାଙ୍କ ମନରେ ସେବାଭାବ ଜଗାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଦର ଥୋମାସ ଜନଙ୍କ ମାର୍ଗଦର୍ଶନରେ ଏହି ଶିବିର ସଫଳ ହୋଇଥିଲା। ସ୍କାଉଟ ମାଷ୍ଟର ଗୌତମ ଗଜପତି ଏବଂ ଗାଇଡ୍ କ୍ୟାପ୍ଟେନ ଅନିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବହୁତ ଉତ୍ସାହର ସହ ବସ୍ତିବାସୀଙ୍କୁ ଖାଦ୍ୟ ପ୍ୟାକେଟ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାମାଜିକ ଦାୟିତ୍ୱବୋଧ ଏବଂ ମାନବିକତାର ପାଠ ଶିଖିବାକୁ ପାଇଥିଲେ। ସ୍କାଉଟ ଓ ଗାଇଡ୍‌ର "ସେବା ହିଁ ଧର୍ମ" ଆଦର୍ଶକୁ ନେଇ ଆୟୋଜିତ ଏହି ଶିବିରଟି ସମସ୍ତଙ୍କ ପାଇଁ ବେଶ୍ ପ୍ରେରଣାଦାୟକ ଥିଲା।

## 'ବିଶ୍ୱାସ' ପକ୍ଷରୁ ନିଦାଘ ଆସର




କଟକ,୪।୬(ସମିସ): ସ୍ଥାନୀୟ ମର୍କତନଗର ସେକ୍ଟର-୯ ସ୍ଥିତ ରାଇସିନା ମଣ୍ଡପଠାରେ ଅନୁଷ୍ଠାନ "ବିଶ୍ୱାସ' ପକ୍ଷରୁ ଗତ ବୁଧବାର ସନ୍ଧ୍ୟାରେ ଏକ 'ନିଦାଘ ଆସର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅରୁଣ ପରିଛା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ କବିତା ପ୍ରଧାନଙ୍କ ସଂଯୋଜନା ଏବଂ ସମ୍ପାଦିକା କସ୍ତୁରୀ ରାୟଙ୍କ ସ୍ୱାଗତ ସମ୍ଭାଷଣ ସହ ଆୟୋଜିତ ଏହି ସଭାରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ପ୍ରାଧ୍ୟାପକ ଗୌର ନାୟକ, ରାଜକିଶୋର ଦାଶ ଏବଂ ବ୍ୟଙ୍ଗ କବି ଡ଼ଃ ଧର୍ମଛଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରୀଷ୍ମ ଋତୁକୁ ବିଦାୟ ଓ ମୌସୁମୀକୁ ସ୍ୱାଗତ ଜଣାଇ କଣ୍ଠଶିଳ୍ପୀ ସୌଦାମିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗଙ୍ଗାଧର ରାଉତରାୟ, ନିର୍ମଳ ରାୟ, ଆର. ଏନ. ମିଶ୍ର, କେଦାରନାଥ ଜାଲି, ବାବାଜୀ ଚରଣ ବେହେରା, ଡ଼ଃ ଶୈଳଜା ନନ୍ଦିନୀ ଜେନା, କମଳାକାନ୍ତ କର, ସୁଧାଂଶୁବାଳା ମହାନ୍ତି, ମନସ୍ୱିନୀ ପ୍ରଧାନ, ନନ୍ଦିତା ନାୟକ ଓ ଆରତୀ ରାଣୀ ସିଂ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ସାରସ୍ୱତ ସମାରୋହରେ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ନିର୍ମାଣ କାର୍ଯ୍ୟର ଅଚାନକ ଯାଞ୍ଚ କଲେ ମେୟର

କଟକ,୪।୬(ସମିସ): କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଗୁଣବତ୍ତାକୁ ନେଇ



ଆସିଥିବା ଅଭିଯୋଗ ଉପରେ ମେୟର ସୁବାସ ସିଂହ ତତ୍ପରତା ପ୍ରକାଶ କରିଛନ୍ତି। ଆଜି ସକାଳ ୧୦ଟାରେ ସେ ସିଏମସିର ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଅନ୍ନପୂର୍ଣ୍ଣା ଥିଏଟର ସମ୍ମୁଖ ଗଳିରେ ଚାଲିଥିବା କଲଭର୍ଟ ଏବଂ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଅଚାନକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଓ ଆବଶ୍ୟକତା ଅନୁଯାୟୀ କରାଯାଉ ନ ଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମେୟର ସ୍ୱୟଂ ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଏବଂ ବ୍ୟବହୃତ ସାମଗ୍ରୀର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସେ ସମ୍ପୃକ୍ତ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

### ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ

ଆଗକୁ ବର୍ଷା ଋତୁ ଆସୁଥିବାରୁ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିବା ସହ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ କାମ ଶୀଘ୍ର ଶେଷ କରିବାକୁ ମେୟର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ସିଏମସିର ବରିଷ୍ଠ ଅଧିକାରୀଙ୍କ ସମେତ ଜୋନାଲ ସଦସ୍ୟ ଆଶିଷ ବରାଳ, ଶେଖ ରିଆଜୁଲ୍ଲା, ରାଜା ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମେୟରଙ୍କ ଏଭଳି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିବା ସହ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ କଡ଼ା ନଜର ରଖିବାକୁ ଅନୁରୋଧ କରିଛନ୍ତି।

## ଏସ୍‌ସିବିରେ ପୁଣି ଅଗ୍ନିକାଣ୍ଡ: ଜଳିଗଲା ଇଲେକ୍ଟ୍ରିକ୍ ବୋର୍ଡ

କଟକ,୪।୬(ସମିସ): ଏସ୍‌ସିବିରେ ପୁଣି ଏକ ଅଗ୍ନିକାଣ୍ଡ ଘଟିଛି। ସର୍ଜରି ବିଭାଗର ତଳ ମହଲାରେ ଆଜି ଇଲେକ୍ଟ୍ରି ବୋର୍ଡରେ ସ୍ପାର୍କିଂ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ଏସ୍‌ସିବି ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ସ୍ପାର୍କିଂ ହେଇଥିବା ନିଆଁ ଲିଭାଇ ଦେଇଥିଲେ। ସୂଚନା ଅନୁଯାୟୀ, ଆଜି ଦିନ ପ୍ରାୟ ୧୨ଟା ୫୦ରେ ଏସସବି ସର୍ଜରି ବିଭାଗର ତଳ ମହଲାରେ ଥିବା ବୋର୍ଡରୁ ସ୍ପାର୍କ ହୋଇଥିଲା। ନିଆଁ ବାହାରିବାରୁ ଏ ସମ୍ପର୍କରେ ଖବର ପାଇଁ ସେଠାରେ ଥିବା ସୁରକ୍ଷାକର୍ମୀମାନେ ପହଞ୍ଚି ଫାୟାର ଏକ୍ସଟିଙ୍ଗୱିଇସର ମାଧ୍ୟମରେ ନିଆଁକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ପରେ ଏସସିବି ପରିସରରେ ଥିବା ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ।

## ଡ୍ରେନ୍ ସଫେଇ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା

କଟକ,୪।୬(ସମିସ): ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ସିଏମସି ଦ୍ୱାରା ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ କାର୍ଯ୍ୟକୁ ଆଜି କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ଗୁଣାତ୍ମକ ମାନ ଏବଂ କାର୍ଯ୍ୟର ଗତି ସମ୍ପର୍କରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୌସୁମୀ ବର୍ଷା ପୂର୍ବରୁ ଯେପରି ସମସ୍ତ ପ୍ରସ୍ତୁତି ଶେଷ ହେବ, ସେନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିଦର୍ଶନ ସମୟରେ ବିଧାୟିକାଙ୍କ ସହ ସିଏମସି କମିଶନର, ଡେପୁଟି କମିଶନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗସ୍ତ ସମୟରେ ବିଧାୟିକା ସହରର ବକ୍ସ ଡ୍ରେନ ସଫା କରିବାରେ ବ୍ୟବହୃତ ହେଉଥିବା ସ୍ୱତନ୍ତ୍ର ମେସିନର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ସହରବାସୀ ଯେପରି ଆଗାମୀ ଦିନରେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




## ବେକରେ କଇଁଚି ଭୁସିଲା ନିଶାସକ୍ତ ଯୁବକ

କଟକ,୪।୬(ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ମାଛୁଆବଜାରରେ ଜଣେ ନିଶାସକ୍ତ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କ ବେକରେ ଧାରୁଆ କଇଁଚି ଭୁସି ଦେଇଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ନିଶାସକ୍ତ ବ୍ୟକ୍ତିକୁ ମାଡ଼ି ବସି ପୁଲିସର ଜିମା ଦେଇଥିବା ବେଳେ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ପୁଲିସ ଅଭିଯୁକ୍ତ ପଶ୍ଚିମବଙ୍ଗର ଦେବାଶିଷ ନାୟକ(୫୦)କୁ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର ସନ୍ତୋଷ ସେଠୀ ଆଜି ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ଛକରେ ଛିଡ଼ାହୋଇଥିଲେ। ଏହି ସମୟରେ ଦେବାଶିଷ ସେଠାରେ ଛିଡ଼ାହୋଇ ସିଗାରେଟ ଟାଣୁଥିଲା। ସିଗାରେଟ ଧୂଆଁ ହେବାରୁ ସନ୍ତୋଷ ବାରଣ କରିଥିଲେ। ଏହି କଥାରେ ଦେବାଶିଷ ରାଗିଯାଇ ପାଖରେ ରଖିଥିବା ଏକ ଧାରୁଆ କଇଁଚିରେ ସନ୍ତୋଷଙ୍କ ବେକକୁ ଭୁସିଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦେବାଶିଷକୁ ମାଡ଼ି ବସିଥିଲେ। ମଙ୍ଗଳାବାଗ ଥାନା ପୁଲିସ ଆହତ ସନ୍ତୋଷଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ମଙ୍ଗଳାବାଗ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଏଣିକି ଜିମ୍ ଉପରେ ପୁଲିସର ନଜର: ପଞ୍ଜୀକରଣ ବାଧ୍ୟତାମୂଳକ

କଟକ,୪।୬(ସମିସ):







ସହରୀ ଜୀବନଚର୍ଯ୍ୟାରେ ସୁନ୍ଦର ସ୍ୱାସ୍ଥ୍ୟ ମାୟାରେ ପଡ଼ି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ରାତାରାତି ସୁନ୍ଦର ସ୍ୱାସ୍ଥ୍ୟର ନିଶାରେ ପଡ଼ି ମାରାତ୍ମକ ଷ୍ଟେରଏଡ୍ ଇଞ୍ଜେକସନ୍ ଓ ସପ୍ଲିମେଣ୍ଟ୍‌କୁ ଆପଣାଉଛନ୍ତି। କମ୍ ସମୟରେ ସୁନ୍ଦର ସ୍ୱାସ୍ଥ୍ୟ କରିବାର ଯେଉଁ ଆଶା, ତାହା ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ସେହିପରି ଜିମ୍ ଗୁଡ଼ିକରେ ଏକାଧିକ ଅପରାଧମୂଳକ କାର୍ଯ୍ୟ ଚାଲୁଛି। ଜିମ୍ ମାଲିକ୍ ଓ ଟ୍ରେନ୍‌ରମାନେ ମୁଖିଆ ସାଜି ଜିମ୍‌କୁ ଆସୁଥିବା ଯୁବବର୍ଗଙ୍କୁ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଯେଉଁ ଜିମ୍ ମାଲିକ ପାଖରେ ଯେତେ ଗ୍ରାହକ, ତା'ର ଗୋଷ୍ଠୀ ସହରରେ ସେତେ ସକ୍ରିୟ ଓ କ୍ରୀୟାଶୀଳ। ଗଣ୍ଡଗୋଳ ହେଉ କି ହିଂସା ସବୁଥିରେ ଏମାନଙ୍କ ସମ୍ପୃକ୍ତି ରହୁଛି। ମଜବୁତ୍ ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ବିଭିନ୍ନ ସମୟରେ ଜିମ୍ ଯାଉଥିବା କେତେକ ଯୁବଗୋଷ୍ଠୀ ଗଣ୍ଡଗୋଳ କରୁଛନ୍ତି। ଏମିତି ଏକାଧିକ ଅଭିଯୋଗ କମିଶନରେଟ୍ ପୁଲିସ ପାଇବା ପରେ ଏବେ ଜିମ୍ ଗୁଡ଼ିକର ପୁଲିସ ପଞ୍ଜିକରଣ ବାଧ୍ୟତାମୂଳକ କରିବାକୁ ଯାଉଛି। ଥାନାୱାରୀ ରହିଥିବା ପ୍ରତ୍ୟେକ ଜିମ୍ ମାଲିକମାନେ ସେମାନଙ୍କ ଜିମ୍ ସମ୍ପର୍କରେ ସୂଚନା ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ଫର୍ମରେ ସେମାନେ ଟ୍ରେନ୍‌ର ନାଁ ଓ ଗ୍ରାହକ ସମ୍ପର୍କିତ ତଥ୍ୟ ଭଳି ଏକାଧିକ ଡାଟା ପୁଲିସକୁ ଦେବେ। ସ୍ଥାନୀୟ ଥାନାରେ ଜିମ୍‌ଗୁଡ଼ିକର ପଞ୍ଜୀକରଣ ହେବା ବାଧ୍ୟତାମୂଳକ କରାଯିବ ବୋଲି ଯୋଜନା କରାଯାଉଛି। ଆସନ୍ତା ୩ମାସ ମଧ୍ୟରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିମ୍ ମାଲିକମାନେ ସେମାନଙ୍କ ପଞ୍ଜୀକରଣ ଆରମ୍ଭ କରିବେ।

ସୂଚନା ଅନୁସାରେ, ଜିମ୍ ଯାଉଥିବା ଯୁବବର୍ଗ ଷ୍ଟେରଏଡ୍ ନେବା ପରେ ବ୍ୟାୟାମ କରିବାକୁ ଶକ୍ତି ମିଳିବା ସହିତ ଅତି ଶୀଘ୍ର ମାଂସପେଶୀର ବିକାଶ ଘଟିଥାଏ। ତେବେ ସାଧାରଣ ଭାବେ ବ୍ୟାୟମ କଲେ ସୁନ୍ଦର ଓ ମଜବୁତ୍ ସ୍ୱାସ୍ଥ୍ୟର ବିକାଶ ସେତେ ଶୀଘ୍ର ହୋଇ ପାରିନଥାଏ। କିନ୍ତୁ ମାରାତ୍ମକ ଷ୍ଟେରଏଡ୍ ଶରୀର ସନ୍ତୁଳନକୁ ଏହା ସମ୍ପୂର୍ଣ୍ଣ ଭାବେ ବିଗାଡ଼ି ଦେଇଥାଏ। ଏହି ଷ୍ଟେରଏଡ୍ ଉଭୟ ଇଞ୍ଜେକସନ୍ ଓ ଟାବଲେଟ୍ ଭାବେ ଉପଲବ୍ଧ ହେଉଛି। ସାଇପୋନେଟ୍, ଆନାଭର୍, ଡାଏନାବଲ୍ ଓ ଆନାବଲିକ୍ ଭଳି ଷ୍ଟେରଏଡ୍ ଏବେ ଜିମ୍ ଗୁଡ଼ିକରେ ବହୁଳ ଭାବେ ବ୍ୟବହୃତ ହେଉଛି। ଏସବୁ ଷ୍ଟେରଏଡ୍ ଉପରେ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ। ଜିମ୍ ମାଲିକ ଓ ଟ୍ରେନର୍ ମିଳିତ ଭାବେ ଗ୍ରାହକଙ୍କୁ ଉସ୍କାଇ ଏହାର ବ୍ୟବସାୟ ଚଳାଇଛନ୍ତି। ଯାହା ଉପରେ ପ୍ରଶାସନିକ, ଡ୍ରଗ୍ କଣ୍ଟ୍ରୋଲ୍ ବୋର୍ଡ କିମ୍ବା ପୁଲିସର ଲଗାମ ରହୁନାହିଁ। କଟକ ବଜାରରେ ମାସକୁ କୋଟି ଟଙ୍କାର ଏହି କାରବାର ହେଉଛି। ଯାହା ଯୁବବର୍ଗଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। କେତେକ ରାଜ୍ୟରେ ଷ୍ଟେରଏଡ୍ ବ୍ୟବହାର ଉପରେ ରାଜ୍ୟ ସରକାର କଟକଣା ଲଗାଇଥିବା ବେଳେ ଏଠାରେ ଅବାଧରେ ତାହା ବିକ୍ରୟ ହେଉଛି। ବିନା ଡାକ୍ତରୀ ପରାମର୍ଶରେ ଜିମ୍ ମାଲିକ ଓ ଟ୍ରେନର୍ ଏସବୁ ମାରାତ୍ମକ ଔଷଧକୁ ବିକ୍ରୟ କରୁଛନ୍ତି। ତାହା ଉପରେ କମିସନରେଟ୍ ପୁଲିସ ଜିଲ୍ଲା ପ୍ରଶାସନ ଓ ଡ୍ରଗ୍ କଣ୍ଟ୍ରୋଲର୍‌ଙ୍କ ସହିତ ଆଲୋଚନା କରିବ ବୋଲି କହିଛି।

କଟକ ସହର ସିଡିଏ, ମହାନଦୀବିହାର, କଲେଜଛକ, ଲିଙ୍କ୍‌ରୋଡ୍, ଚୌଧୁରୀବଜାର ଚଣ୍ଡିଛକ ଠାରୁ ଆରମ୍ଭ କରି ଗଳିକନ୍ଦିରେ ଛତୁ ଫୁଟିଲା ଭଳି ମାଳ ମାଳ ଜିମ୍ ଖୋଲିଛି। ଅଧିକାଂଶ ଜିମ୍ ମାଲିକ ଗ୍ରାହକଙ୍କୁ ଲୁଟିବା ସହିତ ତାଙ୍କ ଜୀବନ ସହିତ ଖେଳୁଥିବାର ଅଭିଯୋଗ ଉଠିଛି। ଅନ୍ୟପଟେ ଜିମ୍ ଗୁଡ଼ିକ ବିଭିନ୍ନ ବର୍ଗର ରହିଛି। ସମ୍ଭ୍ରାନ୍ତ ଗ୍ରାହକଙ୍କ ନିମନ୍ତେ ଅତ୍ୟାଧୁନିକ ମଲ୍ଟିଜିମ୍, ସାଧାରଣ ଗ୍ରାହକଙ୍କ ପାଇଁ ସାଧାରଣ ଜିମ୍ ଖୋଲିଛି। ରାଜ୍ୟ ବାହାରର ବିଭିନ୍ନ କମ୍ପାନୀଗୁଡ଼ିକ ଏଠାରେ ଜିମ୍ ଖୋଲିଛନ୍ତି। ଏମାନେ କୌଣସି ପ୍ରକାର ପଞ୍ଜିକରଣ ନକରି ଅବାଧରେ ବ୍ୟବସାୟ ଚଳାଇଛନ୍ତି। କମିସନରେଟ୍ ପୁଲିସ ଏସବୁ ବିଚାରକୁ ନେଇ ପ୍ରଥମ ପର୍ଯ୍ୟାୟରେ ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନେଇଛି।

- ସହରରେ ମାଳ ମାଳ ଜିମ୍
- ପ୍ରଶାସନ କି ପୁଲିସ ପାଖରେ ନାହିଁ ହିସାବ
- ଦିଆଯାଉଛି ମାରାତ୍ମକ ଷ୍ଟେରଏଡ୍, ଇଞ୍ଜେକସନ୍
- ଫସାଉଛନ୍ତି ଜିମ୍ ଟ୍ରେନର୍

# ମାଲକାନଗିରିରେ ଫଳିଲା ଜାପାନର 'ମିୟାଜାକି' ଆମ୍ବ



## କିଲୋ ୨ ଲକ୍ଷରୁ ଅଧିକ!

ମାଲକାନଗିରି/କୋରୁକୋଣ୍ଡା, ୪।୬(ସମିସ): ଫଳର ରାଜା ଆମ୍ବକୁ ନେଇ ସାରା ବିଶ୍ୱରେ ଅନେକ ପ୍ରଜାତି ରହିଛି। କିନ୍ତୁ ଜାପାନର ବିରଳ ଓ ବିଶ୍ୱପ୍ରସିଦ୍ଧ ମିୟାଜାକି ଆମ୍ବ ଏବେ ମାଲକାନଗିରି ଜିଲ୍ଲାର ମାଟିରେ ଫଳି ସମସ୍ତଙ୍କୁ ଚମକାଇ ଦେଇଛି। କିଲୋ ପିଛା ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଥିବା ଏହି ଆମ୍ବକୁ ଦେଖିବା ପାଇଁ ଏବେ ଲୋକଙ୍କ ଭିଡ଼ ଲାଗି ରହିଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଏମ୍ଭି-୩୪ ଗ୍ରାମର ଚାଷୀ ହରିଚାନ୍ଦ ସରକାର ପ୍ରାୟ ଚାରି ବର୍ଷ ପୂର୍ବେ କୋରାପୁଟ ଜିଲ୍ଲାର ସିମିଳିଗୁଡ଼ାର ଏକ ନର୍ସରୀରୁ ମିୟାଜାକି ଆମ୍ବ ଚାରା ଆଣି ନିଜ ବାଡ଼ିରେ ରୋପଣ କରିଥିଲେ। ଦୀର୍ଘ ଚାରି ବର୍ଷର ଯତ୍ନ ଓ ପରିଶ୍ରମ ପରେ ଗଛରେ ଫଳିଛି ଏହି ବିରଳ ପ୍ରଜାତିର ଆମ୍ବ। ଗଛରେ ଲାଗିଥିବା ପ୍ରତ୍ୟେକ ଆମ୍ବର ଓଜନ ପ୍ରାୟ ୫୦୦ ଗ୍ରାମରୁ ୧ କିଲୋଗ୍ରାମ ପର୍ଯ୍ୟନ୍ତ ରହିଛି। ଗାଢ଼ ଲାଲ ରଙ୍ଗର ଏହି ଆମ୍ବକୁ ଜାପାନରେ 'ତାୟୋ-ନୋ-ତାମାଗୋ' ବା ସୂର୍ଯ୍ୟଙ୍କ ଅଣ୍ଡା ବୋଲି କୁହାଯାଏ। ଏହାର ଅତ୍ୟଧିକ ମୂଲ୍ୟ ଓ ଚାହିଦା ଯୋଗୁଁ ଏହାକୁ ପୃଥିବୀର ସବୁଠାରୁ ଦାମୀ ଆମ୍ବ ଭାବେ ଗଣନା କରାଯାଏ। ଆମ୍ବର ଦାମ ଅଧିକ ହୋଇଥିବାରୁ ହରିଚାନ୍ଦ ଗଛର ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିଛନ୍ତି। ଗଛ ଚାରିପାଖରେ ବାଡ଼ ଦିଆଯାଇଥିବା ବେଳେ କାହାକୁ ମଧ୍ୟ ନିକଟକୁ ଯିବାକୁ ଅନୁମତି ନାହିଁ। ପ୍ରତିଦିନ ଶହ ଶହ ଲୋକ ଏହି ବିରଳ ଆମ୍ବକୁ ଦେଖିବା ପାଇଁ ଆସୁଥିବାରୁ ସେମାନଙ୍କୁ ଦୂରରୁ ହିଁ ଆମ୍ବ ଦେଖିବାକୁ କୁହାଯାଉଛି। ତେବେ ଏହି ଆମ୍ବର ବଜାର ମୂଲ୍ୟ ଅତ୍ୟଧିକ ଥିବାରୁ ଏହାକୁ କେଉଁଠି ଓ କିପରି ବିକ୍ରି କରିବେ, ସେନେଇ ହରିଚାନ୍ଦ ଚିନ୍ତାରେ ଅଛନ୍ତି। ଓଡ଼ିଶାରେ ଏପରି ଦାମୀ ଆମ୍ବ କିଣିବାକୁ ସକ୍ଷମ ଗ୍ରାହକ କମ୍ ଥିବାରୁ ଏହାର ବିପଣନ ବଡ଼ ଚ୍ୟାଲେଞ୍ଜ ହୋଇଛି। ବିଶେଷଜ୍ଞମାନଙ୍କ ମତରେ, ମାଲକାନଗିରିର ମାଳଭୂମି ଅଞ୍ଚଳର ଜଳବାୟୁ ଏହି ପ୍ରଜାତିର ଆମ୍ବ ଚାଷ ପାଇଁ ଅନୁକୂଳ ହୋଇପାରେ। ଯଦି ଏହି ପ୍ରୟାସ ସଫଳ ହୁଏ, ତେବେ ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ଚାଷୀମାନେ ମଧ୍ୟ ମିୟାଜାକି ଆମ୍ବ ଚାଷ କରି ଆର୍ଥିକ ଭାବେ ଲାଭବାନ ହୋଇପାରିବେ।

ଉଲ୍ଲେଖଯୋଗ୍ୟ, ଭାରତର କେବଳ କିଛି ସ୍ଥାନରେ ଏହି ବିରଳ ପ୍ରଜାତିର ଆମ୍ବ ଚାଷ ହେଉଛି। ମଧ୍ୟପ୍ରଦେଶର ଜବଲପୁରରେ ଥିବା ଏକ ମିୟାଜାକି ବଗିଚାର ସୁରକ୍ଷା ପାଇଁ ମାଲିକ ୯ଟି ହିଂସ୍ର କୁକୁର ପାଳିଥିବା ଘଟଣା ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଏବେ ମାଲକାନଗିରିରେ ଫଳିଥିବା ଏହି "ଲାଲ ସୁନା' ଆମ୍ବ ପାଚିବା ଆରମ୍ଭ କରିଥିବା ବେଳେ ଚାଷୀ ହରିଚାନ୍ଦ ସରକାରଙ୍କ ଏହି ସଫଳତା ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି।

● ଏନ୍‌ଡିପିଏସ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

# ପୁଲିସର ବିଳମ୍ବ ନିଶା ମାଫିଆଙ୍କ ପାଇଁ ସୁଯୋଗ

ଜୟପୁର,୪।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ନିଶା ଇଞ୍ଜେକସନ କାରବାରରେ ସଂପୃକ୍ତି ନେଇ ୫ଜଣ ଅଭିଯୁକ୍ତଙ୍କୁ ୩୦ ତାରିଖରେ ଗିରଫ କରିବା ସହିତ ୩୧ ତାରିଖରେ କୋର୍ଟ ଚାଲାଣ କରିଥିଲେ । କିନ୍ତୁ କୋର୍ଟରେ ଉକ୍ତ ଦିନ ହିଁ ୫ ଜଣ ଅଭିଯୁକ୍ତଙ୍କ ଦ୍ୱାରା ନିଯୁକ୍ତ ଓକିଲ ଜାମିନ ଆବେଦନ କରିଥିଲେ। ପୁଲିସର ଏହି ବୈଷୟିକ ତୃଟି ତଥା ବିଳମ୍ବରେ କୋର୍ଟରେ ଅଭିଯୁକ୍ତ ମାନଙ୍କୁ ହାଜର କରିଥିବା ଯୋଗୁଁ ଆଇନ ବ୍ୟବସ୍ଥାର ନିୟମ ଅନୁଯାୟୀ ଜିଲ୍ଲା ଜଜ୍ ଦାୟୀତ୍ୱରେ ରହିଥିବା ଜଜ୍ ସମସ୍ତ ଅଭିଯୁକ୍ତଙ୍କୁ ଉକ୍ତଦିନ ହିଁ ଜାମିନ ପ୍ରଦାନ କରିଥିଲେ। ବେଆଇନ ନିଶା କାରବାର (ଏନ୍‌ଡିପିଏସ) ଧାରାରେ ଅଭିଯୁକ୍ତଙ୍କୁ ଗିରଫ କରିବାର ୨୪ ଘଣ୍ଟା ମଧ୍ୟରେ କୋର୍ଟରେ ହାଜର କରିବାର ନିୟମ ରହିଛି। କିନ୍ତୁ ଜୟପୁର ଟାଉନଥାନା ପୁଲିସ ବେପରୁଆ କାର୍ଯ୍ୟ ଯୋଗୁଁ ୨୪ ଘଣ୍ଟାରୁ ଅଧିକ ସମୟ ପରେ କୋର୍ଟରେ ହାଜର କରିଥିବା ନେଇ କୋର୍ଟ ପକ୍ଷରୁ ଜାମିନ ପ୍ରଦାନ କରାଯାଇଥିଲା। ଏନଡିପିଏସ ଧାରାରେ କୋର୍ଟର ହାଜର ହେବାର କିଛି ଘଣ୍ଟା ମଧ୍ୟରେ ଜାମିନ ପ୍ରଦାନକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ଗତବର୍ଷ ନିଶା ଇଞ୍ଜେକସନ କାରବାରରେ ସାମିଲ ରହିଥିବା ନେଇ ଟାଉନଥାନା ପୁଲିସ ପକ୍ଷରୁ ଗିରଫ କରାଯାଇଥିଲା। ଏହି ଦୁଇ ଜଣ ଅଭିଯୁକ୍ତ ନିୟମିତ ଅପରାଧି ହୋଇଥିଲେ ସୁଦ୍ଧା ପୁଲିସର ଭୁଲ ପାଇଁ ସେମାନେ କୋର୍ଟରୁ ଜାମିନ ପାଇବାରେ ସୁଯୋଗ ସୃଷ୍ଟି କରିଛି ବୋଲି ବୁଦ୍ଧିଜୀବି ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ରାତିରେ ଗାନ୍ଧିଛକରୁ ଗଡ଼ପଦର ରାସ୍ତା କେନାଲ ରୋଡର ସଂଧ୍ୟା ଫଙ୍କସନ ହଲ ନିକଟରେ ନିଶା ଇଞ୍ଜେକେସନ କାରବାର ନେଇ କିଛି ଦୁର୍ବୃତ୍ତ ରହିଥିବା ସୂଚନା ପାଇବା ପରେ ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇଥିଲା। ସେଠାରେ ୬ଜଣଙ୍କୁ ପୁଲିସ ଦେଖିବା ପରେ ସେମାନଙ୍କୁ କାବୁ କରିବାକୁ ପ୍ରୟାସ କରୁଥିବା ବେଳେ ଜଣେ ଫେରାର ହୋଇଥିବା ବେଳେ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ସେଠାରୁ ଜବତ କାର ମଧ୍ୟରୁ ୧୫ ପ୍ୟାକେଟ ବେଆଇନ ନିଶା ଇଞ୍ଜେକସନ ଜବତ କରିଥିଲେ। ଉକ୍ତ ୫ ଜଣଙ୍କ ମଧ୍ୟରୁ କେତେକ ବିକ୍ରେତା ରହିଥିବା ବେଳେ ଅନ୍ୟ କେତେଜଣ କ୍ରେତା ରହିଥିଲେ। ଜୟପୁର ଏହି ନିଶା ଇଞ୍ଜେକସନ କାରବାର ପେଣ୍ଠ ସ୍ଥଳୀ ପାଲଟିଥିବା ବେଳେ ଏଠାରୁ ସୁନାବେଢା, କୋରାପୁଟ, ସେମିଳିଗୁଡା ଏବଂ ଆଖପାଖ ଗ୍ରାମ ଓ ସହରକୁ ବିକ୍ରି ନେଇ ପଠାଯାଉଛି। ଏହ ଇଞ୍ଜେକନସକୁ ଡାକ୍ତର ମାନେ ଅସ୍ତ୍ରୋପଚାର ବେଳେ ନିଶ୍ଚେତକ ପାଇଁ ବ୍ୟବାହାର କରୁଛନ୍ତି। ପୁଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ୪୦ ହଜାର ଟଙ୍କାର ୭୫୦ଟି ଇଞ୍ଜେକନସ, ଗୋଟିଏ କାର ଏବଂ ନଗଦ ୧୫ ହଜାର ଟଙ୍କା ଏବଂ ୫ଟି ମୋବାଇଲ ଜବତ କରିଥିବା ନେଇ ଗତ ୩୧ ତାରିଖେ ଟାଉନଥାନା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଭଲ ଏବଂ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# 'ସର୍ବେ ଭବନ୍ତୁ ସୁଖିନଃ' ଟିମ୍ ସମ୍ମାନିତ



ରାମନାଗୁଡା,୪।୬(ସମିସ): ସମାଜସେବା, ମାନବ କଲ୍ୟାଣ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରଚାର-ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ସର୍ବେ ଭବନ୍ତୁ ସୁଖିନଃ' ଟିମର ସଦସ୍ୟ ମାନଙ୍କୁ ଶ୍ରୀଚୈତନ୍ୟ ରାମଜୀଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ବିଶ୍ୱ ଶାନ୍ତି ନିମନ୍ତେ ୧୦୮ କୁଣ୍ଡିୟ ଯଜ୍ଞ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆୟୋଜିତ ଏହି ସମ୍ମାନ ସମାରୋହରେ ଟିମର ସଦସ୍ୟ ମାନଙ୍କର ନିଷ୍ଠା, ସେବାଭାବ ଓ ସମାଜ ପ୍ରତି ଅବଦାନକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ପୂଜ୍ୟ ଯୋଗୀ ଶ୍ରୀଚୈତନ୍ୟ ରାମଜୀ କହିଥିଲେ ଯେ, ମାନବ ସେବା ହିଁ ପ୍ରକୃତ ଧର୍ମ ଏବଂ ସମାଜର ମଙ୍ଗଳ ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ। ବି. ମାଣି,ରଘୁନାଥ ସାମଲ, ଶକ୍ତି ପ୍ରସାଦ ପାତ୍ର, ଆଶିଷ କୁମାର ବେହେରା, ସୁଧୀର ମିଶାଲ, ରାକେଶ କଂସ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ଜଗଦିଶ ପାତ୍ର, ସମ୍ମାନିତ ସଦସ୍ୟ ମାନେ ମଧ୍ୟ ଆଗାମୀ ଦିନରେ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସମ୍ମାନିତ ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ସମସ୍ତଙ୍କ ମଙ୍ଗଳ କାମନା କରି ଟିମ୍‌ର ସଦସ୍ୟ ଆଶିଷ କୁମାର ବେହେରା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

# ଅଖିଳ ଭାରତ ହିନ୍ଦୁ ମହାସଭା ପ୍ରତିନିଧି ଦଳଙ୍କ କଣ୍ଟାମାଳ ଗସ୍ତ



ରାୟଗଡ,୪।୬(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ସିଜିମାଳି ଖଣି ଅଞ୍ଚଳ ଅନ୍ତର୍ଗତ କଣ୍ଟାମାଳ ଓ ଶାଗବାରୀ ଗାଁରେ ବିଗତ କିଛି ଦିନ ହେଲା ଲାଗି ରହିଥିବା ବିବାଦ, ସ୍ଥାନୀୟ ଅଶାନ୍ତି ଓ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅଖିଳ ଭାରତୀୟ ହିନ୍ଦୁ ମହାସଭା ଓଡିଶା ପ୍ରଦେଶ ତରଫରୁ ଏକ ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ଚଳିତ ମାସ ୨ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳ ଗସ୍ତ କରିଥିଲେ। ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ସଭାପତି ଗୀତ ଚଇନିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଡ.ବିଶ୍ୱଜିତ ମୁଦୁଲିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରତିନିଧି ଦଳରେ ସୁକାନ୍ତ ଘଡେଇ,ପାଦିଅ ପଡିଆମୀ ଓ ନାରାୟଣ ସେଠୀ ପ୍ରମୁଖ ସାମିଲ ଥିଲେ। ଏହି ୪ଜଣିଆ ସ୍ୱତନ୍ତ୍ର ପ୍ରତିନିଧି ଦଳ ରାୟଗଡରେ ଗତ ୨ତାରିଖରେ ପହଞ୍ଚିବା ପରେ ୩ଦିନ ଧରି ସିଜିମାଳି ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଅଧିବାସୀ, ଆନ୍ଦୋଳନରତ ପକ୍ଷ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଖଣି ବିବାଦ ଯୋଗୁଁ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଏବଂ ସାମାଜିକ ସ୍ଥିତି ଉପରେ କି ପ୍ରଭାବ ପଡିଛି ସେ ନେଇ ପ୍ରତିନିଧି ଦଳ କଂଟାମାଳ ଓ ଶାଗବାରୀ ଦୁଇଟି ଗ୍ରାମର ଗ୍ରାମବାସୀଙ୍କ ସହ ଏବଂ ମା ମାଟି ମାଳି ସୁରକ୍ଷା ମଞ୍ଚ ସଭାପତି ସୁବାଷ ସିଂ ମାଝିଙ୍କ ସହ ଆଲୋଚନା କରିଥିଲେ। ସେଠାରେ ୧୦ରୁ ୧୫ଜଣଙ୍କ ନାମରେ ପୋଲିସ ମିଥ୍ୟା କେସ ଦାଖଲ କରିଥିବା ଗ୍ରାମବାସୀ ପ୍ରତିନିଧି ଦଳଙ୍କ ଅବଗତ କରାଇବା ସହ ସେମାନଙ୍କ କଥା ସରକାର ନ ଶୁଣିବା ଏବଂ ପୁର୍ନବାର ପଞ୍ଚାୟତରେ ଗ୍ରାମ ସଭା କରାଯିବାକୁ ପ୍ରଭାବିତ ଗ୍ରାମବାସୀ ଦାବି କରିଥିଲେ। ଅଖିଳ ଭାରତ ହିନ୍ଦୁ ମହାସଭା ସଦାସର୍ବଦା ଶାନ୍ତି, ନ୍ୟାୟ ଓ ସ୍ଥାନୀୟ ଲୋକଙ୍କ ସାମାଜିକ ସୁରକ୍ଷା ସପକ୍ଷରେ ରହିଆସିଛି ଏବଂ ଏହି ଗସ୍ତ ଦ୍ୱାରା ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। ଶାନ୍ତି ସହ ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦିଆଯାଉ ବୋଲି ଗ୍ରାମବାସୀମାନେ ଦାବି କରିଥିବା ଅଖିଳ ଭାରତ ହିନ୍ଦୁ ମହାସଭା ରାଜ୍ୟ ସଂଗଠନ ମନ୍ତ୍ରୀ ବିଶ୍ୱଜିତ ମୁଦୁଲି କହିଛନ୍ତି।

# ଦ୍ୱାଇଁ ଘରେ ଶାଳକ ପାଣିରେ ବୁଡ଼ି ମୃତ

ଜୟପୁର, ୪।୬(ସମିସ): ଜୟପୁର ସଦର ଥାନା ମକାପୁଟ ନିକଟସ୍ଥ ଏକ ନାଳ ପାଖରେ ଥିବା କୂଅରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ଜିଲ୍ଲା ସଦର ମହକୁମା ସହରର ନିଖିଲ ନାଗ (୨୦)। ମୃତକ ଗତ କିଛି ଦିନ ପୂର୍ବରୁ ଜୟପୁର ସଦରଥାନା ମକାପୁଟ ଗ୍ରାମକୁ ତାଙ୍କ ଭଉଣୀ ଜ୍ୱାଇଁ ରବି ଟାକ୍ରୀ ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ସଂଧ୍ୟାରେ ମୃତକ ନିଖିଲ ଶୌଚ ହେବାକୁ କହି ନିକଟସ୍ଥ ଏକ ନାଳକୁ ଯାଇଥିଲେ। କିନ୍ତୁ ସେଠାରେ ଏକ ପାଣି କୂଅ ଭିତରେ ବୁଡି ଯାଇଥିଲେ। ଏହିପରି ଖବର ପାଇଁ ତାଙ୍କ ଜ୍ୱାଇଁ ଏବଂ ପରିବାର ଲୋକ ଗୁରୁତର ଅବସ୍ଥାରେ ନିଖିଲକୁ ଉଦ୍ଧାର କରିବା ସହିତ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ ବୋଲି ମୃତକଙ୍କ ମାଆ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତକଙ୍କ ମରଶରୀର ପ୍ରଦାନ କରିଥିବା ନେଇ ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଘରୋଇ ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ଅଭିଯୋଗ

କୋରାପୁଟ,୪।୬(ସମିସ):



ପଟ୍ଟା ଜମିରେ ଦଶମନ୍ତପୁର ବ୍ଲକ ମୁଜାଙ୍ଗ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ଗୋଦାମ ଗୃହ ନିର୍ମାଣ କରା ଯାଇଥିବା ଅଭିଯୋଗ ହୋଇଛି। ମୁଜାଙ୍ଗ ଗ୍ରାମର ଉଜ୍ଜଳ ମଣି ଭାତରା ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଏପରି ଅଭିଯୋଗ କରିଛନ୍ତି। ମୁଜାଙ୍ଗ ଗ୍ରାମରେ ଥିବା ଖାତା ନମ୍ବର ୨୩୮/୨୯୬ ପ୍ଲଟ ନମ୍ବର ୮୮୨ ରେ ଥିବା ୨୪ ସେଣ୍ଟ ଜମି ଉପରେ ପଞ୍ଚାୟତ ରାଜ ବିଭାଗ ପକ୍ଷରୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସହ ପଞ୍ଚାୟତ ଗୋଦାମ ଗୃହ ନିର୍ମାଣ ହୋଇସାରିଛି। ଉକ୍ତ ଜମି ସରକାରୀ ଜମି ହୋଇ ନଥିବା ସତ୍ତ୍ୱେ ପଟ୍ଟାଧାରୀଙ୍କ ବିନା ଅନୁମତିରେ ସେଠାରେ ନିର୍ମାଣ କାର୍ଯ୍ୟ ହୋଇଛି। ଏଥିପାଇଁ ଉଜ୍ଜ୍ୱଳ ମଣି ଦଶମନ୍ତପୁର ତହସିଲଦାରଙ୍କ ନିକଟରେ ତାଙ୍କ ନାମରେ ଥିବା ଜମି ଚିହ୍ନଟ ପାଇଁ ଆବେଦନ କରିବାରୁ ଗତମାସ ୧ ତାରିଖ ଦିନ ରାଜସ୍ୱ ନିରୀକ୍ଷକ ଗ୍ରାମକୁ ଆସି ଜମି ଚିହ୍ନଟ କରିବାରୁ ଜଣା ପଡିଲା ଯେ ଉକ୍ତ ଜମି ଉପରେ ପଞ୍ଚାୟତରାଜ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ହୋଇସାରିଛି। ଏନେଇ ଉଜ୍ଜ୍ୱଳ ମଣି ଭାତରା ଆଜି କୋରାପୁଟ ଆସି ଜିଲ୍ଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ କହିବା ପ୍ରକାରେ ଉକ୍ତ ଜମିଟି ପୂର୍ବରୁ ଉଜ୍ଜ୍ୱଳମଣିଙ୍କ ବାପା ଗେରସନ ବାଗଙ୍କ ନାମରେ ଥିଲା। ସେ ୧୯୯୩ ମସିହାରେ ଉକ୍ତ ଜମିକୁ ଝିଅ ଉଜ୍ଜ୍ୱଳମଣୀଙ୍କ ନାମରେ ରେଜିଷ୍ଟି କରି ଦେଇଥିଲେ ଓ ପରବର୍ତ୍ତୀ ସମୟରେ ସେହି ଜମିର ପଟା ଉଜ୍ଜ୍ୱଳମଣୀଙ୍କ ନାମରେ ହୋଇଥିଲା। କିନ୍ତୁ ଏହି ଜମିରେ ବର୍ତ୍ତମାନ ସରକାରଙ୍କ ଦ୍ୱାରା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସହ ପଞ୍ଚାୟତ ଗୋଦାମ ତାଙ୍କ ବିନା ଅନୁମତିରେ ନିର୍ମାଣ ହୋଇଯାଇଛି। ଏଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ କୌଣସି ମୂଲ୍ୟ ଦିଆଯାଇନି କିମ୍ବା ଅନ୍ୟ ଜମି ମଧ୍ୟ ଦିଆଯାଇନି। ଦୀର୍ଘ ୨ ବର୍ଷ ତହସିଲ କାର୍ଯ୍ୟାଳୟକୁ ଦୌଡାଦୌଡ଼ି କରି ଜମି ଚିହ୍ନଟ କରିବାରୁ ଏକଥା ସାମ୍ନାକୁ ଆସିଲା। ବର୍ତ୍ତମାନ ଉଜ୍ଜ୍ୱଳମଣି ସେହି ଜମି ବଦଳରେ ସରକାର ତାଙ୍କୁ ତାଙ୍କ ଗ୍ରାମରେ ଜମି ପ୍ରଦାନ କରନ୍ତୁ, ନଚେତ ଜମି ବାବଦକୁ ଅର୍ଥ ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି। ଉକ୍ତ ଦାବିପତ୍ରରେ ସେ ତହସିଲଦାରଙ୍କ ଦ୍ୱାରା ଦିଆଯାଇଥିବା ଜମି ଚିହ୍ନଟ ପ୍ରମାଣ ପତ୍ର, ସାର୍ଟିଫିକେଟ ମଧ୍ୟ ସଂଲଗ୍ନ କରିଛନ୍ତି। ଏହା ଦେଖିବା ପରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ତହସିଲଦାର ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ଉଜ୍ଜ୍ୱଳମଣିଙ୍କୁ ପ୍ରତିଶୃତି ଦେଇଛନ୍ତି।

# ଘରୋଇ ବସ୍ ଥାନାରେ ଘଣ୍ଟାଏ ଅଟକ, ଯାତ୍ରୀ ହନ୍ତସନ୍ତ

ଜୟପୁର, ୪।୬(ସମିସ): ଜୟପୁର-ରାୟପୁର ଯାତ୍ରା କରୁଥିବା ଏକ ଘରୋଇ ବସ୍‌ର କଣ୍ଡାକ୍ଟରଙ୍କ ସହିତ ଜଣେ ଯାତ୍ରୀଙ୍କ ସାମାନ୍ୟ କିଛି ବଚସା ଯୋଗୁଁ ଗତକାଲି ରାତିରେ ଟାଉନ ଥାନା ପୁଲିସ ବସ୍‌କୁ ଘଣ୍ଟାଏ ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲେ। ଫଳରେ ଯାତ୍ରୀମାନେ ହଇରାଣ ହୋଇଥିଲେ। ଯାତ୍ରୀଙ୍କ ସହିତ କଣ୍ଡକ୍ଟରଙ୍କ ସିଟ୍ ପ୍ରଦାନକୁ ନେଇ ବଚସା ହୋଇଥିଲା। ି ଯାତ୍ରୀ ଓ ତାଙ୍କ ସମ୍ପର୍କୀୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପଦକ୍ଷପ ଗ୍ରହଣ କରିଥିଲା। ଶେଷରେ ବସର ଅନ୍ୟାନ୍ୟ ଯାତ୍ରୀ ୧ ଘଣ୍ଟା ବିଳମ୍ବ ହୋଇଯାଇଥିବା ଯୋଗୁଁ ଥାନା ଅଧିକାରୀଙ୍କୁ ସାକ୍ଷାତ କରିବା ସହିତ ବସ୍‌ଯାତ୍ରା ଆରମ୍ଭ କରିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। କେତେକ ଯାତ୍ରୀ ରାୟପୁର ଦେଶର ଅନ୍ୟାନ୍ୟ ସ୍ଥାନକୁ ଯାତ୍ରା କରିବା ପାଇଁ ଉଡାଜାହାଜ ଏବଂ ଟ୍ରେନରେ ଯାତ୍ରା କରିବା ନେଇ କରିଥିଲେ। ତେଣୁ ସେମାନଙ୍କ ବିଳମ୍ବ ହେଲେ ସମସ୍ୟା ସୃଷ୍ଟି ହେବ ବୋଲି ଗୁହାରି ପରେ ଥାନା ଅଧିକାରୀ ବସ୍‌କୁ ରାୟପୁର ଅଭିମୁଖେ ଯାତ୍ରା କରିବାକୁ ଅନୁମତି ଦେଇଥିଲେ।

● ସୂଚନା ଅଧିକାର ଆଇନକୁ ଫୁ...

# ୪ ମାସ ପରେ ବି ମିଳୁନି ତଥ୍ୟ

କୁନ୍ଦୁରା,୪।୬(ସମିସ): ସୂଚନା ଅଧିକାର ଆଇନକୁ ଫୁ । ଆବେଦନର ଚାରି ମାସ ପରେ ବି ମିଳୁ ନାହିଁ ତଥ୍ୟ ଓ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ । ସୂଚନା ପ୍ରକାରେ ମନରେଗା ସମ୍ପର୍କିତ କିଛି ସୂଚନା ପାଇବାକୁ ଆବେଦନ କରାଯାଇଥିଲା । ସେଥିରେ ମନରେଗାରେ ନିୟୋଜିତ ଶ୍ରମିକଙ୍କ ପାଇଁ ଦିଆଯାଇଥିବା ସ୍ୱାସ୍ଥ୍ୟ କିଟ୍ ବଣ୍ଟା ଯାଇଥିବା ସବିଶେଷ ବିବରଣୀ ୨୦୨୪-୨୫ ଆର୍ଥିକ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ତାଲିକା ଏବଂ ଏ ସବୁ କାମରେ ନିୟୋଜିତ ଥିବା ମେଟ୍ ତାଲିକା ଆଦି ପାଇବାକୁ ଆବେଦନ କରାଯାଇଛି। ଏହା ଭିତରେ ଚାରି ମାସ ବିତି ଗଲାଣି ହେଲେ ମିଳି ପାରୁନାହିଁ ତଥ୍ୟ।




ଆବେଦନକାରୀ ୪-୫ ଥର ଜନ ସୂଚନା ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ଭେଟିଛନ୍ତି । ବ୍ଲକ ଜନ ସୂଚନା ଅଧିକାରୀଙ୍କ କହିବା ପ୍ରକାରେ - ବର୍ତମାନ ମନରେଗା ଦାୟିତ୍ୱରେ ଥିବା ଏପିଓ ଏ ସବୁ ତଥ୍ୟ ଦେଉନଥିବାରୁ ଆବେଦନକାରୀଙ୍କୁ ଦେଇପାରୁ ନାହାନ୍ତି। ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ମନରେଗା ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ କିଟ୍ ଯୋଗାଇ ଥôଲେ। ପ୍ରତ୍ୟେକ ଗ୍ରାମାଞ୍ଚଳରେ ନିୟୋଜିତ ମେଟ୍ ମାନଙ୍କୁ ଏହି କିଟ୍ ଦିଆଯିବା ସହ କିଟ୍‌ରେ ରହିଥିବା ଅତ୍ୟାବଶ୍ୟକ ସାମଗ୍ରୀ ମନରେଗା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା । କିନ୍ତୁ ଏହି କିଟ୍ କୌଣସି ମେଟ୍‌ଙ୍କୁ ଦିଆଯାଇ ନଥିବା ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସବୁ ଲକ୍ଷ୍ୟ କରି ଆବେଦନକାରୀ ୪ ମାସ ଅପେକ୍ଷା ପରେ ବର୍ତମାନ ଏହାକୁ ନେଇ ଉପର ସ୍ତରରେ ଅଭିଯୋଗ କରିବେ ବୋଲି ଜଣାପଡିଛି ।

## ଖମ୍ବେସି ଗ୍ରାମରେ ଏସ୍‌ଆଇଆର୍ କାର୍ଯ୍ୟକ୍ରମ

# ପିଏମ୍ ଜନମନ ଘର ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

ମୁନିଗୁଡା, ୪।୬ (ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଶିବପଦର ଗ୍ରାମ ପଞ୍ଚାୟତର ଦୁର୍ଗମ ଖମ୍ବେସି ଗ୍ରାମକୁ ମୁନିଗୁଡା ବ୍ଲକ ବିଡିଓ କୃଷ୍ଣଚନ୍ଦ୍ର ଦଳପତି ଏବଂ ସହକାରୀ ଯନ୍ତ୍ରୀ (ଏଇଇ) ଭି. ଶ୍ରୀନିବାସ ରାଓ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ପିଇଓ ରମେଶ କୁମାର ତୁଳ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଗସ୍ତ ଅବସରରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍‌ଆଇଆର୍) କାର୍ଯ୍ୟକ୍ରମରେ ଡଙ୍ଗରିଆ ସମ୍ପ୍ରଦାୟର ଲୋକମାନଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ଅଧିକାରୀମାନେ ସମୀକ୍ଷା କରିଥିଲେ। ସେହିପରି ପିଏମ ଜନମନ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ ଅଗ୍ରଗତିକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ସମୀକ୍ଷା ବେଳେ କେତେକ ସ୍ଥାନୀୟ ଠିକାଦାର ହିତାଧିକାରୀଙ୍କ ଠାରୁ ଅର୍ଥ ଗ୍ରହଣ କରିଥିଲେ ମଧ୍ୟ ଘର ନିର୍ମାଣ କାମ ସମ୍ପୂର୍ଣ୍ଣ କରିନଥିବା ଅଭିଯୋଗ ଆସିଥିଲା। ଏନେଇ ଠିକାଦାରମାନଙ୍କ ସହ ଆଲୋଚନା କରାଯାଇ ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ଘର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସେମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନିଆଯାଇଥିଲା। ପ୍ରତିନିଧି ଦଳ ଖମ୍ବେସି ଗ୍ରାମରେ ସ୍ଥାପିତ ସୋଲାର ପାଣି ଯୋଗାଣ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ। ଏହାସହ ଗ୍ରାମରେ ବନ୍ୟା ନିୟନ୍ତ୍ରଣ ପାଚେରୀ ଏବଂ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପିଇଓଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ଦୁର୍ଗମ ଅଞ୍ଚଳର ମୌଳିକ ସୁବିଧା, ପାନୀୟ ଜଳ ବ୍ୟବସ୍ଥା ଓ ଆବାସ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ଏହି ଗସ୍ତ କରାଯାଇଥିବା ଜଣାପଡ଼ିଛି। ଏହି ଗସ୍ତ ଫଳରେ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଅଧିକ ସକ୍ରିୟ ହେବ ବୋଲି ଆଶା ପ୍ରକାଶ ପାଇଛି।

